
REBATI AMA MATIRA SWARA
ଜୁନ - ଜୁଲାଇ ୨୦୧୯ • ୫୦ ଟଙ୍କା
ରେବତୀ
ଆମ ମାଟିର ସ୍ୱର


New Product
HDPE Pipes
SAVE WATER!
WATER IS LIFE.
Agriculture / Irrigation / Industries / Domestic
Ohm PVC Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Title Code : ODIODI 07916

# REBATI AMA MATIRA SWARA

*A Family Feature monthly Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ପ୍ରଥମ ବର୍ଷ : ୮/୯ମ ସଂଖ୍ୟା, ଜୁନ ଓ ଜୁଲାଇ, ୨୦୧୯ ■ Vol-1, Issue-8/9, June & July , 2019



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ

- ଚିତ୍ରକଳା : ଡକ୍ଟର ରଂଜନ ମଲ୍ଲିକ
  : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

ସମ୍ପାଦକୀୟ କାର୍ଯ୍ୟାଳୟ | **Editorial Office**

ସମ୍ପାଦିକା : ରେବତୀ
ଓ.ଟି. ରୋଡ୍, ବାଲେଶ୍ୱର
ପିନ୍- ୭୫୬୦୦୧
ଫୋନ୍ : ୯୪୩୭୦୮୦୦୦୩
୭୦୦୮୮୪୫୯୨୦

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920

E-mail : *rebati.rebati2018@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

## ନାରୀ ସମ୍ମାନକୁ ନେଇ ସମ୍ପାଦକୀୟ ମର୍ମସ୍ପର୍ଶୀ




● ଏଥର 'ରେବତୀ' ମଇ ସଂଖ୍ୟା ପ୍ରକାଶିତ ହେବାର ଅଳ୍ପଦିନ ଭିତରେ ପାଇଲି । ପ୍ରତିଥର ପରି ବିବିଧତାରେ ଭରା ପତ୍ରିକାଟି ନିଆରା । ସମ୍ପାଦକୀୟରେ ନାରୀ ସମ୍ମାନକୁ ନେଇ ସମ୍ପାଦିକାଙ୍କ ଆଲେଖ୍ୟ ମର୍ମସ୍ପର୍ଶୀ । 'ମାନନୀୟେଷୁ'ରେ ନିସଙ୍ଗ ନାୟକ ରବି ସିଂଙ୍କୁ ନେଇ ରଂଜନ ପ୍ରଧାନଙ୍କ ଆଲେଖ୍ୟ ପ୍ରତ୍ୟେକ ଓଡ଼ିଆ ପାଇଁ ଏକ ପ୍ରଶ୍ନବାଚୀ ? ସଦ୍ୟ ପଢ଼ିଥିବା ଅସୀମ ବସୁଙ୍କ 'କଥାରେ କଥାରେ' କବି ରବି ସିଂଙ୍କ ପ୍ରେମ ଓ ପ୍ରଣୟ କଥା ପଢ଼ିଥିଲି ଓ ଏଥିରେ କବିଙ୍କ ସାଂପ୍ରତିକ ସ୍ଥିତି ପଢ଼ି ମନରେ କ୍ଷୋଭ ଜାତ ହେଲା । ଯାହାଙ୍କ କବିତାରେ ବିପ୍ଳବର ସ୍ୱର ଝଙ୍କୃତ, ଗୋଆ ମୁକ୍ତି ଆନ୍ଦୋଳନର ପୁରୋଧା ଯେ କେତେ ନିସହାୟ ? 'ପ୍ରେରଣା' ବିଭାଗରେ ବେଣୁଧର ସାର୍‌ଙ୍କ ଶିକ୍ଷାଦାନ ପରି ଏକ ମହତ୍ ଦାନକୁ ସମାଜରେ ଉପଲବ୍ଧ କରିବାର ମହନୀୟ ପ୍ରୟାସ ଅନେକଙ୍କୁ ପ୍ରେରିତ କରିବ । ଲେଖକଙ୍କୁ ଆନ୍ତରିକ ଧନ୍ୟବାଦ । ମୋର ପ୍ରିୟ କଥାକାର ଜଗଦୀଶ ମହାନ୍ତିଙ୍କ ସୃଜନ ଆଲୋଚନା ଖୁବ୍ ଭଲ ଲାଗିଲା । ଲେଖକଙ୍କୁ ଧନ୍ୟବାଦ । ଗାଳ୍ପିକ ନିବାରଣ ଜେନାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଓ ଲେଖାରୁ ଅବ୍ୟାହତି ପାଇଁ ଜଗନ୍ନାଥଙ୍କ ପାଖେ ତାଙ୍କର ସୁସ୍ଥ ଜୀବନ କାମନା କରୁଛି । 'ବିଶ୍ୱ-ବିସ୍ମୟ'ରେ ମହମ ମ୍ୟୁଜିୟମ, 'ବ୍ୟକ୍ତିତ୍ୱ' ବିଭାଗରେ ଅପଢ଼ା ପଣ୍ଡିତ ବାହୁଡ଼ା ଦାସ, 'ପର୍ବପର୍ବାଣି'ରେ ପଶ୍ଚିମ ଓଡ଼ିଶାରେ 'ଦଣ୍ଡଯାତ୍ରା', 'ଭ୍ରମଣ କାହାଣୀ'ରେ ଷ୍ଟାଚ୍ୟୁ ଅଫ୍ ୟୁନିଟି, 'ଐତିହ୍ୟ'ରେ ପ୍ରତାପଗଡ଼ର ପରିଭାଷାରେ ଅନେକ ଅଜଣା ତଥ୍ୟ ଜାଣିବାକୁ ପାଇଲି । 'କଥା-କାହାଣୀ'ରେ ଗପ 'ସ୍ୱର୍ଗ ଓ ନର୍କ'ର ଥିମ୍ ଚମତ୍କାର କିନ୍ତୁ ଉପସ୍ଥାପନା ଶୈଳୀ ଏତେ ପ୍ରଭାବିତ କଲା ନାହିଁ । ନେତାଜୀ ଅଭିନନ୍ଦନଙ୍କ ରାଜନୀତିର ରେଖାଚିତ୍ର ମୋ ବ୍ୟକ୍ତିଗତ ହିସାବରେ ମୁଁ ପଢ଼ିଥିବା ସୁରେନ୍ଦ୍ର ମହାନ୍ତିଙ୍କ ନୀଳଶୈଳ ଓ ନୀଳାଦ୍ରି ବିଜୟ ପରେ ଶ୍ରୀଜଗନ୍ନାଥଙ୍କ କଥାକାହାଣୀ ସହିତ ସେ ସମୟର ସାମାଜିକ ଓ ରାଜନୀତିକ କଥାବସ୍ତୁକୁ ଯେଉଁଭଳି ଭାବରେ ଉପସ୍ଥାପନା କରୁଛନ୍ତି ତାହା ନିଶ୍ଚିତ ଭାବେ ଉଲ୍ଲେଖନୀୟ । ସେଥିପାଇଁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଓ ଏହାର ପ୍ରକାଶିତ ପୁସ୍ତକ ରୂପକୁ ଅପେକ୍ଷା କରିଛି । 'ପଞ୍ଚତନ୍ତ୍ର'କୁ ଡକ୍ଟର୍ ବିବୁଧରଂଜନ ଏକ ଭିନ୍ନ ଶୈଳୀରେ ପରିବେଷଣ କରୁଛନ୍ତି । ତାହା ମର୍ମସ୍ପର୍ଶୀ । 'ଶେଷକଥା'ରେ କୃଷ୍ଣ କୁମାର ମହାନ୍ତି ଖୁବ୍ ସୁନ୍ଦର ବିଷୟ ଉତ୍ଥାପନ କରିଛନ୍ତି । ବରିଷ୍ଠମାନେ କନିଷ୍ଠମାନଙ୍କୁ ପଢ଼ନ୍ତୁ ଓ ପିଠି ଥାପୁଡ଼େଇ ଉତ୍ସାହିତ କରନ୍ତୁ । ସେହିପରି କନିଷ୍ଠମାନେ ମଧ୍ୟ କୌଣସି କମ୍ପ୍ଲେସେନ୍‌ସିର ଶିକାର ନହୋଇ ସମାଲୋଚନାକୁ ଗ୍ରହଣ କରନ୍ତୁ ।

**ମନମୋହନ ପ୍ରଧାନ,** ଭିଲାଇ, ଦୁର୍ଗ, ଛତିଶଗଡ଼

## ମନଲୋଭା 'ରେବତୀ' ଦୀର୍ଘାୟୁ ହେଉ

● ଆଜି ପ୍ରଥମ ଥର 'ରେବତୀ' ପଢ଼ି ଶେଷ କଲି । 'ରେବତୀ'ର ମାର୍ଚ୍ଚ ସଂଖ୍ୟା । କାର୍ଯ୍ୟ ବ୍ୟସ୍ତତା ହେତୁ ପତ୍ରିକାଟିକୁ ବହୁ ପୂର୍ବରୁ କିଣିଥିଲେ ମଧ୍ୟ ପଢ଼ିପାରି ନଥିଲି । ଏତେ ସୁନ୍ଦର ଓ ଉଚ୍ଚମାନର ପତ୍ରିକା ଯେ, ପ୍ରଥମ ଦେଖାରୁ ମନମୋହିନେଲା । ସବୁ ଦିଗରୁ ପତ୍ରିକାଟି ସର୍ବାଙ୍ଗ ସୁନ୍ଦର । ଏଥିରେ ମୋ ପ୍ରିୟ କଥାକାର ବିଭୂତି ପଟ୍ଟନାୟକ ସାର୍‌ଙ୍କ ସାକ୍ଷାତକାରରୁ ହିଁ ଆରମ୍ଭ କଲି ମୋର ପଢ଼ିବା । ବେଶ୍ ସୁନ୍ଦର ଭାବରେ ସାକ୍ଷାତକାରଟିକୁ ଉପସ୍ଥାପନା କରିଛନ୍ତି ସ୍ୱାଗତିକା ସ୍ୱାଇଁ । ଏହା ବ୍ୟତୀତ ଯୁଗଳ ଜୀବନ, ମଲ୍ଲିକାର ମହାନାୟକ, ସାଥୀ ସତ୍ୟବାଦୀ, ପଖାଳର ପରିଚୟ-ଏ ସବୁ ପ୍ରସଙ୍ଗ ମୋତେ ଛୁଇଁଗଲା । ବେଶ୍ ସୂଚନାତ୍ମକ ସମ୍ପାଦକୀୟଟିରେ ରହିଛି ସୁନ୍ଦର ସନ୍ଦେଶ । 'ରେବତୀ'ର ଦୀର୍ଘାୟୁ କାମନା କରୁଛି ।

**ପୁଷ୍ପାଞ୍ଜଳି କର**
ଭୁବନେଶ୍ୱର

## ଚଳଚ୍ଚିତ୍ର ପୃଷ୍ଠାରେ ଏଲିନାଙ୍କ ସାକ୍ଷାତକାର ଭଲ ଲାଗିଲା

● 'ରେବତୀ'ର ମଇ ସଂଖ୍ୟାରୁ କୃଷ୍ଣ କୁମାର ମହାନ୍ତିଙ୍କ ବାର୍ତ୍ତାଳାପରେ ପଢ଼ିଲି ଏଲିନାଙ୍କୁ । ସତରେ କୃଷ୍ଣ କୁମାର ଭାଇଙ୍କ ଭାଷାରେ ସେ ସୁନୟନା, ଆକାଶିନୀ, ସୁକେଶିନୀ, ସ୍ୱପ୍ନର ରାଜକୁମାରୀ । 'କିଏ ମୋ ହିରୋଇନ୍'ରେ ତାଙ୍କ ଉପରେ ବରଷି ଥିଲା କୃପା ଓ ଯୋଗ୍ୟତାର ବର୍ଷା, ସେ ହେଲେ ହିରୋଇନ୍ । ସିଦ୍ଧାନ୍ତ ମହାପାତ୍ରଙ୍କ ସହ କାର୍ଯ୍ୟ କରି ସେ କୁଆଡ଼େ ଖୁବ୍ ଖୁସି । ସିନିଅର ତାରକାମାନଙ୍କ ସହ କାର୍ଯ୍ୟ କରିବା ବେଳେ ସେ କୁଆଡ଼େ ନର୍ଭସ ହୋଇଯାନ୍ତି, ମାତ୍ର ନର୍ଭସ୍‌ନେସ୍ ହିଁ ତାଙ୍କୁ ଶେଷରେ ଯଥାର୍ଥ ଆନନ୍ଦ ପ୍ରଦାନ କରିଥାଏ । କଥା ଛଳରେ ସେ ଏହାକୁ ପଜିଟିଭ୍ ନର୍ଭସ୍‌ନେସ୍ ଆଖ୍ୟା ଦେଇଛନ୍ତି । ଏମିତି ଜଣେ ରାଜଦୁଲାଳୀ ସହ କଥା ହୋଇ ସମ୍ପାଦକ ଏଲିନାଙ୍କର ସବୁ ଗୁଣ, ପ୍ରତିଭା ଓ ଦୃଷ୍ଟିଭଙ୍ଗୀ ଆଦାୟ କରିପାରିଛନ୍ତି । ଅଭିନୟ ଜୀବନରେ ବହୁ ଉତ୍‌ଥାନ ପତନ ଦେଇ ଆସିଥିବା ଏଲିନା ଜଣେ ଭର୍ସାଟାଇଲ୍ ଅଭିନେତ୍ରୀ ହେବେ, ଏ ପ୍ରକାର ସ୍ୱପ୍ନ ଅଛି, ପ୍ରତିବଦ୍ଧତା ବି ଅଛି ତାଙ୍କର । ସବୁଠୁ ଭଲ ଲାଗିଲା ତାଙ୍କର ଅନ୍ୟ କଳାକାରଙ୍କ ଠାରୁ ଶିଖିବାର ମାନସିକତା ଓ ପୋଷାକ ପରିଧାନକୁ ନେଇ ତାଙ୍କର ନିଆରା ଦୃଷ୍ଟିଭଙ୍ଗୀ । ଅଭିନେତାଙ୍କ ଅପେକ୍ଷା ନିର୍ଦ୍ଦେଶକଙ୍କ ଉପରେ ତାଙ୍କର ଥିବା ନିର୍ଭରଶୀଳତା ହିଁ କଳାକାର ଜୀବନ ପାଇଁ ସବୁଠୁଁ ବଡ଼ ଆବଶ୍ୟକତା । ଧନ୍ୟବାଦ ଏ ଆଲେଖ୍ୟ ପାଇଁ ।

**ଡକ୍ଟର କୈଳାଶ ଚନ୍ଦ୍ର ମହାରଣା,** ଅଧ୍ୟାପକ,ବାଲୁଗାଁ ମହାବିଦ୍ୟାଳୟ, ଖୋର୍ଦ୍ଧା

## 'ଶେଷକଥା'ରେ କନିଷ୍ଠ ବରିଷ୍ଠ ବିଚାର ଉତ୍ସାହପ୍ରଦ

● 'ରେବତୀ' କିଣିବା ପରେ ପ୍ରଥମେ କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷ କଥା'ରୁ ପଢ଼ିବା ଆରମ୍ଭ କଲି । ଉଚିତ୍ ବିଚାର । ନୂତନକୁ ବାଟ ନ ଛାଡ଼ିଲେ ଓ ପ୍ରୋତ୍ସାହିତ ନକଲେ ବରିଷ୍ଠମାନେ ଅଳ୍ପଦିନରେ ହଜିଯିବେ । ନିଜକୁ କିଛିକାଳ ବଂଚାଇ ରଖିବାକୁ ହେଲେ ନୂତନଙ୍କ ସହ ମିଳିମିଶି ବାଟ ଚାଲିବାକୁ ହେବ । ସାଧନା ବାଣ୍ଟିବାକୁ ହେବ । ତାହାଲେ ଯାଇ ଓଡ଼ିଆ ଭାଷା ସାହିତ୍ୟ ବଞ୍ଚିବ । ନୂତନମାନେ ହିଁ ତାକୁ ଆଗେଇ ନେବେ । ବରିଷ୍ଠମାନେ ତଳବରଡ଼ା । ଆମକୁ ଲେଖକ ଓ ପାଠକ ସୃଷ୍ଟି କରିବାକୁ ହେବ । ନୂଆମାନଙ୍କୁ ଦିଗ୍‌ଦର୍ଶନ ଓ ପ୍ରୋତ୍ସାହନ ଦେଇ କୋଳେଇ ନେବାକୁ ହେବ । ଏ ଦିଗରେ 'ଶେଷକଥା'ର ଏ ଆହ୍ୱାନ ନୂଆ ପ୍ରେରଣା ହୋଇ କାମ କରିବ ବୋଲି ମୋର ଆଶା ।

**ଉମ୍ବରୁଧର ପଟ୍ଟନାୟକ,** ରାୟଗଡ଼

## ଭଲବହିର ଭଲ ଆଲୋଚନା

● 'ରେବତୀ'ର ମଇ ସଂଖ୍ୟା ପଢ଼ିଲି । ଦିଲ୍ଲୀରେ ରହୁଥିଲେ ମଧ୍ୟ ମୁଁ 'ରେବତୀ'କୁ କେବେ ମିସ୍ କରେନା । ଏହାର ମଇ ସଂଖ୍ୟାରେ ଶିରୀଶ ଚନ୍ଦ୍ର ଜେନାଙ୍କ ପ୍ରସ୍ତୁତ ପ୍ରତାପଗଡ଼ର ପରିଭାଷା, କବି ଶୁଭ୍ରାଂଶୁ ପଣ୍ଡାଙ୍କ 'ଭଦ୍ରକରେ ରାତି' ଶୀର୍ଷକ କବିତା ଏବଂ ଅସିତ୍ ମହାନ୍ତିଙ୍କ ପ୍ରସ୍ତୁତ 'ଗାନ୍ଧି' ବିଷୟକ କବିତା ପୁସ୍ତକର ଆଲୋଚନା ବେଶ୍ ଉଚ୍ଚକୋଟୀର । ବିଶେଷ କରି କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷ କଥା' ଓ ସମ୍ପାଦନା ବେଶ୍ ଆକର୍ଷଣୀୟ ।

**ବୀରେନ୍ଦ୍ର ପାଣି**
ଓଡ଼ିଆ ଚିତ୍ରଶିଳ୍ପୀ, ନୂଆଦିଲ୍ଲୀ

### ତ୍ରୁଟି ସଂଶୋଧନ

● ମଇ ସଂଖ୍ୟା 'ରେବତୀ'ରେ କବି ପ୍ରହରାଜ ସତ୍ୟନାରାୟଣ ନନ୍ଦଙ୍କ କବିତାଟି ସ୍ଥାନିତ ହୋଇଥିଲେ ହେଁ ସୂଚୀପତ୍ରରେ ତାଙ୍କ ନାମ ପ୍ରକାଶ ପାଇନାହିଁ । ଏ ତ୍ରୁଟି ସମ୍ପର୍କରେ କୌଣସି ପାଠକ ଆମକୁ ସୂଚନା ଦେଇ ନଥିବା ବେଳେ ଦିଲୀପ ପାଲ ଜଣାଇଥିବାରୁ ତାଙ୍କୁ ଅଜସ୍ର ଧନ୍ୟବାଦ । କବିଙ୍କ ପାଖରେ ଆମେ ଦୁଃଖିତ ।

●● ମାର୍ଚ୍ଚ ସଂଖ୍ୟା 'ରେବତୀ'ରେ ବିଶିଷ୍ଟ ଔପନ୍ୟାସିକ ବିଭୂତି ପଟ୍ଟନାୟକଙ୍କ ସହ ସ୍ୱାଗତିକା ସ୍ୱାଇଁଙ୍କ ସାକ୍ଷାତକାରରେ ନନ୍ଦିନୀ ଦେବୀ ସ୍ଥାନରେ ନଳିନୀ ଦେବୀ ପଢ଼ିବାକୁ ଅନୁରୋଧ । ଏପରି ଏକ ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

## କୃଷି ଓ ସାହିତ୍ୟର ଏକ ନିଆରା ମିଶ୍ରଣ : ରେବତୀ

● ଫିଚରଧର୍ମୀ ପତ୍ରିକା 'ରେବତୀ'ର ମାର୍ଚ୍ଚ ସଂଖ୍ୟା ମୋ ପାଇଁ କେବଳ ସୃଜନଧର୍ମୀ ଭାବେ ନୁହଁ ଶିକ୍ଷା ପ୍ରଦାୟିନୀ ଭାବେ ମଧ୍ୟ ହୃଦୟରେ ସ୍ଥାନ ପାଇସାରିଛି । 'ରେବତୀ'ର ରଙ୍ଗିନ ପୃଷ୍ଠା ଉପରେ ଆଖି ପକାଉ ପକାଉ ମୋତେ ବିଶେଷ ଭାବେ ଆକର୍ଷିତ କଲା 'ଏଇ ଓଡ଼ିଶା' ବିଭାଗରେ ମୀନା ସ୍ୱାଇଁଙ୍କ ଆଲେଖ୍ୟ: 'କୋରାପୁଟର କଫିଚାଷ' । କୃଷି ମହାବିଦ୍ୟାଳୟର ଛାତ୍ର ଭାବେ ଏ ଆଲେଖ୍ୟଟିକୁ ଗଭୀର ମନୋଯୋଗ ସହକାରେ ପାଠ କଲି ଓ ଅନେକ ମାତ୍ରାରେ ତୃପ୍ତ ମଧ୍ୟ ହେଲି । କୃଷି ଓ ସାହିତ୍ୟର ଗୋଟେ ନିଆରା ଫେଣ୍ଟାଫେଣ୍ଟି ଭିତରେ କୁହୁକିତ ହୋଇ ଉଠିଲା ତନୁମନ । ଖୁସି ଲାଗିଲା ଲେଖିକା କାବେରୀ ପରି କଫି ରଷ୍ଟ ରୋଗ ପ୍ରତିରୋଧକକାରୀ କିସମର ନାଁରୁ ଉଲ୍ଲେଖ କରିଛନ୍ତି ଯାହା କୃଷକମାନଙ୍କ ପାଇଁ ଏକ ଜରୁରୀ ବିଷୟ । 'ସମକାଳର କବିତା' ପୃଷ୍ଠାରେ ପ୍ରିୟ କବି ମୁକୁଳ ମିଶ୍ର, ଦୁର୍ଗା ପ୍ରସାଦ ପଣ୍ଡା, ସୁଜିତ୍ କୁମାର ଶତପଥିଙ୍କ ସୃଷ୍ଟି ସବୁକୁ ପଢ଼ି ବିଭୋର ହେଲି । ରଞ୍ଜିତା ପଣ୍ଡା, ସୌଭାଗ୍ୟବନ୍ତ ମହାରଣା, ରତ୍ନବାଳା ସ୍ୱାଇଁ, ବାସୁଦେବ ସ୍ୱାଇଁ, ଉମାଶଙ୍କର ପାଳ ଓ ନୀଳମାଧବ କରଙ୍କ କବିତା ସବୁ ମଧ୍ୟ ହୃଦୟର ନିଭୃତ ଇଲାକାକୁ ବିଶେଷ ଭାବେ ସ୍ପର୍ଶ କଲା । 'କବି-କବିତା' ବିଭାଗରେ ପ୍ରକାଶିତ କବିତା 'ଜରି ଗୋଟାଇବା ଝିଅ' ଯଦିଓ ଆଗରୁ ପଢ଼ି ମୁଗ୍ଧ ହୋଇଥିଲି, କିନ୍ତୁ କବିତା ଭିତରେ ଲୁଚି ରହିଥିବା କବିଙ୍କର ଗଭୀର ସମ୍ବେଦନଶୀଳତାକୁ ତନ୍ନ ତନ୍ନ କରି ବୁଝିପାରିଲି ଏଥର । ପ୍ରକୃତ ପ୍ରେମଯେ କେତେ ଉର୍ଦ୍ଧ୍ୱରେ ଯାହା ସର୍ତ୍ତ ଓ ନିୟମର କଙ୍କରିଳ କବରଖାନାରୁ ସବୁବେଳେ ମୁକ୍ତ, ତାହା ହିଁ ଚେତାଇ ଦେଲା ମହାଶ୍ୱେତା ସାହୁଙ୍କ ଗପ 'ପୂଣ୍ୟ ନଦୀର ତୀରେ' । ବାସ୍ତବ ଘଟଣାକୁ ନେଇ ଇନ୍ଦୁଲତା ମହାନ୍ତିଙ୍କ ଗପ 'ସଂପ୍ରୀତି' ମଧ୍ୟ ବେଶ୍ ମୁଗ୍ଧକଲା । ଯାହାଙ୍କ ଉପନ୍ୟାସ, ଗପ ଓ କବିତା ପଢ଼ି ପଢ଼ି ସାହିତ୍ୟ ପ୍ରତି ଆଜି କବିର ମମତ୍ୱବୋଧ ଜାତ ହୋଇପାରିଛି ସେହିସବୁ ମହାନ୍‌ସ୍ରଷ୍ଟା (ବିଭୂତି ପଟ୍ଟନାୟକ, ପ୍ରତିଭା ରାୟ, ଦେବଦାସ ଛୋଟରାୟ)ଙ୍କୁ ଖୁବ୍ ନିଆରା ଭାବେ ଉପସ୍ଥାପିତ କରିଛି 'ରେବତୀ' ଏଥର । ସେ ନିଆରାପଣ ମୋ ପାଠକୀୟ ହୃଦୟରେ ଭରିଦେଲା ଏକ ଭିନ୍ନ ପ୍ରଶାନ୍ତି । ନିଆରା ଉପସ୍ଥାପିକାମାନଙ୍କୁ ମଧ୍ୟ ମୋର ସାରସ୍ୱତ ପ୍ରଣାମ । 'ଘଟଣା-ଚରିତ୍ର' ରେ ଅଜୟ ସ୍ୱାଇଁ ସତରେ କୁହୁକ ଭରି ଦେଇଛନ୍ତି । ଯଦିଓ ଯୁଗଳ କିଶୋର ଦତ୍ତଙ୍କ ପରି ଜ୍ଞାନୀ ଅନୁବାଦକଙ୍କ ଅନେକ ଅନୁବାଦ ବହି ମୁଁ ପଢ଼ିଥିଲି । କିନ୍ତୁ ତାଙ୍କ ସମ୍ପର୍କରେ କେତେ ମାତ୍ରାରେ ଜାଣି ନଥିଲି । 'ମାନନୀୟେଷୁ'ରେ ତାଙ୍କୁ ଜାଣିବାର ସୁଯୋଗ ଆଣିଦେଲେ ମହାଶ୍ୱେତା ସାହୁ । ବାସ୍ତବରେ କହିବାକୁ ଗଲେ ଏଥରର 'ରେବତୀ' ଆସିଛି ସୃଜନର ନିଆରାରଙ୍ଗ, ଜୀବନର ଅନନ୍ୟ ବାସ୍ନା ଓ ଶିକ୍ଷାର ଅଫୁରନ୍ତ ବାର୍ତ୍ତାକୁ ସାଥିରେ ଧରି ।

**ସୁବ୍ରତ କୁମାର ସେନାପତି, ଓୟୁଏଟି, ଭୁବନେଶ୍ୱର**

## ଦୁର୍ଗା ଓ ବାସୁଦେବ ଭଲ ଲାଗିଲେ

●'ରେବତୀ'ର ମାର୍ଚ୍ଚ ସଂଖ୍ୟାରେ ଦୁର୍ଗା ପ୍ରସାଦ ପଣ୍ଡା ଓ ବାସୁଦେବ ସୁନାନୀଙ୍କ କବିତା ପଢ଼ିଲି । ଅନେକ ଦିନ ପରେ ବାସୁଦେବଙ୍କୁ ଦେଖିଲି । ତାଙ୍କ କବିତାରେ ସାମ୍ପ୍ରତିକ ପରିସ୍ଥିତି ପ୍ରତି ଏକ ସୁନ୍ଦର ତୀର୍ଯ୍ୟକ୍ ଦେଖି ପାରିଲି । ବହୁତ ଭଲ ଲାଗିଥିଲା । ଦୁର୍ଗାଙ୍କ କବିତାରେ ଅନୁଭବ କଲି ଏକ ନିଆରା ପ୍ରେମର ସୁନ୍ଦର ଚିତ୍ର । 'ମୁଁ ଉଠାଏ ମଇଳା ପଙ୍କ'ରେ ପ୍ରେମର ଅହଂ ତଥାପି ସ୍ୱର୍ଦ୍ଧିତ, ସ୍ୱଚ୍ଛିତ । ଦୁଇଟିଯାକ କବିତା ଭଲ ଲାଗିଲା । ଦୁହିଁଙ୍କୁ ମୋର ଶୁଭେଚ୍ଛା ।

**ଶୈଳବାଳା ମହାପାତ୍ର**
**ଇନ୍ଦ୍ରଦ୍ୟୁମ୍ନଛକ, ପୁରୀ**

## ନାରୀ ହିଁ ନାରୀ ପ୍ରତି ଅସହିଷ୍ଣୁ

● 'ରେବତୀ'ରୁ ଏଥର 'ଶେଷକଥା'ରେ କୃଷ୍ଣ କୁମାର ମହାନ୍ତିଙ୍କ ଲେଖାଟି ଭଲ ଲାଗିଲା । କିନ୍ତୁ ମୁଁ କହିରଖେ ଯେ, ସମାଜରେ ଅଧିକାଂଶ ପୁରୁଷ ନାରୀଙ୍କ ପ୍ରତି ଅସହିଷ୍ଣୁ ଭାବ ରଖନ୍ତି ନାହିଁ । କେବଳ କିଛି ଲୋକ ଏପରି ବ୍ୟବହାର କରନ୍ତି ବୋଲି ମୁଁ ଭାବେ । କିନ୍ତୁ ବାସ୍ତବ ସତକଥା ହେଉଛି ସବୁବେଳେ ନାରୀମାନେ ହିଁ ନାରୀଙ୍କ ପ୍ରତି ଅସହିଷ୍ଣୁତା ପ୍ରକଟ କରନ୍ତି । ଏ ସମ୍ପର୍କରେ ଯଦି କେବେ ସମ୍ପାଦକୀୟ ବା ଶେଷକଥାରେ ଲେଖାଯାଏ ତେବେ ଖୁବ୍ ଭଲ ହେବ ଭାବୁଛି ।

**ଶୁଭ ନାରାୟଣ ସ୍ୱାଇଁ,କୋରାପୁଟ**

ଆମ ଉତ୍ତର : ଆପଣଙ୍କ କଥାଟି ଅସତ୍ୟ ନୁହେଁ । ଅନେକ ସମୟରେ ନାରୀମାନେ ହିଁ ନାରୀର ଶତ୍ରୁ ଭାବେ ଠିଆ ହୁଅନ୍ତି । ଆମେ ଏ ବିଷୟରେ ଭବିଷ୍ୟତରେ ଲେଖିବୁ ।

## ପ୍ରତ୍ୟେକଟି ପ୍ରସଙ୍ଗ ଅତି ଚମତ୍କାର

● ପ୍ରତ୍ୟେକ ମାସରେ 'ରେବତୀ' କିଣୁଛି ଓ ପଢୁଛି ମଧ୍ୟ । ବାଲେଶ୍ୱରରୁ ପ୍ରକାଶିତ ଏହା ଏକ ଉଚ୍ଚମାନର ପତ୍ରିକା । ଏହାର ପ୍ରତ୍ୟେକଟି ବିଭାଗ ସୁଖପାଠ୍ୟ । ସମ୍ପାଦକୀୟ ଠାରୁ ଆରମ୍ଭ କରି ଶେଷକଥା ପର୍ଯ୍ୟନ୍ତ ପ୍ରତ୍ୟେକଟି ପ୍ରସଙ୍ଗ ଅତି ଚମତ୍କାର । ଏହା ପାଠ କରିବା ଦ୍ୱାରା ଜାଣି ହେଉଛି ଅନେକ ଅଜଣା କଥା । 'ରେବତୀ'କୁ ଧରିଲେ ମନେ ପଡ଼ି ଯାଉଛି କଥାସମ୍ରାଟ ବ୍ୟାସକବି ଫକୀରମୋହନଙ୍କ ସେହି ଜେଜେମା ଚରିତ୍ରଙ୍କ ମୁହଁରେ 'ଲୋ ରେବୀ ଲୋ ଚୁଲି ଲୋ ନିଆଁ'ର ସେହି ଡାକ । ସମସ୍ତ ବିଭାଗ ଖୁବ୍ ଆକର୍ଷଣୀୟ । ମଇ ସଂଖ୍ୟାରେ ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ 'ମାତାମ୍ ତୃଷାଡ଼', ଏପ୍ରିଲ୍ ସଂଖ୍ୟାରେ କବି ପ୍ରଶାନ୍ତ ଦାସଙ୍କ 'ଜରି ଗୋଟାଇବା ଝିଅ'ର ଆତ୍ମକଥା ତଥା ମଇ ସଂଖ୍ୟାରେ ବରିଷ୍ଠ କବି ରବି ସିଂଙ୍କ କାବ୍ୟ ଜଗତ ଓ ସଂଘର୍ଷପୂର୍ଣ୍ଣ ଜୀବନ ସହିତ ବର୍ତ୍ତମାନର ଜୀବନ ବିଷୟରେ ତଥ୍ୟ ଏବଂ 'ବହିର ବତୀଘର' ଭଳି ପ୍ରସଙ୍ଗ ଗୁଡ଼ିକ ବେଶ୍ ଉପାଦେୟ ହୋଇପାରିଛି ।

**ପ୍ରମୀଳା ଶତପଥୀ,ବାଲେଶ୍ୱର**

## ପ୍ରତିଭାବାନ କବିଙ୍କ ପରୀକ୍ଷାଗାର

● 'ରେବତୀ'ର ମାର୍ଚ୍ଚ ସଂଖ୍ୟାରେ ପ୍ରକାଶିତ କବି ଉମାଶଙ୍କର ପାଳଙ୍କ କବିତା 'ଖଗ ମାଷ୍ଟ୍ରେ' ପଢ଼ିବାର ସୁଯୋଗ ପାଇଲି । ଅତି ଚମତ୍କାର କବିତାଟିଏ । ସକାଳୁ ସକାଳୁ ପଢ଼ି ମନ ଓଦା ଓଦା ହୋଇଗଲା । କବି ଶ୍ରୀ ପାଳଙ୍କୁ ଅସୀମିତ ଶୁଭେଚ୍ଛା ଓ ଅଭିନନ୍ଦନ । କବିତାଟିକୁ ଫଟୋ ଉଠାଇ 'ରେବତୀ' ପାଠକ ମଞ୍ଚ ମାଧ୍ୟମରେ ଆମମାନଙ୍କ ଦୃଷ୍ଟିକୁ ଆଣିଥିବା କବି ସୁନୀଲ ମିଶ୍ରଙ୍କୁ ମଧ୍ୟ ମୋର ଆନ୍ତରିକ କୃତଜ୍ଞତା । ସର୍ବୋପରି 'ରେବତୀ' ପରିବାରକୁ ମୋର କୃତଜ୍ଞତା ଓ ଶୁଭକାମନା ।

'ରେବତୀ' କେବଳ ଦୀର୍ଘଜୀବୀ ନୁହେଁ, ଓଡ଼ିଆ ସାହିତ୍ୟର ଦୃଢ଼ ସ୍ତମ୍ଭ ହୋଇ ଆଗାମୀ ପିଢ଼ିକୁ ଆମ ଭାଷା ଓ ସଂସ୍କୃତିର ଗରିମା ବଖାଣି ଚାଲିବ- ଏତିକି ଅବଶ୍ୟ ମୁଁ କାମନା କରିବି । ଏପରି ଜଣେ ପ୍ରତିଭାବାନ କବିଙ୍କୁ 'ରେବତୀ' ମାଧ୍ୟମରେ କହିବାର ସୁଯୋଗ ଦେଇଥିବାରୁ କୃଷ୍ଣ ବାବୁଙ୍କୁ ମଧ୍ୟ ମୋର ଅଶେଷ ଧନ୍ୟବାଦ ।

**କମଳା ଶତପଥୀ**
**ନେରୁଲ୍, ନ୍ୟୁ ମୁମ୍ବାଇ**

## ଅଭିଜ୍ଞ ସମ୍ପାଦନାର ମୁଖଶାଳା

● 'ରେବତୀ'ର ମାର୍ଚ୍ଚ ସଂଖ୍ୟା ପଢ଼ି ସ୍ପଷ୍ଟ ବାରି ହୋଇ ପଡୁଛି ଅଭିଜ୍ଞ ସମ୍ପାଦନାର କଷଟି ପଥରରେ ସୁନା ଚିହ୍ନଟ କରିବାର ସୁନ୍ଦର ପ୍ରୟାସ ହୋଇଛି । କଥା କାହାଣୀ ଓ କବିତା ବିଭାଗ ମନକୁ ଛୁଇଁଲା । 'ଭ୍ରମଣ କାହାଣୀ' ଓ 'ମାନନୀୟେଷୁ' ବେଶ୍ ହୃଦୟଗ୍ରାହୀ । ପଖାଳର ପରିଚୟ ଓ କଂସାବାସନର ବାସ୍ନା ସୁନ୍ଦର ପରିକଳ୍ପନା । କୋରାପୁଟର କଫିଚାଷ କିଛିକ୍ଷଣ ଲାଗି ମୋ କୋରାପୁଟ ରହଣିକୁ ପୁନଶ୍ଚ ସ୍ମରଣ କରାଇ ଦେଲା ବୋଲି କହିଲେ ଠିକ୍ ହେବ । ପଞ୍ଚତନ୍ତ୍ର କାହାଣୀ ବେଶ୍ ମନୋମୁଗ୍ଧକର । ଅଗ୍ରଗାମୀ ସାରସ୍ୱତ ସାଧକମାନଙ୍କର ଉପସ୍ଥିତିରେ ଏ ସଂଖ୍ୟାଟି ହୋଇ ଉଠିଛି ଆହୁରି ମନୋରମ ଓ ରୁଚିରମ୍ୟ । ଗୃହସମସ୍ୟା ପରି ନିୟମିତ ବିଭାଗ ଗୁଡ଼ିକ ମଧ୍ୟ ଅତ୍ୟନ୍ତ ଯୁଗପୋଯୋଗୀ । ସବୁଠୁ ପ୍ରଥମେ ପଢ଼ିଲି 'ଶେଷକଥା' । ସବୁଠୁ ଅଧିକ ଭଲ ଲାଗିଲା ବି ସେଇଟି । ନାରୀ-ପୁରୁଷ ବିଚାରବୋଧ ଉପରେ ବିଶ୍ଳେଷଣ ଖୁବ୍ ଉଚ୍ଚକୋଟୀର ।

**ଅଞ୍ଜଳି ସାହୁ, ଭୁବନେଶ୍ୱର**

# ସୂଚୀପତ୍ର

୧ମ ବର୍ଷ ୮/୯ମ ସଂଖ୍ୟା । ଜୁନ ଓ ଜୁଲାଇ ୨୦୧୯ ।

ଆମ ମାଟିର ସର




୯ ସମ୍ପାଦକୀୟ : ମାଆଙ୍କୁ ମର୍ଯ୍ୟାଦା : ସୁବାସିନୀ ଜେନା




୧୦
ପ୍ରସଙ୍ଗ-୧ : ରଥେ ତୁ ବାମନଂ ଦୃଷ୍ଟ୍ୱା
: ଡକ୍ଟର ହେନେରିତା ମିଶ୍ର

୧୨
ପରମ୍ପରା : ବନସ୍ତେ ଡାକିଲା ଗଜ...
: ସ୍ନିଗ୍ଧା ତ୍ରିପାଠୀ


୧୮
ଏହି ପାଠାଗାର କହେ : ବହିର ଭାରତ :
ପାର୍ଥ ସାରଥୀ ରାଉତ

୨୨
ଜୀବନ-ଜୀବିକା : ମହୁଫେଣାର ମାୟା
: ଦ୍ୱିତୀ ଚନ୍ଦ୍ର ସାହୁ

୨୬
ଘଟଣା ଚରିତ୍ର : ଶାଳିଆ ନଈ ଓ
ରାତିପକ୍ଷୀର ଗୀତ
: ଅଜୟ ସ୍ୱାଇଁ

୩୦ ପ୍ରସଙ୍ଗ-୨ : ଶ୍ୱେତା ରାଉତ
୩୬ ମୋ ବାପା : ମୋନାଲିସା ମିଶ୍ର
୪୩ ମୁଦ୍ରା : ଶାନ୍ତନୁ କୁମାର ଆଚାର୍ଯ୍ୟ
୪୪ ନଦନଦୀ : ରଂଜନ ପ୍ରଧାନ
୫୦ ପର୍ଯ୍ୟଟନ : ଶତ୍ରୁଜିତ୍

୫୪ କବି-କବିତା : ପ୍ରବାସିନୀ ମହାକୁଡ଼
୫୫ ସମକାଳ କବିତା : ଧନଞ୍ଜୟ ସ୍ୱାଇଁ
୫୬ : ସ୍ୱପ୍ନା ମିଶ୍ର
୫୭ : ଝରଣା ମଲ୍ଲିକ
: ସିତାଂଶୁ ଲେଙ୍କା
୫୮ : ବାଦଲ ମହାନ୍ତି
: ଚିତ୍ତରଂଜନ ନାୟକ
୫୯ : ନର୍ମଦା ନୀଳୋତ୍ପଳା
: ସୁଶୀଲ କୁମାର ପାଣିଗ୍ରାହୀ
୬୦ : ଅଜିତ୍ ପାତ୍ର
: ଚନ୍ଦ୍ରକାନ୍ତ ପହି
୬୧ ଶିକ୍ଷାୟତନ : ପ୍ରତ୍ୟାଶା ଧଳ
୭୧ କଥା-କାହାଣୀ : ଗଂଗାଧର ବିଶ୍ୱାଳ










୬୧


୧୦୧

**୭୫** ପଛ-ଝର୍କା : **ନେତାଜୀ ଅଭିନନ୍ଦନ**
**୭୮** ସଂସ୍କୃତି : **ନାରାୟଣ କୁମାର ରାଉତରାୟ**
**୮୨** ଗୃହ ସମସ୍ୟା : **ଡକ୍ଟର ହରପ୍ରସନ୍ନ ଦାସ**
**୮୫** ପଞ୍ଚତନ୍ତ୍ର କାହାଣୀ : **ଡକ୍ଟର ବିବୁଧରଂଜନ**
**୮୮** ସ୍ୱାସ୍ଥ୍ୟ-ଚର୍ଚ୍ଚା : **ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**
**୯୧** ପ୍ରତିଭା : **ଉମ୍ବରୁଧର ପଟ୍ଟନାୟକ**
**୧୦୧** ଛାୟାଚିତ୍ର : **ସସ୍ମିତା ସାହୁ**


୩୦


## ନିୟମିତ ବିଭାଗ

**୯୪** ବାଡ଼ି-ବଗିଚା :
**ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି**
**୯୬** ରୂପ-ରାଗ :
**ସସ୍ମିତା ମେହେର**
**୯୮** ରୋଷେଇ :
**ସୁଚେତା ନନ୍ଦ**
**ଜୁଲି ବେହେରା**



୯୬

**୧୦୫** ଶେଷପୃଷ୍ଠା : **ସାହିତ୍ୟିକର ସ୍ୱଭାବ : କୃଷ୍ଣ କୁମାର ମହାନ୍ତି**



୧୮




ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ଦୃଶ୍ୟାଙ୍କନ : **ସଞ୍ଜୟ ଭଟ୍ଟ**
ପ୍ରଚ୍ଛଦ ଫଟୋଗ୍ରାଫି : **ଆଦିତ୍ୟ ନାରାୟଣ ରାଉତ**
ପ୍ରଚ୍ଛଦ ମଡେଲ୍ : **ଡାକ୍ତର ସୁରଭି ଭଟ୍ଟ**
ଉଚ୍ଚତା : **୫ ଫୁଟ୍**
ଶିକ୍ଷା : **ହୋମିଓପାଥିରେ ଡ଼ି.ଏମ୍.ବି.ଏସ୍.**
ବୃତ୍ତି : **ଚିକିତ୍ସା ସେବା**
କଷ୍ଟ୍ୟୁମ୍ ଓ ମେକ୍ଅପ୍ : **ମାନସୀ ପଟ୍ଟନାୟକ**
ସ୍ଥାନ : **ସାମନ୍ତରାପୁର, ଖୋର୍ଦ୍ଧା**
ବ୍ୟବସ୍ଥାପନା : **କ୍ରିଏଟିଭ୍ ଆଇ କଲଚର୍ ସେଣ୍ଟର, ଭୁବନେଶ୍ୱର**

**ମଲାଟ କଥା :** ନାରୀର ସୌନ୍ଦର୍ଯ୍ୟକୁ ବିକଶିତ କରେ ତା'ର ଆଭୂଷଣ । ଏହି ଆଭୂଷଣ ଦ୍ୱାରା ନାରୀର ସୁନ୍ଦରତା କେବଳ ବିକଶିତ ହୁଏନା, ଅଧିକନ୍ତୁ ତାର ବ୍ୟକ୍ତିତ୍ୱରେ ଆସେ ଭିନ୍ନ ଏକ ଆଭା । ନାରୀ ସର୍ବଦା ପ୍ରସାଧନ ପ୍ରିୟ । ଭିନ୍ନ ଭିନ୍ନ ପରିଧାନ ଓ ଅଳଙ୍କାର ଆଦିରେ ନିଜକୁ ସଜେଇ ହେବାରେ ନାରୀର ଆନନ୍ଦ ଅପାର । ନାରୀ ପ୍ରକୃତି ସହ ତୁଳନୀୟ । ପ୍ରକୃତିର ଅଫୁରନ୍ତ ସୌନ୍ଦର୍ଯ୍ୟରେ ସାରାଜଗତ ଯେପରି ପୁଲକିତ, ଠିକ୍ ସେମିତି ନାରୀର ଅପରୂପ ଶୋଭାରେ ପରିପୂର୍ଣ୍ଣ ହୋଇଉଠେ ପରିବେଶ ଓ ପରିବାର । ନିଜକୁ ସବୁବେଳେ ସଜେଇ ରଖିବାରେ ସେ ଯେଉଁ ସୁଖ ଟିକକ ପାଏ, ତା'ର ପ୍ରତିବଦଳରେ ସେ ସଜାଡ଼ିଦିଏ ପୁରା ପରିବାର । ଅଳତା ନାରୀର ଆଉ ଏକ ପ୍ରିୟ ପ୍ରସାଧନ ସାମଗ୍ରୀ । ପର୍ବପର୍ବାଣୀ ଓ ବିବାହ ପରି ମାଙ୍ଗଳିକ କାର୍ଯ୍ୟରେ ଏହାର ବ୍ୟବହାର ସହ ବିବାହ ପରବର୍ତ୍ତୀ ପର୍ଯ୍ୟାୟରେ ଅଳତା ହୋଇଉଠେ ଅପରିହାର୍ଯ୍ୟ । ଅଳତା ପାତ୍ରରେ ପାଦ ବୁଡ଼େଇ ନବବଧୂଟେ ଗୃହପ୍ରବେଶ କରି ଅଳତା ରଂଗର ପାଦଚିହ୍ନ ଘର ଭିତରେ ପକାଏ ତ ଘରକୁ ଲକ୍ଷ୍ମୀଙ୍କ ପ୍ରବେଶ ହେଲା ବୋଲି କୁହାଯାଏ । ରଜ ସଜବାଜରେ ବି ଅଳତା ଲଗେଇବା ଏକ ବିଧି । 'ଅଳତା'କୁ ନେଇ ଆମ ପ୍ରଚ୍ଛଦ ଭାବନା ।

# ରେବତୀ ର ନିୟମାବଳୀ

- 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଛଅମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ । ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ 'ରେବତୀ'ରେ ପ୍ରକାଶ ପାଇବ ନାହିଁ । ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ ।
- କବିତା କିମ୍ବା ଗଳ୍ପ ଜାତୀୟ ଯେକୌଣସି ଲେଖା ପାଇଁ 'ରେବତୀ' ପକ୍ଷରୁ ଅନୁରୋଧ କରାଯାଏ । କବି ଓ ଗାଳ୍ପିକମାନେ ସେମାନଙ୍କର ଲେଖା ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ ।
- 'ରେବତୀ' ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ । ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ ।
- 'ବହି-ବିଚାର' ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଣ୍ଡ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି ।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ । ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ । ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ ।
- ପ୍ରକାଶିତ ଲେଖା, ଫଟୋ, ଚିତ୍ରକଳା ଓ କଭର୍ ମଡ଼େଲିଂ ପାଇଁ କୌଣସି ପ୍ରକାର ପାରିତୋଷିକ ଦିଆଯାଏ ନାହିଁ ।
- 'ରୋଷେଇ', 'ଘରକରଣା', 'ବାଡ଼ିବଗିଚା' ଓ 'ସୌନ୍ଦର୍ଯ୍ୟ' ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ /ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ । ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ ।
- 'ରେବତୀ'ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ତ୍ୱ ସଂପୃକ୍ତ ଲେଖକଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ । ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆ ଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ । ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ 'ରେବତୀ' ଦାୟୀ ରହିବ ନାହିଁ ।
- 'ରେବତୀ'ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ଏ ଅବଧି ପରେ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁ ନାହିଁ । 'ରେବତୀ' ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ ।
- 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.** ସପକ୍ଷରେ କରାଯିବ ।


ସମ୍ପର୍କ : ସମ୍ପାଦିକା, 'ରେବତୀ', ରେବତୀ ମିଡିଆ ହାଉସ୍ ପ୍ରା. ଲିଃ., ଓ.ଟି. ରୋଡ୍, ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦
ଇ-ମେଲ୍ : rebati.rebati2018@gmail.com

ସମ୍ପାଦକୀୟ

# ମାଆକୁ ମର୍ଯ୍ୟାଦା


‘ମାଆ’ ଏମିତି ଏକ ଶାଶ୍ୱତ ଉଚ୍ଚାରଣ, ଯାହାର ତୁଳନା ନାହିଁ । ଏ ଶବ୍ଦର ଉଚ୍ଚାରଣ ମାତ୍ରକେ ପ୍ରାଣ ଭିତରେ ଭରିଯାଏ ଏକ ଅବ୍ୟକ୍ତ ଅନୁଭବ । ସେ ଅନୁଭବକୁ ବ୍ୟକ୍ତ କରିବା ସମ୍ଭବ ନୁହେଁ । ତ୍ୟାଗ, ତିତିକ୍ଷା, ତର୍ପଣ ଓ ତପସ୍ୟାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛି ମାଆ । ମାଆର ଭୂମିକା କେବଳ ‘ମାଆ’ ହିଁ ତୁଳେଇ ପାରେ । ଆଉ କେହି ନୁହେଁ । ନିଜ ପାଇଁ କିଛି ନରଖି ସବୁକିଛି ସନ୍ତାନସନ୍ତତି ପାଇଁ ଅଜାଡ଼ି ଦେଉଥିବା ଚରିତ୍ରଟି ହେଉଛି ମାଆ । ସୁତରାଂ ମାଆର ଭୂମିକା ସମାଜ ଗଠନ ବ୍ୟବସ୍ଥାରେ ସର୍ବାଗ୍ରେ । ଘରପରିବାର କୁହନ୍ତୁ କି ସନ୍ତାନସନ୍ତତିର ପ୍ରତିପୋଷଣ, ସବୁଥିରେ ମାଆ ହିଁ ଅଗ୍ରଗଣ୍ୟା । ମାଆ ବିନା ଅଚଳ ଯେମିତି ଏ ଦୁନିଆ । ପରିବାରର ମୂଳଦୁଆ ବି ମାଆ । ମାଆ ହିଁ ପ୍ରକୃତି । ମାଆ ହିଁ ସ୍ରଷ୍ଟା । ମାଆ ହିଁ ଆଦିଶକ୍ତି । ମାଆ ବିନା ‘ସମାଜ’ କି ‘ପରିବାର’ର ପରିକଳ୍ପନା କରି ହୁଏନା । ସେଇଥିପାଇଁ ତ ମାଆକୁ କେବେ ‘କୁମାତା’ ବା ‘ବିମାତା’ କୁହାଯାଇ ପାରିବ ନାହିଁ । କାରଣ ମାଆ କେବେ ଖରାପ ହୋଇ ପାରେନା । ଖରାପ ଲକ୍ଷଣ ଥିଲେ ସେ କେବେ ମାଆ ପଦବାଚ୍ୟ ହୋଇପାରିବ ନାହିଁ କି ତାକୁ ଆମେ ମାଆ କହି ପାରିବା ନାହିଁ । ମାଆ ସଦାକାଳ ମମତାମୟୀ । ସ୍ନେହ ଓ ସମର୍ପଣର ପ୍ରତିଭୂ ।

କୁହାଯାଏ, ଦୁନିଆରେ ମାଆର ଋଣ କେହି ଶୁଝିପାରେ ନାହିଁ । କେବଳ ମାଆ ନୁହେଁ ବାପାଙ୍କ ଋଣ ମଧ୍ୟ ଶୁଝି ହୁଏନା । ମାଆଙ୍କ ସହଗାମୀ ବାପା । ମାଆ ଓ ବାପାଙ୍କୁ ନେଇ ହିଁ ପରିବାରଟିଏ ଗଢ଼ି ଉଠେ । ମାଆ ଓ ବାପାଙ୍କ ସୁଖଦ ସହାବସ୍ଥାନ ହିଁ ଉତ୍ତମ ପରିବାର ଗଠନର ମୂଳମନ୍ତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଉ ଏ ଉତ୍ତମ ପରିବାର ଗଠନରେ ଯାହାଙ୍କ ଭୂମିକା ଅତ୍ୟନ୍ତ ନିର୍ଣ୍ଣାୟକ ଓ ଅନସ୍ୱୀକାର୍ଯ୍ୟ ସେ ହେଲେ ମାଆ । ମାଆଟିର ଭୂମିକା ସତରେ ଅବର୍ଣ୍ଣନୀୟ । କେବଳ ନିଜ ସନ୍ତାନସନ୍ତତି ନୁହେଁ, ଘରର ସବୁ ସଦସ୍ୟଙ୍କର ଟିକିନିଖି କଥା ବୁଝିଥାନ୍ତି ଏଇ ମାଆ । ଏକାଧାରରେ ସେ ଘରର ଆର୍କିଟେକ୍ଟ, ଘରର ଇଣ୍ଟିରିଅର୍ ଡେକୋରେଟର୍, ଘରର ପାଚିକା, ଘରର ପରିବେଶିକା, ସବୁକିଛି । ଲୁଗାପଟା ସଫା କରିବା ଠାରୁ ଆରମ୍ଭ କରି ରୋଷେଇ କରି ପରଷିବା ପର୍ଯ୍ୟନ୍ତ ଘରର ଯାବତୀୟ କାର୍ଯ୍ୟ ମାଆ ହିଁ କରିଥାନ୍ତି । ଆଉ ଏସବୁ କାର୍ଯ୍ୟ ମାଆ ବିନା ଭଲ ଲାଗେନା । ହଁ, ଆଧୁନିକ କାଳରେ ଆମେ ଲୁଗାପଟା ସଫା କରିବାକୁ ୱାଶିଂମେସିନ୍, ଘରକାମ ପାଇଁ କାମବାଲୀ କି ରୋଷେଇଆ ରଖିଛୁ ସତ, ହେଲେ ମାଆ ହାତରନ୍ଧା ହେଉ କି ମାଆ ହାତପରଷାର ବିକଳ୍ପ ଏଗୁଡ଼ିକ ନୁହେଁ । ମାଆ ତ ‘ମାଆ’ । ଆଉ କେହି ବି ଦୁନିଆରେ ‘ମାଆ’ର ସ୍ଥାନ ନେଇପାରିବ ନାହିଁ ।

ନିଜ ସନ୍ତାନସନ୍ତତିକୁ ଗର୍ଭରେ ଧାରଣ କରି ମାଆଟିଏ ନଅ ମାସରୁ ଅଧିକ ଦିନ ନିଜର ସୌନ୍ଦର୍ଯ୍ୟ ପ୍ରତି ବିମୁଖ ହୋଇ ଅପେକ୍ଷା କରେ ମାତୃତ୍ୱର ସେଇ ଅମୂଲ୍ୟ ବରଦାନକୁ ପ୍ରାପ୍ତ ହେବା ପାଇଁ । ମାତୃତ୍ୱ ପ୍ରାପ୍ତି ହିଁ ଜଣେ ନାରୀକୁ ଦେଇଥାଏ ସମ୍ପୂର୍ଣ୍ଣତା । ମାଆପଣ ପାଇଁ ତା’ର ବ୍ୟାକୁଳତା, ତାର ତପସ୍ୟା ତାକୁ ଏପରି ଏକ ତନ୍ମୟତା ଆଡ଼କୁ ନେଇଯାଏ ଯେ, ଦୁନିଆର ସବୁ ସୁଖସ୍ୱାଚ୍ଛନ୍ଦ୍ୟକୁ ସେ ତୁଚ୍ଛ କରିଦିଏ, କେବଳ ମାତ୍ର ମାଆଟି ହେବା ପାଇଁ । ନିଜର ପରିବାର ପାଇଁ । ନିଜର ସଂସାର ପାଇଁ । ଜନ୍ମ ପର ଠୁ ନିଜ ସନ୍ତାନସନ୍ତତିଙ୍କ ପାଇଁ ନିଜକୁ ଉତ୍ସର୍ଗ କରି ଦେଇଥାଏ ଏଇ ମାଆ । ନିଜର ସୁଖଦୁଃଖ, ଭୋକଶୋଷକୁ ଭୁଲିଯାଇ ସେ ମାଆଟିଏର ଭୂମିକାରେ ହୋଇ ଉଠେ ଅଧିକରୁ ଅଧିକ ଉଜ୍ଜ୍ୱଳ ଓ ସାହସୀ ।

ମାଆ ତ କେବେ ବି କୌଣସି ପିଲାର (ନିଜ ପିଲା ସମେତ ଅନ୍ୟପିଲାଙ୍କର ମଧ୍ୟ) ଅମଙ୍ଗଳ ଚିନ୍ତା କରି ପାରେନା । ନିଜ ପିଲାଙ୍କର ଉନ୍ନତି ହିଁ ତା’ର ଏକମାତ୍ର ଲକ୍ଷ୍ୟ ହୋଇଉଠେ । ସେମାନଙ୍କ ସଫଳତାରେ ଖୁସି ହେଉଥିବା ପ୍ରଥମ ବ୍ୟକ୍ତି ହେଉଛି ମାଆ । କିନ୍ତୁ ଆଜିର ଏ ସମୟରେ ମାଆର ଅମର୍ଯ୍ୟାଦା ବି ଆମକୁ ବ୍ୟଥିତ କରେ । ବ୍ୟସ୍ତବହୁଳ ସମୟରେ ନିଜ ପିଲାମାନେ ବି ନିଜ ମାଆର ଯତ୍ନ ନେବାକୁ ସମୟ ପାଉ ନାହାନ୍ତି । ଅବସ୍ଥା ଏପରି ହୋଇଛି ଯେ, ବୃଦ୍ଧାଶ୍ରମରେ ଅନ୍ୟର ଦାୟିତ୍ୱରେ ମାଆକୁ ଛାଡ଼ିବା ପାଇଁ ବାଧ୍ୟ ହେଉଛନ୍ତି ପିଲାମାନେ । କିନ୍ତୁ ସେତେବେଳେ ବି ପିଲାର ସୁଖସମୃଦ୍ଧି କାମନା କରୁଥିବା ମାଆଟି ଦୁଃଖୀ ହେଉ ନାହିଁ । ହେଲେ, ମାଆ ଠୁଁ ଜନ୍ମ ନେଇଥିବା ପିଲାଟି କେମିତି ଭୁଲିଯାଇ ପାରୁଛି, ତା’ ବିନା ମୁହୂର୍ତ୍ତେ ରହି ପାରୁନଥିବା ମାଆଟି ଘର ଠୁଁ ଦୂରରେ ବୃଦ୍ଧାଶ୍ରମରେ ରହିବ କେମିତି ! ଏ ଏକ ଏମିତି ସମସ୍ୟା, ଯାହାର ସମାଧାନ ତ ଦୂରର କଥା, କ୍ରମଶଃ ଏ ପ୍ରକାର ଘଟଣାର ପୁନରାବୃତ୍ତି ଦେଖିବାକୁ ମିଳୁଛି । ମାଆର ଋଣ ତ ଆମେ ଶୁଝି ପାରିବା ନାହିଁ ଜୀବଦ୍ଦଶାରେ, କିନ୍ତୁ ମାଆ ପରି ମାଆଟିଏ ତ ହୋଇ ପାରିବା । ଏପରି ଏକ ପ୍ରତ୍ୟାଶା ସହ ଆମେ ଆଜି ସଂକଳ୍ପ ନେବାର ସମୟ ଆସିଛି ଯେ, ମାଆଙ୍କର ହତାଦର ଆମେ କରିବା ନାହିଁ ।

ରଜପର୍ବ ଓ ରଥଯାତ୍ରାର ଶୁଭେଚ୍ଛା ସହ ‘ରେବତୀ’କୁ ଆପଣମାନେ ପୂର୍ବବତ୍ ଭଲ ପାଉଥାନ୍ତୁ- ଏତିକି କାମନା କରି ରହୁଛି ।



ସମ୍ପାଦିକା



ପ୍ରସଙ୍ଗ-୧



# ଜଗତର ନାଥ



**ଡକ୍ଟର ହେନେରିତା ମିଶ୍ର**

ଓଡ଼ିଆ ବିଭାଗ ମୁଖ୍ୟ, ମାଲକାନାଗିରି ଆଦର୍ଶ ସ୍ନାତକ ମହାବିଦ୍ୟାଳୟ,
ମାଲକାନଗିରି-୭୬୪୦୪୫
ଫୋନ : ୯୭୭୭୬୫୩୭୦୮

## ରଥେ ତୁ ବାମନଂ ଦୃଷ୍ଟ୍ୱା

ଚିର ରହସ୍ୟମୟ ପ୍ରାଣାଧିକ ପ୍ରିୟ ଜଗତର ନାଥ ଜଗନ୍ନାଥ, ଭାବର ଠାକୁର । ଓଡ଼ିଆ ଜାତିର ଅସ୍ମିତା, ସ୍ୱାଭିମାନ ତଥା ପରିଚୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶାର ସଂସ୍କୃତି କହିଲେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବୁଝାଏ । ଉତ୍କୃଷ୍ଟ କଳାର ରାଜ୍ୟ ଓଡ଼ିଶାର ପ୍ରଥା, ପରମ୍ପରା, ରୀତିନୀତିର ଉତ୍ସ ହେଉଛି ତାର ଆଦରର ଦିଅଁ ଜଗନ୍ନାଥ । ଓଡ଼ିଶାର ଇତିହାସ ସହ ପ୍ରଭୁ ଜଡ଼ିତ । ଏଣୁ ଓଡ଼ିଶାର ଇତିହାସ ଶ୍ରୀଜଗନ୍ନାଥ ଇତିହାସ, ଓଡ଼ିଶାର ସାହିତ୍ୟ ଶ୍ରୀଜଗନ୍ନାଥ ସାହିତ୍ୟ ଏବଂ ଓଡ଼ିଶାର ସଂସ୍କୃତି ଶ୍ରୀଜଗନ୍ନାଥ ସଂସ୍କୃତିକୁ ବୁଝାଏ । ସ୍କନ୍ଦପୁରାଣ, ଉତ୍କଳଖଣ୍ଡରେ ତେଣୁ ବର୍ଣ୍ଣନା କରାଯାଉଛି:

"ସର୍ବଦେଶ ମଧ୍ୟେ ଶ୍ରେଷ୍ଠ ଏ ଉତ୍କଳ ଦେଶ
ପୃଥିବୀର ଚୁଡ଼ାମଣି ସଦୃଶ ପ୍ରକାଶ
ଦକ୍ଷିଣେ ସିନ୍ଧୁଗାମିନୀ ଋଷିକୂଲ୍ୟା ନଦୀ
ଉତ୍ତରେ ସୁବର୍ଣ୍ଣରେଖା ଆଉ ମହାନଦୀ
ଯେତେକ ପ୍ରଦେଶ ଏହା ମଧ୍ୟେ ଅବସ୍ଥିତ
ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ନାମେ ପରିଚିତ ।"

ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଓଡ଼ିଶାର ପ୍ରସିଦ୍ଧି ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଭାବରେ ବହୁଳ ଭାବେ ରହିଥିଲା । ସର୍ବଧର୍ମ ସମନ୍ୱୟର ଠାକୁର ମହାପ୍ରଭୁ ଜଗନ୍ନାଥ, ଓଡ଼ିଶା ମାଟିର ଗର୍ବ ଓ ଗୌରବ । ସେ ଆଦି, ମଧ୍ୟ ଓ ଅନ୍ତ ର ମୂଳ

ଉତ୍ସ । ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ର କରି ଓଡ଼ିଶାର ପର୍ବପର୍ବାଣୀ ପ୍ରଚଳିତ । ଶ୍ରୀଜଗନ୍ନାଥ କେବଳ ଯେ ଓଡ଼ିଶାର ଦେବତା ନୁହଁନ୍ତି, ସେ ଏ ମହାନ୍ ଚେତନା । ଯାହା ବର୍ତ୍ତମାନ ସମଗ୍ର ବିଶ୍ୱରେ Sri Jagannath Consciousness ଭାବରେ ବିଖ୍ୟାତ ହୋଇ ଚାଲିଛି । ଓଡ଼ିଶା ଦେବଦେବ ଶ୍ରୀଜଗନ୍ନାଥଙ୍କ ଭୂମି । ସେ କେବଳ ଓଡ଼ିଶା ମାଟିର ନୁହଁ, ସେ ସମଗ୍ର ଭୂଖଣ୍ଡର ଅଧୀଶ୍ୱର (Lord of the universe) ଭାବରେ ଖ୍ୟାତ ।

ସେ ଆଦି, ଅନାଦି, ପରଂବ୍ରହ୍ମ, ପୁରୁଷୋତ୍ତମ ସ୍ୱରୂପ । ଦାରୁଦେବତା ରୂପରେ ସେ ପୂଜା ପାଇ ଆସୁଛନ୍ତି । କାହିଁ କେଉଁ ଅନାଦି କାଳରୁ ତାଙ୍କର ଏ ରହସ୍ୟମୟ ବିଗ୍ରହର ପୂଜାର୍ଚ୍ଚନା । ଓଡ଼ିଶା ଶ୍ରୀଜଗନ୍ନାଥଙ୍କ ସହ ଏଭଳି ଘନିଷ୍ଠ ଯେ ତାହା ଅନ୍ୟତ୍ର ଦେଖିବା ଦୁର୍ଲ୍ଲଭ । କେତେକେତେ ଧର୍ମର ପ୍ଲାବନ ଘଟିଛି ଏ ମାଟିରେ । ତଥାପି ଶ୍ରୀଜଗନ୍ନାଥ ଅଚଳ । ବରଂ ସବୁ ଧର୍ମ, ସବୁ ବାଦ, ସବୁ ଦର୍ଶନ ଯେ ପ୍ରଭୁଙ୍କ ଠାରେ ଏକୀଭୂତ ହୋଇ ଯାଇଛି, ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ।

ଶ୍ରୀଜଗନ୍ନାଥ ସର୍ବବ୍ୟାପୀ । ସର୍ବ ରହସ୍ୟର ମୂଳ । କେତେ ତାଙ୍କ ଲୀଳା ଲାବଣ୍ୟ । କେତେବେଳେ ସେ ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ଶବର ରାଜା ବିଶ୍ୱାବସୁର ନୀଳମାଧବ ତ କେତେବେଳେ ସେ ଗୋପୀଜନମନ ହରଣକାରୀ ନଟିଆ କଳାକାହ୍ନୁ, କେତେବେଳେ ପୁଣି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ସ୍ୱରୂପ ତ କେତେବେଳେ ପରଂବ୍ରହ୍ମ ଅଣାକାର ଅନନ୍ତ । ଧନ୍ୟ ତାଙ୍କ ଲୀଳା ।

ଉତ୍କଳର ଆଧ୍ୟାତ୍ମିକ ଇତିହାସ, ଧର୍ମ, ଧାରଣା, ବହୁ ତତ୍ତ୍ୱ ଉପନିଷଦ ଆଦିକୁ ଅଙ୍ଗୀଭୂତ କରିଥିଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ଶୀର୍ଷ ସ୍ଥାନରେ ସ୍ଥାପନ କରି ନିଜସ୍ୱ ମୌଳିକତା ବଜାୟ ରଖି ଆସିଛି । ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱବିଖ୍ୟାତ । ଆଦିବାସୀ ସଂସ୍କୃତି ହିଁ ଶ୍ରୀଜଗନ୍ନାଥ ସଂସ୍କୃତିର ଜନନୀ । ଅତୀତର ନୀଳମାଧବ (ଶାବର ଦେବତା) ଆଉ କେହି ନୁହଁନ୍ତି । ସେ ହିଁ ବର୍ତ୍ତମାନର ପୁରୁଷୋତ୍ତମ ଦାରୁଦିଅଁ । ଶ୍ରୀଜଗନ୍ନାଥ, ବାସ୍ତବରେ ଗଣଦେବତା । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପୃଥିବୀର ସବୁ ପ୍ରାନ୍ତରୁ ପ୍ରଭୁଙ୍କ ଦର୍ଶନ ନିମନ୍ତେ ଛୁଟି ଆସନ୍ତି ପୁରଷ୍ତମ କ୍ଷେତ୍ରକୁ । ଆଉ ଦେବତା ଯେ କାଳ କାଳ ଭାବର ରଙ୍କୁଣା । ଭକ୍ତ ମନୋକାମନା ପୂରଣ ନିମନ୍ତେ ପ୍ରଭୁ ମଧ୍ୟ ଓହ୍ଲାଇ ଆସନ୍ତି ବଡ଼ଦାଣ୍ଡକୁ । ବର୍ଷକୁ ଥରେ ଭିଆଣ କହନ୍ତି ରଥଯାତ୍ରା । ଯେଉଁଠି ଭକ୍ତ ଭଗବାନଙ୍କ ମିଳନ ଘଟେ । ସର୍ବତ୍ର ଭକ୍ତିର ପ୍ଲାବନ ଘଟେ । ହୃଦୟ କନ୍ଦରରେ ଅମୃତର ଝର ଫିଟେ । ଚତୁର୍ଦ୍ଦିଗ ହୁଏ ଆଧ୍ୟାତ୍ମିକତାର ବାତାବରଣ ।

ଭାଗବତରେ ଏ ପଂକ୍ତି ଏଠାରେ ଉଲ୍ଲେଖଯୋଗ୍ୟ:

"ଦେଖ ଏ ଯେତେ ନଦନଦୀ, ସମସ୍ତେ ମିଳନ୍ତି ଜଳଧି
ଲବଣ ଜଳେ ସେ ମିଶନ୍ତି, ସୁନାମ ଗୁଣ ପାଶୋରନ୍ତି ।"

ଶ୍ରୀଜଗନ୍ନାଥଙ୍କ ଅନ୍ୟନାମ ଭାବଗ୍ରାହୀ । ତାଙ୍କ ଭାବ ସମୁଦ୍ରରେ ବିଭିନ୍ନ ଧର୍ମାବଲମ୍ବୀ ନିମଜ୍ଜିତ ହୋଇଛନ୍ତି । ସତେ ଯେପରି ନଦୀସମୂହ, ସମୁଦ୍ର ଉଦ୍ଦେଶ୍ୟରେ ନିଜ ଅସ୍ତିତ୍ୱ ହରେଇ ଆପଣା ଗୁଣ ପାଶୋରିଥାନ୍ତି ବୋଲି ମନେ ହୁଏ ।

ଶ୍ରୀଜଗନ୍ନାଥ ଓଡ଼ିଶାର ସର୍ବଶ୍ରେଷ୍ଠ ପରିଚିତ । ତାଙ୍କ ବ୍ୟତିରେକ ଏ ଜାତିର ଅସ୍ତିତ୍ୱ କଳ୍ପନାତୀତ । ବାହ୍ୟ ଉପଚାର ଅପେକ୍ଷା ଅକୃତ୍ରିମ ଭକ୍ତିକୁ ପ୍ରଭୁ ଭକ୍ତବତ୍ସଳ ଜଗନ୍ନାଥ ଶ୍ରେୟ ମଣନ୍ତି । ସବୁ ମହାନତାକୁ ଆତ୍ମସ୍ଥ କରି ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱ ସମ୍ମୁଖରେ ଏକ ଉଦାହରଣ ସାଜିଛି । ମହାବାହୁ, ମହୋଦଧି, ମହାଲକ୍ଷ୍ମୀ, ମହାପ୍ରସାଦ ଇତ୍ୟାଦି ବଡ଼ତ୍ୱର ପ୍ରତୀକ । ସେହିପରି ଦାଣ୍ଡ ତାଙ୍କର ବଡ଼ଦାଣ୍ଡ, ପଣ୍ଡା ତାଙ୍କର ବଡ଼ପଣ୍ଡା, ଦେଉଳ ତାଙ୍କର ବଡ଼ଦେଉଳ, ଚୂଳ ତାଙ୍କର ବଡ଼ଚୂଳ । ରହସ୍ୟମୟ କଳାଠାକୁରଙ୍କ ଲୀଳା ଅବର୍ଣ୍ଣନୀୟ । ବାରମାସରେ ତେରଯାତରେ ଭିଆଣକର୍ତ୍ତା ପ୍ରଭୁ ଜଗନ୍ନାଥ । ପତିତ ଉଦ୍ଧାରିବା ଲାଗି ମର୍ତ୍ତ୍ୟରେ ଲୀଳା କରନ୍ତି ସେ । ତେଣୁ ତ, ପ୍ରଭୁଙ୍କ ନାମ- ପତିତପାବନ । ବାସ୍ତବିକ ରହସ୍ୟମୟଙ୍କ ରହସ୍ୟ ଅନନ୍ୟ, ଅସାମାନ୍ୟ । ତେଣୁ କୁହା ଯାଇପାରେ:

"କୋଟି ବ୍ରହ୍ମାଣ୍ଡର ଏମନ୍ତ ଠାକୁର / ଥିବାର ଶୁଣିଛ କାହିଁ ? / କୁତ୍ସିତ ଲୋକ ହିଁ ପରମପଦକୁ / ଲଭନ୍ତି ଯାହାକୁ ଚାହିଁ / କଳା ପର୍ବତରେ ବିଜୟ ସଧୀରେ / କରୁଣା ହୃଦୟ ହୋଇ / କଳୁଷୀ ଲୋକଙ୍କୁ କଳୁଷପଙ୍କୁ / ଉଦ୍ଧାର କରିବା ପାଇଁ ।"

ବାସ୍ତବରେ ଶ୍ରୀଜଗନ୍ନାଥ ହେଉଛନ୍ତି ଆର୍ଯ୍ୟ ଅନାର୍ଯ୍ୟର ସ୍ମାରକୀ ସଦୃଶ । ଜଗନ୍ନାଥ ଧର୍ମ ମାନବ ସେବା, ସହିଷ୍ଣୁତା ଓ ସାମ୍ୟବାଦକୁ ପ୍ରତିଷ୍ଠା କରେ । ତେଣୁ ତ ଶ୍ରୀଜଗନ୍ନାଥ ଗଣଦେବ । ବିଶ୍ୱ ଭାତୃତ୍ୱ ଭାବର ପରିଚାୟକ । ମୈତ୍ରୀ ଚେତନାର ବାର୍ତ୍ତାବହ । ସେ ସୃଷ୍ଟି-ସ୍ଥିତି-ପ୍ରଳୟର ସର୍ଜକ । ସେ ସମଗ୍ର ଜଗତର ନାଥ ଜଗନ୍ନାଥ । ଭକ୍ତର ଉଦ୍ଧାର ନିମନ୍ତେ ସେ ରତ୍ନସିଂହାସନ ତ୍ୟାଗ କରନ୍ତି । ଓହ୍ଲାଇ ଆସନ୍ତି ଧୂଳି ଧୂସରିତ ବଡ଼ଦାଣ୍ଡକୁ । ଯେଉଁଠି ସବୁ ଧର୍ମ, ବର୍ଣ୍ଣର ଉର୍ଦ୍ଧ୍ୱରେ ଏକ ଓ ଅଭିନ୍ନ । ଯୁଗେ ଯୁଗେ ଭକ୍ତର ଭକ୍ତିରେ ଅଧୀନ ମହାପ୍ରଭୁ ଜଗନ୍ନାଥ ।

ଜଗନ୍ନାଥ ମହାପ୍ରଭୁଙ୍କ ଅସଂଖ୍ୟ ନାମ । ସେଥିମଧ୍ୟରୁ କାଳିଆଠାକୁର ଅନ୍ୟତମ । ଗାଉଁଲୀ ହେଉ ଅବା ସହରୀ, ସମସ୍ତଙ୍କ ହୃଦୟର ଅତ୍ୟନ୍ତ ନିକଟତର ଏ ନାମ । ପୂର୍ଣ୍ଣବ୍ରହ୍ମ ସେ । ପୁରୁଷୋତ୍ତମ ନାମ ବହନ କରି ପୁରୁଷୋତ୍ତମ କ୍ଷେତ୍ରରେ ରଥଯାତ୍ରା ଭିଆଇଥାନ୍ତି । ଘୋଷଯାତ୍ରା, ନବଦିନାତ୍ମକ ଯାତ୍ରା, ଶ୍ରୀଗୁଣ୍ଡିଚା ଯାତ୍ରା ଭାବରେ ରଥଯାତ୍ରା ବେଶ୍ ପ୍ରସିଦ୍ଧ । ଭାଇ ଓ ଭଉଣୀଙ୍କୁ ସଙ୍ଗରେ ନେଇ ପତିତ ଉଦ୍ଧାର ନିମନ୍ତେ ନବଦିନ ଧରି ଯାତ୍ରା କରନ୍ତି ପ୍ରଭୁ । ଆଷାଢ଼ ମାସର ପ୍ରଥମ ବର୍ଷାର ସ୍ପର୍ଶରେ ପ୍ରକୃତି ଅଧୀର ହୋଇଥିବା ଅବକାଶରେ ଏ ଯାତ୍ରା ପାଳନ ହୋଇଥାଏ । ସତେ ଯେପରି ଏ ମନୋରମ ଦୃଶ୍ୟ ଦେଖିବାକୁ ସମଗ୍ର ବସୁଧା ଚାତକ ପ୍ରାୟ ଅନାଇ ରହିଥାଏ । ପତିତଜନମାନସକୁ ତାରିବା ନିମନ୍ତେ ପ୍ରଭୁ ତାଙ୍କ ମର୍ତ୍ତ୍ୟରେ ଲୀଳା କରିଥାନ୍ତି । କାହିଁ କେତେ ଦୂରରୁ ତାଙ୍କର ଟିକେ ସାନ୍ନିଧ୍ୟ ପାଇବା ପାଇଁ ଛୁଟି ଆସନ୍ତି ଭକ୍ତଗଣ । ସେ ସମସ୍ତଙ୍କର ଆରାଧ୍ୟ । ଆଦ୍ୟରେ ଆର୍ଯ୍ୟରେ (ଶାବର) ଦେବତା ରୂପରେ ଯାହାଙ୍କ ଆବିର୍ଭାବ ଘଟିଥିଲା । ସେ ପରବର୍ତ୍ତୀ କାଳରେ ଜୈନ, ବୌଦ୍ଧ, ତାନ୍ତ୍ରିକ, ଶୈବ, ବୈଷ୍ଣବ, ଗାଣପତ୍ୟ, ସୌର ଆଦି ସକଳ ଆର୍ଯ୍ୟ ଶାଖାର ମୂଳ ଆଧାରରେ ପରିଣତ ହୋଇଛନ୍ତି ।

ଜଗନ୍ନାଥ, ସକଳ ସର୍ଜନାର ପ୍ରାଣକେନ୍ଦ୍ର । ଅନାଥର ନାଥ ଜଗତର ପ୍ରତି ଜଗନ୍ନାଥ । ସେ ହିଁ ରମା, ସେହିଁ ଶ୍ୟାମା, ସେ ହିଁ ରୁଦ୍ରାଣୀ ସ୍ୱରୂପା । ସେ ହିଁ ପ୍ରକୃତି ରୂପୀ ପୁରୁଷୋତ୍ତମ । ପୁଣି ପୁରୁଷୋତ୍ତମ ସ୍ୱରୂପରେ ସେ ହିଁ ଦକ୍ଷିଣକାଳିକା । ତେଣୁ ସେ କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବା ମତବାଦର ନୁହଁନ୍ତି । ସେ ମୈତ୍ରୀ ଓ ସମନ୍ୱୟର ପ୍ରତିଭୂ । ଶ୍ରୀଜଗନ୍ନାଥ, ବାସ୍ତବରେ ଶାନ୍ତି, ମୈତ୍ରୀ, ପ୍ରୀତି, ଦୟା, କ୍ଷମା ଓ କରୁଣାର ମଧୁର ସମନ୍ୱୟର ପ୍ରତୀକ । ତାଙ୍କ ଦର୍ଶନ ପାଇଁ ବହୁ କଷ୍ଟ ସ୍ୱୀକାର କରି ଛୁଟି ଆସନ୍ତି ଭକ୍ତ । ଥରେ ଟିକେ ଜଗତନାଥଙ୍କୁ ଚର୍ମଚକ୍ଷୁରେ ଦର୍ଶନ କରିଦେଲେ ସମସ୍ତ ବନ୍ଧନରୁ ମୁକ୍ତ ହେବ ଏ ଶରୀର । ପୁନର୍ଜନ୍ମର ତାଡ଼ନାରୁ ସ୍ୱାଧୀନ ହେବ ଆତ୍ମାପକ୍ଷୀ । ବିଶ୍ୱାସରୁ ଜନ୍ମ ନିଏ ଆଧ୍ୟାତ୍ମିକତା, ଯାହା ସ୍ୱତଃସ୍ଫୂର୍ତ୍ତ ଭାବରେ ସୃଷ୍ଟି ହୁଏ ।

ରଥଯାତ୍ରାର ସୌନ୍ଦର୍ଯ୍ୟ ଅକଳ୍ପନୀୟ । ସତେ ଯେମିତି ଦେବତାମାନେ ଓହ୍ଲାଇ ଆସନ୍ତି ବଡ଼ଦାଣ୍ଡକୁ । କି ଅଦ୍ଭୁତ ଲୀଳା ସତେ ! ନଦେଖିବା ଲୋକ ବିଶ୍ୱାସ କରିବା ଅସମ୍ଭବ । ତେଣୁ ତ କୁହାଯାଏ:

"ଦେଳେ ଷ ଦୋଳଗୋବିନ୍ଦ / ଚାପେ ଶ୍ରୀ ମଧୁସୂଦନ / ରଥେ ତୁ ବାମନ ଦୃଷ୍ଟ୍ୱା / ପୁନର୍ଜନ୍ମ ନ ବିଦ୍ୟତେ ।"

ରଥରେ ପ୍ରଭୁ ଯେ ବାମନ ଅବତାର ଧାରଣ କରନ୍ତି । ଅବତାରୀ ପ୍ରଭୁଙ୍କ କେତେ ଅବତାର, କେତେ ନା କେତେ ଲୀଳା । ଧନ୍ୟ ଏ ପ୍ରଭୁ ସତେ । ବାସ୍ତବିକ ଈଶ୍ୱର ଯେଉଁ ରୂପରେ ଦର୍ଶନ ଦିଅନ୍ତି, ଭକ୍ତର ଗତିମୁକ୍ତି ସେଇଠି ହିଁ ଘଟେ । ସେଇଥିପାଇଁ ସେ ଜଗତର ନାଥ, ବିଶ୍ୱବ୍ରହ୍ମାଣ୍ଡର ଅଧୀଶ୍ୱର । ସକଳ ମୁକ୍ତିର ହେତୁ ।

# ଋତୁର ନାଁ ରଜ



ରୂପାୟନ: ଶୁଭଶ୍ରୀ ମହାପାତ୍ର



# ବନସ୍ତେ ଡାକିଲା ଗଜ...




**ସ୍ନିଗ୍ଧା ତ୍ରିପାଠୀ**

ବିଶ୍ରାନ୍ତୱାଡ଼ି, ପୁନେ
ଫୋନ : ୯୩୦୯୧୧୯୬୨୫


ଫଟୋ ସୌଜନ୍ୟ : ଲେଖିକା

"ରଜ ଓଡ଼ିଶାର ଜାତୀୟ ପର୍ବ । ଏହି କୃଷି ଭିତ୍ତିକ ପର୍ବ ସବୁରି ମନ କିଣେ । ଘରେ ଘରେ କୋଳାହଳ, ଉତ୍ସବମୁଖର ପରିବେଶ । ରଜରେ ଝିଅମାନେ ଖେଳିଥାନ୍ତି ଦୋଳିଖେଳ... ।

ରାତି ପାହିବାକୁ ଆଉରି ଘଡ଼ିଏ ଅଛି ରୀତା ନିଦରୁ ଉଠି ସଜବାଜରେ ଲାଗି ପଡ଼ିଲା । ରାତି ପାହିଲେ ରଜ, ପହିଲି ରଜ । ଘର ପରିବାର ଯେଉଁଥିପାଇଁ ପ୍ରସ୍ତୁତି ଚଳାଇଛନ୍ତି ମାସେକାଳ । ବାରଣ କଲାବେଳକୁ ରୀତାର ସବୁକାମ ଶେଷ । କେବଳ ରୀତା କାହିଁକି ସବୁ ଝିଅ ଓ ନବ ବିବାହିତା ବୋହୂଙ୍କ ମନ ତଳେ ରଜକୁ ନେଇ ରହିଥାଏ ଏକ ସୁନ୍ଦର ପରିକଳ୍ପନା । ରଜ ପାଖେଇଲେ କେବେ ବାପା ନୂଆ ଲୁଗାପଟା ମାଜି ସରଞ୍ଜାମ ଆଣିବେ ବୋଲି ଝିଅଟି ଭାବୁଥିବା ବେଳେ ନବ ବିବାହିତାଟି ହୁଏତ ଭାବୁଥାଏ କେବେ ତାକୁ ବାପଘରୁ ଡାକରା ଆସିବ । ଆଉ ସେ ସଅଳ ପହଞ୍ଚିବ ନିଜ ଗାଁରେ । ଜାକଜମକରେ ରଜ ପାଳିବା ପାଇଁ ପହଞ୍ଚିଯିବ ମକର, ବଉଳ ବସିଥିବା ସାଙ୍ଗମାନଙ୍କ ପାଖରେ । ତା'ପରେ ତିନିଦିନ ପାଇଁ ଜମାରୁ ଫୁରସତ ନାହିଁ । ଏହି ବର୍ଣ୍ଣନାରୁ ଅନେକେ ମନେ କରୁଥାଇପାରନ୍ତି ରଜର କୌଣସି ବୈଶିଷ୍ଟ୍ୟ ନାହିଁ । ରଜ କିନ୍ତୁ, ଏଇଥିରେ ସୀମିତ ନୁହେଁ । ଏହା ଏକ କୃଷି ଭିତ୍ତିକ ପର୍ବ । ବର୍ଷା କାଳ ଉପନୀତ ହେବା ପୂର୍ବରୁ କ୍ଷେତକୁ ବିଶ୍ରାମଦେଇ ଚାଷ ଉପଯୋଗୀ କରିବା ପାଇଁ ଓ ନିଜକୁ ସେଥିପାଇଁ ପ୍ରସ୍ତୁତ କରିବା ନିମନ୍ତେ ଏଇ ଆୟୋଜନ ।

**ପହିଲି ରଜରୁ ଆରମ୍ଭ:**

ରଜ ସାଧାରଣତଃ ତିନିଦିନ ପାଳିତ ହୋଇଥାଏ । ପ୍ରଥମ ଦିନକୁ ପହିଲି ରଜ କୁହାଯାଉଥିବା ବେଳେ ରଜ ପର୍ବର ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି, ତୃତୀୟ ଦିନ ଭୂଇଁ ଦହନ ବା ଭୂଇଁ ନଅଣ ଏବଂ ଚତୁର୍ଥ ଦିନ ସକାଳେ ବସୁମତୀ ସ୍ନାନ ସହ ରଜ ପାଳନ ଶେଷ । ପହିଲି ରଜ ଦିନରୁ ସବୁ ନିୟମ

କାନୁନ ଲାଗୁ । ଯେମିତି ତଳେ ଚାଲିବ ନାହିଁ । ଲୁଣ ଖାଇବ ନାହିଁ । କଦଳୀ ବାସୁଙ୍ଗା ବାଗୁଆ ଖୋଳପା ପିନ୍ଧିଚାଲିବ । କାରଣ ବସୁଧା ହାଇଛି ରଜସ୍ୱାଳା । ତେଣୁ ରଜସ୍ୱଳା ନାରୀର ସମସ୍ତ ନୀତିନିୟମ ସହ ଏହାକୁ ପାଳନ କରାଯାଇଥାଏ । କେବଳ ପିଠାପଣା ଖାଇ ଏ ତିନିଦିନ ରହିବାକୁ ପଡ଼ିଥାଏ । ଘରେ ଚୁଲି ଲାଗେନାହିଁ । କଟାବଟା ପ୍ରସ୍ତୁତି ସମସ୍ତ କାର୍ଯ୍ୟ



ଶେଷ ହୋଇଥାଏ । ସଜବାଜ ଭାବେ ଦିନକ ଆଗରୁ ।

**ଦେବଦବୀଙ୍କ ପୂଜା ନାହିଁ:**

ରଜ ପର୍ବ ଏକ ପାରମ୍ପରିକ ପର୍ବ କିନ୍ତୁ ଏହା ଅନ୍ତରାଳେ କୌଣସି ଦେବଦେବୀଙ୍କ ପୂଜା ପୂର୍ବଣ ନଥାଏ । ପୂଜା ଯଦି ତାହାକୁ କରାଯାଏ ଓ ସେବା ଯେବେ କାହାର ହୁଏ କେବଳ ମାଟିମା'ର । ମାଟିକୁ କର୍ଷଣ କରି ବିହନ ବୁଣିବା ଆଗରୁ ବିଶ୍ରାମ ଦିଆଯାଏ ତିନିଦିନ । ହଳ ଲଙ୍ଗଳ ଜମିରେ ନ ବୁଲି ପୂଜାରେ ବସିଥାଏ ଏହି ତିନିଦିନ । ଅପେକ୍ଷା ରହିଥାଏ ବର୍ଷାକୁ ।

**ରଜ ପାଳନ କାହିଁକି ?**

ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା । ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରଜସ୍ୱଳା ହେବାର ପରିକଳ୍ପନାର ହିଁ ଏହି ରଜ ପର୍ବର ଉଦ୍ଭବ । ରଜରେ ଦ୍ୱିତୀୟ ଦିନ ହିଁ ରଜ ସଂକ୍ରାନ୍ତି ନାମରେ ପରିଚିତ । ଆଉ ଏହିଦିନ ମାଟି ସହିତ ମେଘର ସମ୍ପର୍କ ହୁଏ ।

**ରଜ ସଂକ୍ରାନ୍ତିରୁ ବର୍ଷାଋତୁ:**

ରଜ ସଂକ୍ରାନ୍ତିରୁ ବର୍ଷା ଋତୁର ଆରମ୍ଭ । ଆଷାଢ଼ମାସ ମିଥୁନ ସଂକ୍ରାନ୍ତି ରଜ ସଂକ୍ରାନ୍ତି ନାମରେ ପରିଚିତ ଏବଂ ମିଥୁନ ସଂକ୍ରାନ୍ତି ତିଥିରେ ଧରିତ୍ରୀ ମାତା ବା ବସୁମାତା ରଜସ୍ୱଳା ହୋଇଥିବାରୁ ହିନ୍ଦୁ ସମାଜର ବିଶ୍ୱାସ । ଗ୍ରୀଷ୍ମ ପ୍ରବାହରେ ଠୋ ଠୋ ଶୁଖିଯାଇଥାଏ କ୍ଷେତ । ବର୍ଷା ପାଣି ପଡ଼ିବା ମାତ୍ରେ ମାଟି ଫୁଲି ଉଠେ ଏବଂ ଏହି ଦିନରୁ ଭୂମି ଶସ୍ୟ ଉତ୍ପାଦନ ପାଇଁ ଉପଯୋଗୀ ହୋଇଯାଏ ।

**ଉତ୍ତମ ଫସଲ ପାଇଁ:**

ଉତ୍ତମ ଫସଲ କାମନା କରାଯାଇ ରଜ ପର୍ବକୁ ପବିତ୍ରତାର ସହ ପାଳନ କରାଯାଏ । ନାରୀମାନେ ଯେପରି ରଜସ୍ୱଳା ହେବା ପରେ ଯେପରି ପ୍ରଜନନ କ୍ଷମତା ଲାଭ କରନ୍ତି, ସେହିପରି ବସୁମାତା ବା ଧରିତ୍ରୀ ରଜସ୍ୱଳା ହେବାପରେ ପ୍ରଜନନ କ୍ଷମତା ଲାଭକରେ । ଏବଂ ରଜ ସଂକ୍ରାନ୍ତି ପରେ କ୍ଷେତରେ ଶସ୍ୟ ବିହନ ବୁଣାଗଲେ ଉତ୍ତମ ଫସଲ ଫଳିଥାଏ ।

**କୁମାରୀମାନଙ୍କ ପର୍ବ:**

ରଜ ପର୍ବକୁ କୁମାରୀମାନଙ୍କ ପର୍ବ ବୋଲି କୁହାଯାଇଥାଏ । କୁମାରୀମାନେ ହିଁ ସମସ୍ତ ବିଧି ପାଳନ କରିଥାନ୍ତି । ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜପର୍ବ । ଆଷାଢ଼ରେ ପହିଲି ବର୍ଷାରେ ମାଟି ମା'ର ପ୍ରଜନନ ଶକ୍ତି ଜାଗ୍ରତ ହୋଇଥାଏ । ଏହି କାରଣରୁ ଧରିତ୍ରୀମାତାଙ୍କୁ ରଜସ୍ୱଳା ସ୍ତ୍ରୀ ସହିତ ତୁଳନା କରାଯାଏ ।

**ଭୂଇଁ ଦହନ:**

ରଜପର୍ବର ତୃତୀୟ ଦିନ ଭୂଇଁ ଦହନ । ଏହି ଦିନ ରଜ ପର୍ବ ପାଳନ ବିଧି ଭାବରେ ମାଟିକୁ ଖୋଳିବା, ଆଘାତ କରିବାକୁ ବାରଣ ଥାଏ । ଏଥିକି ସମସ୍ତେ ସଜାଗ ଥାନ୍ତି । ଏପରିକି ଦାନ୍ତଘଷା ପାଇଁ ଦାନ୍ତକାଠି ମଧ୍ୟ ରଜପୂର୍ବରୁ ସଂଗ୍ରହ କରାଯାଇଥାଏ । କାରଣ ଗଛ ପତ୍ର ଭାଙ୍ଗିବା ନିଷେଧ କରାଯାଇଥାଏ । ଭୂଇଁ ଦହନ ପରଦିନ ପଡ଼େ ବସୁମତୀ ସନ୍ନାନର ଅବସର ।

**ବସୁମତୀ ସ୍ନାନ:**

ବସୁମତୀ ସ୍ନାନ ହେଉଛି ରଜପର୍ବର ଅନ୍ତିମ ବିଧି । ଏହାକୁ ବସୁଧାମାତାଙ୍କ ଶୁଦ୍ଧ ସ୍ନାନ ଦିନ ବୋଲି ମାନିଥାନ୍ତି ସମସ୍ତେ । ଏହା ଧରାସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧସ୍ନାନ ରୂପେ ପ୍ରଖ୍ୟାତ । ବଡ଼ି ସକାଳୁ ଶିଳପୁଆରେ ହଳଦୀ, ସିନ୍ଦୂର, କଜଳ ଲଗାଇ ଧରଣୀମାତାଙ୍କ ସ୍ୱରୂପରେ ସଜାଇ ପିଢ଼ା ଉପରେ ସ୍ଥାପନା କରି କଳସ ଆମ୍ବଡାଳ ରଖି କ୍ଷୀର ଦେଇ ସ୍ନାନ କରାଯାଏ । ମାସିକ ଧର୍ମର ବିଧି ଅନୁଯାୟୀ ଧରଣୀ ମାତା ତିନିଦିନ





ବିଶ୍ରାମ ପରେ ସ୍ନାନ କରି ଶୁଦ୍ଧ ପବିତ୍ର ହୋଇଥାନ୍ତି । ମାର୍ଗଶୀର ଶେଷ ଗୁରୁବାର ଦିନ ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଡ଼ି, ଏହିଦିନ ଖୋଲାଯାଇଥାଏ । ରଜସ୍ୱଳା ନାରୀ ସଦୃଶ ତିନିଦିନ ଅସ୍ପୃଶ୍ୟ ହୋଇ ରହିବାପରେ ଚତୁର୍ଥଦିନ ପ୍ରାତଃ କାଳରେ ଏହିଦିନ ଶୁଦ୍ଧ ସ୍ନାନ କରିଥାଏ । ଏହିଦିନ ରଜପର୍ବର ଆନନ୍ଦ ଉଲ୍ଲାସ ମଉଳି ଯାଇ ଆଧ୍ୟାତ୍ମିକତା ସ୍ଥାନ ନେଇଥାଏ । ଏହି ବସୁମତୀ ସ୍ନାନ ଦିବସରେ ଧରଣୀମାତା ପ୍ରତି ଭକ୍ତିଭାବ ଜାଗ୍ରତ ହୋଇଥାଏ । ଚାଷୀଭାଇମାନେ ମଧ୍ୟ ମହାଲକ୍ଷ୍ମୀ ଓ ଧରିତ୍ରୀ ମାତାଙ୍କୁ ପୂଜା କରିଥାନ୍ତି । ଦାଣ୍ଡ ଦୁଆରେ କାଠ ଉପରେ ଲୁହା ଲଙ୍ଗଳ ରଖି ସେମାନେ ବସୁଧା ମା'ଙ୍କୁ ଭଲ ଚାଷବାସ ଦେବାପାଇଁ ନିବେଦନ କରିଥାନ୍ତି । ପରଦିନ ସକାଳୁ ସଅଳ ଉଠି ବିଲକୁ ଚାଷ କାର୍ଯ୍ୟ ପାଇଁ ବାହାରିଥାନ୍ତି ।

**ରଜଦୋଳି ଖେଳ:**


ରଜ ହେଉଛି ଦୋଳିର ପର୍ବ । ପିଲାମାନେ ଓ ରଜ ପାଳୁଥିବା ଅନୂଢ଼ା ଯୁବତୀମାନେ ଦୋଳି ଖେଳରେ ମାତିଥାନ୍ତି ଗାଁରେ ପ୍ରତିଘର ସାମ୍ନା ବା ପଛ ଜାଗାରେ ଦୋଳିଟିଏ ବନ୍ଧାଯାଇଥାଏ । ଗାଁ ଆମ୍ବ ତୋଟାରେ ଲାଗିଥାଏ ବିଭିନ୍ନ ପ୍ରକାର ଦୋଳି । ଏହି ଦୋଳିମାନଙ୍କର ନାମ ମଧ୍ୟ ରହିଛି । ଯଥା-ଚଉକି ଦୋଳି, ପଟାଦୋଳି, ଦଉଡ଼ି ଦୋଳି ଏବଂ ଉଚ୍ଚାଦୋଳି, ରଜ ପାଳୁଥିବା ଯୁବତୀମାନେ ତଳେ ନ ଚାଲିବାର ବିକଳ୍ପ ଭାବରେ ଏହାକୁ ହୁଏତ ରଜପର୍ବ ସହିତ ଆରମ୍ଭରୁ ଯୋଡ଼ି ଦିଆଯାଇଛି । ତେବେ କେବଳ ଦୋଳି ନୁହେଁ ରଜକନ୍ୟା ଓ ମହିଳାମାନେ କଉଡ଼ି, ଲୁଡୁ, ତାସ ମଧ୍ୟ ଖେଳିଥାନ୍ତି । ପୁରୁଷମାନେ ମଧ୍ୟ ବିଭିନ୍ନ ପ୍ରକାର ଖେଳି ଖେଳି ରଜ ଉତ୍ସବ ପାଳନ କରିଥାନ୍ତି । ଯଥା ତାସ ଓ ପଶାଖେଳ । ଯୁବକମାନେ ଖେଳିଥାନ୍ତି ବାଗୁଡ଼ି ଖେଳ ।

**ରଜ ପୋଡ଼ପିଠା:**

ରଜରେ ସମସ୍ତେ କାର୍ଯ୍ୟ ବନ୍ଦ ହୋଇଥିବାରୁ ପ୍ରଥମ ରଜର ପୂର୍ବଦିନଠୁ ବିରି ଚାଉଳ ବଟାଯାଇ ପିଠା କରାଯାଏ । ରଜ ତିନିଦିନ ଯାଇ ନାନା ପ୍ରକାର ପିଠାପଣାରେ ଘର ପୂର୍ଣ୍ଣ ହୋଇଥାଏ । ବିରି ଚାଉଳ ଚୂନା ଏବଂ ଗୁଡ଼ ଓ ଚିନିରେ ପ୍ରସ୍ତୁତ ପୋଡ଼ପିଠା ରାତିସାରା ଚୁଲିରେ ବସି ସକାଳକୁ ପ୍ରସ୍ତୁତ ହୋଇଯାଏ । ଏହି ପିଠାରେ ଅମ୍ଳ ଅଂଶ ନଥାଏ, ଭାତରୁ ଅମ୍ଳଅଂଶ ସୃଷ୍ଟି ହୋଇଥାଏ । ତେଣୁ ରଜ ପାଳୁଥିବା ଝିଅ ବୋହୂମାନେ ପିଠା ଓ ଫଳମୂଳ ଖାଇଥାନ୍ତି । ରଜରେ ପିଠାମିଠାର ସମ୍ଭାର ସହିତ ସୁଜି ମଧ୍ୟ ମହତ୍ତ୍ୱ ରଖେ ।







**ବାଃରେ ବାଃ ପାନ:**

ରଜରେ ପାନଖିଆ ଏକ ପୁରୁଣା ଓଡ଼ିଆ ପରମ୍ପରା, ପ୍ରୀତିର ବନ୍ଧନ ହେଉଛି ପାନ । ପ୍ରୀତି, ପ୍ରେମ, ବନ୍ଧୁତାର ଛ'ଟି ଲକ୍ଷଣ ନିର୍ଦ୍ଧାରିତ ହୋଇଛି ଯଥା:- ଦିଏ, ନିଏ, ଖାଏ, ଖୁଆଏ, ଗୋପ କଥାକହେ ଓ ପଚାରେ । ଏ ଛ'ଟି ଆନ୍ତରିକତା ଓ ନିବିଡ଼ତାର କଥା । ଭୋଜନ ଶେଷରେ ତାମ୍ବୁଲ ସେବା ବା ରଜ ପାନ ଏକ ସୁସଂଯୋଜିତ ବ୍ୟବସ୍ଥା । ରଜରେ ବନ୍ଧୁବାନ୍ଧବଙ୍କ ଘରକୁ ନୂଆପିନ୍ଧି ବୁଲିଗଲା ବେଳେ ସାଙ୍ଗରେ ଯେଉଁ ଦ୍ରବ୍ୟଟି ସାଇତା ହୋଇ ନିଶ୍ଚୟ ଯାଇଥାଏ ତା'ର ପରିଚୟ ପାନ । ଏହାକୁ କୁହାଯାଏ ରଜପାନ । ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ପାନକୁ ଅତିଥି ଅଭ୍ୟାଗତଙ୍କୁ ମଧ୍ୟ ଉପହାର ଦିଆଯାଏ । ରଜ ପୋଡ଼ପିଠା ପରି ଏହା ଏକ ରସିକ ବିଧି । ଓଡ଼ିଆ ଘରର ସଂସ୍କୃତିରେ ପାନ ମଧ୍ୟ ଅଜଣା ଅଶୁଣା ନୁହେଁ । ଓଡ଼ିଆମାନଙ୍କ ଆରାଧ୍ୟ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରତିଦିନ ଭୋଜନ ଶେଷରେ ତାମ୍ବୁଲ ସେବା କରି ନିଦ୍ରା ଯାଆନ୍ତି । ପାନ ହେଉଛି ମୁଖବାସ, ରଜ ସହିତ ପାନ ଯୋଡ଼ିହେବାର କାରଣ ହେଉଛି ଏହା ବନ୍ଧୁତାର ଡୋରିକୁ ସୁଦୃଢ଼ କରିଥାଏ । ଆୟୁର୍ବେଦ ଶାସ୍ତ୍ରରେ ପାନ କୃମିନାଶକ । ପାନରେ ଦିଆଯାଇଥିବା ଚୂନ କ୍ୟାଲସିୟମ (ଲୌହଶକ୍ତି ପୂର୍ଣ୍ଣ) ଦାନ୍ତକୁ ମଜଭୁତ କରିଥାଏ । ପାନ ଖାଇବା ବେଳେ ପାନପତ୍ରକୁ ଶିରା ଛେଦନ କରାଯାଇଥାଏ କାରଣ ପାନଶିରା ହେଉଛି ବୁଦ୍ଧି ବିନାଶକ । ରଜପାନ ସାରାବର୍ଷର ପାନକୁ ଆଗେଇ ସବୁପାନର ଆଗରେ ଥାଏ । ରଜପାନରେ ଗୁଆ, ଅଳେଇଚ, ଗୁଜୁରାତି, ଭଜାଧନିଆ, ନଡ଼ିଆଗୁଣ୍ଡ, ଚେରୀ, ଲବଙ୍ଗ, ପାନମହୁରି, ଏପରି ୧୦ରୁ ୧୨ ପ୍ରକାର ମସଲା ଦେଇ ପ୍ରସ୍ତୁତ କରାଯାଏ । ସେଥିପାଇଁ ରଜପାନ ସମ୍ପୂର୍ଣ୍ଣ ଅଲଗା ।

**ରଜଗୀତ:**

ରଜପର୍ବରେ ରଜଗୀତର ସ୍ୱତନ୍ତ୍ର ଭାବେ ଆଦର ରହିଛି । ଦୋଳି ଖେଳିବା ବେଳେ ଝିଅ ବୋହୂମାନେ ଏହି ଗୀତ ଗାଇଥାନ୍ତି । ଏହି ଗୀତ ବେଶ୍ ଜଣାଶୁଣା । ଯାହା ଗାଁ ଗହଳିରୁ ଜନ୍ମ ନଇ ପୁରୁଷ ପୁରୁଷ ଧରି ଲୋକଙ୍କ ମୁଖରୁ ଶୁଣାଯାଉଥିଲା । କ୍ରମେ ଓଡ଼ିଆ ସାହିତ୍ୟ ଭିତରକୁ ଏହି ଗୀତ ପ୍ରବେଶ କରିଛି ମଧ୍ୟ ।

"ବନସ୍ତେ ଡାକିଲା ଗଜ,
ବରଷକେ ଥରେ ଆସିଛି ରଜ,



▲ ଫଟୋ ସୌଜନ୍ୟ ଓ ରୂପାୟନ : ରିୟା ନନ୍ଦ

ଆସିଛି ରଜଲୋ
ଘେନି ନୂଆ ସଜବାଜ
ରଜ ଦୋଳି କଟମଟ,
ମୋ ଭାଇ ମଥାରେ
ସୁନା ମୁକୁଟ ଲୋ,
ଦିଶୁଥାଏ ଝଟଝଟ ।''
ଚଉରା ମୂଳରେ ଚିତା
ଏବାଟେ ଗଲେ କି ମୋହରି ସିନା ଲୋ
ଦିଶିଗଲା ପ୍ରାଟଛତା ।

**ସହରରେ ରଜ ଫିକାଫିକା:**

କହିବାକୁ ଗଲେ ସହରରେ ରଜ ଫିକାଫିକା । ଗାଁର ରଜ ସହରରେ ନାହିଁ । ରଜର ଆକର୍ଷଣ ଦୋଳି । ନାଁ ଆମ୍ବ ତୋଟା, ପୋଖରୀ କୂଳରେ ଆଜି ବି ଦୋଳିଟିଏ ବନ୍ଧା ହୋଇଥାଏ । ଯେଉଁଠି ଅନୂଢ଼ା ଯୁବତୀଟିଏ ପେଙ୍ଗାମାରି ମଥାନ ଛୁଏଁ ଗଛରେ । ସହର ବଜାରରେ ଏ ସୁବିଧା ନିଶ୍ଚୟ ନାହିଁ କିନ୍ତୁ ଦୋଳି ସଂସ୍କୃତି ସମ୍ପୂର୍ଣ୍ଣ ଲୋପ ପାଇନି । ବର୍ତ୍ତମାନ କଂକ୍ରିଟ ଘରେ ବାଲକୋନିରେ ଝୁଲୁଛି ଦୋଳି । ଘର ତିଆରି ବେଳରୁ ଯୋଜନା କରି ଅଧିକାଂଶ ଲଗାଇ ଦେଉଛନ୍ତି ଦୋଳି । ଭିନ୍ନ ଭିନ୍ନ ଷ୍ଟାଇଲରେ ଦୋଳି ମଧ୍ୟ ଆସୁଛି ଏବଂ କେବଳ ଘରେ ଝୁଲିବା ସହ ଘରର ପରିଧିକୁ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି । ଏହା ବ୍ୟତୀତ ପ୍ଲାଷ୍ଟିକର ଦୋଳି ମଧ୍ୟ ମିଳୁଛି । ଯାହାକୁ ସହଜରେ ଲଗାଯାଇ କଢ଼ାଯାଇ ପାରୁଛି ମଧ୍ୟ । ଏତଦ୍‌ବ୍ୟତୀତ ପାର୍କରେ ସୁସଜ୍ଜିତ ଫୁଲରେ ଦୋଳିକୁ ରଜପାଲ ସଜାଯାଉଛି, ଯାହା ଦେଖିବାକୁ ଆକୃଷ୍ଟ ଲାଗୁଛି ।



**ପ୍ରବାସୀ ଓଡ଼ିଆଙ୍କ ରଜପାଳନ:**


ଓଡ଼ିଶା ବାହାରେ ଯଥା ପୁନେ, ମୁମ୍ବାଇ, ବାଙ୍ଗାଲୋର, ଦିଲ୍ଲୀରେ ରହୁଥିବା ଓଡ଼ିଆ ଓଡ଼ିଶାର ପର୍ବ ରଜକୁ ବଡ଼ ଧୁମଧାମରେ ପାଳିଥାନ୍ତି, ସେମାନଙ୍କର ଜାଗା ଅନୁଯାୟୀ ବିଭିନ୍ନ ଗ୍ରୁପ ଅଛି । ପଇସା ଆଦାୟ କରି ୪ଦିନ ଯାକ ଛୁଟି ନେଇ ଗୋଟିଏ ସ୍ଥାନରେ ପିଠାପଣା, ପାନ, ନାଚଗୀତ, ସମସ୍ତ ଆୟୋଜନ କରି ଓଡ଼ିଶା କଥା ମନେପକାଇଥାନ୍ତି ।

**କମୁଛି ରଜର ଆଦର:**

ସମୟର ପ୍ରଭାବ ପଡୁଛି ସମସ୍ତଙ୍କ ଉପରେ । ଅଧିକାଂଶ କର୍ମଜୀବୀ ସହରକୁ ସେମାନଙ୍କ ଇପ୍‌ସିତ ସ୍ଥାନ କରିଥିବାରୁ ଅଧିକାଂଶ ପର୍ବ ଏବେ ଅସ୍ତିତ୍ୱ ହାଉଛି । ଗାଁରେ ମଧ୍ୟ ସହରୀ ଚାକଚକ୍ୟ ଆଦର ଜମିଲାଣି । ତେଣୁ ଗାଁକୁ ଗଲେ ସହର-ଗାଁର ଫରକ ଅନୁଭବ କରିହେଉନି । ବ୍ୟସ୍ତ ଜୀବନରେ ରହି ରଜମହଲକୁ କେହି ଆଉ ମନଭରି ଉପଭୋଗ କରିପାରୁ ନାହାଁନ୍ତି । ସବୁ ଲାଗୁଛି ନୀରସ । ନାହିଁ ସେ ପାନଖିଆ କି ସାଙ୍ଗସାଥି ଦୋଳିଖେଳି ।

# ଚଳନ୍ତା ବହିମେଳା

ପାଠକଙ୍କ ପାଖରେ ବହି ପହଂଚେଇବା ସ୍ୱପ୍ନରୁ ଦିନେ ପାଦରେ ଚାଲି ଚାଲି ଆରମ୍ଭ ହୋଇଥିବା ବହିର ଏ ଯାତ୍ରା ଆଜି ବହିର ଏକ ଭ୍ୟାନ୍‌ରେ ଭାରତର କୋଣ ଅନୁକୋଣରେ ପହଞ୍ଚିଲାଣି । ଭାରତର ୨୦ଟି ରାଜ୍ୟ ଦେଇ ମୋଟ ୧୦ ହଜାର କିଲୋମିଟର ଅତିକ୍ରମ କରି ସାରିଲେଣି 'ୱ୍ୱାକିଂ ବୁକ୍‌ଫେୟାର୍'ର ଦୁଇ ଉଦ୍ୟୋକ୍ତା : ଅକ୍ଷୟ ଓ ଶତାବ୍ଦୀ । ଓଡ଼ିଶାର ଭୁବନେଶ୍ୱରରେ ରହନ୍ତି । ଭୁବନେଶ୍ୱରର ପଥପ୍ରାନ୍ତରୁ ଆରମ୍ଭ ହୋଇ ଏବେ ହାଇଦ୍ରାବାଦ, ମହୀଶୂର, ବାଙ୍ଗାଲୋର, ଚଣ୍ଡୀଗଡ଼, ଡେରାଡୁନ୍, ଆଗ୍ରା, ଗ୍ରେଟର ନୋଏଡ଼ା, ପାଟନା, ରାଞ୍ଚି, ଲକ୍ଷ୍ନୌ, କୋଚି ଆଦି ୩୦ଟି ବଡ଼ ସହର ସମେତ ୧୦୦ରୁ ଅଧିକ ସହରରେ ପହଞ୍ଚିଛି ଅକ୍ଷୟ ଓ ଶତାବ୍ଦୀଙ୍କ ବହି ଭ୍ୟାନ୍ । ଉଭୟ ଭାରତୀୟ ଓ ବିଦେଶୀ ଲେଖକଙ୍କ ବିରଳ ବହିସବୁ ନେଇ ଭାରତର ପ୍ରତି କୋଣରେ ପହଞ୍ଚାଇବାକୁ ଉଦ୍ୟମ କରୁଥିବା ଏ ଦୁଇଜଣଙ୍କ କାହାଣୀ ଆମର ପ୍ରତିବେଦନ ।।



## ପାର୍ଥ ସାରଥୀ ରାଉତ


ଶୈଳଶ୍ରୀବିହାର, ଭୁବନେଶ୍ୱର
ଫୋନ : ୯୪୩୮୨୯୦୪୯୧


ଫଟୋ ସୌଜନ୍ୟ : ଲେଖକ ଓ ଅକ୍ଷୟ



ଯେଉଁଠି ପୁସ୍ତକର ପ୍ରଶ୍ନ ଉଠୁଛି, ସେଠାରେ କୌଣସି ପରିସୀମା ରହିବା ଅନୁଚିତ । ବହି ସମସ୍ତଙ୍କ ପାଇଁ, ସମସ୍ତଙ୍କର ଓ ସମସ୍ତଙ୍କ ଦ୍ୱାରା । ତମାମ୍ ପୃଥିବୀକୁ ବଦଳାଇ ଦେବାର ଶକ୍ତି କେବଳ ବହିର ହିଁ ଅଛି । ତେଣୁ ତୃଷିତ ପାଠକଟେ ଯେମିତି କୌଣସି କାରଣରୁ ପଢ଼ିବାରୁ ବଞ୍ଚିତ ନହୁଏ ଏବଂ ପାଠକର ପୃଥିବୀରେ କୌଣସି ସୀମା ସରହଦ ନରହୁ- ଏଇ ନିଆରା ଅନୁଭବରୁ ହିଁ ଆରମ୍ଭ ହୁଏ ଦୁଇ ପୁସ୍ତକପ୍ରେମୀଙ୍କ ଅଭିନବ ଅଭିଯାନ । ସର୍ବତ୍ର ବହି ପହଞ୍ଚାଇ ଏକ 'ସୀମାନ୍ତହୀନ ବହିର ବିଶ୍ୱ' ଗଢିବାର ସଂକଳ୍ପରୁ ସୃଷ୍ଟି : 'ଓ୍ୱାକିଂ ବୁକ୍‌ଫେୟାର' । ଅର୍ଥାତ, ଚଳନ୍ତା ବହିମେଳା ।

ଜଣେ ମହାନ ସ୍ରଷ୍ଟା କହିଥିଲେ : ଲିଖିତ ବହି ହେଉଛି ଲେଖକ ଓ ପାଠକ ଭିତରେ ସୁନ୍ଦର ବୁଝାମଣାଟିଏ । କିନ୍ତୁ ଦୁର୍ଭାଗ୍ୟର କଥା, ଅନେକ ସମୟରେ ଏହି ବୁଝାମଣା ହୋଇ ପାରିନଥାଏ । କାରଣ ନିଜ ଆକାଂକ୍ଷିତ ପୁସ୍ତକକୁ ଅନେକେ ପାଖରେ ପାଇପାରନ୍ତି ନାହିଁ । କେବେ ବୁକ୍ ଷ୍ଟୋର୍‌ରେ ମିଳେନି ତ କେବେ ଲାଇବ୍ରେରୀରେ ନଥାଏ । ବୁକ୍ ଫେୟାର୍‌ରେ ଉପଲବ୍ଧ ଥିଲେ ବି ସେଠାକୁ ଯାଇ କିଣିବା ପାଇଁ ଅନେକଙ୍କ ପାଖରେ ନା ଥାଏ ସମୟ ନା ସୁଯୋଗ । ଏପରିକି ବୁକ୍ ଫେୟାର୍ ବି ସବୁଆଡ଼େ ସବୁବେଳେ ଆୟୋଜିତ ହେଉନି । କୌଣସି ନା କୌଣସି କାରଣରୁ ଅନେକ ସମୟରେ ପାଠକ ଓ ବହି ଭିତରେ ବଢେ ଦୂରତା । ବହି ପାଇଁ ପାଗଳ ଅକ୍ଷୟ ଓ ଶତାବ୍ଦୀ ଛାତ୍ରାବସ୍ଥାରୁ ଏମିତି ହିଁ କିଛି ପରିସ୍ଥିତିର ସାମ୍ନା କରିଥିଲେ । ଆବେଗର ସହ ଚାହୁଁଥିବା ଓ ଖୋଜୁଥିବା ବହି ସେମାନେ ପାଉନଥିଲେ । କେବଳ ସେତିକି ନୁହେଁ, ଏକାଧିକ କାରକ ବି ସେମାନଙ୍କ ବାଟରେ ବାଧକ ସାଜିଥିଲା । ପୁସ୍ତକ ଓ ପରିସ୍ଥିତି ସିନା ନିରାଶ କଲା, କିନ୍ତୁ ପଢ଼ିବାର ନିଶା ଓ ପଢ଼େଇବାର ସଂକଳ୍ପ ଶତାବ୍ଦୀ ମିଶ୍ର ଓ ଅକ୍ଷୟ ରାଉତରାୟ ଦେଲା ଭିନ୍ନ ପରିଚୟ । ୨୦୧୪ରେ ଉଭୟ ଆରମ୍ଭ କଲେ: ଓ୍ୱାକିଂ ବୁକ୍ ଫେୟାର୍ । ବା ଟ୍ରାଭେଲିଂ ଲାଇବ୍ରେରୀ ବା ବୁକ୍ ଅନ୍ ହୁଇଲ୍ । ଯାହା ବି କହିପାରନ୍ତି । ବହି ସହ ବନ୍ଧୁତା ଓ ବହିକୁ ନେଇ ବ୍ୟବସାୟ ଆରମ୍ଭ ହେଲା । ତେବେ ଏଥିରେ ଥିଲା ଭୀଷଣ ରିସ୍କ୍ ଆଉ ଚାଲେଞ୍ଜ୍ । କିନ୍ତୁ ଦୁହେଁ ଏ ଆହ୍ୱାନକୁ ଗ୍ରହଣ କଲେ । କାରଣ ଅନ୍ୟକିଛି କରିଥିଲେ ସେମାନେ ସେତିକି ଆତ୍ମସନ୍ତୋଷ ପାଇନଥାନ୍ତେ, ଯାହା ସଂପ୍ରତି ସେମାନେ ଏଥିରୁ ପାଉଛନ୍ତି ।



ଚଳନ୍ତା ବହିମେଳା । ଭ୍ରାମ୍ୟମାଣ ବହିଘର । ସତରେ ଭାବି ହେଉନି । ଗୋଟେ ସ୍ୱତନ୍ତ୍ର ଗାଡ଼ିରେ ଥାକ ଥାକ ବହିକୁ ନେଇ ଚଳନ୍ତା ବହିଦୋକାନର ପରିକଳ୍ପନା । ଖୁବ୍‌ଗୁଡ଼ାଏ ବହି କିଣି ସେସବୁକୁ ଗାଡ଼ିରେ ଥିବା ଥାକରେ ସଜାଇ ବିଭିନ୍ନ ସ୍ଥାନକୁ ନେଇ ପାଠକଙ୍କ ହାତ ପାଆନ୍ତାରେ ପହଞ୍ଚାଇବା ଏ ଅଭିଯାନର ଲକ୍ଷ୍ୟ । ଖାଲି ବିକି ଦେଇ ଦାୟିତ୍ୱ ସାରିବା ନୁହେଁ, ପାଠକଙ୍କ ସହ ମିଶି ବହି ବାଖ୍ୟାନ କରିବା । ଅର୍ଥାତ୍ ବହିର ଗୁରୁତ୍ୱ ବୁଝାଇବା ସହ ଭଲ ଲେଖା ଓ ଲେଖକଙ୍କ ସମ୍ପର୍କରେ ପାଠକଙ୍କ ସହ ଆଲୋଚନା କରିବା । ଚାଲୁ ଚାଲୁ ଯେଉଁଠି ରାତି ପଡ଼ିବ, ସେଇଠି ଶୋଇବା ପାଇଁ ଜାଗା ଖୋଜିବା । ପୁଣି ସକାଳ ହେଲେ ପାହାଡ଼ିଆ ରାସ୍ତାରେ କେଉଁ ଛୋଟିଆ ଗାଁକୁ ଗାଡ଼ି ମୁହାଁଇବା ବା ରାଜପଥ ଛାଡି ଚିରି ପୁଣି ଗୋଟେ ଅଜଣା ସହରର ବସ୍ ଷ୍ଟପ୍‌ରେ ଗାଡ଼ି ଅଟକାଇବା... ଏସବୁ କମ୍ ଦୁଃସାହସିକ କଥା ନୁହେଁ ! ବିଶେଷକରି ଡିଜିଟାଲ୍ ଓ ଇଲେକ୍ଟ୍ରୋନିକ୍ ମିଡ଼ିଆ ଯୁଗରେ ବହି ଉପରୁ ଯୁବପିଢ଼ି ମୁହଁ ଫେରାଉଥିବା ବେଳେ ଏମିତି ଏକ ଆପଦପୂର୍ଣ୍ଣ ପଦକ୍ଷେପ ନେବା ସତରେ ନିଆରା ।

କଥା ହେଉ ହେଉ ଶତାବ୍ଦୀଙ୍କୁ ପଚାରିଲି, କାହିଁକି ଏମିତି ରାସ୍ତାଟେ ବାଛିଲେ ? ସଦ୍ୟ ପହଞ୍ଚିଥିବା ନୂଆ

ବହିଗୁଡ଼ିକୁ ଥାକରେ ସଜେଇ ରଖୁ ରଖୁ ସେ କହିଲେ, “ଏଠି ବହିର ଅଭାବ ଆମେ ଅନୁଭବ କଲୁ । ତେଣୁ ଓଡ଼ିଶାରେ ବହିକୁ ନେଇ କିଛି ଗୋଟେ କରିବାକୁ ଚିନ୍ତା କଲୁ । ଅନେକ ଭାବିଲୁ, ରାଜ୍ୟର କୋଣ ଅନୁକୋଣରେ ବହି ପହଞ୍ଚାଇବାକୁ କଥାଟି ମନକୁ ଛୁଇଁଲା । ସେଇଠୁ ଜନ୍ମ ନେଲା ୱାକିଂ ବୁକ୍ ଫେୟାର୍ କନ୍‌ସେପ୍ଟ ।”

ଆରମ୍ଭ ବେଳେ ଉଭୟଙ୍କ ପାଖରେ ସମ୍ବଳ ନଥିଲା ସତ କିନ୍ତୁ ଆଖିରେ ଥିଲା ଆଖିଏ ସ୍ୱପ୍ନ । ବହି କିଣି ଏହାକୁ ମୁଭିଂ ଲାଇବ୍ରେରୀର ରୂପେ ଦେବା ପାଇଁ ନା ଥିଲା ସେମାନଙ୍କ ପାଖରେ ଅର୍ଥ, ନା ଥିଲା ଚାରିଚକିଆ ଗାଡ଼ି । ତଥାପି କାହାର ଅନୁକଂପାକୁ ଅପେକ୍ଷା ନକରି ପ୍ରଥମେ ବ୍ୟାଗ୍‌ରେ ବୋହି କୋରାପୁଟର ଏକ ନିପଟ ମଫସଲ ଅଞ୍ଚଳ ସେମିଳିଗୁଡ଼ାରୁ ଆରମ୍ଭ ହୋଇଥିଲା ଅଭିଯାନ । ସ୍ୱପ୍ନ ଥିଲେ ଲାଜ କଣ ? ପ୍ରୟାସ ଥିଲେ ଅସମ୍ଭବ ବା କେଉଁଟା ? ଲୋକ ସମାଗମ ଓ ମାର୍କେଟ୍ ପ୍ଲେସ୍ ଦେଖି ସେଇଠି ହିଁ ଖୋଲୁଥିଲେ ବହିର ପସରା ଅକ୍ଷୟ ଓ ଶତାବ୍ଦୀ । ବସ୍ ଷ୍ଟାଣ୍ଡ, ଫୁଟ୍‌ପାଥ୍, ଷ୍ଟେସନ୍ ଆଦି ଥିଲା ଉଭୟଙ୍କ ପାଇଁ ବହି ବିକିବାର ପ୍ରକୃଷ୍ଟ ପ୍ଲାଟ୍‌ଫର୍ମ । ସବୁଠୁ ଆଶ୍ଚର୍ଯ୍ୟର କଥା ଯେ ଗ୍ରାମୀଣ ଓଡ଼ିଶାରୁ ହିଁ ଆରମ୍ଭ ହୋଇଥିଲା ଏ ଯାତ୍ରା । ବିଭିନ୍ନ ଜିଲ୍ଲାର ମଫସଲ ଅଞ୍ଚଳ ବୁଲିବା ଭିତରେ ସବୁଠୁ ଅଧିକ ଆଗ୍ରହ ଥିଲା ଛୋଟପିଲାମାନଙ୍କ ଭିତରେ । ବହିଟେ କିଣିବା ମାତ୍ରେ ସେମାନେ ସେହିଠାରେ ହିଁ ପଢ଼ିବା ଆରମ୍ଭ କରି ଦେଉଥିଲେ । ଅନେକ ଜାଗାରେ ଅକ୍ଷୟ ଓ ଶତାବ୍ଦୀ ସେମାନଙ୍କୁ ସାଥ୍ ଦେଉଥିଲେ । ସାଜୁଥିଲେ ଷ୍ଟୋରୀ ଟେଲର୍ । ଗପ ଶୁଣାଉଥିଲେ । ରାସ୍ତାକଡ଼ରେ ଆୟୋଜିତ ହେଉଥିଲା ରିଡିଂ ସେସନ୍, ଷ୍ଟୋରୀ ଟେଲିଂ କମ୍ପିଟିସନ୍ । ସବୁଠୁ ଲୋକପ୍ରିୟ କାର୍ଯ୍ୟକ୍ରମ ଥିଲା ‘ପୋଏମ୍ସ ଅନ୍ ଦ ରୋଡ୍’ ବା ପଥପ୍ରାନ୍ତ କବିତାପାଠ । ଗପଟେ ବା କବିତାଟେ ଆବୃତ୍ତି ସରିବା ପର୍ଯ୍ୟନ୍ତ ପିଲାମାନଙ୍କ ସହିତ ବେଶ୍ ପାଠକୀୟ ମନୋରଂଜନ କରୁଥିଲେ ଦୁହେଁ । ଯଦି କୌଣସି ପିଲାର ଆଖିରେ ପଢ଼ିବାର ନିଶା ଦେଖୁଥିଲେ କିନ୍ତୁ ପଇସା ନଥିବାରୁ ବହିଟେ କିଣି ପାରୁନଥିଲା ବୋଲି ହୃଦ୍‌ବୋଧ ହେଉଥିଲା ତେବେ ‘ୱାକିଂ ବୁକ୍ ଫେୟାର୍’ ସେମାନଙ୍କୁ ମାଗଣାରେ ବହିଟେ ବଢ଼ାଇ ଦେଉଥିଲା । ଚେନାଏ ହସ ସେ ପିଲାର ମୁହଁରେ ଫୁଟି ଉଠୁଥିଲା । ଶତାବ୍ଦୀ ଓ ଅକ୍ଷୟ, ସହସା ସେମାନଙ୍କ ଛାତ୍ରାବସ୍ଥାକୁ ଫେରିଗଲେ କିଛି ସମୟ ପାଇଁ ।




ବହି ଧରି ଚାଲି ଚାଲି ଭାରତ ଆବିଷ୍କାର ସମ୍ଭବ ନୁହେଁ । ଚାରିଚକିଆ ଦରକାର ପଡ଼ିଲା । କିଛିଦିନ ଭିତରେ ଗାଡ଼ିଟେ କିଣିବାକୁ ସ୍ଥିର କଲେ ସିନା, ଉଭୟଙ୍କ ପାଖରେ ଏଥିପାଇଁ ସମ୍ବଳ ନଥିଲା । କିନ୍ତୁ ଯେଉଁ କଲେଜ୍ ସାଙ୍ଗମାନେ ଅକ୍ଷୟ ଓ ଶତାବ୍ଦୀଙ୍କ ଆଖିରେ ଏ ଝୁଙ୍କ୍ ଦେଖି ପାରିଥିଲେ, ସେମାନେ ଏ ସମୟରେ ଚୁପ୍ ବସିଲେ ନାହିଁ । ସେମାନେ ଚାରିଚକିଆ ପାଇଁ କିଛି କିଛି ଅର୍ଥ ସହଯୋଗ କଲେ । ଏହି ସୀମିତ ଅର୍ଥରେ ଏକ ପୁରୁଣା ମାରୁତି ଓମ୍ନି ହିଁ କିଣିବାକୁ ସକ୍ଷମ ହୋଇଥିଲେ ଅକ୍ଷୟ । ଆମ୍ବୁଲାନ୍ସ ଭାବେ ବ୍ୟବହୃତ ହେଉଥିବା ଏକ ମାରୁତି କିଣି ତାର କଳେବର ବଦଳାଇଥିଲେ । ଗାଡ଼ି ଉପରେ ହ୍ୟାଣ୍ଡ୍ ପେଣ୍ଟିଂ କରି ବହିବହି ସେଣ୍ଟିମେଣ୍ଟ୍ ଦେବାକୁ ସବୁ ପ୍ରକାର ଉଦ୍ୟମ କରିଥିଲେ । ଏଥର ଗାଡ଼ି ନେଇ ପୁଣି ବାହାରିଗଲେ ସେଇ ମଫସଲ ଗାଁକୁ ଓ ଛୋଟ ସହରମାନଙ୍କୁ । ତେବେ ଅକ୍ଷୟ ଓ ଶତାବ୍ଦୀ ମେଗା ଅଭିଯାନ ଆରମ୍ଭ କରିଥିଲେ ୨୦୧୫ରେ । ୨୦୧୫ ଡିସେମ୍ବରରୁ ଆରମ୍ଭ ହୋଇଥିଲା ଯାତ୍ରା । ବୁକ୍ ଟ୍ରକ୍ (ଭ୍ୟାନ୍)ରେ ସର୍ବଭାରତୀୟ ମାରାଥନ୍ ଟୁର୍ କରି ୨୦୧୬ ମାର୍ଚ୍ଚରେ ଏହି ଅଭିଯାନ ସଂପୂର୍ଣ୍ଣ କରିଥିଲେ । ଭ୍ୟାନ୍‌ରେ ଉଭୟେ ୪୦୦୦ରୁ ଅଧିକ ସଂଖ୍ୟକ ବହି ନେଇ ଭୁବନେଶ୍ୱରରୁ ବାହାରିଥିଲେ । ସେଥିରୁ କେବଳ ଜଣାଶୁଣା ଇଂରାଜୀ କବିଙ୍କ ବଛା ବଛା ୫୦୦ କବିତା ସଂକଳନ ହିଁ ଥିଲା । ଇତିମଧ୍ୟରେ ୨୦ଟି ରାଜ୍ୟ ଦେଇ ମୋଟ ୧୦ ହଜାର କିଲୋମିଟର ଅତିକ୍ରମ କରି ସାରିଛନ୍ତି ଅକ୍ଷୟ ଓ ଶତାବ୍ଦୀ । ହାଇଦ୍ରାବାଦ, ମହୀଶୂର, ବାଙ୍ଗଲୋର, ଚଣ୍ଡୀଗଡ଼, ଡେରାଡୁନ୍, ଆଗ୍ରା, ଗ୍ରେଟର ନୋଇଡ଼ା, ପାଟନା, ରାଞ୍ଚି, ଲକ୍ଷ୍ନୌ, କୋଚି ଆଦି ୩୦ଟି ବଡ଼ ସହର ସମେତ ୧୦୦ରୁ ଅଧିକ ସହରରେ ପହଞ୍ଚି ବହି ବିକିଛନ୍ତି । ଉଭୟ ଭାରତୀୟ ଓ ବିଦେଶୀ ଲେଖକଙ୍କ ବିରଳ ବହିସବୁ ନେଇ ଭାରତର ପ୍ରତି କୋଣରେ ପହଞ୍ଚାଇବାକୁ ଉଦ୍ୟମ କରିଛନ୍ତି ଉଭୟ । ଭୁବନେଶ୍ୱରରୁ ବାହାରିଥିବା ଏହି ୱାକିଂ ବୁକ୍ ଫେୟାର ପାଇଁ ଏପରି ଯାତ୍ରା ଯେତିକି ଦୁଃସାହସିକ ଥିଲା, ସେତିକି ଖର୍ଚ୍ଚ ବହୁଳ ମଧ୍ୟ ଥିଲା ।



ତେବେ ଏହି ଯାତ୍ରା ବେଳେ ସେମାନେ ଅତି ନିକଟରୁ ଭାରତକୁ ଦେଖିଛନ୍ତି । ଏ ନେଇ ଅକ୍ଷୟ କହନ୍ତି, “କୋଡ଼ିଏଟି ରାଜ୍ୟ ବୁଲିବା ଭିତରେ ଯାହା ଆମେ ଦେଖିଛୁଁ କି ଖୁବ୍ କମ୍ ଲୋକ ବହି (ଟେକ୍ସଟ୍ ବୁକ୍ ବ୍ୟତୀତ ଅନ୍ୟ ବହି) ପଢୁଛନ୍ତି । ଅନେକେ ତ ପାଉନାହାନ୍ତି, କିଛି ଲୋକଙ୍କର ଆଗ୍ରହ ଇ ନାହିଁ । ଏପରିକି ସଂଖ୍ୟାଧିକ ଛୋଟପିଲାଙ୍କ ବାଲ୍ୟାବସ୍ଥା ବିନା ଗପବହିରେ ମଧ୍ୟ କଟୁଛି । ବହୁ ଅଭିଭାବକ ପିଲାଙ୍କ ମାର୍କ ପାଇଁ ବ୍ୟସ୍ତ । କିନ୍ତୁ ଟେକ୍ସଟ୍ ବୁକ୍ ଛଡ଼ା ଅନ୍ୟ ବହି ଯୋଗାଇ ଦେବାକୁ ନାରାଜ । ଅନେକ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ବା କଲେଜ୍‌ରେ ବି ଲାଇବ୍ରେରୀ ନାହିଁ । ଆଉ ଯେଉଁଠି ଲାଇବ୍ରେରୀମାନ ଅଛି, ତାହା ନାମକୁ ମାତ୍ର । ଖୁବ୍ ବେଶି ବହି ସେଠାରେ ନାହିଁ । ଯେଉଁ ଦେଶରେ ପ୍ରତ୍ୟକ୍ଷ ଭାବେ ଗୋଟେ ସରକାର ବାଛିବାର ଦାୟିତ୍ୱ ଲୋକଙ୍କ କାନ୍ଧରେ ନ୍ୟସ୍ତ, ସେଠାରେ ସଂଖ୍ୟାଧିକ ଲୋକ ବହି ପଢ଼ି ନପାରିବା କଥା ଆଦୌ ଚିନ୍ତା କରି ହେଉନି ।” ଶତାବ୍ଦୀଙ୍କ ମତ ହେଲା : “ବହି ବିକିବା ଭିତରେ ଆମେ ବିଭିନ୍ନ ରାଜ୍ୟର ଲୋକମାନଙ୍କ ଲାଇଫ୍ ଷ୍ଟାଇଲ୍ ଠୁ ନେଇ ଖାଦ୍ୟାଭ୍ୟାସ, ସଂସ୍କୃତି, ସାହିତ୍ୟ ପ୍ରତି ଅନୁରକ୍ତି, ଚିନ୍ତାଧାରା ଆଦି ପରଖିଛୁ । ଏବେ ବି ଅଧିକାଂଶ ଅଞ୍ଚଳରେ ଲୋକେ ଶୁଦ୍ଧ ପାଣି ପିଇବାକୁ ପାଉ ନାହାନ୍ତି । ତେଣୁ ସବୁଠି ବିଶୁଦ୍ଧ ପାଣି ପହଞ୍ଚିବା ଯେପରି ଜରୁରୀ, ସମସ୍ତଙ୍କ ପାଖରେ ବହି ପହଞ୍ଚାଇବା ବି ଅନୁରୂପ ଭାବେ ଆବଶ୍ୟକ ।”

ବହୁ ପ୍ରତିବନ୍ଧକ ସତ୍ତ୍ୱେ ଅଭିଯାନକୁ ବ୍ୟାପକ କରିଛନ୍ତି ଅକ୍ଷୟ ଓ ଶତାବ୍ଦୀ । ଏବେ ନୂଆ ସ୍ୱପ୍ନ : 'ରିଡ୍ ମୋର୍ ଇଣ୍ଡିଆ' । ସମସ୍ତଙ୍କ ହାତରେ ବହି ରଖିବା ଏହି ଅଭିଯାନର ଲକ୍ଷ୍ୟ । ବହିମଣିଷ ଭାବେ ପରିଚିତ ଅକ୍ଷୟ ଓ ଶତାବ୍ଦୀଙ୍କ ଏ ଅଭିଯାନ ଯେତିକି ଉତ୍ସାହଜନକ ମନେହେଉଛି ସେତିକି ପ୍ରଶ୍ନବାଚୀ ବି ଠିଆ କରାଉଛି । କର୍ପୋରେଟ୍ ବିଶ୍ୱର ଫ୍ଲାଟ୍, ଜିମ୍, ରେଷ୍ଟୁରାଣ୍ଟ୍, ସୁଇମିଂପୁଲ୍ ପରି ଆଧୁନିକ ଆମେନିଟିଜ୍ ପ୍ରତିଯୋଗିତା ମଧ୍ୟରେ ଏପରି ବହି ଆନ୍ଦୋଳନ ତିଷ୍ଠିବ ତ ? କ୍ଷୁଦ୍ରଶିଳ୍ପ ଓ ଅନ୍ୟାନ୍ୟ କ୍ଷେତ୍ର ପରି ଏହାକୁ କାହିଁକି ଶିଳ୍ପର ମାନ୍ୟତା ମିଳିବ ନାହିଁ ? କାହିଁକି ସରକାରୀ ବ୍ୟବସ୍ଥାରେ ଗୋଟିଏ ଫର୍ଦ୍ଦ ବହିବାଲାଙ୍କ ପାଇଁ ରହିବ ନାହିଁ ? ତଥାକଥିତ ଲେଖକମାନେ କେବଳ ନିଜର ବହିଟିଏ ଛାପି ଲୋକାର୍ପଣ କରିଦେଇ ପୁରସ୍କାର ପଛରେ ଦୌଡ଼ିଲେ ହେବନି, ଯା ଉପରେ ଅତି ଗଭୀର ଭାବେ ଚିନ୍ତା କରିବାକୁ ପଡ଼ିବ । ଅକ୍ଷୟ ଓ ଶତାବ୍ଦୀଙ୍କ ପରି ବହିବାଲାମାନେ ଏହାଦ୍ୱାରା କ୍ଷତିଗ୍ରସ୍ତ ହେବେନି । ଆର୍ଥିକ ଭାବେ କ୍ଷତି ସହିଲେ ବି ସେମାନେ ଯାହା କରିଛନ୍ତି, ଜୀବନଟିଏ ପାଇଁ ମୂଲ୍ୟବାନ ସଂପତ୍ତି ପରି ସଂରକ୍ଷିତ ହୋଇ ରହିବ ।

## ସଫଳ ସ୍ରଷ୍ଟା 'ବହିବାଲା ଅକ୍ଷୟ'

'ବୁକ୍ ଅନ୍ ହ୍ୱିଲ'ର ସଂଘର୍ଷ ସତ୍ତ୍ୱେ ନିଜ କଲମକୁ ବିରତି ଦେଇନାହାନ୍ତି ଅକ୍ଷୟ । ବହି ପ୍ରଚାର ପ୍ରସାର କରିବା ଭିତରେ ନିଜ ଭିତରେ ଝଙ୍କୃତ ହେଉଥିବା ସୃଜନୀକୁ ଥମି ଯିବାକୁ ଦେଇ ନାହାନ୍ତି । ଯା ଭିତରେ ତାଙ୍କର ଚାରିଟି ପୁସ୍ତକ ପ୍ରକାଶିତ ହୋଇଛି । ଲଙ୍ଗଳା ଦେହ ଦାମି ପୋଷାକ, ରେଷ୍ଟୋରାଁ, ନିର୍ବାଚନ ଏବଂ ଅଇଁଠା ପ୍ଲେଟ୍, ରାସ୍ତା ଓ ଚମ୍ପା- ଏହିପରି ଚାରିଟି ବହି ପାଠକଙ୍କୁ ଭେଟି ଦେଇଛନ୍ତି ସେ । ଅକ୍ଷୟଙ୍କ ସହ କଥା ହେଉ ହେଉ ତାଙ୍କ ପୁସ୍ତକ ଭଣ୍ଡାର (ବହି ରେଷ୍ଟୁରାଣ୍ଟ)ରେ ବସି ବେଶ୍ କିଛି ପୃଷ୍ଠା ପଢ଼ିଥିଲି । ଦେଖିଲି, ଅନେକ ଲେଖାରେ ବହି ପ୍ରତି ସାଧାରଣରେ ହେୟ ମନୋଭାବ ଓ ସାମାଜିକ ଅସନ୍ତୁଳନ ନେଇ ତାଙ୍କ କଲମରେ କ୍ଷୋଭ ଉତୁରି ଆସିଛି । ପଚାରି ଦେଲି, "ଆପଣଙ୍କର ଏତେ ଅବସୋସ କାହିଁକି ?" ବିନା ସଂକୋଚରେ କହିଲେ, "ଓଡ଼ିଶାରେ ବହିଟିଏ ଲେଖିଲେ ଆପଣଙ୍କୁ ଆଗଧାଡ଼ିର ପ୍ରକାଶକ ଛାପିବେ ନାହିଁ । ନାଁ ବଡ଼ ନାହିଁ ତ ପବ୍ଲିକେଶନ୍ ସଂସ୍ଥାଙ୍କ ନଜର ବି ଆପଣଙ୍କ ଆଡ଼କୁ ନାହିଁ । ଯଦି ନିଜ ଉଦ୍ୟମରେ ବହିଟି ଛାପିଲେ, ତାହେଲେ କୌଣସି ବଡ଼ ଖବରକାଗଜରେ ଅଥବା ପ୍ରତିଷ୍ଠିତ ପତ୍ରିକାରେ ତାହା ସମୀକ୍ଷା ହେବନି । ଏଠି ବୁକ୍ ରିଭ୍ୟୁ ପାଇଁ ଖବରକାଗଜ ଓ



▼ୱାକିଂ ବୁକ୍ ଫେୟାର୍‌ର ଦୁଇ ସ୍ୱପ୍ନ-ବିଜ୍ଞାନୀ: ଅକ୍ଷୟ ଓ ଶତାବ୍ଦୀ

ପତ୍ରିକାରେ ସଂରକ୍ଷଣ ବ୍ୟବସ୍ଥା (କୋଟା) ରହିଛି । ମୋ ଭଳିଆ ଲୋକ ଏତେ କାନ୍‌ଭାସ୍ କରି ପାରିବନି । ଆପଣଙ୍କର ଆଗ୍ରହ ଅଛି, ନିଅନ୍ତୁ, କିନ୍ତୁ ପଢ଼ି ସାରି ମତାମତ ଦେବେ । ବାସ୍, ସେତିକି ମୋ ସମ୍ବଳ ।" ପଢ଼ି ସାରି ଜାଣିଲି, ଅକ୍ଷୟଙ୍କ ଚାରିଟି ଯାକ ବହି ବେଶ୍ ସ୍ୱତନ୍ତ୍ର । ଅଣପାରମ୍ପରିକ ତ ନିଶ୍ଚୟ । ସବୁଠୁ ବିଶେଷ କଥାଟି ହେଉଛି, 'ୱାକିଂ ବୁକ୍ ଫେୟାର୍' ପକ୍ଷରୁ ପ୍ରକାଶିତ ବହିସବୁର ଲେଖକ 'ବହିବାଲା ଅକ୍ଷୟ' ବୋଲି ଉଲ୍ଲେଖ କରିଛନ୍ତି । ଯେଉଁ ନାଁରେ ତାଙ୍କୁ ସମସ୍ତେ ଜାଣନ୍ତି । ଅଳ୍ପରେ ଅନେକ କଥା କହିବାକୁ ଚାହିଁଛନ୍ତି ଓ ବହି ଦୁନିଆରେ ଏକ ଭଲ ପରିବର୍ତ୍ତନ ପାଇଁ ଅପେକ୍ଷା କରିଛନ୍ତି ।

## ବୁକ୍ ରେଷ୍ଟୁରାଣ୍ଟ୍

ଭୁବନେଶ୍ୱର ଖଣ୍ଡଗିରି ନିକଟରେ ଅକ୍ଷୟ ଓ ଶତାବ୍ଦୀ କରିଛନ୍ତି 'ୱାକିଂ ବୁକ୍ ଫେୟାର'ର ପୁସ୍ତକ ଭଣ୍ଡାର । ଏହାକୁ ବୁକ୍ ରେଷ୍ଟୁରାଣ୍ଟ୍ ବି କୁହାଯାଇପାରେ । ବୁକ୍ କେଫ୍ ମଧ୍ୟ । ଏଠାରେ ବୁଲି ବୁଲି ବହି ଦେଖିବା ବ୍ୟବସ୍ଥା ରହିଛି । ଏକ କୋଣରେ ବସି ଆରାମରେ ଜଣେ ବସିକି ପଢ଼ି ମଧ୍ୟ ପାରିବେ । ଲାଇବ୍ରେରୀ ବ୍ୟବସ୍ଥା ବି ରହିଛି । ଅନେକ ଏହାର ସ୍ଥାୟୀ ସଦସ୍ୟ ହୋଇ ପ୍ରତିଦିନ ଆସି ପଢ଼ନ୍ତି । ଛୋଟିଆ ଜାଗାଟେ ହେଲେ ବି ପୁସ୍ତକପ୍ରେମୀଟିଏ ଏଠାରେ ପଢ଼ିବା ବେଳେ ଗାର୍ଡ଼େନ୍‌ରେ ବୁଲି କପେ ଚା ପିଇବାର ମଧ୍ୟ ବ୍ୟବସ୍ଥା ରହିଛି । ପାଠକଙ୍କ ପାଇଁ ଚେୟାର୍, ବେଞ୍ଚ୍ ଥିବା ବେଳେ ମତ ବିନିମୟ ପାଇଁ ଏକ ପାର୍ଶ୍ୱରେ ବେସ୍‌ମେଣ୍ଟ୍ ରହିଛି । ପ୍ରତିଟି ଛୋଟ ଛୋଟ କଥାର ଯତ୍ନ ନେଇ ଚମତ୍କାର ପରିବେଶ ଗଢ଼ି ତୋଳିଛନ୍ତି ଅକ୍ଷୟ ଓ ଶତାବ୍ଦୀ । କେବଳ ସେତିକ ନୁହେଁ, ଏଠାରେ ମଝି ମଝିରେ ବହି ଆସର ହୋଇଥାଏ । ପୁସ୍ତକ ଚର୍ଚ୍ଚା, କବିତା ଆବୃତ୍ତି ସହ ବହି ଲୋକାର୍ପଣ ଓ ପାଠକୀୟ ଆଲୋଚନା ପରିବେଶକୁ ଆହୁରି ସମୃଦ୍ଧ କରିଥାଏ । ଅନ୍ୟୂନ ୨୦ ପ୍ରତିଶତ ରିହାତିରେ ବହି ବିକି ଥାଆନ୍ତି ଅକ୍ଷୟ । ଅବଶ୍ୟ ସେମାନେ ମାନନ୍ତି, ଏମିତି ଏକ ପରିବେଶ ଗଢ଼ି ତୋଳିବା ଖୁବ୍ କଷ୍ଟ ହେଉଛି । ବିନା ପୃଷ୍ଠପୋଷକତାରେ ଏପରି କରିବା ଯେ କେତେ କଷ୍ଟ କେବଳ ବହି ଦୁନିଆରେ ବଞ୍ଚୁଥିବା ଲୋକଟେ ହିଁ ଅନୁଭବ କରିପାରିବ । ନିକଟରେ ଭୟଙ୍କର ବାତ୍ୟା 'ଫନି' ଅକ୍ଷୟ-ଶତାବ୍ଦୀଙ୍କ ବୁକ୍ ରେଷ୍ଟୁରାଣ୍ଟ୍‌ର ବ୍ୟାପକ କ୍ଷତି ଘଟାଇଥିଲେ ବି ଉଭୟଙ୍କ ଦୃଢ଼ ମାନସିକତାକୁ ସାମାନ୍ୟତମ ଦୋହଲାଇ ପାରିନି । ଉଭୟଙ୍କ ନିଷ୍ଠାପର ଉଦ୍ୟମରେ ପୁଣି ପୂର୍ବ କଳେବରକୁ ଫେରୁଛି 'ୱାକିଂ ବୁକ୍ ଫେୟାର'ର ସ୍ଥାୟୀ ନିବାସ ।



# ମହୁଫେଣାର ମାୟା



# ମଇନ ଅଠାର କଳା

**ଦ୍ୱିତୀ ଚନ୍ଦ୍ର ସାହୁ**

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା-୭୬୫୦୦୧
ଫୋନ୍ : ୯୫୫୬୨୮୭୭୭୫

ଫଟୋ ସୌଜନ୍ୟ : ଲେଖକ





◆◆

**ମହୁଫେଣାରୁ ପ୍ରସ୍ତୁତ ହୁଏ ଅଠା ମଇନ । ମଇନରୁ ହୁଏ ଛାଂଚ । ଛାଂଚକୁ ପୋଡିଲେ ହୁଏ ସୁନ୍ଦର ସାମଗ୍ରୀ । ଏମିତି ଏକ ବିରଳ କଳା ଓ କାରିଗରକୁ ନେଇ ରାୟଗଡା ଜିଲ୍ଲା ବିଷମକଟକର ଝିଗିଡି ପ୍ରସିଦ୍ଧ । ବିଦେଶୀ ପର୍ଯ୍ୟଟକଙ୍କ ନିକଟରେ ଏଇ ହାତ ତିଆରି ସାମଗ୍ରୀର ଚାହିଦା ଢେର ଅଧିକ । ଡୋକ୍ରା କଳାକୁ ନେଇ ରେବତୀର ବିଶେଷ ଉପସ୍ଥାପନା ।**

◆◆

ବିରଳ ଜନଜାତି ଡଂଗରିଆ କନ୍ଧ । ନିୟମଗିରିର ପାଦ ଦେଶରେ ବସବାସ କରନ୍ତି ଏଇ ବିରଳ ଜନଜାତି । ନିୟମରାଜା ହେଉଛି ସବୁକିଛି । ପାରଂପରିକ ଭାବେ ଜୀବନକୁ ଜୀଇଁ ଆସୁଥିବା ଡଂଗରିଆ ସୌନ୍ଦର୍ଯ୍ୟ ପ୍ରିୟ । ନିଜକୁ ସଜେଇ ହେବାକୁ ଖୁବ ଭଲ ପାଆନ୍ତି । ସେଥିପାଇଁ ସେମାନେ ବହୁ ଅଳଙ୍କାର ଓ ଆଭୂଷଣରେ ସମଗ୍ର ଶରୀରରକୁ ସଜେଇ ହୋଇଥାନ୍ତି । ମୁଣ୍ଡ ବିଭିନ୍ନ କିସମର  ମୁଣ୍ଡ କଂଟା, ବାଳ ଛପା, କାତି, ଫୁଲ ଲଗେଇ ହୋଇଥିବାବେଳେ ବେକରେ ସ୍ୱତନ୍ତ୍ର ଧରଣର ଏକାଧିକ ବଳା ଓ ମାଳି ପିନ୍ଧିଥାନ୍ତି । ବଳାଗୁଡିକ ବେକରୁ ଛାତିଯାଏଁ  ସାନରୁ ବଡ କ୍ରମରେ ସଜେଇ ହୋଇ ପିନ୍ଧିଥାନ୍ତି । ସେହିପରି ନାକରେ ନୋଥ, ବାହୁଟି, କଟିରେ ବଳା, ଅଂଟାରେ ଅଂଟାସୂତା ସହ ଗୋଡରେ ବଳା ପିନ୍ଧିଥାନ୍ତି । ଦୁଇ ହାତର ପ୍ରାୟତଃ ସବୁ ହାତରେ ମୁଦି ପିନ୍ଧିବାର ପରଂପରା ରହିଛି । ସେହିପରି ଡଂଗରିଆ ରମଣୀମାନେ ଗୋଡରେ ବି ମୁଦି ପିନ୍ଧିଥାନ୍ତି । ସେହିପରି ଡଂଗରିଆ ପୁରୁଷମାନେ ମଧ୍ୟ ହାତରେ ମୁଦି, ମୁଣ୍ଡରେ ବାଳ ଛପା, କାତି, ପାନିଆ ପିନ୍ଧିଥାନ୍ତି । ଏସବୁର ନିର୍ମାଣ ଶୈଳୀ ସ୍ୱାତନ୍ତ୍ର୍ୟ ବହନ କରେ । ଏସବୁ ଅଳଙ୍କାରରେ ଭୂଷିତା ଡଂଗରିଆ ରମଣୀମାନେ ରୂପସୀ ଲାଗନ୍ତି । ସେମାନଙ୍କର ସୌନ୍ଦର୍ଯ୍ୟକୁ ବହୁ ଗୁଣିତ କରେ ଏହି ଆଭୂଷଣ । ତେବେ ଏସବୁ ଅଳଙ୍କାର ପ୍ରସ୍ତୁତ ବହୁ କଷ୍ଟସାଧ୍ୟ ବ୍ୟାପର । ଏକ ସ୍ୱତନ୍ତ୍ର ପଦ୍ଧତିରେ ଏସବୁ ଅଳଙ୍କାର ପ୍ରସ୍ତୁତ କରାଯାଏ । ମହୁମାଛିର ଫେଣାରୁ ପ୍ରସ୍ତୁତ ହୁଏ ଏହି




ଅଳଙ୍କାରର ଛାଂଚ । ଏହାକୁ ଜୀବିକା କରି ବର୍ଷ ବର୍ଷ ଧରି ବଂଚି ଆସିଛନ୍ତି । ରାୟଗଡା ଜିଲ୍ଲା ବିଷମକଟକ ବ୍ଲକର ଝିଗିଡିର କାରିଗରମାନେ । ବିଷମକଟକ ମୁଖ୍ୟ ସଦସର ମହକୁମା ଠାରୁ ଡୁକୁମ ରାସ୍ତାରେ ମାତ୍ର ୬ କିଲୋମିଟର ଗଲେ ପଡେ କଳା ଓ କାରିଗରର ଗ୍ରାମ ଝିଗିଡି । ଗ୍ରାମରେ ପ୍ରାୟ ୩୦୦ ପରିବାର ରହୁଥିବାବେଳେ ସେଥି ମଧ୍ୟରୁ ଘାସୀ ସଂପ୍ରଦାୟର ୪୦ଟି ପରିବାର ମୁଖ୍ୟତଃ ଏଇ ପେଶାକୁ ଆପଣେଇ ନେଇଛନ୍ତି । ପିଢୀ ପିଢୀ ପରେ ସେମାନେ ଏହି କାମ କରି ଜୀବିକା ନିର୍ବାହ କରିଆସୁଛନ୍ତି ।

ଏଇ କଳାକୁ ପ୍ରତ୍ୟକ୍ଷ ଅନୁଧ୍ୟାନ କରିବା ଲାଗି ଆମେ ପହଁଚିଥିଲୁ ଝିଗିଡିରେ । ଆମକୁ ସହଯୋଗର ହାତ ବଢେଇଥିଲେ ଆଦିବାସୀ ଗବେଷକ ତଥା ଶିକ୍ଷକ ତ୍ରିପତି ହିକକା । ଗାଁରେ ପହଁଚିଲାବେଳକୁ ଘରର ସମ୍ମୁଖରେ ସସ୍ତ୍ରୀକ ବହୁ ପରିବାର ନିର୍ମାଣ କାମରେ ମାତିଥିଲେ । ଭେଟିଲୁ ଯୁବ କାରିଗର ନକ୍ଷେତ୍ର ପିଡିକାକାଙ୍କୁ । ନିର୍ମାଣ କରୁଥିଲେ ହାତରେ ଶସ୍ତ୍ର ଧରିଥିବା ଜଣେ ଆଦିବାସୀ । ସୂକ୍ଷ୍ମ ସୂତା ଭଳି କଂଚାମାଲରେ ରୂପ ଦେଉଥିଲେ ଆକାରକୁ । ଭେଟିଲୁ ବୟସ୍କ ତଥା ଅନୁଭବ କାରିଗର ମାଣ୍ଡିକା ବୁଟିକା ଓ ମାଣ୍ଡିକା ଘାସିଆଣୀ । ନିର୍ମାଣ ଶୈଳୀ ସଂପର୍କରେ ସବିସ୍ତୃତ ତଥ୍ୟ ହାସଲ ଲାଗି ଚାଲିଲା ଆଲୋଚନା । ବିଭିନ୍ନ ପର୍ଯ୍ୟାୟରେ ରାୟଗଡା ଆଂଚଳିକ ଶିଳ୍ପ କେନ୍ଦ୍ର ଦ୍ୱାରା ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଥିବାରୁ କାରିଗରମାନଙ୍କ ଦକ୍ଷତା ବୃଦ୍ଧି ପାଇଛି । ଏବେ କାରିଗରମାନେ କେବଳ ଡଂଗରିଆ କନ୍ଧଙ୍କ ଆଭୂଷଣ, ଅଳଂକାର ସହିତ ଆଦିବାସୀ ସଂସ୍କୃତି ଆଧାରିତ ବହୁ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି । ଏଥିରେ ଆଦିବାସୀଙ୍କ ଅସ୍ତ୍ରଶସ୍ତ୍ର, ପଶୁପକ୍ଷୀ ,ବିଭିନ୍ନ ମୁଦ୍ରାର ଆଦିବାସୀ ଯୁବକ ଯୁବତୀ , ମହିଳାମାନଙ୍କ ଲାଗି ମାଳି, ଚେନ, ଇଅର ରିଂ ଇତ୍ୟାଦି ମଧ୍ୟ ତିଆରି କରିବାରେ ସିଦ୍ଧହସ୍ତ ହେଲେଣି କାରିଗରବୃନ୍ଦ । ଏସବୁ ସାମଗ୍ରୀର ଚାହିଦା ବଜାରରେ ଢେର ବେଶୀ । ସ୍ଥାନୀୟ ଲୋକ ସହ ବିଶେଷକରି ବିଦେଶୀ ପର୍ଯ୍ୟଟକମାନେ ବେଶୀ ପସନ୍ଦ କରୁଥିବାରୁ ଏଇ କଳାର ଚାହିଦା ବୃଦ୍ଧି ପାଇଛି ଏବଂ କାରିଗରମାନେ ଦି ପଇସା ପାଉଛନ୍ତି ବୋଲି ବୁଡିକା ମାଣ୍ଡିକା କହିଛନ୍ତି ।

ଡୋକ୍ରା ସାମଗ୍ରୀ ଭାବେ ପରିଚିତ ଏଇ ସାମଗ୍ରୀ ପାଇଁ କଂଚା ମାଲ ହେଉଛି ପିତଳ କିମ୍ବା ରସ । ପିତଳ ଓ ରସ ଧାତୁରେ ହିଁ ଏସବୁ ସାମଗ୍ରୀ ପ୍ରସ୍ତୁତ କରାଯାଉଛି । ତେବେ ସାମଗ୍ରୀ ପ୍ରସ୍ତୁତ ଲାଗି ଛାଂଚ ପ୍ରସ୍ତୁତ



### ତ୍ରିପତି ହିକକା



ଆଦିବାସୀ ଗବେଷକ, ବିଷମକଟକ

ପିତଳ କେଜି ପିଛା ୨୮୦ ଓ ରସ କେଜି ପିଛା ୮୦ ଦରରେ ବିଷମକଟକରୁ ଆଣି ସାମଗ୍ରୀ ତିଆରି କରିବାକୁ ପଡେ । ମଇନ ବେଳେ ବେଳେ ମିଳୁନଥିବାରୁ ସାମଗ୍ରୀ ତିଆରି ହେବାରେ ଅସୁବିଧା ହୁଏ । କିନ୍ତୁ ଡୋକ୍ରା ସାମଗ୍ରୀର ଚାହିଦା ଅଛି । ଆମେ ଯୋଗାଇ ପାରିଲେ ହେଲା । ବିଭିନ୍ନ ସ୍ଥାନରେ ସରକାର ପକ୍ଷରୁ ଖୋଲାଯାଇଥିବା ଟ୍ରାଇବଲ ୱାର୍ଲର୍ଡ ଦୋକାନର ଲୋକ ଆସି ଜିନିଷ କିଣି ନେଉଛନ୍ତି । ବିକ୍ରିବଟାରେ କିଛି ସମସ୍ୟା ନାହିଁ ।

### ବୁଟିକା ମାଣ୍ଡାଙ୍ଗି



କାରିଗର, ଝିଗିଡି

ଆଗରୁ ଆମେ କେବଳ ଡଂଗରିଆ ଲୋକଙ୍କ ପାଇଁ ଜିନିଷ ତିଆରି କରୁଥିଲି । କିନ୍ତୁ ଡିଆଇସି ଟ୍ରେନିଂ ଦେବା ପରେ ଆମେ ନୂଆ ନୂଆ ଜିନିଷ ତିଆରି କରିପାରୁଛୁ । ଏହାକୁ ଲୋକେ ମଧ୍ୟ କିଣୁଛନ୍ତି । ଘର ସଜେଇବା ଲାଗି ବହୁତ ଜିନିଷ ତିଆରି କରୁଛି । ଦିନକରେ ଜଣେ ଜଣେ ୪/୫ଟି ମୂର୍ତ୍ତି ତିଆରି କରିପାରୁଛୁ । ହାରାହାରି ଜଣେ ଜଣେ ୫୦୦ ରୁ ଉର୍ଦ୍ଧ୍ୱ ଟଙ୍କାର ବେପାର କରିପାରୁଛୁ ।

### ନକ୍ଷେତ୍ର ପିଡିକାକା



ଯୁବ କାରିଗର, ଝିଗିଡି

ଏ କାମରେ ଅସୁବିଧା ହେଲା ଯୋଉ ଛାଂଚ ତିଆରି କରିବୁ ସେଇଟା ପୋଡି ପାଉଁଶ ହୋଇଯିବ । ସେମିତି ଜିନିଷ ଲୋଡା ମାନେ ପୁଣି ଥରେ ମଇନରେ ସେମିତି ଆଉ ଏକ ଛାଂଚ କରିବାକୁ ପଡେ । ତେଣୁ କଷ୍ଟ ଲାଗେ । କମ ଜିନିଷ ତିଆରି ହୁଏ । ବେଶୀ ବେଶୀ ଜିନିଷ ତିଆରି କରିପାରୁନୁ ।



କରିବା ଟିକେ କଷ୍ଟକର । ଏଥିଲାଗି ଦରକାର ହୁଏ ମହୁ ଫେଣା । ମହୁମାଛି ମହୁ ସଂଗ୍ରହ କରି ରଖିଥିବା ମହୁଫେଣାକୁ ନିଆଁ ଲଗାଇ ମହୁ ସଂଗ୍ରହ କଲା ପରେ ମହୁ ବସା ଅନ୍ୟମାନଙ୍କ ପାଇଁ ଅଲୋଡା ହେଉଥିବାବେଳେ ଏଇ କାରିଗରମାନଙ୍କ ପାଲଟିଯାଏ ବହୁ ମୂଲ୍ୟବାନ । ବିଭିନ୍ନ ସୂତ୍ରରୁ ସଂଗ୍ରହ କରିବା ସହ ମହୁ ସଂଗ୍ରହକାରୀଙ୍କଠାରୁ ବି ଏମାନେ କେଜି ପିଛା ୩୦୦ ଟଙ୍କା ଦେଇ ମହୁ ବସା ସଂଗ୍ରହ କରନ୍ତି । ଏହାକୁ ଅନୁପାତ ଅନୁସାରେ ପାଣି ଦେଇ ଚୂଲିରେ ବସାଯାଏ । ପାଣିକୁ ଭଲ ଭାବେ ଫୁଟାଇ ବସାକୁ ନରମ କରନ୍ତି । ଭଲଭାବେ ଫୁଟିଲା ପରେ ଏକ ପାଣି ଭର୍ତ୍ତି ଥିବା ବଡ ପାତ୍ରରେ ଭାସମାନ ଅବସ୍ଥାରେ ସଂଗ୍ରହକାରୀ ପାତ୍ରକୁ ରଖାଯାଇ ସେଥିରେ ଫୁଟା ପାଣିକୁ ଛଣା ଯାଏ । ଅବଶେଷ ଗୁଡିକୁ ଫିଙ୍ଗି ଦିଆଯାଏ । ଏହାକୁ ଥଣ୍ଡା ହେବାକୁ ଛାଡି ଦିଆଯାଏ । ଆବଶ୍ୟକସ୍ଥଳେ ତେନ୍ତୁଳି ମଂଜିର ମଣ୍ଡ ଏଥିରେ ମିଶାଯାଏ । ଥଣ୍ଡା ହେଲାବେଳକୁ ଏହା ଅଠା ଭଳି ଅର୍ଦ୍ଧତରଳ ଅବସ୍ଥାକୁ ଆସିଯାଏ । ଏହାକୁ ସେମାନଙ୍କ ଭାଷାରେ ମଇନ ବୋଲି କୁହାଯାଏ । ମଇନରୁ କାରିଗରମାନେ ଚାହିଦା ମୁତାବକ ସାମଗ୍ରୀର ଛାଂଚ ନିଜ ହାତରେ ତିଆରି କରନ୍ତି । ଗୋଟିଏ ସାମଗ୍ରୀ ଲାଗି କେବଳ ଗୋଟେ ମଇନର ଛାଂଚ ହିଁ କାମ କରେ । ଅନ୍ୟ ସାମଗ୍ରୀ ଭଳି ଛାଂଚ ଜରିଆରେ ଏକାଧିକ ସାମଗ୍ରୀ ତିଆରି ଏଥିରେ ସମ୍ଭବ ନଥାଏ । ମଇନର ଛାଂଚ ଉପରେ ଭଲ କରି କଅଁଳିଆ ମାଟି ଏବଂ ତା ଉପରେ ସାମାନ୍ୟ ଟାଣ ମାଟିର ଦୁଇଟି ପ୍ରଲେପ ଦିଆଯାଇ ନିବୁଜ କରାଯାଏ । କିନ୍ତୁ ନିବୁଜ ପୂର୍ବରୁ ସାମଗ୍ରୀର ଗୋଟିଏ ପାଖରେ ରନ୍ଧ୍ର ରଖାଯାଇଥାଏ । ଏଇ ରନ୍ଧ୍ର ଦେଇ ତରଳ ପିତଳ କିମ୍ବା ରସକୁ ଭର୍ତି କରାଯାଏ । ପରେ ରନ୍ଧ୍ର ନିବୁଜ କରି ଭାଟିରେ ପୋଡାଯାଏ । ଭଲ ଭାବେ ପୋଡିଗଲେ ମାଟିର ପ୍ରଲେପ ଖସିଯାଏ । ନିର୍ଦ୍ଦିଷ୍ଟ ଧାତୁରେ କାରିଗରର ମାନସ ସାମଗ୍ରୀ ନିଜସ୍ୱ ରୂପ ଧାରଣ କରେ । ଭିତରେ ଥିବା ମଇନ ମଧ୍ୟ ପୋଡି ପାଉଁଶ ହୋଇଯାଏ । ଆଉ ଅବଶେଷରେ ଯାହା ରହେ ତାହା ହେଉଛି ଡୋକ୍ରା ସାମଗ୍ରୀ । ପରେ ଏହାକୁ ଭଲ ଭାବେ ପଲିସ୍ କରାଯାଇ ଉଜ୍ଜଳ କରାଯାଏ ଓ ଗ୍ରାହକକୁ ବିକ୍ରି ଲାଗି ପ୍ରସ୍ତୁତ ହୋଇଯାଏ । ଗ୍ରାହକମାନେ ଗ୍ରାମକୁ ଆସି କିଣୁଥିବାବେଳେ ଚାଟିକଣା ଓ ଡୁକୁମ ସାପ୍ତାହିକ ହାଟରେ ନିଜ ସାମଗ୍ରୀରର ପସରା ଖୋଲିଥାନ୍ତି କାରିଗରମାନେ । ଏହା ବ୍ୟତୀତ ଡିଆଇସି ଦ୍ୱାରା ରାଜ୍ୟ ତଥା ରାଜ୍ୟ ବାହାରରେ ଆୟୋଜିତ ବିଭିନ୍ନ ମେଳା ଓ ମହୋତ୍ସବରେ ଯୋଗ ଦେଇ ବିକ୍ରି କରିବାର ସୁଯୋଗ ମିଳିଥାଏ । ରାୟଗଡାକୁ ଆସୁଥିବା ପର୍ଯ୍ୟଟକଙ୍କ ନଜରରେ ଏଇ ସାମଗ୍ରୀର ଚାହିଦା ବହୁତ ରହିଥିବାରୁ ବିଦେଶୀ ପର୍ଯ୍ୟଟକଙ୍କୁ ସାମଗ୍ରୀ ବିକ୍ରି କଲେ ଅଧିକା ଦି ପଇସା ଲାଭ ମିଳିଥାଏ ବୋଲି ଘାସିଆଣୀ ମତବ୍ୟକ୍ତ କରିଛନ୍ତି । ସାପ୍ତାହିକୀ ହାଟରେ ଡଂଗରିଆ ଆଦିବାସୀମାନେ ମଧ୍ୟ ନିଜ ପସନ୍ଦର ସାମଗ୍ରୀ ଖରିଦ କରି ନେଇଥାନ୍ତି । ଫଳରେ ଚାଟିକଣା ଓ ଡୁକୁମ ହାଟ ପର୍ଯ୍ୟଟକମାନେ ଉଭୟ ସାମଗ୍ରୀ କିଣିବା ସହ ଡଂଗରିଆ ଲୋକଙ୍କ ସହ ମଧ୍ୟ ଭେଟ ହୋଇଥାନ୍ତି । ଏଇ ହାଟରେ ଡଂଗରିଆମାନେ ନିଜର ଉତ୍ପାଦିତ ସାମଗ୍ରୀ ବିକ୍ରି କରିବା ସହ ନିଜ ପାଇଁ ଏସବୁ ସାମଗ୍ରୀ ମଧ୍ୟ ଖରିଦ କରିଥାନ୍ତି । ଏଇ ଆଦିବାସୀ ହାଟଗୁଡିକ ପର୍ଯ୍ୟଟନ ଦୃଷ୍ଟି କୋଣରୁ ଜିଲ୍ଲା ପାଇଁ ବହୁ ଗୁରୁତ୍ୱ ବହନ କରେ । ବାହାର ପର୍ଯ୍ୟଟକମାନଙ୍କ ପ୍ରବଳ ସମାଗମ ହୋଇଥାଏ ।



ଡୋକ୍ରା ସାମଗ୍ରୀର ଚାହିଦା ବହୁତ ରହିଛି । ଝିଗିଡି ଏଇ ସାମଗ୍ରୀ ଲାଗି ପ୍ରସିଦ୍ଧି ଲାଭ କରିଛି । ଭୁବନେଶ୍ୱର ଟ୍ରାଭେଲ୍ସ ଏଜେନ୍ସି ନିକଟରେ ଝିଗିଡି ବିଷୟରେ ସମସ୍ତ ତଥ୍ୟ ରହିଛି । ଏଇ କାରଣରୁ ଟ୍ରାଭେଲରମାନେ ବିଦେଶୀ ପର୍ଯ୍ୟଟକଙ୍କୁ ହାଟ ଦିବସରେ ଆଣି ଏସବୁ ସାମଗ୍ରୀର ବିକ୍ରିବଟା ଲାଗି ପ୍ରେରୀତ କରାନ୍ତି । ଆବଶ୍ୟକସ୍ଥଳେ ଝିଗିଡି ଆସି ମଧ୍ୟ ବହୁ ସାମଗ୍ରୀ କିଣିଥାନ୍ତି । ବର୍ଷ ବର୍ଷ ଧରି ଏଇ ଗ୍ରାମରେ ଡୋକ୍ରା ସାମଗ୍ରୀ ସହ ଡଂଗରିଆ ଆଦିବାସୀଙ୍କ ଲାଗି ସାମଗ୍ରୀ ତିଆରି ହୋଇଥାଏ । ଏହାକୁ ପେଶା କରି ବହୁ ପରିବାର ବଂଚିଛନ୍ତି ଓ କୌଳିକ ବୃତି ରୂପେ ଆପଣେଇଛନ୍ତି । ଆମ ଜିଲ୍ଲାର ଗର୍ବ ଓ ଗୌରବ ହେଉଛି ଏଇ କଳା ।

# ବାଲୁଗାଁର ବାଲ୍ମୀକି



# ଶାଳିଆ ନଈ ଓ ରାତିପକ୍ଷୀର ଗୀତ


**ଅଜୟ ସ୍ୱାଇଁ**

ଜୟପୁର, ଇଟିପୁର, ଭୁବନେଶ୍ୱର-୭୫୧୦୦୨
ଫୋନ : ୮୨୪୯୩୧୮୦୪୮

ଫଟୋ ସୌଜନ୍ୟ : ଲେଖକ


ସେତେବେଳେ, ମନକୁ ଖୁସି କରିବାର ବଡ଼ ମାଧ୍ୟମ ଥିଲା ରେଡ଼ିଓ । ଆକାଶବାଣୀ କଟକ, ବିବିଧ ଭାରତୀ, ଆଉ ରେଡ଼ିଓ ସିଲୋନାର 'ବିନାକା ଗୀତ୍‌ମାଲା' । ତେବେ ପ୍ରଥମରୁ MW Bandର ଆକାଶବାଣୀ କଟକ ଥିଲା ଆମ ସ୍ୱପ୍ନ ଓ ପ୍ରେମ । ଅଷ୍ଟମ, ନବମ ପଢ଼ିବା ବେଳକୁ ଆକାଶବାଣୀ କଟକର ଲୋକପ୍ରିୟ ସଙ୍ଗୀତ କାର୍ଯ୍ୟକ୍ରମ ଥିଲା 'ସଜଫୁଲ' । ମୋର ଟିକେ ଗୀତରେ ଲୋଭ ଯୋଗୁଁ, ମୁଁ 'ସଜଫୁଲ'କୁ ପ୍ରତି ସପ୍ତାହରେ ଚାହିଁ ବସୁଥିଲି । କାରଣ, ସପ୍ତାହରେ ଗୋଟେ ଦିନ ରାତି ଆଠଟାରେ ପ୍ରସାରିତ ହେଉଥିଲା, ମୋ ସ୍ୱପ୍ନର ଗୀତସବୁ ।

ସେ ସବୁ ଆଧୁନିକ ବା ଲଘୁ ସଂଗୀତ ଥିଲା । ଗୋଟେ ଗୀତ: "ଝରିଝରି ଯାଏ ହରେକେ ଫୁଲ ଲୋ...ମରି ମରି ଯାଏ ରଂଗ.." ଏଯାଏଁ ବି ମୋ ଭିତରେ ବେଳ ଅବେଳରେ ବାଜେ । (ଯଦିଓ, ସେବେଳେ ମୁଁ ଓ ମୋ ବଂଧୁ ଚିତ୍ରସେନ ଦାସ 'ହରେକେ ଫୁଲକୁ' ଅରଖ ଫୁଲ ବୋଲି ଗାଉଥିଲୁ, କାରଣ 'ହରେକେ ଫୁଲ' ବୋଲି କିଛି ନାହିଁ ବୋଲି ଆମର ଧାରଣା ଥିଲା)

ସେତେବେଳକୁ ଆକାଶବାଣୀ କଟକର 'ସଜଫୁଲ'ରେ ତାଙ୍କ ଗୀତ ବାଜିଲାଣି । କିନ୍ତୁ ଆମେ ତାଙ୍କ ଗୀତ ଶୁଣିନୁ ସେଯାଏଁ । ତାଙ୍କୁ ବି ସେଯାଏଁ ଚିହ୍ନିବାର ଉପାୟ ନାହିଁ । ଚିଲିକା କୂଳେ ତାଙ୍କ ଗାଁ, ଘର । ଚିଲିକାକୁ ନେଇ ବି ଗୁଡ଼େ କବିତା ସେ ଲେଖି ସାରିଲେଣି, ହେଲେ ଆମେ ସେସବୁ ପଢ଼ିନୁ । ଯାହା ପାଠ ବହିରେ ଅଛି । ସେତିକି ସାହିତ୍ୟ ଆମକୁ ଜଣା । ସେତକ ପୁଣି ପରୀକ୍ଷା ଯାଏଁ । ତା'ପରେ ସାହିତ୍ୟ ତା' ବାଟରେ, ଆମେ ଆମ ବାଟରେ । କୋଉ ସାହିତ୍ୟ ସଭାରେ ଦେଖା ହେଇଥିଲା ତାଙ୍କ ସହ । ମସିହା ମନେନାହିଁ । ଅବିକଳ ମାୟାଧର ମାନସିଂଙ୍କ ପରି ହେୟାର୍ ଷ୍ଟାଇଲ୍ । ମୁହଁ ବି ଚାଳିଶ୍ ପର୍ସେଣ୍ଟ୍ ମିଶୁଥିଲା ମାନସିଂଙ୍କ ସହ । ମୁଁ ତାଙ୍କୁ ପଚାରିଲି : ଆପଣଙ୍କ ପ୍ରିୟ କବି କିଏ ? ସେ କହିଲେ: ମାୟାଧର ମାନସିଂହ ଓ ବିଭୂତି ପଟ୍ଟନାୟକ ।

– ବିଭୂତି ପଟ୍ଟନାୟକ ? ମୁଁ ଆଶ୍ଚର୍ଯ୍ୟ ।

ସେ କିନ୍ତୁ ବିଭୂତି ପଟ୍ଟନାୟକଙ୍କର ଏକମାତ୍ର ପ୍ରକାଶିତ କବିତା ବହିରୁ (ସେ ଏକ ପ୍ରଗଳଭ୍ ନଦୀ) ଅନର୍ଗଳ ଗାଇ ଚାଲିଲେ କବିତା । ପୂରା ବହି ତାଙ୍କର ମୁଖସ୍ଥ । ତାଙ୍କ ଠୁ ପ୍ରଥମେ ଜାଣିଲି ଯେ, ବିଭୂତି ପଟ୍ଟନାୟକଙ୍କର ବି କବିତା ବହିଟେ ଅଛି । ସେତେବେଳକୁ ଓଡ଼ିଶାର ସବୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ତାଙ୍କ କବିତା ସବୁ ପ୍ରକାଶିତ ହେଉଥାଏ । ସାତ ଆଠଟି ଉପନ୍ୟାସ, କାବ୍ୟତାରା, ଅପହଂଚ ପରି ଆଠ ଦଶଟି କବିତା ବହି ବି ବାହାରି ସାରିଥାଏ । ମୋଟାମୋଟି ଆମର ଭେଟ ହେବା ବେଳକୁ ସେ ଲେଖକ ଭାବେ ପ୍ରସିଦ୍ଧ ପାଇ ସାରିଥାନ୍ତି । ତା' ସହ ସାତ / ଆଠଟା ଉପନ୍ୟାସ ବି ତାଙ୍କର ପ୍ରକାଶିତ ହୋଇ ସାରିଥାଏ କଟକର ବଡ଼ ବଡ଼ ପ୍ରକାଶନ ସଂସ୍ଥାରୁ । ଅମାୟିକ, ଛଳଛଳ, ଅଭିମାନୀ, ଗୀତଗୀତ ମଣିଷଟିଏ । ତାଙ୍କୁ ଭେଟିବା ପରଠୁ ମୁଁ ସପ୍ତାହକେ ଥରେ ନିଶ୍ଚେ ବାଲୁଗାଁ, ବରକୂଳ ଡାକବଂଲୋରେ, ନହେଲେ ତାଙ୍କ ବାଲୁଗାଁ ଘରେ । ସେଠି ଖିଆପିଆ । ଡଙ୍ଗାରେ ଚିଲିକା ବୁଲା, ଶାଳିଆ ଡ୍ୟାମ୍ ପାଖେ ଭୋଜି, ନହେଲେ ତାଙ୍କ ଶ୍ୱଶୁର ଘରେ ଚା'ପିଆ । ହେଲେ ସବୁବେଳେ କବିତା, ଗୀତ ଓ ଅନ୍ୟାନ୍ୟ ।

ତାଙ୍କର ଜଣେ ପ୍ରିୟ କଣ୍ଠଶିଳ୍ପୀ ଥିଲେ । (ଏବେ ବି ଅଛନ୍ତି । ଯଦିଓ ଓଡ଼ିଶାର ପ୍ରାୟ ସବୁ ଗାୟକ ତାଙ୍କ ଗୀତ ଗାଇଛନ୍ତି) ସେ ହେଲେ ନବ ମିଶ୍ର (ନୟାଗଡ଼ର ନବ କିଶୋର ମିଶ୍ର) ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗାୟକ । ଯଦି ଆପଣମାନେ ତାଙ୍କ କଣ୍ଠରୁ ତାଙ୍କର 'ଆସିଚି ଦେଖି ମୋ କଳାବଦନକୁ, କଳାବଦନକୁ ମୋର କାଳିଆ ଧନକୁ...' କିମ୍ବା 'ମତେ କରିଦେ ଦୀପଟିଏରେ ତୋ ଗରୁଡ଼ ଖୁମ୍ବର ତଳେ...' ତା'ହେଲେ ବୁଝି ପାରିବେ କେମିତି ଦୀପଶିଖାଟିଏ ସ୍ତିମିତ ଭାବେ ଜଳିଜଳି କ୍ରମେ ନିଶ୍ଚିହ୍ନ ହେଇ ଯାଉଛି । ଗରୁଡ଼ଖୁମ୍ବର ତଳେ... । କେମିତି ସେ ଦୀପଧୂଆଁର ପୋଡ଼ା ବାସ୍ନା ଚହଟି ଯାଉଛି... ସରପଟି ଯାଉଛି ଛାତି ଭିତରେ...

ସେ ହେଲେ ତପନ ପଟ୍ଟନାୟକ ।

ଗୀତିକାର, କବି, ନାଟ୍ୟକାର, ଔପନ୍ୟାସିକ ଓ ପ୍ରକାଶକ ତପନ ପଟ୍ଟନାୟକ । ମୁଁ ତାଙ୍କୁ ଡାକେ ତପନ ଭାଇ । ଆମ ଭିତରେ ଏମିତି କିଛି କଥା ନାହିଁ, ଯାହା ଆମେ ପରସ୍ପର ସହ ଭାଗ ନ ବାଣ୍ଟିଛୁ । ତାଙ୍କ ଘରେ ଦୁଇଟା ବଡ଼ ଦିସ୍ତା ଟ୍ରଙ୍କ୍ ଅଛି । ଯେଉଁଥିରେ ପାଂଚ ହଜାରରୁ ବେଶୀ ଅଡ଼ିଓ କ୍ୟାସେଟ୍ ମୁଁ



ଲେଖକ ଅଜୟ ସ୍ୱାଇଁ

ଦେଖିଥିଲି । ଏଯାଏଁ ବି ଅଛି ଗୋଟେ ନ୍ୟାସ୍‌ନାଲ୍ ପାନାସୋନିକ୍ ଟେପ୍ ରେକର୍ଡ଼ର୍ । ଏଯାଏଁ ବି ଚାଲୁଛି । କ୍ୟାସେଟ୍ ବାଜୁଛି । ସେଇଥିରେ ମୁଁ ଶୁଣିଥିଲି: 'ମୁଁ ତ ବଡ଼ ଛଟପଟ ଝଡ଼ର ପବନ, ତୁମେ ବିଚଳିତ ଦୀପଶିଖା ।' ଦେବଦାସଙ୍କ ଗୀତ, ପ୍ରଣବ ପଟ୍ଟନାୟକଙ୍କ କଣ୍ଠରେ । ଯେତିକି କ୍ୟାସେଟ୍ ତା ଠୁଁ ବେଶୀ ବହି । ଏମିତିକି ଗୋଟେ ଗୋଟେ ବହିର ୪/୫ କପି ବି ତାଙ୍କ ପାଖେ ଥିବ । ବହୁତ ବହିରୁ ବାହାରୁଥିବ ଅର୍ଦ୍ଧ ନୂଆ ବାସ୍ନା । ପ୍ରଥମ ବର୍ଷା ଟୋପା ପଡ଼ିଲେ, ଯେମିତି ବାହାରେ ଶୁଖିଲା ମାଟିରୁ ।

ଆଜିକୁ ହିସାବ କଲେ, ତପନ ଭାଇଙ୍କ ସହ ମୋର ସଂପର୍କ ପଚାଶ ବର୍ଷ କି ତା ଠୁଁ ବେଶି । ମୁଁ ତାଙ୍କୁ ବେଶି ବୁଝିପାରେ ବୋଲି ମୋର ବିଶ୍ୱାସ । ସେ ଟିକେ ଅଭିମାନୀ । ବେଳେବେଳେ ସେ ମୋ ଉପରେ ଅଭିମାନ କରନ୍ତି । ହେଲେ, ଦେଖାହେଲେ ଅଭିମାନଟି ଥାଏ, କିନ୍ତୁ କାରଣଟିକୁ ସେ ଭୁଲି ଯାଇଥାନ୍ତି । ପୁଣି ସେମିତି ନିଷ୍କପଟ ହସ । ପୁଣି ସେମିତି ନିମନ୍ତ୍ରଣ: "ବହୁତ ଦିନ ହେଲା ବାଲୁଗାଁ ଆସିନୁ । ପାନ୍ଥନିବାସ ଆଉ ଚିଲିକା ତତେ ଖୋଜୁଛନ୍ତି ।"

ଏମିତି ହେଇଛି, ଆମେ ରାତି ଏଗାରଟାରେ ବାଇକ୍‌ରେ ବାଲୁଗାଁ ଯାଇଛୁ । ପହଂଚିଛୁ ଗୋଟାଏ ବେଳେ ଚିଲିକା ପାନ୍ଥନିବାସରେ, ସେତେବେଳେ ମ୍ୟାନେଜର ସାମନ୍ତରା ବାବୁ । ବଡ଼ ହସମିଜାଜ୍‌ର ମଣିଷ । ରାତି ଗୋଟାଏରେ ବିଶେଷ କରି ଅଧା ଜହ୍ନରାତିର ଚିଲିକା ମତେ ଦେଖେଇ ଥିବାରୁ, ତପନ ଭାଇ ଆପଣଙ୍କୁ ଲକ୍ଷେ ଧନ୍ୟବାଦ ।

ଚିଲିକାକୁ ନେଇ ଅନେକ କବିତା, କମ୍ ଗପ ଲେଖା ହେଇଛି ଓଡ଼ିଆରେ । କିଛି ବି ଇଂରାଜୀରେ ଅନୁବାଦ ହେଇଛି । ଯଦି ଚିଲିକା' ରକ୍ତ ହୋଇ କାହା ଶିରା ପ୍ରଶିରାରେ ପହଁରୁଥାଏ, ତେବେ ସେ ହେଲେ ତପନ ଭାଇ ।

ଚିଲିକାକୁ ନେଇ ତାଙ୍କର ଅନେକ ସ୍ୱପ୍ନ, ଅନେକ ପ୍ରେମ । ଏମିତିକି ଚଢ଼େଇହଗା ପାହାଡ଼ର ଧଳା ଧଳା ପଥର ଉପରେ ବସି ଗୀତ ଗାଇବା, କବିତା ପଢ଼ିବା, ଚିଲିକାକୁ ନେଇ ଗପ ଓ କବିତାର ବଡ଼ ସଂକଳନଟିଏ କରିବା ଥିଲା ତାଙ୍କର ସ୍ୱପ୍ନ । ବୋଧହୁଏ ଏ ସ୍ୱପ୍ନ ତାଙ୍କର ଏଯାଏଁ ସାକାର ହୋଇପାରି ନାହିଁ ।

ଚିଲିକା ପୋତି ହେଉଛି ।

ରମ୍ୟ ଚିଲିକା, ଦଳରେ ଭର୍ତ୍ତି ହେଉଛି ।

ଶୀତ ଋତୁରେ ପକ୍ଷୀମାନଙ୍କ ସଂଖ୍ୟା କମିବାରେ ଲାଗିଛି । ପକ୍ଷୀ ଶିକାର ବି ଚାଲିଛି ଲୁଚାଛପାରେ ।

ଚଢ଼େଇହଗା ପାହାଡ଼ ଉପରେ ବସି ଦଳେ ଭାସୁଥିବା ରାଜହଂସଙ୍କୁ ଦେଖି ତପନ ଭାଇ ଗାଇଥିଲେ:

ଧବଳ ରାଜହଂସ, ରଜୁ ତା' ଗ୍ରୀବା
ସ୍ଥୁଳ-ଗ୍ରଥିତ ମଲ୍ଲି-ମାଳିକା କିବା
ବିହରୁଥିଲା କେଉଁ ସରସୀ ଜଳେ
ପ୍ରେୟସୀ ଘେନି ସାଥେ ପ୍ରଣୟ ଭରେ
ନିର୍ମମ ଆତତାୟୀ ମନୁଷ୍ୟ କାହିଁ
ଆଣିଲା ଧରି ଜିହ୍ୱା ଲାଳସା ପାଇଁ...

ତପନ ଭାଇଙ୍କ ସ୍ୱପ୍ନ ଭାଙ୍ଗୁଥିଲା ଚିଲିକା ସହ । ଏଇବେଳେ ତାଙ୍କର ବଦଳି ହେଇଗଲା ପୁରୀ । ଏ ବେଳକୁ ତାଙ୍କ ଉପରିସ୍ଥ ଜଣେ ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର୍ ତାଙ୍କୁ ମିଛ କେଶ୍‌ରେ ଫସେଇ ଦେଇଥାନ୍ତି । (ବୋଧହୁଏ ସେଇ କେଶ୍ ଆଜିଯାଏଁ ଚାଲିଛି ଓ ଅବସର ପରେ ବି ତାଙ୍କର ବକେୟା ପାଉଣା କେତେ ଲକ୍ଷ ଟଙ୍କା ତପନ ଭାଇ ପାଇ ନାହାନ୍ତି ।)

ସେଇ ମନସ୍ତାପ ଭିତରେ ତପନ ଭାଇ, ପୁରୀର ନବକଳେବର ରୋଡ଼୍‌ରେ ଭଡ଼ାଘରେ ରହିଲେ ଓ କିଛି ଭଲ ଭଲ ଲେଖକଲେଖିକାଙ୍କ ବହି ବି 'ସମନ୍ୱୟ' ପ୍ରକାଶନ ସଂସ୍ଥା ନାଁରେ ପ୍ରକାଶ କଲେ । ଗିରିଜା ଭାଇ (କବି ଗିରିଜା କୁମାର ବଳିୟାରସିଂ)ଙ୍କ





କଲ୍ୟାଣୀନଗର ପ୍ରେସ୍‌ରେ ବହି ସବୁ ଛପେଇଲେ । ସେଇଠି ଗିରିଜା ଭାଇ ମୋ ବହି 'ଶିରୀଷଗଛର ଛାଇ'ରେ ଗୋଟେ ପୃଷ୍ଠବନ୍ଧ ବି ଲେଖିଲେ ।

ମୋର ଯୋଉ ଲେଖା ବାହାରିବ, ତପନ ଭାଇ କହିବେ, ମୁଁ ଛାପିବି । ମୋର ଅନେକ ବହି ସେ ଛାପିଛନ୍ତି । ଯେତେବେଳେ ମତେ ଦେଖିଛନ୍ତି ବା ମୁଁ ପୁରୀ ତାଙ୍କ ଘରକୁ ଯାଇଛି, ଯେତେ ବହି ଇଚ୍ଛା, ସେତେ ଦେଇଛନ୍ତି । କେବଳ ମୋ ବହି ନୁହେଁ, ଅନ୍ୟ ଲେଖକ / ଲେଖିକାଙ୍କର ବହି ବି ।

ଆମେ ବହୁତ ବୁଲିଚୁ ସାଙ୍ଗ ହୋଇ । ବହୁତ କଥା ଆମ ଭିତରେ ଅଛି । ଯାହାକୁ ସାଙ୍ଗରେ ନେଇ ଆମେ ମଶାଣିକୁ ଯିବୁ । ମତେ ସବୁବେଳେ ସେ କବି ହିଁ କୁହନ୍ତି । ମୋ ଗପ, ଉପନ୍ୟାସ ଛାପିବା ବେଳେ କୁହନ୍ତି: ତୋ' କବିତା ବହି ମୁଁ ଛାପିବି । ସେ ମୋର ପ୍ରଥମ କବିତା ବହି 'ନଈକୂଳ ଗାଁ'କୁ ସେ ହିଁ ଛାପିଛନ୍ତି ଓ ସେଥିରେ ଆଠପୃଷ୍ଠାର ମତାମତ ବି ଲେଖିଛନ୍ତି ।

ସେ 'ରାତିପକ୍ଷୀ' ମାନଙ୍କୁ ଭଲ ପାଆନ୍ତି । ଅନେକ ଥର ରାତି ଦଶଟାରେ ବାଣପୁର ଠୁଁ ଆମେ ଶାଳିଆ ଡ୍ୟାମ୍ ଯାଇଛୁ । କେବଳ ଏଇ ରାତି ପକ୍ଷୀମାନଙ୍କୁ ଦେଖିବା ପାଇଁ ।

ମୁଁ କହେ : ଏ ଗୁଡ଼ା ପେଚା । ଅଶୁଭ ପରା ?

ସେ କହନ୍ତି : ରାତିପକ୍ଷୀମାନଙ୍କର ନାଁ ନାହିଁ । ଏମାନେ ଅନ୍ଧାରର ପକ୍ଷୀ । ଏମାନଙ୍କର ରଙ୍ଗ ହିଁ ଅନ୍ଧାର...ପରିଚୟ ବି ଅନ୍ଧାର । ନାଁ ବି ଅନ୍ଧାର... ।

ଅଦ୍ଭୁତ !

ତାଙ୍କର ସଂସାରଟି ଛୋଟ । ଭାଉଜ ଓ ଗୋଟିଏ ପୁଅ ସଂବିତ୍ । ହେଲେ ଅନେକ ସଂସାରର ଦାୟିତ୍ୱ ତାଙ୍କ କାନ୍ଧରେ । ଭାଇ, ଭଉଣୀ, ଭଣଜା, ଭାଣିଜି,



▼ଲେଖକ ଅଜୟଙ୍କ ସହ ତପନ ପଟ୍ଟନାୟକ

ଶଳା, ଶାଳୀ, ଶାଶୁ, ଶ୍ୱଶୁର, ବନ୍ଧୁ, ବିରାଦର ସମସ୍ତଙ୍କ କଥା ସେ ବୁଝୁଥିଲେ । ସମସ୍ତଙ୍କୁ ଭଲ ପାଉଥିଲେ । ସମସ୍ତଙ୍କୁ ଆଦର କରୁଥିଲେ । ସମସ୍ତଙ୍କୁ ଅଭିମାନ କରୁଥିଲେ । ସବୁ ଜଞ୍ଜାଳକୁ ନିଜ ଉପରକୁ ନେଇ ପାରୁଥିଲେ । ସେଥିପାଇଁ ତାଙ୍କୁ ଗୋଟେ ଗୀତ ଗାଇ ମୁଁ ଶୁଣାଉଥିଲି: ଜୀବନ ଜୁଆ ଯଦି ଖେଳିବୁ, ଖେଳାଉଥିବୁ କାଲୁଆ ନକରିବୁ କଳିଜା... ସେ ହସୁଥିଲେ । ତାଙ୍କ ମୁହଁକୁ ଅଭିମାନ ଯେମିତି ମାନେ, ହସ ବି ସେମିତି ମାନେ ।

ତାଙ୍କ ବାପା ପଦ୍ମଚରଣ ପଟ୍ଟନାୟକ, ନାଟ୍ୟକାର, ସଂଗଠକ । ଗୋଟେ ଗୀତ, ନାଚ ସ୍କୁଲ୍‌ର ସେ ପୃଷ୍ଠପୋଷକ ବି ଥିଲେ । କଳାକାର ଲୋକ । ହିଂସା ଛନ୍ଦ, କପଟ କିଛି ନାହିଁ । ପଦ୍ମପତ୍ରରେ ପାଣି ପରି ଢଳଢଳ ସ୍ୱଚ୍ଛ ହୃଦୟର ମଣିଷ । ତାଙ୍କ ପୁଅ ଝିଅଙ୍କ ଭିତରୁ ତାଙ୍କ ଗୁଣ ବୋଧେ କେବଳ ତପନ ଭାଇ ଆଣିଛନ୍ତି । ପଦ୍ମଚରଣ ପଟ୍ଟନାୟକଙ୍କର ଗୋଟେ ଗ୍ରନ୍ଥାବଳୀ ବି ସେ ଛାପିଛନ୍ତି । ବହୁତ ଦିନ ତଳେ ଗୋଟେ ଉର୍ଦ୍ଦୁ ଗଜଲ୍ ଶୁଣିଥିଲି, ଭଗବାନ ସବୁ ଠୁ ଭଲ ପାଉଥିବା ମଣିଷକୁ ହିଁ କଷ୍ଟ ଦିଅନ୍ତି । ସେମିତି ହିଁ ହେଲା । ମୋର ବେଶୀ ଫୁଲାଫାଙ୍କିଆ ଗୁଣ । ଅନେକ ଦିନଯାଏଁ ତପନ ଭାଇଙ୍କ ସହ ମୋର ବେଶୀ ଦେଖା ହେଇ ପାରିଲାନି । ଯଦିଓ ସେ ପୁରୀ ଭଡ଼ାଘରେ ରହୁଥିଲେ । ଅନେକଦିନ ଯାଏଁ ମୁଁ ପୁରୀ ଯାଇ ପାରିନଥିଲି । ସେହେତୁ ତାଙ୍କ ସହ ଦେଖା ହୋଇ ପାରି ନଥିଲା । ମତେ ଫୋନ୍ କରି କହିଲେ: ତୋର ତ ଅନେକ ଗୁଡ଼େ କବିତା ହେଇଯିବଣି । ବହିଟେ ଛାପିଦେବା । ଡେରି ହେଲାଣି ।

ମୁଁ କହିଲି : ହଉ ।

ତଥାପି ପୁରୀ ଯାଇପାରିଲି ନାହିଁ । (ଆମ ବୋଉର ଭାଷାରେ: ଜଗନ୍ନାଥଙ୍କ ଡୋରି ନଲାଗିଲେ, କିଏ ଗଲାଣି ପୁରୁଷୋତ୍ତମ କ୍ଷେତ୍ର ?) ଜଗନ୍ନାଥଙ୍କ ପ୍ରତି ମୋର ଦୁର୍ବଳତା ଅଛି । ବେଶି ଅଛି ସମୁଦ୍ର ପ୍ରତି । ତା ଠୁଁ ବେଶି ତପନ ଭାଇଙ୍କ ପ୍ରତି ।

ଖବର ପାଇଲି, ସେ 'କେମୋ' ନେଉଛନ୍ତି । ପୂରା ଶୁଖି ଝଡ଼ି ଯାଇଛନ୍ତି ।

ପୁରୀରେ ତାଙ୍କୁ ଦେଖା କଲି । ହେଲେ ତାଙ୍କର ଆତ୍ମବିଶ୍ୱାସ ଥାଏ ସେମିତି ଅତୁଟ । ଆମେ ବଡ଼ଦାଣ୍ଡରେ ତାଙ୍କ ପ୍ରିୟ ଚା' ଦୋକାନରେ ଚା' ପିଇଲୁ । ସେ ଗଳା କ୍ୟାନ୍‌ସର୍‌ର ପ୍ରଥମ ପର୍ଯ୍ୟାୟରେ ଥିଲେ । ମୋ ଜାଣିବାରେ ସେ କୌଣସି ମାଦକ ଦ୍ରବ୍ୟ ଛୁଉଁନଥିଲେ ।

ନା ପାନ ବିଡ଼ି ସିଗ୍ରେଟ୍, ଗୁଡ଼ାଖୁ, ମଦ, ଗୁଟ୍‌ଖା ତ ଦୂରର କଥା ବଦଭ୍ୟାସ କହିଲେ ଚା' ।

ମୁଁ ପଚାରିଲି : କେମିତି ହେଲା ଏସବୁ ? ସେ ହସିଲେ । କହିଲେ : କୌଣସି ରୋଗର କିଛି କାରଣ ନାହିଁ ଏ ଯୋଗୁଁ ଏ ରୋଗ ହେଲା, ସୁଦ୍ଧୁ ମିଛ ଓ ଭ୍ରମ, ଯାହା ହେବା କଥା ଅବଶ୍ୟ ହେବ ।

ଏଲୋପ୍ୟାଥିକ୍ ପରେ ସେ ହୋମିଓପ୍ୟାଥି ବି ଖାଇଲେ । କିଏ ଜଣେ ତାଙ୍କୁ କହିଲା: ହୋମିଓପାଥିରେ କ୍ୟାନ୍‌ସର୍ ପୂରା ଭଲ ହେଇଯିବା ସମ୍ଭବ । ତା'ପରେ ସେ ଭଲ ହେଲେ । ପୁଣି ଚଲାବୁଲା, ଲେଖାଲେଖି, ପ୍ରକାଶନରେ ମନ ଦେଲେ । ହେଲେ, ଆଗର ସରସତା ତାଙ୍କ ମୁହଁରେ ନଥିଲା ଭଳି ମତେ ଲାଗୁଥିଲା । ମାୟାଧର ମାନସିଂଙ୍କ ପରି ତାଙ୍କର କୁଞ୍ଚୁକୁଞ୍ଚିଆ ବାଳ ପ୍ରାୟ କମି ଯାଇଥିଲା । ସେ କହିଲେ : ଏ ସବୁ 'କେମୋ'ର କୁପ୍ରଭାବ ।

ତଥାପି ସେ ଏତେ ଭାଙ୍ଗି ପଡ଼ି ନଥିଲେ ।

ଏଇବେଳେ ସେ ପୁରୀ ଛାଡ଼ି ଭୁବନେଶ୍ୱର ଚାଲି ଆସିଲେ ଓ ଘରଭଡ଼ା ନେଲେ ସାମନ୍ତରାପୁରରେ ।

– ଭଲ ହେଲା । ଏଥର ଆମର ସବୁଦିନ ଦେଖାଚାହାଁ ହେଇପାରିବ । ମୁଁ କହିଲି ।

ସେ ଅଭିମାନରେ କହିଲେ : ତୋ'ର କୋଉ ସମୟ ହେବ ? ଖାଲି ଏମିତି କହି ଦେଉଛୁ...

ମୁଁ ହସିଲି ।

ହଠାତ୍ ବନ୍ଧୁ ତାରକ ମହାନ୍ତି ଖବର ଦେଲେ, ତପନ ଭାଇ ଏବେ ହସ୍ପିଟାଲ୍‌ରେ । ବୁଝିଲି ତାଙ୍କର ଦୁଇଟା ଯାକ କିଡ୍‌ନୀ କାମ କରୁନି ।

କାମଚଳା ଚିକିତ୍ସା ହେଲା, ଡାଏଲେସିସ୍ ।

ବେକ ହାତରେ ସିରିଞ୍ଜ୍ ଫୋଡ଼ାର କଷ୍ଟ ଓ ବଂଚିବାର ସଂଗ୍ରାମ ଭିତରେ ଏବେ ତପନ ଭାଇ । ଖବରକାଗଜରେ ଏଇ ଖବର ବାହାରିବା ପରେ ସାହିତ୍ୟ ମହଲରୁ ଯତ୍‌କିଞ୍ଚିତ୍ ସାହାଯ୍ୟ ମିଳିଛି । ପ୍ରତି ସପ୍ତାହରେ ଏବେ ତିନିଥର ଡାଏଲେସିସ୍ ।

ଏ ଭିତରେ ଦେଖା ହେଇଥିଲେ ପୁରୁଣା ବସ୍‌ଷ୍ଟାଣ୍ଡରେ ଖରାବେଳେ । ନିର୍ଭୀକପଣିଆ ଯେମିତି ଅଛି ଠିକ୍ ସେମିତି କବିଟିଏ ତାଙ୍କ ଭିତରେ ସନ୍ଦର୍ପରେ ଛିଡ଼ା ହେଇଛି । ଉଦାସ ବଂଶୀସ୍ୱନଟିଏ ସେମିତି ପହଁରୁଛି ତାଙ୍କ ଆଖିରେ ।

ମୁଁ ମୁହଁ ଲୁଚେଇଲି । ଚାହିଁ ପାରିଲିନି ତାଙ୍କ ଆଖିକୁ । କାହାର ଏ ଆଖି ? ଯାହା ସହ ତିରିଶ ବର୍ଷର ଦେଖାଚାହାଁ ।

ପଚାରିଲି : କେମିତି ଲାଗୁଛି ?

ସେ କହିଲେ : ବହୁତ କଷ୍ଟ...ବହୁତ ଯନ୍ତ୍ରଣା, ସଂବିତ ପାଇଁ ଭଲ ଝିଅଟେ ଯୋଗାଡ଼ କରିପାରୁନୁ ?

ମୁଁ ଚୁପ୍ ।

ତାଙ୍କ ଆଖିରେ ଏତେବର୍ଷ ଭିତରେ କେବେ ଲୁହ ଦେଖିନଥିଲି । ସେଦିନ ବି ଦେଖିଲି ନାହିଁ ।

ସେ କହିଲେ : ମୋର କବିତା ସଂକଳନର ପ୍ରଥମ ଖଣ୍ଡ ବାହାର କରିବି । ହଜାରେ ପୃଷ୍ଠାର । ଦେଖାଯାଉ ।

ମୁଁ କହିଲି : କେହି କିଡ୍‌ନୀ ଡୋନର୍ ଅଛନ୍ତି ଆପଣଙ୍କ ପରିବାରରେ । କେହି ରାଜି ଅଛନ୍ତି ?

ସେ ହସିଲେ । କିଛି କହିଲେନି । କିଛି ସମୟ ପରେ ସେ ଚାଲିଗଲେ । ସେଇ ଖରାରେ । ପ୍ରଥମ ଥର ପାଇଁ ମୁଁ ଅନୁଭବ କଲି, ଖରା ବି ଲୁଚେଇ ପାରେ ଛାଇ ।

ତା'ପରେ ତାଙ୍କୁ ଫୋନ୍ ଲଗେଇଲେ, ସେ ଉଠେଇ ପାରନ୍ତି ନାହିଁ । କାଲି ପୁଅ ସଂବିତ୍ ଉଠେଇ ଥିଲା । କହିଲା : ବାପାଙ୍କର ଡାଏଲେସିସ୍ ଚାଲିଛି ଏବେ... ।

ତପନ ଭାଇ ? ଏବେ ବି ଶାଳିଆ ଡ୍ୟାମ୍ ଅଛି । ରାତିପକ୍ଷୀମାନେ ଆଲୁଅକୁ ଡରି ଉଡ଼ି ଯାଉଛନ୍ତି । ମୁଁ ତୁମକୁ ଫୋନ୍ କରି ପାରୁନାହିଁ । ଡର ଲାଗୁଛି । କାହିଁକି ଲାଗୁଛି, ଜାଣିନି । ମତେ କ୍ଷମାକର... ।

ପ୍ରସଙ୍ଗ-୨

# ଘରର ଲକ୍ଷ୍ମୀ ଗୃହିଣୀ



ରୂପାୟନ ଓ ଫଟୋ ସୌଜନ୍ୟ : ଶ୍ୱେତା

# ଗୃହସ୍ଥ ଓ ଗୃହିଣୀ




**ଶ୍ୱେତା ରାଉତ**

ରାଉତ କମ୍ପ୍ଲେକ୍ସ, କଟକ ରୋଡ, ଭୁବନେଶ୍ୱର
ଫୋନ : ୯୪୩୯୭୨୬୦୬୦


ଫଟୋ ସୌଜନ୍ୟ : ରେବତୀ ଟିମ୍

## ଗୃହସ୍ଥ ଓ ଗୃହିଣୀର ପ୍ରକାର ଭେଦ

ଧର୍ମ ଅନୁସାରେ ଚାରିପ୍ରକାର ଆଶ୍ରମ । 'ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସ । ଏଥିମଧ୍ୟରୁ ଗୃହସ୍ଥ ଏପରି ଏକ ଆଶ୍ରମ, ଯେଉଁଠି ମଣିଷ ଚାରି ପୁରୁଷାର୍ଥ ଯଥା: ଧର୍ମ, ଅର୍ଥ, କାମ ଓ ମୋକ୍ଷର ଭୋଗ କରିଥାଏ । ଗୃହସ୍ଥ ଶବ୍ଦ ଆସିଛି ଗୃହରୁ । ଆଉ ସାରା ଗୃହ ଯାହାର ଋଣୀ ରହି ଆସିଛି ସେ ହେଉଛି ଗୃହିଣୀ । ଅଗ୍ନିକୁ, ମାତାପିତା, ଗୁରୁଜନ, ଆତ୍ମୀୟ, ବନ୍ଧୁସହୋଦର ଓ ଈଶ୍ୱରଙ୍କୁ ସାକ୍ଷୀ ରଖି ମଣିଷ ଗୃହସ୍ଥ ଆଶ୍ରମରେ ପ୍ରବେଶ କରେ । ଯାହାକୁ ଶାସ୍ତ୍ରରେ ପଞ୍ଚମ ପୁରୁଷାର୍ଥ କୁହାଯାଇଥାଏ ।

ଗୃହିଣୀ ହୋଇଥାଏ ଘରର ସଂଚାଳିକା ଓ ନିର୍ଦ୍ଦେଶିକା । ତେଣୁ ଘରର ସୁଖଶାନ୍ତି ଓ ବ୍ୟବସ୍ଥା ଗୃହିଣୀର ପ୍ରଥମ ଓ ମୁଖ୍ୟ କର୍ତ୍ତବ୍ୟ ହୋଇଥାଏ । ଯାହାକୁ ସେ ନିଷ୍ଠାର ସହିତ ନିର୍ବାହ କରେ । ଜଣେ ଭଲ ଗୃହିଣୀ ହିଁ ଜଣେ ଆଦର୍ଶ ପତ୍ନୀ, ମା' ଓ ବୋହୂ କହିବାର ଅଧିକାର ରଖିଥାଏ । ସେହି ସର୍ବଗୁଣ ସମ୍ପନ୍ନ ଗୃହିଣୀ ଘରକୁ ସ୍ୱର୍ଗ ବନାଇଥାଏ । ତା'ର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସେବା ଓ ପରିବାର ପ୍ରତି ସମ୍ବେଦନଶୀଳତା କେବଳ ଘରର ନୁହେଁ ସୁସମାଜ ଗଠନରେ ମଧ୍ୟ ଉତ୍ତମ ପ୍ରଭାବ ପକାଇଥାଏ । ଯାହା ବର୍ତ୍ତମାନ ନିତାନ୍ତ ଆବଶ୍ୟକ । ଆଦର୍ଶ ଗୃହିଣୀକୁ କର୍ତ୍ତବ୍ୟ ସମ୍ପାଦନର ସମୁଚିତ ଜ୍ଞାନ ଥାଏ । ସ୍ୱାମୀ ସହିତ ମଧୁର କଥା, ଶାଶୁ-ଶ୍ୱଶୁରଙ୍କୁ ସମ୍ମାନ, ନଣନ୍ଦଦିଅରଙ୍କୁ ସ୍ନେହ ଓ ସନ୍ତାନମାନଙ୍କୁ ସତ୍‌ମାର୍ଗ ପୂର୍ବକ ଶିକ୍ଷା ଦେବା ତା'ର ପ୍ରଧାନ କର୍ତ୍ତବ୍ୟ ହୋଇଥାଏ । ଜଣେ ଗୃହିଣୀର ଶିକ୍ଷା, ସଂସ୍କାର ଓ ବ୍ୟବହାରର ସୁପ୍ରଭାବ ତା'ର ସନ୍ତାନ ଉପରେ ନିଶ୍ଚିତ ଭାବରେ ପଡେ ଏବଂ ସେ ସନ୍ତାନ ସଂସ୍କାରୀ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଆମେ ଦେଖିବା ବିଭିନ୍ନ ବ୍ୟକ୍ତିତ୍ୱକୁ ଯେଉଁମାନଙ୍କ ପ୍ରସିଦ୍ଧି ପଛରେ ଜଣେ ଜଣେ ଗୃହିଣୀର ହାତ ରହିଛି ।

ଆଦର୍ଶ ଗୃହିଣୀ, ସତ୍ୟଭାଷୀ, ଧର୍ମ ପରାୟଣା ପୁତୁଲିବାଈଙ୍କର ଶୁଭସଂସ୍କାର ତାଙ୍କ ପୁତ୍ର ମୋହନଦାସ କରମଚାନ୍ଦ ଗାନ୍ଧିଙ୍କ ଠାରେ ପିଲାଦିନରୁ ଦେଖିବାକୁ ମିଳିଥିଲା । ଭବିଷ୍ୟତରେ ସେହି ସଂସ୍କାରୀବାଳକ ସତ୍ୟ-ଅହିଂସାର ଅନନ୍ୟ ଉପାସକ ହୋଇ ଇଂରେଜ ମାନଙ୍କ ଠୁ ଦେଶକୁ ସ୍ୱାଧୀନ କରି 'ମହାତ୍ମା' ବନି ଯାଇଥିଲେ । ମହାନ୍ ସମ୍ରାଟ ଛତ୍ରପତି ଶିବାଜୀ ତାଙ୍କ ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ତାଙ୍କ ମା' ଜୀଜାବାଈଙ୍କର ପାଠଶାଳାର ଶିକ୍ଷାକୁ ପ୍ରୟୋଗ କରି ହୋଇଥିଲେ ବିଶ୍ୱବିଦିତ । ମହାଦେବୀ ବର୍ମାଙ୍କ କାନରେ ତାଙ୍କ ମା' ପିଲାଦିନରୁ ମୀରା ଓ କବୀର୍‌ଙ୍କର ଯେଉଁ ମଧୁର ସଙ୍ଗୀତ ଗୁଣ୍‌ଗୁଣୋଉଥିଲେ ସେ ଗୀତ ଆଜି ସେମାନଙ୍କ ବିରହର ମୂର୍ଚ୍ଛନା ହୋଇ ଜଗତରେ ପ୍ରସ୍ଫୁଟିତ ହୋଇଛି । ରାମାୟଣର ଲକ୍ଷ୍ମଣ, ଶ୍ରୀରାମ ଓ ସୀତାଙ୍କ ପୂର୍ଣ୍ଣସେବା, ସମର୍ପଣରେ ତ୍ରୁଟି ନହେବା ପାଇଁ ନିଦ୍ରାଦେବୀଙ୍କୁ ୧୪ ବର୍ଷ ନିଦ୍ରାତ୍ୟାଗର ବର ମାଗିଥିଲେ । ଲକ୍ଷ୍ମଣଙ୍କ ପତ୍ନୀ ଉର୍ମିଳା



ରୂପାୟନ ଓ ଫଟୋ ସୌଜନ୍ୟ : ମମତା ପାଇକରାୟ

ନିଜର ପତ୍ନୀଧର୍ମ ପାଳନ କରି ସ୍ୱାମୀଙ୍କ ଭାଗରୁ ୧୪ ବର୍ଷର ନିଦ୍ରା ନେଇ ନିଜେ ଶୋଇ ରହି ସ୍ୱାମୀଙ୍କୁ ତାଙ୍କ କର୍ତ୍ତବ୍ୟରେ ପୂର୍ଣ୍ଣ ସହଯୋଗ ଦେଇଥିଲେ । ବର୍ତ୍ତମାନ ରିଲାୟାନ୍ସ କମ୍ପାନୀର ମାଲିକ ମୁକେଶ ଅମ୍ବାନି ଯଦି ବିଶ୍ୱ ଦରବାରରେ ସୁପ୍ରତିଷ୍ଠିତ ହୋଇପାରିଛନ୍ତି ତାହା କେବଳ ସମ୍ଭବ ହୋଇଛି ତାଙ୍କ ମା' କୋକିଲା ବେନ୍‌ଙ୍କ ଶିକ୍ଷାସଂସ୍କାର ଓ ସନ୍ତାନ ପ୍ରତି ଦାୟିତ୍ୱବୋଧତା ପାଇଁ । ଏମିତି ଅନେକ ଆଦର୍ଶ ଗୃହିଣୀ ଅଛନ୍ତି ଯେଉଁମାନଙ୍କର ବ୍ୟକ୍ତିତ୍ୱ ବଖାଣିବା ସମ୍ଭବପର ନୁହେଁ । କିନ୍ତୁ ଆଜିକାଲି ନାରୀମାନେ ନିଜକୁ ଗୃହିଣୀ କହିବାରେ ଲଜ୍ଜାବୋଧ କରନ୍ତି । ଆଧୁନିକତାର ଚାକଚକ୍ୟତା ଓ ଗୃହ ବାହାରର ଦୁନିଆଁରେ ଛନ୍ଦି ହୋଇ ନିଜର ଗୃହସ୍ଥ ଆଶ୍ରମର ପତନର କାରଣ ହୋଇଛନ୍ତି । ଘରକାମ କରିବାକୁ ଲଜ୍ଜାବୋଧ, ଶାଶୁଶ୍ୱଶୁରଙ୍କ, ସନ୍ତାନମାନଙ୍କର ଦାୟିତ୍ୱକୁ ବୋଝ, ଅତିଥି ଅଭ୍ୟାଗତଙ୍କ ସେବାସତ୍କାରକୁ ତିରସ୍କାର କରିବା ଏବେ ଗୃହିଣୀର କର୍ମ, ଧର୍ମ, ସେବା ଓ ଦାୟିତ୍ୱବୋଧତା ଉପରେ ଛିଡ଼ା କରେଇଛି ପ୍ରଶ୍ନବାଚୀ । ସମସ୍ତ ଘର-ପରିବାର ବର୍ତ୍ତମାନ ଧ୍ୱଂସାଭିମୁଖି ହୋଇ ପଡ଼ିଛି କେବଳ ଜଣେ ଜଣେ ଆଦର୍ଶ ଗୃହିଣୀଙ୍କ ଅଭାବରେ । ଯାହାର ଫଳସ୍ୱରୂପ ସମାଜକୁ ଆବଶ୍ୟକ ହେଉଥିବା ସଂସ୍କାରୀ, ମାନବିକତା ପୂର୍ଣ୍ଣ ସେବକ ମିଳିବା ଦୁର୍ଲ୍ଲଭ ହୋଇପଡ଼ିଛି । ସବୁଆଡ଼େ ସ୍ୱାର୍ଥର ଅଗ୍ନି ଜଳୁଛି, କାମନାର ଗନ୍ଧରେ ସମାଜ କଳୁଷିତ ହୋଇ ଚାଲିଛି । ପୁରୁଷମାନେ ଗୃହ ଅପେକ୍ଷା ଗୃହ ବାହାରର ନଗ୍ନ ଚାକଚକ୍ୟତା ପ୍ରତି ଆକର୍ଷିତ ହେଉଛନ୍ତି । ଘରେ ଘରେ ଦ୍ୱନ୍ଦ୍ୱ, କଳହ, ବିବାଦ, ବିଚ୍ଛେଦ ଓ ମନୋମାଳିନ୍ୟର କୁହୁଡ଼ି ଛାଇ ଯାଇଛି । ସ୍ୱାଧୀନତାର ଅର୍ଥକୁ ସ୍ୱେଚ୍ଛାଚାରିତା ଓ ଗୃହିଣୀର ସ୍ୱାଭିମାନକୁ ନିକୃଷ୍ଟତା ଭାବି ନାରୀ ହଜେଇ ଦେଇଛି ନିଜର ଆଦର୍ଶ-ଗୃହିଣୀର ପରିଚୟ । ମା' ଭାବରେ ଗୃହିଣୀର ସନ୍ତାନ ପ୍ରତି ବିଶେଷ ଭୂମିକା ରହିଛି ଯାହା ଅତି ଆବଶ୍ୟକ ଓ ସମାଜ ସୁଧାରର ଏକ ମୁଖ୍ୟ କାରଣ ।



## ମା'ଭାବରେ ଗୃହିଣୀ

ଆଜିକାଲି ଆମେ ମା'ମାନେ ମଧ୍ୟ ଆଧୁନିକତାର ଦୌଡ଼ରେ ପଛରେ ନାହୁଁ । ଘର କାମରେ ଚାକର ଓ କାମବାଲି ନିଯୁକ୍ତ କରି ନିଜ ମହତ୍ତ୍ୱର ଯଥାର୍ଥତାକୁ କମାଇବାରେ ଲାଗିଛୁ । ସକାଳର ପୂଜା କି ସନ୍ଧ୍ୟାର ଆଳତିରେ ଘର ଆଉ ମନ୍ଦିରର ଅନୁଭବ ହେଉନାହିଁ । ମା'ର ସ୍ନେହ ବଦଳରେ ପିଲାକୁ ଚାକରାଣୀରେ ଅଭ୍ୟସ୍ତ ହେବାକୁ ପଡୁଛି । ପିଲାଟି ଯଦି ମା'କୁ ଖାଇବାକୁ ମାଗୁଛି, ମା' ନିଜେ ନଦେଇ ଚାକରାଣୀକୁ ଆଦେଶ ଦେଉଛି । ଯଦି ପିଲାଟିକୁ ଖାଇବା ଭଲ ନ ଲାଗୁଛି ପିଲାଟି ଜିଦ୍ କରୁଛି, ମା' ସଙ୍ଗେ ସଙ୍ଗେ ଚାକରାଣୀକୁ ଅନ୍‌ଲାଇନ୍‌ରେ ଖାଇବା ମଗାଇ ଦେବାକୁ ପରାମର୍ଶ ଦେଉଛି । ପିଲାଟିକୁ ଖାଇବା ଠାରୁ ଅଧିକ ମା'ର ସ୍ନେହ, ଆକର୍ଷଣର ଆବଶ୍ୟକତା ଅଧିକ ରହିଛି ଏ କଥା ପିଲାଟି ବୁଝିପାରୁଛି କିନ୍ତୁ ମା' ବୁଝି ପାରୁନାହିଁ । ପିଲାଟି ପାଠପଢ଼ିବା ବେଳେ ଯଦି କିଛି ବିଷୟବସ୍ତୁ ବୁଝି ନପାରି ମା'କୁ ପଚାରୁଛି, ତ ସିରିଏଲ୍, ହ୍ୱାଟ୍‌ସ୍‌ଆପ୍, ଫେସବୁକ୍‌ରେ ମସ୍‌ଗୁଲ୍ ମା' ପିଲା ଉପରେ ବିରକ୍ତ ହୋଇ କହୁଛି, "ରହ ଆଉ ଟିକେ ପରେ ପଚାରିବୁ, ମୁଁ ବ୍ୟସ୍ତ ଅଛି ।" ପିଲାକୁ ପଢ଼ାଇବାର କ୍ଷମତା ଥାଇ ମଧ୍ୟ ଟିଉସନ୍ ଦେଇ ପାଠ ପଢ଼ାଇବାର ବୋଝରୁ ଓହରି ଯାଆନ୍ତି । ଯେତେବେଳେ ପିଲାଟି ଗେଲବସର ହୋଇ ମା'ପାଖରୁ ଗପଟିଏ ଶୁଣିବାକୁ ଜିଦ୍ କରେ, ମା'ବିରକ୍ତ ହୋଇ କହିଦିଏ, "ମୁଁ ଆଜି ବହୁତ ଟାୟାର୍ଡ ଅଛି, ମୋର ବିଶ୍ରାମ ଦରକାର । ମୁଁ କାଲି କହିବି ।" ପ୍ରତିଥର ଯେତେବେଳେ ପିଲାଟି ମା' ପାଖରୁ ପ୍ରତ୍ୟାଖ୍ୟାନ ପାଏ ଧିରେ ଧିରେ ତା ମନ ଉପରେ କୁପ୍ରଭାବ ପଡ଼ିବା ଆରମ୍ଭ ହୁଏ । ଆମ ପିଲାମାନଙ୍କ ମନ ଖୁବ୍ ସ୍ୱଚ୍ଛ, କୋମଳ । ଆମ ମା' ମାନଙ୍କର ଏପରି ବ୍ୟବହାର ପିଲାଟିର ସୁକୋମଳ ମନକୁ କେତେ କଷ୍ଟ ଦେଉଥିବ ? ପିଲାଟି କ'ଣ ଚାହେଁ ତା ମା'ଠୁ? କେବଳ ମା'ର ସ୍ନେହ, ମମତା, ଶ୍ରଦ୍ଧାର ପଣତ ଛାଇ, ଆଉ ଟିକେ ଆଦର । ବାରମ୍ବାର ପିଲାଟିର ମନକୁ କୁଠାରଘାତ କଲେ ପିଲାଟି ମନରେ ଆକ୍ରୋଶ, ଘୃଣା ଅସୁରକ୍ଷିତ ଭାବନା ଉଦ୍ରେକ ହେବ । ତେଣୁ ଆମ ମା'ମାନଙ୍କୁ ଧ୍ୟାନ ଦେବାର ଅଛି ପିଲାମାନଙ୍କର ପ୍ରଥମ ଶିକ୍ଷା, ସଂସ୍କାର ମା'ଠାରୁ ଆରମ୍ଭ ହୁଏ ।





ପକାଇଥାଏ । ପିଲାଟି ଖାଇବାକୁ ମାଗିଲେ ମା' ଯେତେବେଳେ ପସନ୍ଦ ଅନୁସାରେ ଖାଇବା ବନାଇ ଖୁଆଇଥାନ୍ତି, ବାହାରେ ସ୍ନାକ୍ସ୍ ଜାଗାରେ ସ୍କୁଲ୍ ଟିଫିନ୍‌ରେ ହାତ ତିଆରି ଜଳଖିଆ ଦେଇଥାନ୍ତି । ତା'ର ସ୍କୁଲ୍ ଡ୍ରେସ୍ ଘରେ ନିଜେ ଇସ୍ତ୍ରୀ କରିଥାନ୍ତି ଏସବୁ ପିଲାଟି ଦେଖିଲେ ତା ବ୍ୟବହାରର ସନ୍ତୁଳନ ସଠିକ ହୋଇଥାଏ । ମା' ପ୍ରତି ଆଦର ଭାବ ବଢ଼ିଥାଏ । ମା'କୁ ଏତେ କାମ କରିବାର ଦେଖି ମନ ଭିତରେ ସହାନଭୂତି, ଶ୍ରଦ୍ଧାଭାବ ଆସିଥାଏ । ଏଇଠି ଗୋଟେ ଯୁକ୍ତାତ୍ମକ ବଳୟ ସୃଷ୍ଟି ହୁଏ । ପ୍ରତ୍ୟେକ ଗୃହିଣୀମାନେ ପରୀକ୍ଷା କରି ଦେଖନ୍ତୁ ଯଦି ଆପଣ ସବୁବେଳେ ପରିବାରରେ ଶିକ୍ଷା, ସଂସ୍କାର, ଶୃଙ୍ଖଳା ଓ ଆତ୍ମୀୟତା ବଜାୟ ରଖିବେ ଆପଣଙ୍କ ପିଲାକୁ କେବେ ବି ଭଲ ପିଲାଟିଏ ହେବାକୁ ପରାମର୍ଶ ଦେବାକୁ ପଡ଼ିବ ନାହିଁ । ଆପଣଙ୍କୁ ଦେଖି ଦେଖି ପିଲା ନିଜେ ତାର ସଂସ୍କାର ଶିଖି ସାରିଥିବ । କେବେ ଯଦି ମା'ଟିଏ ଦୈନନ୍ଦିନ କାର୍ଯ୍ୟରୁ ଗୋଟିଏ ଭୁଲିଯାଏ ପିଲାଟି ମନେ ପକାଇ ଦେବ, "ମା ତୁ ଆଜି ଏହି କାମଟି କାହିଁକି କରିନୁ ।" ମା' ଯଦି ଅସୁସ୍ଥତା ହେତୁ ଟିକେ ବିଶ୍ରାମ ନିଏ ପିଲାଟି ବ୍ୟସ୍ତ ହୋଇ ମା'ର ସେବା କରିବା ଆରମ୍ଭ କରିବ । କାରଣ ସେ ତାର ମା'ଠୁ ଶିଖିଥିବ ପରିବାରର କେହି ଅସୁସ୍ଥ ହେଲେ ମା' ତାଙ୍କର ସେବା କରେ । ତେଣୁ ପିଲାଟି କହିବା ପୂର୍ବରୁ ସେହି ସବୁ କାମ ଆପେ ଆପେ କରିଚାଲିବ ଯାହା ସବୁଦିନ ସେ ପରିବାରରେ ମା'ଠୁ ଲକ୍ଷ୍ୟ କରୁଥିବ । ଏସବୁ ନୈତିକ ମୂଲ୍ୟବୋଧ ଶିକ୍ଷା ସଂସ୍କାର ପ୍ରଥମରୁ ପିଲା ଭିତରେ ଥାଏ । ଏହା ଈଶ୍ୱର ପ୍ରଦତ୍ତ । ଆମେ ଗୃହିଣୀମାନେ ବା ମା'ମାନେ ଆମ ପିଲାମାନଙ୍କୁ କେବଳ ତାଙ୍କର ସକାରାତ୍ମକ ଗୁଣକୁ ମାର୍ଜିତ ରଖିବା ପ୍ରତି ଧ୍ୟାନ ଦେବାର ଅଛି । ଆମ ମାନଙ୍କର ସଂସ୍କାରର ସୁପ୍ରଭାବ ଆମ ପିଲାମାନଙ୍କୁ ସୁନ୍ଦର ବ୍ୟକ୍ତିତ୍ୱ ପ୍ରଦାନ କରିବ । ତେଣୁ ବାହ୍ୟ ଚାକଚକ୍ୟତା ପ୍ରତି ଅହେତୁକ ଆକର୍ଷଣ ବଢ଼ାଇ ଗୃହିଣୀମାନେ ଟି.ଭି ମୋବାଇଲ ସ୍ଥାନରେ ଯଦି ପିଲାମନରେ ଭାବନାର ଆଦାନ ପ୍ରଦାନ କରି ପିଲାର ସମୟର ଯଥାର୍ଥତାକୁ ବୁଝି ସତ୍‌ମାର୍ଗ ଦେଖେଇ ପାରିବେ, ପାର୍ଟି ଫଙ୍କସନ୍‌ରେ ବ୍ୟୟ



ଲେଖିକା ଓ ଫଟୋ ସୌଜନ୍ୟ : ଲେଖିକା

ମା' ଯଦି ସଂସ୍କାରୀ ନ ହୁଏ ତା'ର ପିଲାକୁ ସେ କି ଶିକ୍ଷା ଦେବ ? ପିଲାକୁ ବାରମ୍ବାର ଅନୁଶାସନ ଆଳରେ ସଂସ୍କାରୀ ହେବାର ପରାମର୍ଶ ଦେବାର କୌଣସି ଆବଶ୍ୟକତା ନାହିଁ । ବାରମ୍ବାର ପିଲାକୁ ତ୍ରୁଟି ଅବଗତ କରାଇଲେ ଯଥା: ତୁ ଭଲ ପଢୁ ନାହୁଁ, ଅମୁକ ପିଲା ଭଲ ପଢୁଛି, ତୁ ଏତେ କମ୍ ନମ୍ବର ରଖୁଛୁ, ସେ ପିଲା କେତେ ଭଲ ନମ୍ବର ରଖିଛି, ତୁ ଗୋଟେ ଅଳସୁଆ ପିଲା, ତୋ ଯୋଗେ କିଛି ହେବନି...ଇତ୍ୟାଦ୍ ଇତ୍ୟାଦି । ଏସବୁ କହିଲେ ପିଲା ଅଧିକ ଖରାପ ଓ ଜିଦ୍‌ଖୋର ହୁଅନ୍ତି । ନିଜ ପିଲାକୁ ଅନ୍ୟ କାହା ସହିତ ତୁଳନା କରିବା ଆମ୍ଭ ମାନଙ୍କର ସବୁଠୁ ବଡ଼ ଭୁଲ୍ ଯାହା ଆମ ପିଲାର ଚିନ୍ତାଧାରାକୁ ଦୁର୍ବଳ କରାଏ ଓ ନିଜ ପ୍ରତି ନକାରାତ୍ମକ ଭାବନା ବଢ଼ାଇଥାଏ । ପିଲାମାନେ ନିଜ ପରିବାରରେ ସ୍ନେହଶ୍ରଦ୍ଧାର ଅଭାବ ବୋଧ କଲେ ସେମାନେ ବାହାର ଦୁନିଆଁର ମାୟାଜାଲରେ ଫସି ଯାଆନ୍ତି । ନିଜ ପରିବାର ଲୋକଙ୍କୁ ଶତ୍ରୁ କିମ୍ବା ବାଧକ ଭାବି ନିଅନ୍ତି । ପିଲାଟି ବାଧ ହୋଇ ଅସାମାଜିକ ପ୍ରବୃତ୍ତିକୁ ଆପଣେଇ ନିଏ ।

ଯଦି ଜଣେ ଗୃହିଣୀ ବା ମା' ସଂସ୍କାରୀ ହୋଇଥାଏ, ପିଲା ତା ମା'କୁ ଅନୁସରଣ କରେ । ପିଲାଟି ମା'ର ଦୈନନ୍ଦିନ କାର୍ଯ୍ୟକଳାପକୁ ଲକ୍ଷ୍ୟ କରେ ମା' କେମିତି ସକାଳୁ ଉଠୁଛି, ନିଜ କାମ କରିବା ସହିତ ଗୁରୁଜନ ଯଥା: ଜେଜେ ମା, ଜେଜେ ବାପା, ବଡ଼ ବାପା, ଦାଦା, ଖୁଡ଼ି, ସମସ୍ତଙ୍କର ଯତ୍ନ ନେଉଛି । ସମସ୍ତଙ୍କୁ ଚା' ଜଳଖିଆ ଦେଉଛି । ପୂଜା କରୁଛି । ଘର ସଫା କରୁଛି । ହସି ହସି ସମସ୍ତଙ୍କ ସହିତ କଥା ହେଉଛି । ଏ ସବୁ ପିଲାଟି ଉପରେ ସୁପ୍ରଭାବ




କରୁଥିବା ମୂଲ୍ୟବାନ ସମୟକୁ ପରିବାରରେ ନିୟୋଜିତ କରିପାରିବେ ତେବେ ସେଇଠି ହିଁ ସଫଳ ହେବ ଜଣେ ଆଦର୍ଶ ଗୃହିଣୀର ସାର୍ଥକତା । ନିଜ ପରିବାର ଓ ପିଲାମାନଙ୍କର କାମକୁ ଯଦି ବୋଝ ଭାବିବା ତେବେ ଆମେ ମଧ୍ୟ ସମାଜ ପାଇଁ ଗୋଟେ ବୋଝ ପାଲଟିଯିବା ।

## ଗୃହିଣୀଙ୍କ ଘର କାମର ଯୁକ୍ତାତ୍ମକ ଦିଗ


ଗୃହିଣୀମାନଙ୍କ ଘରକାମ କହିଲେ ସେଥିରେ ଅନେକ କଥା ଆସେ ଯାହାର ଯୁକ୍ତାତ୍ମକ ଦିଗକୁ ଆମେ ଲକ୍ଷ୍ୟ କରିବା । ଆଗରୁ ଗୃହିଣୀମାନେ ଢ଼ିଙ୍କି କୁଟି ଧାନରୁ ଚାଉଳ ଓ ଚୁଡ଼ା ବାହାର କରୁଥିଲେ । ଢ଼ିଙ୍କି ବା ହେମଦସ୍ତାରେ କୁଟିବା ଦ୍ୱାରା ଆମର ହାତ ଓ ଗୋଡ଼ର ବ୍ୟାୟାମ ହୋଇଥାଏ, ରକ୍ତ ସଂଚାଳନ ସଠିକ ହୋଇଥାଏ । ଘର ଝାଡ଼ୁ କରିବା, ଲିପାପୋଛା କରିବା, ଲୁଗା ସଫା କରିବା ଦ୍ୱାରା ନାରୀ ଅନେକ ପ୍ରକାର ମୁଦ୍ରା ଦେଇ ଗତିଶୀଳ ହୋଇଥାଏ ଯାହା ଶରୀରରୁ ମେଦ ହ୍ରାସ କରିବା ଓ ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ଏହି ପରିପ୍ରେକ୍ଷୀରେ ଆମର ଘର ମଧ୍ୟ ପରିଷ୍କାର ହୋଇଥାଏ ଯାହା ଆମକୁ ମାନସିକ ଶାନ୍ତି ପ୍ରଦାନ କରେ । ଗାଁରେ ଗୃହିଣୀମାନେ ନଦୀକୁ ପାଣି ଆଣିବାକୁ ଯାଆନ୍ତି । ମନ୍ଦିରକୁ ପୂଜା କରିବାକୁ ଯାଆନ୍ତି । ଏହା ଦ୍ୱାରା ତାଙ୍କର କିଛି ସମୟ ଚାଲିବାର ସୁଯୋଗ ମିଳେ ଯାହା ଶରୀର ପ୍ରତି ଉପକାର ହୋଇଥାଏ । ମନ୍ଦିରରେ ଅନେକ ପାର୍ଶ୍ୱଦେବତାଙ୍କ ନିକଟରେ ବୁଲିବୁଲି ଆଣ୍ଠୁ ମାଡ଼ି, ମୁଣ୍ଡ ଭୂମିରେ ଲଗାଇ ପ୍ରଣାମ କରିବା ଦ୍ୱାରା ଆମର ପାଦ, ଆଣ୍ଠୁ, ଅଣ୍ଟା, ବେକ ଓ ମଥା ସମସ୍ତ କ୍ରିୟାଶୀଳ ହୋଇଥାନ୍ତି । ଏହା ଏକ ପ୍ରକାର ଯୋଗ ମୁଦ୍ରା ଯାହା ଆମକୁ ପେଟ କମାଇବାରେ, ଆଣ୍ଠୁଗଣ୍ଠିର ହାଡ଼ ରସ ବଢ଼ାଇବାରେ ସାହାଯ୍ୟ କରେ । ଗୁରୁଜନମାନଙ୍କୁ ପ୍ରଣାମ କରିବା ଦ୍ୱାରା ଯୋଗ ମୁଦ୍ରା ସହିତ ଆମକୁ ଆଶୀର୍ବାଦ ମଧ୍ୟ ମିଳିଥାଏ ଯାହାକି ସ୍ନାୟୁ କେନ୍ଦ୍ରକୁ ଯୁକ୍ତାତ୍ମକ ବିଚାରଶୀଳ ହେବାକୁ ପ୍ରବର୍ତ୍ତାଇଥାଏ । ରୋଷେଇ କଲାବେଳେ ଆମେ ଭାତ ଗାଳିଥାଉଁ, ଭାତ ପେଜର ବାଷ୍ପ, ଆମ ମୁହଁ ଉପରେ ପଡ଼େ ଏଥିରେ ଆମେ ବିରକ୍ତି ମଧ୍ୟ ହେଉ । କିନ୍ତୁ ଏହା ଆମ ତ୍ୱଚା ପାଇଁ ଉପକାରୀ ହୋଇଥାଏ । ଚାଉଳରେ ଥାୟାମିନ୍ ଓ କାର୍ବୋହାଇଡ୍ରେଟ୍ ଥାଏ । ଏହାକୁ ବାଷ୍ପ ଆକାରରେ ଆମ ତ୍ୱଚା ଗ୍ରହଣ କରେ । ବର୍ତ୍ତମାନ ବିଉଟି ପାର୍ଲର୍‌ରେ ବାଷ୍ପ ପଦ୍ଧତିରେ ମହିଳାମାନେ ଅର୍ଥ ଖର୍ଚ୍ଚ କରି ସୌନ୍ଦର୍ଯ୍ୟ ପ୍ରାପ୍ତ କରୁଛନ୍ତି । କିନ୍ତୁ ଘରେ ପ୍ରତିଦିନ ଭାତରାନ୍ଧି ସେହି ପେଜର ବାଷ୍ପକୁ ଗ୍ରହଣ କଲେ ତ୍ୱଚାର ଔଜ୍ଜଲ୍ୟ ଆସିଥାଏ । ଯେଉଁଥିରେ କେମିକାଲ୍ ନଥାଏ ଏବଂ ପରିବାର ଲୋକଙ୍କ ପାଇଁ ଖାଦ୍ୟ ମଧ୍ୟ ପ୍ରସ୍ତୁତ ହୋଇଥାଏ । ବର୍ତ୍ତମାନ ଗୃହିଣୀମାନେ ଘରକାମକୁ ବୋଝ ଭାବୁଥିବାରୁ ଏବଂ କର୍ମଜୀବୀ ମହିଳାମାନେ ନିଜର କ୍ଲାନ୍ତି ବଶତଃ ନିଜ ହାତରେ ରାନ୍ଧିବାକୁ ପସନ୍ଦ କରୁନାହାନ୍ତି କିନ୍ତୁ ଏହାର କୁପରିଣାମ ସନ୍ତାନମାନଙ୍କ ଉପରେ ପଡ଼େ । ହୋଟେଲ ଖାଦ୍ୟ ଅଧିକ ତୈଳଯୁକ୍ତ ଓ ମସଲାଦାର ଯାହା ସୁପାଚ୍ୟ ନୁହେଁ ଏବଂ ଏହି ଖାଦ୍ୟ ପ୍ରସ୍ତୁତ କରୁଥିବା ବ୍ୟକ୍ତି ଶ୍ରଦ୍ଧାପୂର୍ବକ ଖାଦ୍ୟ ବନାଇଥାନ୍ତି । ସେଥିରେ ଏନ୍‌ଜାଇଟି ବା ଚିଡ଼୍‌ଚିଡାପଣ, ବ୍ୟସ୍ତତା, ବିରକ୍ତିଭାବର ପ୍ରଭାବ ଖାଦ୍ୟ ଉପରେ ପଡ଼ିଥାଏ ଯାହା ସହଜରେ ହଜମ ହୋଇନଥାଏ । ପାଟିକୁ ସୁଆଦିଆ ଲାଗିଲେ ମଧ୍ୟ ଶରୀର ପ୍ରତି କ୍ଷତିକାରକ ହୋଇଥାଏ । କିନ୍ତୁ ଜଣେ ଗୃହିଣୀ ବା ମା' ଅତି ସ୍ନେହରେ ଘରେ ଯାହା ବି ଶ୍ରଦ୍ଧା ପୂର୍ବକ ବନେଇଥାଏ ଖାଦ୍ୟରେ ତା'ର ସୁପ୍ରଭାବ ସନ୍ତାନର ଚିତ୍ତସତ୍ତା ଓ ସ୍ନାୟୁକେନ୍ଦ୍ରକୁ ଯୁକ୍ତାତ୍ମକ କରିଥାଏ । ତେଣୁ ମା'ଖାଦ୍ୟର ସ୍ୱାଦ ଅନନ୍ୟ ହୋଇଥାଏ ।

ଗୃହିଣୀ ଘରର ଲକ୍ଷ୍ମୀ, ସେ ମା'ହେଉ, ପତ୍ନୀ ହେଉ, କନ୍ୟା ହେଉ କିମ୍ବା ଭଗ୍ନୀ । ତା'ର ଶ୍ରଦ୍ଧା, ଆଦର ଅନୁକମ୍ପା ପରିବାରରେ ସ୍ୱର୍ଗର ବାତାବରଣ ସୃଷ୍ଟି କରେ । ନିଜ ପରିବାର ପାଇଁ କରୁଥିବା କାର୍ଯ୍ୟ, ସହଯୋଗ ଓ ସେବାକୁ କାହିଁକି ଆମେ ଲଜ୍ଜାବୋଧ ଭାବିବା ? ଏହା ତ ପ୍ରତ୍ୟେକ ଗୃହିଣୀ ପାଇଁ ଗୌରବର କଥା । ଯିଏ ନିଜେ ତ୍ୟାଗର ଦେବୀ ହୋଇ ସମାଜକୁ ସୌନ୍ଦର୍ଯ୍ୟପ୍ରଦାନ କରେ, ବୀରପୁତ୍ର, ଚରିତ୍ରବାନ ଶାସକ, ମେଧାଯୁକ୍ତ ଶିକ୍ଷକ, ଆଦର୍ଶପୂର୍ଣ୍ଣ ବ୍ୟକ୍ତିତ୍ୱ ପ୍ରଦାନ କରି ସମାଜରେ ଅଗ୍ରପୂଜ୍ୟା ହୋଇଥାଏ ଗୃହିଣୀ । ସୃଷ୍ଟିରେ ଗୃହିଣୀର ବିକଳ୍ପ ନାହିଁ ।


ROYAL Chilli's
A.C. Restaurent
HOTEL MAA
INTERNATIONAL
HOTEL
Maa
INTERNATIONAL
HOTEL MAA
INTERNATIONAL
STATION SQUARE, O.T. ROAD, BALASORE
06782 - 265212 / 13
+91 8908174151
hotelmaainternation@gmail.com
www.hotelmaainternationl.com

ମୋ କଥା

# ହୃଦୟ ଖୋଲା ହରିହର



ମୋନାଲିସା ମିଶ୍ର

ଏ/୭, ଏନ୍.ଆଇ.ଟି. କ୍ୟାମ୍ପସ୍,
ରାଉରକେଲା-୭୬୯୦୦୮
ଫୋନ : ୯୯୩୭୭୩୮୪୭୫୯

# ସେ ଏମିତି ଚଢନ୍ତି ଉଠାଣି

ଫଟୋ ସୌଜନ୍ୟ : ଲେଖିକା



ସେ ସଦାବେଳେ ଏକ ଉଠାଣି ଚଢୁଥାନ୍ତି ।

ମନ ଭିତରେ ସମୁଦ୍ର ଲହଡ଼ି ପରି ହଜାର ହଜାର ଶବ୍ଦ ଆସୁଥିବେ ଯାଉଥିବେ, ଉଠୁଥିବେ ପଡୁଥିବେ । କିଛିକୁ ସେ ଗୁନ୍ଥୁଥିବେ, କିଛିକୁ ଫେରେଇ ଦେଉଥିବେ, କିଛିକୁ ସାଇତି ରଖୁଥିବେ । ଆଉ କିଛି ଶବ୍ଦ ହୁଏତ ଥ-ତ-ମ-ତ ହେଇ ଅଟକି ଯାଉଥିବେ କୋଉ ଗହ୍ୱରରେ । ସେସବୁକୁ ଉଦ୍ଧାର କରିବା ପାଇଁ ଚାଲିଥିବ ପ୍ରୟାସ । ଯେତିକି ଯେତିକି ଦୂରରେ ଥିବେ ସେଇ ଶବ୍ଦମାନେ, ସେତିକି ସେତିକି ଲମ୍ବି ଯାଉଥିବ ଆଞ୍ଜୁଳି । ଏଇ ଶବ୍ଦାଞ୍ଜଳି ଟିକକ ହିଁ ତ ଜୀବନ । ବଂଚିବାର ଏକମାତ୍ର ମାଧ୍ୟମ । ଆଉ କଣ କିଛି ଅଛି ? ଧନ ନା ରତ୍ନ !

ଶବ୍ଦ, ଶବ୍ଦରୁ ଭାବ ଆଉ ଭାବରୁ ସ୍ୱପ୍ନ, ସ୍ୱପ୍ନରୁ ପୁଣି କୋଉ ଏକ ରହସ୍ୟାବୃତ୍ତ ରାଇଜ । ସେ ଏମିତି ଗତି କରନ୍ତି ଏକ ପରିବ୍ୟାପ୍ତ ଆକାଶରେ...କାହାକୁ ଖୋଜି ଖୋଜି କାହାକୁ ଗଣ୍ଠି କରି କରି ଶବ୍ଦର ମାଳ ତିଆରୁଥାନ୍ତି ସେଇ ମହାବାହୁଙ୍କ ପାଇଁ । ସବୁଠି ଦେଖୁଥାନ୍ତି କଳା କଳା ଦୁଇଟି ଡୋଳା । ସମୁଦ୍ରରେ, ଝାଉଁବଣରେ, ଅଧା ଛପର ଚାଳ ଅବା ସାଧା କାଗଜରେ ।

ସେ ଏମିତି ଚଢୁଥାନ୍ତି ଉଠାଣି ।

କାନରେ ବାଜୁଥିବ ସାଇ ଗଳି ଭିତରୁ କୋଉଠୁ ବଇଁଶୀ କି ପଖଉଜର ସୁର, ମନ ଭିତରେ ଝୁଣ୍ଣୁ ଝୁଣ୍ଣୁ ହଉଥିବ ନେତପିଲାର ଘୁଙ୍ଗୁର, ଧକ୍କା ଦେଇ ଚାଲି ଯାଉଥିବ ଭାଙ୍ଗଖିଆ ଜେଗାପିଲାଙ୍କ ବୋଲିବାଣୀ, କୋଉଠୁ କେଜାଣି ଚୁଡ଼ଙ୍ଗ ସାଇର ଗଳି ଭିତରୁ କି କୋଉ ଠାକୁରାଣୀ ମନ୍ଦିର ପଛପଟୁ ଅଭାଗିନୀ ବିଧବାଟିଏର କୁଁ କୁଁ କାନ୍ଦ ଯେ ପାଦ ପଛକୁ ଟାଣି ଦେଉନଥିବ କହି ହବନି ।

ସେ ଏମିତି ଚଢୁଥାନ୍ତି ଉଠାଣି, ଦୁଃଖ ଆଶା କାମନା ସବୁକୁ ଫୁତ୍କାର ମାରି ମାରି ।

କାରଣ ସଂସାରର କୁଡୁଆ ଭିତରେ ମୁଣ୍ଡ ପୂରେଇ ନିତିଦିନିଆ ଦୁଃଖସୁଖ, ଅଛି-ନାହିଁ ତୋର-ମୋର ଭଙ୍ଗା-ଗଢାର କଳରବ ଭିତରେ ହନ୍ତସନ୍ତ ହବା ଲୋକ ସେ ନୁହନ୍ତି । ଜୀବନ ଚାଲୁଥାଉ ଲୋଭ, ମୋହ ସ୍ୱାର୍ଥର ଗଳିକନ୍ଦିକୁ ଭୁଲି ଭୁଲି ଏକ ସଫା ଫର୍ଚ୍ଚା ରାସ୍ତାରେ ।

ଆଜି ଦଶ ଟଙ୍କାର ଛେନା ରାବିଡ଼ି ଖାଇ କାଲିକି ଦି' ଟଙ୍କାର ଚାଉଳ ପାଇଁ କେତେ କଷ୍ଟ କରୁଥିବା ଘରର ବଡ଼ପୁଅ ସିଏ । ଚାଳ ଛପର ହେଇନଥାଏ, ଶିଶିରେ ତେଲ ନଥାଏ, ଭୋଗେଇରେ



ପ୍ରଖ୍ୟାତ କବି ହରିହର ମିଶ୍ରଙ୍କ ସହିତ କବିକନ୍ୟା ମୋନାଲିସା ମିଶ୍ର



▲ **କବି ପରିବାର : (ବାମରୁ) ଝିଅ ମୋନାଲିସା ମିଶ୍ର, ପତ୍ନୀ ରାଜଲକ୍ଷ୍ମୀ ମିଶ୍ର ଓ ଜ୍ୱାଇଁ ଡକ୍ଟର ଗୋପାଳକୃଷ୍ଣ ପଣ୍ଡାଙ୍କ ସହିତ କବି ହରିହର ମିଶ୍ର**

ଲୁଣ ନଥାଏ, ଠୁଙ୍ଗାରେ ଚାଉଳ ନଥାଏ ପଛେ ଦାଣ୍ଡପିଣ୍ଡାରେ ବସି ଗୀତ ଗାଉଥିବେ ତାଙ୍କ ନନା,

ମଣିରାମ ଚକାଚକ୍, ଗାଡ଼ି ଚାଲେ ଧକା ଧକ୍

ସେ ହେଉଛନ୍ତି ତାଙ୍କ 'କାବା' ।

ମୁଁ ମୋ ଜେଜୀମା'କୁ ପଚାରେ, ତତେ ଆଉ ନାଁ ମିଳିଲାନି ! ନନାଙ୍କ ନାଁ ଦେଲୁ କାବା ! ଏଇଟା ଗୋଟେ କି ନାଁ !

ମା' କହେ, କାଇଁ କାବା ନାଁ କଣ ଭଲ ନୁହେଁ ! ଗାନ୍ଧୀ ମହାତ୍ମାଙ୍କ ବାପାଙ୍କ ନାଁ ପରା କାବା.. । ଆଲୋ ବଡ଼ ଦୁଃଖରେ ପୁଅ ସେ । ତିନି ତିନିଟା ଗଲା ପରେ କେତେ ଓଷାବ୍ରତର ଫଳ ସିଏ । ଅପ୍ରତ୍ୟାଣିମାନଙ୍କର ସେମିତି ନାଁ ଦିଆ ହେଇଥାଏ ଲୋ, ଯମର ଆଖି ପଡ଼ିବନି ବୋଲି । ଆଲୋ ! ମୋ ପାଖରେ ବଂଚିବ କି ନ ବଂଚିବ ବୋଲି ଜନମ ହଉ ହଉ ହାଡ଼ିଆଣୀକୁ ବିକି ଦେଇଥିଲି । ପ୍ରତି ମଂଗଳବାର ଭିକ ମାଗି ଚାଉଳ ଆଣିଲେ ଭାତ ଖାଉଥିଲି । କୋଳରେ ପିଲା ରହୁନଥିଲେ ବୋଲି କେତେ କଣ ରକମ ମୁଁ ନକରିଛି ।

ମାଆ ଏମିତି ନନାଙ୍କ ପିଲାଦିନକୁ ନେଇ ଅନେକ କଥା କହେ । ମତେ ଗପ ଶୁଣିଲା ପରି ଲାଗେ । ବିଶ୍ୱାସ କରିପାରେନା ସତରେ କଣ କିଏ ଏମିତି ପୁଅକୁ ବଂଚେଇବା ପାଇଁ ବାର ଦୁଆରେ ଭିକ ମାଗେ !

ତେବେ ମାଆ ଠୁଁ ନନାଙ୍କ ପିଲାଦିନର ବଦମାସି କି ଚଗଲାମି ଶୁଣିବାରେ ମୋର ବହୁତ ଆଗ୍ରହ । ଜାଣିବାକୁ ଇଚ୍ଛା ହୁଏ ଆଜି ଆମକୁ ଆକଟୁଥିବା ଲୋକଟି ପିଲାଦିନେ କେମିତି ଥିଲେ । ବୁଢୀମା'ମାନଙ୍କ ପାଖରୁ ବାପାମା'ଙ୍କ ପିଲାଦିନର କଥା ଶୁଣିବା ଠୁ ରୋମାଂଚକର କାହାଣୀ ବୋଧେ ଆଉ କିଛି ନାହିଁ ।

ମୁଁ ମା'କୁ ଚିଡ଼େଇବା ପାଇଁ କହେ, ପୁଅ ତୋର ଘରେ ବସି କେବେ ପାଠ ପଢୁଥିଲା ?

– ମଲା ମଲା, ପାଠ ପଢୁନଥିଲା ଆଉ ତୁଛାକୁ ଏଡ଼େ ନାମକରା ଲେଖକ ହେଇ ଯାଇଛି ! ଯାହା କହିବ ସବୁ ମୁହଁରେ ମୁହଁରେ ଗାଇ ଦେଇଯାଉଥିଲା । ହେଲେ ନାଟୁଆଟା ତ ! ଏଡ଼ିକିଟିଏ ହେଇଥିଲା, ମୋହନ ଗୋସ୍ୱାମୀ ନାଟକରେ କୃଷ୍ଣ ପାର୍ଟ କରିଥିଲା । ହେଃ– ହେଃ..ଯୋଉ ସୁନ୍ଦର ଦିଶୁଥିଲା !


ଓହୋ ମା'ର ପାକୁଆ ପାଟିରେ ସର ଦହି ଉଛୁଳିଲା ପରି କି ହସ ! ସତେ ଯେମିତି ଏବେବି ତା'ପୁଅ ବାଲ୍‌ଗୋପାଲ୍ ହେଇ ବସିଛି କୋଳରେ ! କୁନି ନାଗା ହେଇ ଠିଆ ହେଇଛି ଗଳି ମୁଣ୍ଡରେ । ମୁଁ ଆଉ ଟିକିଏ କଥା ଉଖାରିବାକୁ ପଚାରେ

– ହେଲେ, ହରିଜନ ସାଇକୁ ପରା ଯାଉଥିଲେ ପାଠ ପଢେଇବାକୁ ! କେମିତି ସହୁଥିଲୁ ? ତୋ ବ୍ରତ ମାରା ହେଇ ଯାଉନଥିଲା ?

– କଣ କରିବି ? କଥା ମାନିଲେ ତ ! କେତେ ତ କଣ କରୁଥିଲା ସିଏ..ଡ୍ରାମା ଲେଖୁଥିଲା,ପାଆର୍ଟ କରୁଥିଲା । ଫୁଟ୍‌ବଲ୍ ଖେଳୁଥିଲା କଣ କଣମ ! ଆଲୋ ଖେଳିବ ଖେଳିବ, ଘରେ ଆସି ତାଳ ଭୋଗେଇକୁ ବଲ୍ କରି ଗୋଡ଼ରେ ଫିଙ୍ଗିବ । ସାଙ୍ଗ ତ ଖାଲି ସାଙ୍ଗଙ୍କ ସାଙ୍ଗେ ଦିନ ରାତି । ଗଲା ଯଦି ଗଲା ଘରକୁ ଫେରିବା କଥା ଆଉ ମନରେ ନଥିବ । ଦିନେ ପରା ଘରକୁ ଫେରିବାକୁ ଡେରି କଲା ବୋଲି ବାଡ଼ି ଖଣ୍ଡେ ଧରି ଅନ୍ଧାରରେ ଜଗି ବସିଥିଲି । ଯେମିତି ଘର ଭିତରେ ପଶିଛି ଦେଲି ପାହାରେ, ଆଲୋ ଦେଖିଲା ବେଳକୁ ସେଇଟା କାବା ନୁହେଁ ପ୍ରଫୁଲ.. ପ୍ରଫୁଲ୍ଲ କର ମ.. ଯୋଉ ଏବେ ଗୀତ ଗାଉଛି..କାଳିକପାଳି ନରମୁଣ୍ଡମାଳି..

ମୁଁ ହସେ । ମୋ ପ୍ରିୟ ମାଆ ବି ହସେ, ସେ ମତେ ବିଂଚଣା ବିଂଚି ବିଂଚି ପୁଣି କେତେ ନନାକାହାଣୀ କହୁଥାଏ । ପରେ ଦେଖିଲି ସେସବୁ ନନା ଲେଖିଛନ୍ତି ତାଙ୍କ ଗପରେ 'ସାତ ବର୍ଷର କାବା'ରେ ।

ଅସମ୍ପୂର୍ଣ୍ଣତା ହିଁ ମଣିଷର ଭାଗ୍ୟ । ତାର ଦେବତା ଅଧାଗଢ଼ା ଦାରୁବିଗ୍ରହ । ପୂର୍ଣ୍ଣତା ପାଇଁ ସକଳ ସୃଜନ ଆୟାସ ତା ପାଇଁ ଅକୁଳାନ । ତଥାପି ସଂଘର୍ଷମୟ ପଥରେ ସଦା ବିକଶିତ ଶବ୍ଦ ଏବଂ ତା ଭାବର ବିସ୍ତୃତ ପରିଧି । କେଉଁ ଅନ୍ତର୍ନିହିତ ଧ୍ୱନିରୁ ଆରମ୍ଭ ଏ ସୃଜନର ଧାରା । ପ୍ରେରଣା, ପ୍ରକୃତି, ପ୍ରତିବାଦ, ପ୍ରଗତି, ପରମ୍ପରା ଆଉ ପରିବର୍ତ୍ତନ-ଏହି ଉପାଦାନମାନଙ୍କୁ ନେଇ ଏମିତି ଚାଲିଥିବ ସାହିତ୍ୟର ଜୟଯାତ୍ରା । - ହରିହର ମିଶ୍ର



ସେଥିରୁ ଜାଣିଲି ଫୁଲ୍‌ଦମ୍‌ରେ କଟିଛି ତାଙ୍କ ପିଲାଦିନ । ପୁରୀ ସହରର ସାଙ୍ଗ ସଙ୍ଗୀତ, ପଙ୍ଗତ, ଜେଗା ଘର ସମ୍ପାତି ମେଢ, ନାଗା ନାଚ, ଝୁଲଣ, ଚନ୍ଦନ, ରଥ ବାହୁଡ଼ାର ଗହଳଚହଳ ପରି ଆତ୍ମୀୟତା ଭରା ସଂସ୍କୃତିରେ ମସ୍‌ଗୁଲ୍ ଏକ ଜୀବନ । ହରିଜନ ସାଇରେ ପଶି ପାଠ ପଢେଇଛନ୍ତି, ହାତ ତିଆରି ସାହିତ୍ୟ ପତ୍ରିକା କରି ସାଇ ସାଇରେ ବାଂଟିଛନ୍ତି, ନୂଆନଇରେ ଡଙ୍ଗାରେ ବସି ବସି ମୁହଁରେ ମୁହଁରେ ଗୀତ ଲେଖିଛନ୍ତି ଆଉ ସେଇଠି ହିଁ ସୁର ଦେଇଛନ୍ତି ପ୍ରଫୁଲ୍ଲ କର । କରିଛନ୍ତି ଅନେକ ନାଟକ, ଜିତିଛନ୍ତି ଅନେକ ପ୍ରତିଯୋଗିତା,ଲେଖିଛନ୍ତି ଅଜସ୍ର ଗୀତ ଆଉ ତାପରେ ସିନେମା ।


ନାଟକର ସଂଳାପ କହି କହି ସେ ହୁଏତ ଚଢିଛନ୍ତି ସବୁ ଉଠାଣି ।

ଉଠାଣି ଚଢି ପଶନ୍ତି ଯେବେ ତାଙ୍କ ପବନପିଟା ଘରେ, ସେତେବେଳେ ହୁଏତ ସାଂସାରିକ ଜଞ୍ଜାଳ ଆଉ ଅର୍ଥାଭାବରେ ଜର ଜର ତାଙ୍କ ବହୁକୁଟୁମ୍ବୀ ପରିବାର ତାଙ୍କୁ ଚାହିଁଥିବ ଭଙ୍ଗାକୁଡୁଆ ପରି ଆଁ କରି । ବାପା ଅଫିମ ପାଇଁ ଚାହିଁ ବସିଥିବେ, ଭାଇ ପରୀକ୍ଷା ଫର୍ମ ପୂରଣ ପାଇଁ, ଆଉ ଗୋଟେ ଭାଇ ସିନେମା କରିବ ବୋଲି ଘରୁ ବାହାରି ପଳେଇ ଯାଇଥିବ କୁଆଡ଼େ ତ ଆଉ ଗୋଟେ ଭାଇ ତାଙ୍କରି ଗୀତ ଗାଉଥିବ ବସି ଉଚ୍ଚା ବାରଣ୍ଡାରେ, ଆଗୋ ସବୁଜ ବନର ପକ୍ଷୀ.... ।

ଏତେ ସବୁ ଚାହିଁ ରହିଥିବା ଆଖିଙ୍କ ମେଳରେ ରୋଷେଇ ଘରୁ ମୁହଁ କାଢି ସର୍ବଂସହା ପତ୍ନୀ କହୁଥିବେ ଘରେ କିଛି ନାହିଁ, ଯାଅ ଟିକେ ସଉଦା ଆଣିଦିଅ । ସେ ହୁଏତ ଯାଉଥିବେ ପରିବା ଥଳି ଝୁଲେଇ ଝୁଲେଇ, ସିଗାରେଟ୍‌ରେ ତାରା ଯୋଖି ଯୋଖି, ଲହରୀ ପରି ଗୋଟେ ପରେ ଗୋଟେ ଗୀତ ଯୋଡ଼ି ଯୋଡ଼ି ।

ବୋଉ କହୁଥିବ ତୋ ନନା ପରିବା ଟିକେ ଆଣି ଜାଣିଲେନି ଆଜିଯାଏଁ, ଲୋକ ଚିହ୍ନି ଜାଣିଲେନି କିଏ କେତେ ବାଟରେ ଠକି ଦେଉଛନ୍ତି ତାଙ୍କୁ, ଘର ଖଣ୍ଡିଏ ଠିକଣା କରି କଣ ତିଆରି ଜାଣିଲେ ! ପଇସାପତ୍ରର ହିସାବ ରଖୁଛନ୍ତି କେବେ ! ତିନିତିନିଟା ଝିଅ ପରା ! ଚିନ୍ତା ଅଛି ! ଶାଢୀ ଖଣ୍ଡେ କିଣିଛନ୍ତି କେବେ ! ଲୋକ କେତେ ପଇସା ସାଇତି ରଖିଛନ୍ତି ଆଉ ଆମର ଯୋଉ ହନ୍ତସନ୍ତକୁ ସେଇ ହନ୍ତସନ୍ତିଆ ଜୀବନ ।

ସଂସାର ଭିତରେ ଲୀନ ରହି ବି ସାଂସାରିକ ମୋହ ମାୟା କଷଣରୁ ଉର୍ଦ୍ଧ୍ୱକୁ ଯାଇ କେମିତି ଏକ ନିର୍ବେଦ ଚଟାଣରେ ନିଜକୁ ଠିଆ କରିହେବ ସେ କଳା ତାଙ୍କୁ ଜଣା । ହିସାବ ନାହିଁ ତେଣୁ ଦୁଃଖ ନାହିଁ । ବେଶୀ କିଛି ପାଇବାର ଉତ୍କଣ୍ଠା ନାହିଁ ତେଣୁ ବ୍ୟାକୁଳତା ନାହିଁ । ଚଳାଉ ଯିଏ ଜଗତ ରଥ ଚଳଉଛି ସେ ଜୀବନ ଚଳାଉ ।



ଫଟୋ: ପ୍ରଫୁଲ୍ଲ କର

ଏଇଥିପାଇଁ ବୋଧେ ଲୋକେ ତାଙ୍କୁ ଭାବଭୋଳା କବି କହନ୍ତି । କିଏ ତାଙ୍କ ଆଖିକୁ ମାୟାଜାଲ କହେ, କିଏ ତାଙ୍କୁ ଟୁବି ଗାଡ଼ିଆର ହଂସ କହେ,କିଏ ତାଙ୍କୁ ଛାୟାପଥର ନକ୍ଷତ୍ର କହେ ।

ମୁଁ ଅନେକ ଦିନ ଯାଏଁ ଜାଣିନଥିଲି ମୋ ନନା ଲେଖକ ବୋଲି । ମୁଁ ଜାଣିଥିଲି ନନା ନାଟ୍ୟ ନିର୍ଦ୍ଦେଶକ । ନୟାଗଡ଼ କଲେଜ୍‌ରେ ଡ୍ରାମା କରାନ୍ତି, ଆମେ ସବୁ ଦେଖିବାକୁ ଯାଉ । ସେତକଦିନ ଆମ ଘରେ ସଉଦାପତ୍ର କିଛି ଆସିପାରେନା, ସବୁ କାମ ଅଟକି ରହେ, ଯାହା କହିଲେ, ବୋଉ କହେ- ରହ କଲେଜ୍ ଡ୍ରାମା ସରୁ । ତୃତୀୟ ଶ୍ରେଣୀରେ ପଢୁଥିଲି ଥରେ ମୋର ଗୋଟେ ସାଙ୍ଗ ଦୌଡ଼ି ଦୌଡ଼ି ଆସି କହିଲା,

- ଏଇ, କାଲି ତୋ ନନା ରେଡିଓରେ ପଶିଯାଇଥିଲେ ନା !

ମୋ ଭିତରେ ବହୁଦିନ ଯାଏଁ ଚିନ୍ତା ଘାରି ରହିଲା ରେଡିଓ ଭିତରେ ନନା ପଶନ୍ତି କେମିତି ? ଅନେକ ବେତାର ନାଟକ କରିଛନ୍ତି । ନାଟକ ଉମାଦେବୀରେ ସେ ଯେତେବେଳେ ବାପା ଅଭିନୟ କରି ପୁଅକୁ ରାଗୁଥିଲେ, ଆମକୁ ସତ ସତ ଲାଗୁଥିଲା । ରେଡିଓରେ ତାଙ୍କ ସ୍ୱର ଖୁବ୍ ସୁନ୍ଦର, ଖୁବ୍ ସତ ସତ ଜୀବନ୍ତ । କାଳାନ୍ତର, ମଧ୍ୟପାତ୍ର, ବିତର୍କିତ ଅପରାହ୍ନ ଏମିତି ଏମିତି କେତେ ନାଟକରେ ଅଭିନୟ କରିଛନ୍ତି ସେ । ସେ ତ ବେତାର ନାଟକର କୃଷ୍ଣ । ନୟାଗଡ଼ ଆଖପାଖ ଗାଁଗହଳିରେ ବି ତାଙ୍କୁ କୃଷ୍ଣ ବୋଲି ଚିହ୍ନିଥିଲେ । ଅଦ୍ଭୁତ ଯାଦୁକରୀ ଥିଲା ସ୍ୱରରେ, ଗମ୍ଭୀର କିନ୍ତୁ ମଧୁର, ଠିକ୍ କୃଷ୍ଣ ନାମକୁ ସାର୍ଥକ କଲାପରି ସ୍ୱର୍ଗୀୟ ସ୍ୱର । ନନାଙ୍କୁ ରେଡିଓରେ ଶୁଣି ଶୁଣି ସେଇ ଛୋଟ ଦିନରେ ମୋ ମନରେ ଆଶା ବାନ୍ଧି ଯାଇଥିଲା, ମୁଁ ବି କେବେ ରେଡିଓରେ ସ୍ୱର ଦିଅନ୍ତିନି !

ପୁରୁଣା ଆଲବମ୍‌ରୁ କାଠଘୋଡ଼ା ନାଟକରେ ଅଭିନୀତ ତାଙ୍କ ଫଟୋ ଦେଖୁ ଦେଖୁ ଦିନେ ଦେଖିଲି, ନନା ଫିଲ୍ମରେ । ଚଳଚ୍ଚିତ୍ର ଚିଲିକା ତୀରେ । ଯାହା ପାଇଁ ନନା ମାସ ମାସ ଘରେ ରହୁନଥିଲେ । ଆଜି କଲିକତା, କାଲି ପୁରୀ, ଚିଲିକା କୁଆଡ଼େ କୁଆଡ଼େ ଯାଉଥିଲେ । ବୁଝିବାର ବୟସ ହେଇନଥିଲା ମୋର ସେତେବେଳେ, କେବଳ ନନାଙ୍କ ଅନୁପସ୍ଥିତିକୁ ଯାହା ଅନୁଭବ କରୁଥିଲି । ସେଇଦିନତକ ଘରେ ବହୁତ ଅଭାବ ଅସୁବିଧା ଲାଗି ରହୁଥିଲା । ବୋଉ ସବୁ ସମ୍ଭାଳିଛି । ତେବେ ସବୁ ଅସୁବିଧା ଅବହେଳା କୁଆଡ଼େ ମିଳେଇଗଲା ଯୋଉଦିନ ପ୍ରଖ୍ୟାତ ବଙ୍ଗଳା ନିର୍ଦ୍ଦେଶକ ବିପ୍ଳବ ରାୟ ଚୌଧୁରୀଙ୍କ ପତ୍ନୀଙ୍କ ଠାରୁ ମିଳିଲା ଅନେକ ଗୁଡ଼ିଏ ସୁନ୍ଦର ଚିତ୍ର ବହି । ମୁଁ ଆଉ ମୋ ସାନଭଉଣୀ ନିମି, କି ଖୁସୀ !

ମୁଁ କିନ୍ତୁ ନନାଙ୍କ ଅଭିନୟ ପ୍ରଥମେ ଦେଖିଲି, ଯେତେବେଳେ ମୁଁ ନିଜେ କଲେଜ୍ ଡ୍ରାମାରେ ଅଭିନୟ କଲି । ଜୋର୍ ଜବରଦସ୍ତ ନନାଙ୍କ ବାଧ୍ୟବାଧକତାରେ ଆମେ ଭଉଣୀମାନେ କଲେଜ୍ ଡ୍ରାମାରେ ରୋଲ୍ କରିଲା ପରେ ଜାଣି ପାରିଲୁ ଯେ ଆମ ଭିତରେ ପ୍ରଚଣ୍ଡ ଅଭିନୟ କଳା ଅଛି । ସେଇଠି ନନା ରିହର୍ସଲ୍ ବେଳେ ଯେଉଁଭଳି ରଜା ରୋଲ୍ ଠୁ କଟୁଆଳ ଯାଏଁ ଗୁଣ୍ଡାଟୋକା ଠୁ ବୃଦ୍ଧ ବାପା ଯାଏଁ ସବୁ ଭୂମିକାକୁ ଅତି ସୁନ୍ଦର ଭାବେ ନିଜେ କରି କରି ଶିଖାଉଥିଲେ ଏବେ ବି ମନେ ପଡ଼ିଲେ ମୁଁ ସ୍ତମ୍ଭୀଭୂତ ହେଇଯାଏ । କେତେ ଜୀବନ୍ତ ଅଭିନୟ !

ନାଟକ, ଅଭିନୟ,ଗୀତ, ଚଳଚ୍ଚିତ୍ର, ଅଧ୍ୟାପନା, ଅଧ୍ୟକ୍ଷତା ଏସବୁ ଗୋଟେ ଗୋଟେ ଉଚ୍ଚା ଉଚ୍ଚା ପାହାଚ । ସେ ଚଢିଛନ୍ତି ସେଇ ପାହାଚ କବିତାର ମଞ୍ଜିକୁ ହାତରେ ମୁଠେଇ ।

କିଛି ପାଇଚନ୍ତି, କିଛି ପାଇନାହାନ୍ତି । ପାଇବା ନପାଇବାର ହିସାବ କରୁନଥିବା ଲୋକ ହିଁ କେବଳ କବି ହେଇପାରେ । ବହୁଗୁଣର ଅଧିକାରୀ ହେଇଥିଲେ ମଧ୍ୟ ସେ ସ୍ୱଭାବରେ କବି । କବିତାରେ ହିଁ ଗଢା ତାଙ୍କ ରକ୍ତମାଂସ । କବି ହେଇପାରିଥିବା ଯୋଗୁ ସେ ହେଇପାରିଛନ୍ତି ନାଟକୀୟ ଢଙ୍ଗରେ ଭସେଇ ନେଇ

ପାରୁଥିବା ଜଣେ ଗାଳ୍ପିକ, ଔପନ୍ୟାସିକ, ଅତ୍ୟନ୍ତ ମାର୍ମିକ ଶବ୍ଦ ସଂଯୋଜନାର ଗୀତିକାର, ଉଦ୍ଭଟ ନାଟ୍ୟକାର ଏବଂ ଜଣେ ଭାବବିହ୍ୱଳ ସୁବକ୍ତା ମଧ୍ୟ ।

ବର୍ଷାମୁଖର ସନ୍ଧ୍ୟା, ମଝିରେ ମଝିରେ ଚମକେଇ ଦେଉଥିବା ବିଜୁଳିର ଗାର ଆକାଶରେ, ନୟାଗଡ଼ର 'ଛାୟାପଥ' ଘର ବାରଣ୍ଡା ଆଗର ଦୃଶ୍ୟ: ହାତୀ ପରି ଶୋଇଥିବା ଘୁମନ୍ତ ପାହାଡ଼ । ନନା ଏକ ଦୃଷ୍ଟିରେ ଚାହିଁଥିବେ ସେଇ ପାହାଡ଼କୁ ଆଉ ତା'ଉପର ଆକାଶକୁ, ବିଜୁଳିକୁ, କଳାମେଘକୁ । ହାତରେ କାଗଜ ଆଉ ଝର ଝର କଲମ । ସେଇ କାଗଜରେ ଶବ୍ଦମାନେ ରୂପ ନେଉଥିବେ ବର୍ଷା ବିଜୁଳି ଗିରି ଆକାଶ ଠାରୁ ଆହୁରି ଉଚ୍ଚ ଆହୁରି ବିଶାଳ ଆହୁରି ବ୍ୟାପକ ଏକ ଭାବନାରେ ।

କେବେ ଆଙ୍କନ୍ତି ଚିତ୍ର ମଧ୍ୟ । ଜରାଶବରର ଚିତ୍ର ଆଙ୍କି ମାରିଥିଲେ କାନ୍ଥରେ । ସେଦିନ ପ୍ରଥମ କରି ଜାଣିଲି ଜରାଶବର କିଏ, ପରେ ଦେଖିଲି ସେମିତି ଏକ କବିତା ଲେଖିଛନ୍ତି ନନା । ମିଥ୍, ପୁରାଣ କିମ୍ବଦନ୍ତୀର କାହାଣୀ ଭିତରେ ଥିବା ଦର୍ଶନ ଓ ତତ୍ତ୍ୱର କଥା, କାହାଣୀ ପରି ତାଙ୍କ ମୁହଁରୁ ଶୁଣିଛି । ପୁରୀର ସାତଭଉଣୀ ଠାକୁରାଣୀଙ୍କ ଠୁ ଦୁର୍ଗା, ଲକ୍ଷ୍ମୀ, ଇନ୍ଦ୍ରାଣୀଙ୍କ ପରି ଅନେକ ନାରୀ ଚରିତ୍ରକୁ ନେଇ ଲେଖିଛନ୍ତି କବିତା । ନାରୀ ସ୍ୱତନ୍ତ୍ର, ନାରୀ ସ୍ୱୟଂସିଦ୍ଧା ସେ ମାଣିକତାରା ହଉ କି ଦେବଦାସୀ । ସବୁ ନାରୀ ମହାନାରୀ, ଦିବ୍ୟନାରୀ । ନାରୀମୁକ୍ତିବାଦ ରଚନାରେ ବିଶ୍ୱାସ କରୁନଥିବା କବି ତାଙ୍କ କବିତାରେ ନାରୀକୁ ବ୍ୟକ୍ତି ଭାବରେ ସ୍ୱୟଂସମ୍ପୂର୍ଣ୍ଣା ଭାବରେ ଚିତ୍ରିତ କରିଛନ୍ତି ଅନେକବାର୍ ।

ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧୀୟ ଅନେକ ଶବ୍ଦ ତାଙ୍କ କବିତାରୁ ହିଁ ମୁଁ ପ୍ରଥମ କରି ଶୁଣିଛି । ଅକ୍ଷମ ଦେବତା, ସଂଧ୍ୟାଦର୍ଶନ, ଚାହାଁଣୀ ମଣ୍ଡପ, ଶୟନ ପ୍ରତିମା, ଇନ୍ଦ୍ରାଣୀ, ଦର୍ପଣ ଶିଳା ଏମିତି ଏମିତି ଅନେକ ଶବ୍ଦ ମୋ ଭିତରେ ଏକ ନୂଆ ସ୍ପନ୍ଦନ ସୃଷ୍ଟି କରିଛି ।

ପ୍ରାୟ ସମସ୍ତ ଭାବଧାରାକୁ ନେଇ ସେ ଲେଖିଛନ୍ତି କବିତା । ପ୍ରକୃତି, ପୁରୁଷ, ଦେଶ, ବିଦ୍ରୋହ, ଭ୍ରମଣ, ପୁରାଣ, ଆଧୁନିକ ବିଜ୍ଞାନ ସବୁକୁ ନେଇ କବିତା ଗଢି ଦେବାର ଅଦ୍‌ଭୁତ କଳା ତାଙ୍କ ପାଖରେ । କବିତା ସେଇ ଛାୟାପଥ ଗଳି ଉପରେ, କବିତା ସେଇ ହାତୀ ପାହାଡ଼ ଉପରେ, ରୁଖି ପାହାଡ଼, ଦକ୍ଷିଣ କାଳୀ, କଲେଜ୍ ବାରଣ୍ଡା, ତାଙ୍କରି ପରି ସାହିତ୍ୟମଗ୍ନ ବନ୍ଧୁ ଛାତ୍ର, ନୟାଗଡ଼ର ଗୋଡ଼ି ମାଟି ଧାନ ବିଲ ସବୁରି ଉପରେ ଲେଖିଛନ୍ତି କବିତା ।

ଏମିତି ଅନେକ ଶୀତ ଜର ଜର, ବର୍ଷା ଝର ଝର ଆଉ ଡହ ଡହ ଗ୍ରୀଷ୍ମ ସନ୍ଧ୍ୟାରେ ମୁଁ ଶୁଣେ ତାଙ୍କରି ମୁଖରୁ ଶଙ୍ଖନାଭି । ମୁଁ ତ ବସିଥାଏ ଝିଅ ହୋଇ ସାମ୍ନାରେ କିନ୍ତୁ ସେ ମୋର କିଛି ସଂପର୍କକୁ ଧରି ବସିନଥାନ୍ତି, ସେ ହଜି ଯାଇଥାନ୍ତି କେଉଁ ଏକ ସମୟହୀନ ସତ୍ତାରେ । ବୋଧହୁଏ ସେଇ ସ୍ତରରେ, ଯୋଉ କୋମା ଅବସ୍ଥାର ଅନୁଭବକୁ ନେଇ ସେ ଲେଖିଥିଲେ ଏଇ ଚହଳ ସୃଷ୍ଟିକାରୀ କବିତା ।

କେତେଥର ଯେ ଏ କବିତା ତାଙ୍କ ମୁହଁରୁ ଶୁଣିଛି ଗଣି ପାରିବିନି । କିଛି ନବୁଝିବାର ବୟସରୁ ଆଜିଯାଏଁ ବୁଝି ବୁଝି ଧୀରେ ଧୀରେ ବିସ୍ମୟାଭିଭୂତ ହେବାର ବୟସ ହେଲା ଯାଏଁ । କେବେ କବିବନ୍ଧୁମାନଙ୍କ ଗହଣରେ, ଛାତ୍ରମାନଙ୍କ ଗହଣରେ,ସାହିତ୍ୟ ସଭାରେ ଆଉ ଅନେକଥର ମହମବତୀର ଶିଖା ସାମ୍ନାରେ ମୁଁ ଏକା ଶୁଣୁଥିବି ନନାଙ୍କ ମୁହଁରୁ ଶଙ୍ଖନାଭିର ଆବୃତ୍ତି । ପାଖରେ କେବଳ ଥିବ ବୋଉ, ଆଉ ତା'ର ନିରବିତ ଝୁଣ୍ଣୁ ଝୁଣ୍ଣୁ ସ୍ପନ୍ଦନର ସ୍ୱର ।

କବିତା ପଢୁପଢୁ କେତେବେଳେ ପଶିଯିବେ କାମ୍ୟୁ, ସାର୍ତ୍ତେ, ଜେମ୍‌ସ୍ ଜଏସ୍, ସଚ୍ଚି ରାଉତରା, ଗୁରୁପ୍ରସାଦ, ରମାକାନ୍ତ,ଦୀପକ, ସୀତାକାନ୍ତ, ସୌଭାଗ୍ୟ, ରାଜେନ୍ଦ୍ର, ହରପ୍ରସାଦ...ଏମିତି ଏମିତି କେତେ । ଏଇ ସବୁ ବିଶିଷ୍ଟ କବିମାନଙ୍କ ନାମ ଘରେ ମୁଁ ଏତେ ଶୁଣେ ଯେ ପିଲାଦିନେ ଏମାନଙ୍କୁ ମୋର କୋଉ ସମ୍ପର୍କୀୟ ବୋଲି ଭାବୁଥିଲି । ଆଧୁନିକ କବିତାର ଗୁଣଗାଥାରେ ଆମ


ସହଧର୍ମିଣୀଙ୍କ ସହିତ କବି ହରିହର

ପରିବାର ବି ସଦା ଝଙ୍କୃତ ହେଉଥାଏ । ଜଗନ୍ନାଥ ଦର୍ଶନ, ଜଗନ୍ନାଥ ଚିନ୍ତାଚେତନା ଖାଲି ନୁହେଁ, ଓଡ଼ିଶା ସଂସ୍କୃତି, ପୁରାଣ କିମ୍ବଦନ୍ତୀ ଏସବୁର ଆଲୋଚନା ସବୁବେଳେ ହେଉଥାଏ । ସନ୍ଧ୍ୟାରୁ ରାତି ହୁଏ ରାତି ପୁଣି ବଢି ବଢି ଯାଏ ସିନା ଆଲୋଚନା ସରେନା, ପାଖରେ ଥାଆନ୍ତି ଛାତ୍ର କି ଯୁବ କବିମାନେ ।

ତାଙ୍କର ବନ୍ଧୁବତ୍ସଳତା ଓ ଅନ୍ୟକୁ ଆପଣେଇନବା ଗୁଣଟି ବୋଧେ ତାଙ୍କର ସବୁଠୁ ମୂଲ୍ୟବାନ ସମ୍ପତ୍ତି । ନୂତନ ପିଢ଼ିଙ୍କୁ ସେ ଯେତେ ପଢନ୍ତି ମୁଁ ଆଶ୍ଚର୍ଯ୍ୟ ହେଇଯାଏ । ପଢନ୍ତି ସେମାନଙ୍କ ସହିତ ଆଲୋଚନା କରନ୍ତି ସେମାନଙ୍କୁ ଆଗେଇ ନେବାରେ ସହାୟକ ବି ହୁଅନ୍ତି । ବୟସର ତାରତମ୍ୟ ନଥାଏ ତାଙ୍କ ବନ୍ଧୁତ୍ୱରେ । ଆଜିଯାଏଁ ମୋ ବୟସର ବନ୍ଧୁମାନେ ତାଙ୍କୁ ଭାଇନା ବୋଲି ସମ୍ବୋଧନ କରୁଛନ୍ତି । ଘରେ ପ୍ରାୟଦିନ କିଏ ନା କିଏ ବସେ ଆମ ସାଙ୍ଗେ ମଧ୍ୟାହ୍ନ କି ରାତ୍ରି ଭୋଜନରେ, ତା'ପୁଣି ହଠାତ୍, ଯାହା ଅଛି ଘରେ । ଆଜିଯାଏଁ ଅନେକ କବି, ବନ୍ଧୁ କି ଛାତ୍ରଙ୍କ ଠାରୁ ଶୁଣେ ବୋଉ ହାତ ରନ୍ଧା ମାଂସ ତରକାରୀ କି ପଖାଳ କଂସାର ପ୍ରଶଂସା । ଆଜି ଘରଣୀ ହେଲା ପରେ ବୁଝୁଛି ଓ  ଶ୍ରେୟ ଦେଉଛି ବୋଉର ସହଯୋଗ ଓ ତ୍ୟାଗ ଓ ଗ୍ରହଣଶୀଳ ଚିନ୍ତାଧାରାକୁ ।

ଏଇଥିପାଇଁ ମୁଁ ପ୍ରଣାମ କରୁଛି ତାଙ୍କ ସାଙ୍ଗେ ଆହୁରି କଷ୍ଟକର ଉଠାଣି ଚଢୁଥିବା ଓ ତାଙ୍କ ଯାତ୍ରା ପଥରେ ସହଯାତ୍ରୀ ହୋଇ ସମସ୍ତ ଯତ୍ନ ନଉଥିବା ମୋ ବୋଉକୁ ।

ଏମିତି କେତେ କଥା, କେତେ କେତେ ନବ ପୁଲକ ଦଉଥିବା, ଚେତନାର ସ୍ଫୁଲିଙ୍ଗ ଦଉଥିବା ମୁହୂର୍ତ୍ତମାନଙ୍କୁ ନେଇ ତାଙ୍କ ସହିତ ମୋର ଏ ଯାତ୍ରା । ତାଙ୍କୁ ନେଇ ମନରେ ଗର୍ବ ଯେତିକି ଆନନ୍ଦ ଯେତିକି ବିସ୍ମୟଭାବ ବି ସେତିକି ଅଭାବ ବି ସେତିକି । ଅନ୍ୟ ପରିବାରରେ ପିଲାମାନେ ବାପାମାନଙ୍କ ସାଙ୍ଗରେ ଗେଲ ହେବା, ଅଳି କରିବା, ଅଝଟ କରିବା ଇତ୍ୟାଦି ଦେଖିଲେ ମୁଁ ଟିକେ ଆଶ୍ଚର୍ଯ୍ୟ ହୁଏ । ସଂସାରକୁ ଅତ୍ୟଧିକ ଗୁରୁତ୍ୱ ନଦେଇ ସୃଜନପଥରେ ଆଗେଇ ଯିବା ଲୋକ ସିଏ କିନ୍ତୁ ସଂସାରକୁ ଅଣଦେଖା କରି ନୁହେଁ । ଆମମାନଙ୍କ ସ୍ୱାଧୀନତାକୁ ସମର୍ଥନ କରି ମଧ୍ୟ କଡ଼ା ଶାସନର ଡୋର ରଖିଥିଲେ ନିଜ ହାତରେ ।

ଆଜି ବିବାହ କରି ସଂସାର କରି ଲେଖକ ହେବାର ଆନନ୍ଦ ଓ ସ୍ୱୀକୃତିକୁ ହାସଲ କଲେ ମଧ୍ୟ ନନାଙ୍କ ପାଖରେ ମୁଁ ସ୍ୱଚ୍ଛନ୍ଦ ନୁହେଁ, ନିର୍ଭୟ ନୁହେଁ, ଅନ୍ୟମାନଙ୍କ ପରି ଅଳିଅଳି କନ୍ୟା ବି ନୁହେଁ । ସେ ପିତା ନୁହନ୍ତି, ସେ ମୋର ଗୁରୁ ମୋର ସୃଜନର ଆଲୋକ, ମୋର ବକ୍ତବ୍ୟର ସ୍ଫୁଲିଙ୍ଗ, ମୋ ଉଚ୍ଚାରଣର ଗାମ୍ଭୀର୍ଯ୍ୟ, ମୋର ପ୍ରେମ ଏମିତି କେତେ କଣ ।

କବିକୁ ଦ୍ୱିତୀୟ ଈଶ୍ୱର କାହିଁକି କହନ୍ତି ଜାଣେନା । କିନ୍ତୁ ମୁଁ ଅନୁଭବିଛି ଏଇ କବିଙ୍କ ଭିତରେ ଦିବ୍ୟଚେତନା । ସବୁ ବାପାମାନଙ୍କ ପରି ଭଲମନ୍ଦ ସୁଖଦୁଃଖ ତେଲଲୁଣ ସଂସାରର ଗପ ସିଏ ହେଇ ଜାଣନ୍ତିନି ସିନା କେମିତି ଜାଣି ଦିଅନ୍ତି ଯେ ମୋ ବେସାହାରା ଆଉ ବିପଦଆପଦ ସମୟକୁ । ପାଖରେ ଆସି ଠିଆ ହେଇ ଯାଆନ୍ତି ଅଚାନକ । ସ୍ୱପ୍ନରେ ଆସି ଧରିଦିଅନ୍ତି ହାତ । ଏମିତି ଏକ ବିପଦ ସମୟ ଆସିଥିଲା, ମୁଁ ଏକୁଟିଆ ଶୂନ୍ୟକୁ ଚାହିଁ ଚାହିଁ କାନ୍ଦୁଥିଲା ବେଳେ ମତେ ଲାଗିଥିଲା କିଏ ମୋ ପିଠିରେ ହାତ ମାରି ଡାକୁଛି 'ମୋନାଲି' !

ଅନେକଥର ଚମକିଛି ଏ ଡାକରେ । ଆଉ ଚମକୁଥିବି ମଧ୍ୟ ଯେତେଦିନ ଚାଲିଥିବ ଏ ନିଃଶ୍ୱାସ । କାରଣ ପିତାମାତା ଏକ ଚେତନାଗତ ଉପସ୍ଥିତି, ସଂସ୍କାର ଜନିତ ସମ୍ପତ୍ତି,ଏକ ପ୍ରେମିଳ ଉପଲବ୍ଧି । ଏ ଉପସ୍ଥିତିର ତେଣୁ ମୃତ୍ୟୁ ନାହିଁ । ସେ ହାତ ସବୁବେଳେ ଥିବ ମୋ ପିଠିରେ । ଦୁନିଆର ସବୁଠୁ ପ୍ରିୟ ବସ୍ତୁ ହେଇ ।

ଆଜି ଏ ପରିଣତି ବୟସରେ ବି ତାଙ୍କର ଉଠାଣି ଚଢିବା ସରିନାହିଁ । ହୁଏତ ସେ ଉଠାଣିର ଉଚ୍ଚତା ଆଉ ଟିକିଏ ବଢି ଯାଇଛି ।

ଏବେ ଏବେ ସଂସାରର ଦୁଃଖଗୁଡ଼ିକ ଝଡ଼ର ଧୂଳି ପରି ବେଶି ବେଶି ଆକ୍ରାନ୍ତ କରୁଛି । କାରଣ ତାଙ୍କ ସଂସାର ଏକ ବିରାଟ ସଂସାର । ସେଠି ପର ଆପଣା ନାହିଁ । ଶ୍ରୀମନ୍ଦିର ପାଖରେ ଯାହାର ଘର ସେ ତ ଅଭାବ, ଦୁଃଖ, ରୋଗ, କ୍ଷୋଭ- ଏସବୁକୁ ନିତି ପାଖରୁ ଦେଖୁଥାଏ । ଦେଉଳଦୁଆର ମୁହଁରେ ବିକଳ ହେଇ କାନ୍ଦୁଥିବା ମା'ଟିଏକୁ ଦେଖି ତା ଦୁଃଖ ପଚାରି ବସନ୍ତି ତ ମଇଳା ଗଦାରେ ନିଆଁ ଜାଳି ଶୋଇ ପଡ଼ିଥିବା ପାଗଳ ପାଖରୁ ଜଳନ୍ତା ଟାୟାର୍‌କୁ ଆଡ଼େଇ ଦିଅନ୍ତି । ରାସ୍ତାରେ କାହାପୁଅ ଜୋର୍‌ରେ ଗାଡ଼ି ଚଲେଇବା ଦେଖି ରାଗରେ ରଡି ଛାଡ଼ନ୍ତି ତ କୋଉ ବାପାମାଙ୍କ ଅବହେଳାରେ ଛୁଆଟିଏ ରାସ୍ତାକୁ ଦୌଡ଼ି ଆସୁଛି ଦେଖି ଅଜଣା ଲୋକଙ୍କୁ ବି ନିଜ ପିଲାଛୁଆ ପରି ଗାଳି ଦେଇଦିଅନ୍ତି ।

ଆମେ ହସୁ, ଆକଟୁ, କିନ୍ତୁ ବୁଝୁ ଯେ, ବିଶାଳ ହୃଦୟ ପରି ଏକ ମୂଲ୍ୟବାନ ସମ୍ପତ୍ତିର ଅଧିକାରୀ ସିଏ । ତାଙ୍କ ଆଗରେ ସବୁ ମଣିଷ ସମାନ । ସେଇଥିପାଇଁ ତ ହଳିଆ ମୂଲିଆଙ୍କ ସାଙ୍ଗରେ ବସି ଗୀତ ଗାଇ ପାରନ୍ତି, ମାଛବାଲୀ ବୁଢ଼ୀ ସାଙ୍ଗେ ଥଟ୍ଟାଗମାତ କରିପାରନ୍ତି, ବୁଲାଷଣ୍ଢକୁ ଆଉଁଷୁଥାନ୍ତି ତ ପୁରୀ ଗଳିର ଅପରିଷ୍କାର ରାସ୍ତା ମଝିରେ ଠିଆ ହେଇ ଗାଈକୁକୁରଙ୍କୁ ଆକଟୁଥାନ୍ତି ।

ସେ ସମସ୍ତଙ୍କର । ସାରା ସହରର । ମତେ ଲାଗେ ତାଙ୍କ ପାଇଁ କୁତ୍ସିତ କଦାକାର ବୋଲି କିଛି ନାହିଁ, ଅସାମାଜିକ ମଣିଷ ବୋଲି କେହି ନାହିଁ, ଶତ୍ରୁ ବୋଲି ବି କେହି ନାହିଁ । ସବୁ ସୁନ୍ଦର, ସବୁ ସତ୍ୟ, ସବୁ ପ୍ରେମ, ସବୁ ଅମୃତ । ସବୁ ନାହିଁ ନାହିଁ ଭିତରେ ଅଛି ହଁ ହଁ ର ଓଁକାର । ସବୁରି ଭିତରେ ଶ୍ରୀଜଗନ୍ନାଥ ।

ଜଗନ୍ନାଥ ଚେତନାରେ ଯିଏ ଆବଦ୍ଧ, ଜଗନ୍ନାଥ ଚିନ୍ତନରେ ଯିଏ ସଦା ନିମଗ୍ନ, ମହୋଦଧିର ମହାରହସ୍ୟରେ ଯିଏ ବିଲୀନ, ତାଙ୍କ ଆଗରେ ଏ ଅଳିକ ସଂସାର ଆଉ ତା'ର ସୁଖଦୁଃଖ ପ୍ରାପ୍ତିଅପ୍ରାପ୍ତି ଜୁଆର ପରି ପାଦ ତଳେ ମିଳେଇ ଯାଇଛି କେବେ ଠାରୁ । ଢେଉ ଆସେ ଢେଉ ଯାଏ ବେଳାଭୂମି ପଡ଼ି ରହେ ।

ଏତିକିକୁ ବୁଝିଥିବା ମହାଚେତନାର ପୁରୁଷଙ୍କୁ ଉଠାଣି ଚଢ଼ିବା କି କଷ୍ଟ ହୁଏ ?

ଜୀବନର ଉଠାଣି ତଳେ ଯୋଉ ମହାଜୀବନ ଅଛି ସେ ହିଁ ତ ସଦାକାଳେ ସତ୍ୟର କଳସ ଧରି ଠିଆ ହେଇଥାଏ ସ୍ୱାଗତ ଭଙ୍ଗୀରେ ।


With Best Compliment from



SAROJINI DAS

Member of Fakir Mohan Sahitya Parisada


Bhoisahi, Balasore

ଓଡ଼ିଆ ଗଳ୍ପ ଓ ଉପନ୍ୟାସର କିମ୍ବଦନ୍ତୀ ପୁରୁଷ
କଥାଶିଳ୍ପୀ ଶାନ୍ତନୁ କୁମାର ଆଚାର୍ଯ୍ୟ
ରେବତୀ ପାଇଁ ସତନ୍ତ୍ର ମୁଦ୍ରାରେ

ଫଟୋଗ୍ରାଫି : ଆଦିତ୍ୟ ରାଉତ


ଶୁଭେଚ୍ଛା ସହ ....

ଶାନ୍ତନୁ କୁମାର ଆଚାର୍ଯ୍ୟ



# ଇନ୍ଦ୍ରାବତୀର ଇତିବୃତ୍ତି





# କଳାହାଣ୍ଡିର ଅମ୍ଳାନ ଇନ୍ଦ୍ରାବତୀ



**ରଂଜନ ପ୍ରଧାନ**
ବରିଷ୍ଠ ସାମ୍ବାଦିକ, 'ସମ୍ବାଦ', ଭୁବନେଶ୍ୱର
ଫୋନ : ୯୪୩୭୨୧୩୮୫୪

ଫଟୋ ସୌଜନ୍ୟ : ଲେଖକ

୨୦୦୬ ମସିହା ଅଗଷ୍ଟ ୧୫ ତାରିଖ । ସାରା ଦେଶ ପାଳୁଥାଏ ସ୍ୱାଧୀନତାର ସ୍ମାରକୀ । ଠିକ୍ ସେହିଦିନ । ଏକ ବର୍ଷଣମୁଖର ପୂର୍ବାହ୍ନରେ ଆମେ ପହଞ୍ଚିଥିଲୁ ଖାତିଗୁଡ଼ାରେ । ସକାଳୁ ସକାଳୁ ନବରଙ୍ଗପୁର ସଦର ମହକୁମାରୁ ବାହାରି ଖାତିଗୁଡ଼ା ବଜାରରେ ପହଞ୍ଚିଲା ବେଳକୁ ଖୁନ୍ଦାଖୁନ୍ଦି ମେଘଙ୍କୁ ଆଢ଼େଇ ସୂର୍ଯ୍ୟ ଠାଏ ପୂର୍ବ ଆକାଶରେ ଦୃଶ୍ୟ ହେଉଥିଲେ । ସୂର୍ଯ୍ୟ ଓ ମେଘଙ୍କ ଲୁଚକାଳି ଖେଳ ଭିତରେ ଖାତିଗୁଡ଼ାରୁ ଜଳଖିଆ ଖାଇ ଆମେ ବାହାରିଥିଲୁ ଇନ୍ଦ୍ରାବତୀ ଜଳଭଣ୍ଡାର, ପୋଡ଼ାଗଡ଼ ଡ୍ୟାମ୍, ମୁରାନ୍ ଡ୍ୟାମ୍, କପୁର ଡ୍ୟାମ୍ ଏବଂ ଝୋଡ଼ିଆବାଦିଗୁଡ଼ା ପରଜା ଗାଁ ଆଡ଼େ । କାର୍‌ର କାଚରେ ବର୍ଷାର ପ୍ରହାର । ଟପ୍‌ଟପ୍ ଓ ଝୋଝୋ ଶବ୍ଦ । ବର୍ଷାରେ ଧୋଇ ହୋଇ ସବୁଜ ସତେଜ ଦିଶୁଥାଏ ଶାଳଜଙ୍ଗଲ ଓ ପାହାଡ଼ମାନ । ମନ ମତାଣିଆ ଦୃଶ୍ୟ । ହୃଦୟ ଓ ମନ ଅଧୀର । ଝୋଡ଼ିଆବାଦିଗୁଡ଼ା ପରଜା ଗାଁରେ ପହଞ୍ଚିଲାବେଳକୁ ଦିନ ପ୍ରାୟ ଗୋଟାଏ । ଗାଁଟି ଯଦିଓ ଇନ୍ଦ୍ରାବତୀ ଜଳଭଣ୍ଡାରରେ ବୁଡ଼ି ଯାଇଛି, ତଥାପି ଏହାର କିଛି ଅଂଶ ଏବେ ବି ନିଜର ସ୍ଥିତି ଜାହିର୍ କରୁଛି । ସେଦିନ ଭୀଷଣ ବର୍ଷା କାରଣରୁ ପାହାଡ଼ିଆ ରାସ୍ତା ଦେଇ ମୁଖିଗୁଡ଼ା ଯିବା ସମ୍ଭବ ହେଲାନାହିଁ । ଆମେ ଫେରିଲୁ କେତେକ ପରଜା ଆଦିବାସୀ ଗାଁ ବୁଲି । ସେଦିନ ମୋ ସାଥୀରେ ଥାଆନ୍ତି ନବରଙ୍ଗପୁରର ବରିଷ୍ଠ ସାମାଜିକ କର୍ମୀ ତଥା ଆଇନ୍‌ଜୀବୀ ଏନ୍. ଅହମ୍ମଦ ଏବଂ ଇନ୍ଦ୍ରାବତୀର



ବରିଷ୍ଠ ସାମ୍ବାଦିକ ପୃଥ୍ୱୀରାଜ ପାଇକରାୟ ।

ଇନ୍ଦ୍ରାବତୀ ନଦୀ ଓଡ଼ିଶା ଓ ଛତିଶଗଡର 'ଜୀବନ ରେଖା' । ପ୍ରଚୁର ଅଙ୍କାବଙ୍କା ପଥରେ ପାହାଡ଼ ଶଯ୍ୟା ମଧ୍ୟ ଦେଇ ଇନ୍ଦ୍ରାବତୀ ମୋଟ ୫୩୫ କିଲୋମିଟରେ ପ୍ରବାହିତ ହୋଇ ଶେଷରେ ଦକ୍ଷିଣ ଭାରତର ଗଙ୍ଗା ଭାବେ ପରିଚିତ ଗୋଦାବରୀ ନଦୀରେ ମିଶିଛି । ଇନ୍ଦ୍ରାବତୀ ନଦୀ ଅବବାହିକା ଅଞ୍ଚଳ ଚାରିଗୋଟି ରାଜ୍ୟ (ଓଡ଼ିଶା, ଛତିଶଗଡ଼, ମହାରାଷ୍ଟ୍ର ଓ ତେଲେଙ୍ଗାନା)ରେ ବିସ୍ତୃତ । ଏହାର ଅବବାହିକା ଅଂଚଳ ମୋଟ ୪୦,୬୨୫ ବର୍ଗ କିଲୋମିଟର ଅଂଚଳ ପରିବ୍ୟାପ୍ତ । ଇନ୍ଦ୍ରାବତୀ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ଅଞ୍ଚଳର ମାର୍ଡିଗୁଡ଼ାରୁ ବାହାରି କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ଛତିଶଗଡ଼ର ବସ୍ତର ଜିଲ୍ଲା ଦେଇ ଛତିଶଗଡ଼, ତେଲେଙ୍ଗାନା, ମହାରାଷ୍ଟ୍ର ଭଳି ତିନିଗୋଟି ରାଜ୍ୟର ସୀମାରେ ଗୋଦାବରୀ ନଦୀରେ ମିଳିତ ହୋଇଛି । ଇନ୍ଦ୍ରାବତୀ ନଦୀ ଯୋଗୁଁ ଓଡ଼ିଶାର ଚିର ମରୁଡ଼ିପ୍ରବଣ କଳାହାଣ୍ଡି ଜିଲ୍ଲାର ଟାଙ୍ଗରା କ୍ଷେତରେ ସୁନା ଫଳୁଛି । ଏଣୁ ଇନ୍ଦ୍ରାବତୀକୁ 'କଳାହାଣ୍ଡିର ଅମ୍ଳଜାନ' ବୋଲି କୁହା ଯାଇଥାଏ । ସେହିଭଳି ଛତିଶଗଡ଼ର ଲୋକେ ବସ୍ତର ଜିଲ୍ଲାକୁ 'ଇନ୍ଦ୍ରାବତୀର ଦାନ' ବୋଲି କହିଥାନ୍ତି । ବସ୍ତର ଜିଲ୍ଲାରେ ଇନ୍ଦ୍ରାବତୀ ନଦୀ ଉପରେ ଅନେକ ନଦୀ ବନ୍ଧ, ବ୍ୟାରେଜ୍ ନିର୍ମାଣ କରାଯାଇ ଚାଷଜମିକୁ ଜଳସେଚିତ କରାଯାଇଛି । ସେହିଭଳି ଇନ୍ଦ୍ରାବତୀ ନଦୀ ଯୋଗୁଁ ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର ଚାଷୀମାନେ ମଧ୍ୟ ଉପକୃତ ହେଉଛନ୍ତି । ଏଣୁ ଇନ୍ଦ୍ରାବତୀକୁ ଓଡ଼ିଶା ଓ ଛତିଶଗଡ଼ର 'ଜୀବନ ରେଖା' କୁହାଯାଇଥାଏ ।

## ନଦୀର ନାଁ 'ଇନ୍ଦ୍ରାବତୀ'

ଇନ୍ଦ୍ରାବତୀ ନଦୀ କଥା ମନକୁ ଆସିଲେ, ଶରୀର ଓ ମନ ପୁଲକିତ ହୋଇଉଠେ । ଇନ୍ଦ୍ରାବତୀ ନଦୀର ନାମକରଣକୁ ନେଇ ଏକ ପୌରାଣିକ କିମ୍ବଦନ୍ତୀ ରହିଛି । ଇନ୍ଦ୍ରାବତୀ ନଦୀର ଉତ୍ପତ୍ତି ସ୍ଥଳ ଥୁଆମୂଳରାମପୁର ଅଞ୍ଚଳ ଏକଦା ଚମ୍ପା ଓ ଚନ୍ଦନ ଗଛରେ ପରିପୂର୍ଣ୍ଣ ଥିଲା । ସ୍ୱର୍ଗର ରାଜା ଇନ୍ଦ୍ର ଓ ତାଙ୍କ ପତ୍ନୀ ଇନ୍ଦ୍ରାଣୀ ଥରେ ମର୍ତ୍ତ୍ୟପୁରକୁ ବୁଲି ଆସିଥିଲେ । ଏ ଅଞ୍ଚଳର ଚନ୍ଦନ ଓ ଚମ୍ପା ବାସ୍ନାରେ ସେମାନେ ବିଭୋର ହୋଇ ଉଠିଥିଲେ । ଇନ୍ଦ୍ର ଓ ଇନ୍ଦ୍ରାଣୀ ସ୍ୱର୍ଗରୁ ଚାଲିଆସି ଏ ଅଞ୍ଚଳରେ ସବୁଦିନ ପାଇଁ ରହିଗଲେ । ଏହି ରହଣି କାଳ ମଧ୍ୟରେ ଇନ୍ଦ୍ର ଥରେ ନିକଟସ୍ଥ ସୁନାବେଡ଼ା ଗାଁ (ବର୍ତ୍ତମାନର ନୂଆପଡ଼ା ଜିଲ୍ଲାର ସୁନାବେଡ଼ା ଅଭୟାରଣ୍ୟ) ଗାଁକୁ ଏକା ଏକା ବୁଲି ଯାଇଥିଲା ବେଳେ ଜଣେ ସୁନ୍ଦରୀ ଯୁବତୀର ପ୍ରେମରେ ପଡ଼ି ଯାଇଥିଲେ । ସେହି ଆଦିବାସୀ ଯୁବତୀର ନାଁ ଉଦନ୍ତି । ପ୍ରଥମ ଦେଖାରେ ଉଭୟ ଉଦନ୍ତି ଓ ଇନ୍ଦ୍ର ପରସ୍ପରକୁ ପ୍ରେମ କରିବସିଲେ । ଏହାପରେ ଇନ୍ଦ୍ର ଚମ୍ପା ବଣରେ ଛାଡ଼ି ଆସିଥିବା ନିଜ ପତ୍ନୀ ଇନ୍ଦ୍ରାଣୀଙ୍କ କଥା ଭୁଲିଯାଇ ଉଦନ୍ତି ନିକଟରେ ରହିଲେ । ଇନ୍ଦ୍ରକୁ ଦୀର୍ଘଦିନ ଧରି ନ ଦେଖି ଇନ୍ଦ୍ରାଣୀ ସ୍ଥାନୀୟ ଆଦିବାସୀ ଲୋକଙ୍କ ସହାୟତାରେ ଇନ୍ଦ୍ରଙ୍କର ସନ୍ଧାନ ନେବାରୁ ଜାଣିବାକୁ ପାଇଲେ ଯେ, ତାଙ୍କ ସ୍ୱାମୀ ଉଦନ୍ତି ନାମରେ ଜଣେ ଆଦିବାସୀ ଯୁବତୀର ପ୍ରେମରେ ପଡ଼ି ଯାଇଛନ୍ତି । ଏହାପରେ ଇନ୍ଦ୍ରାଣୀ କ୍ରୋଧରେ ଉଭୟ ଇନ୍ଦ୍ର ଓ ଉଦନ୍ତିଙ୍କୁ ଅଭିଶାପ ଦେଲେ ଯେ, ସେ ଦୁହେଁ ଜୀବନରେ ପରସ୍ପରକୁ କେବେ ବି ମିଶି ପାରିବେ ନାହିଁ । ଏହା କହି ଇନ୍ଦ୍ରାଣୀ ସେହି ଚମ୍ପା ଓ ଚନ୍ଦନ ବନରେ ଏକ ନଦୀ ରୂପ ଧାରଣ କଲେ ଏବଂ ସେହି ନଦୀର ନାଁ 'ଇନ୍ଦ୍ରାବତୀ' ହେଲା । ଏହାପରେ 'ଇନ୍ଦ୍ର' ଏବଂ 'ଉଦନ୍ତି' ମଧ୍ୟ ଦୁଇଟି ନଦୀ ହୋଇଗଲେ । ମାତ୍ର ଏହି ଦୁଇ ନଦୀ ଏକ ସ୍ଥାନରୁ ବାହାରିଥିଲେ ମଧ୍ୟ ଉଭୟ ପରସ୍ପରକୁ ମିଳିତ ହୋଇପାରି ନାହାନ୍ତି ।

## ବାଫ୍ଲିମାଳି ପାହାଡ଼ରୁ କରୁଣ ଦିଶେ ଇନ୍ଦ୍ରାବତୀ !


ବାଫ୍ଲିମାଳି ପାହାଡ଼ ଉପରୁ ତଳକୁ ଅନାଇଲେ, ଇନ୍ଦ୍ରାବତୀ ନଦୀର ପତଳା ଧାର ଦୃଶ୍ୟମାନ ହୋଇଥାଏ । ବାଫ୍ଲିମାଳି ପାହାଡ଼ କଥା ଏଇଥିପାଇଁ ଉଲ୍ଲେଖ କରିବାକୁ ପଡୁଛି, ଏହି ପାହାଡ଼ଟି ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲା ସୀମାନ୍ତରେ ଅବସ୍ଥିତ ଏବଂ ଏହି ପାହାଡ଼ର ପାଦଦେଶ ଦେଇ ଇନ୍ଦ୍ରାବତୀ ବହିଯାଉଛି । ବାଫ୍ଲିମାଳି ପାହାଡ଼ରେ ଯେଉଁଭଳି ହୃଦୟଶୂନ୍ୟ ବକ୍ସାଇଟ୍ ଖଣିଖନନ ଚାଲିଛି, ତାହା ଇନ୍ଦ୍ରାବତୀ ପାଇଁ ବଡ଼ ବିପଦ ସୃଷ୍ଟି କରିଛି । ବାଫ୍ଲିମାଳିର ବକ୍ସାଇଟ୍ ଖଣି ଖନନ ଫଳରେ ଇନ୍ଦ୍ରାବତୀ ସର୍ବାଧିକ ଭାବେ ପ୍ରଦୂଷିତ ହେବାରେ ଲାଗିଛି । ବାଫ୍ଲିମାଳି ପାହାଡ଼ରୁ ଅଳ୍ପ କେତେ ଦୂରରେ ମୁଖିଗୁଡ଼ାରେ ଇନ୍ଦ୍ରାବତୀ ଜଳବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ହୋଇଛି । ଏହାର କିଛି ଦୂରରେ ନବରଙ୍ଗପୁର ଜିଲ୍ଲାର ଖାତିଗୁଡ଼ା ଠାରେ ଏସିଆ ମହାଦେଶର ବୃହତ୍ତମ ଜଳଭଣ୍ଡାର ନିର୍ମିତ ହୋଇଛି । ଇନ୍ଦ୍ରାବତୀ, ମୁରାନ୍, ପୋଡ଼ାଗଡ଼, କପୁର ଭଳି ଚାରିଗୋଟି ନଦୀର ଜଳ ଅଟକାଇ ଏଠାରେ ବିଶାଳ ମନୋରମ ଜଳଭଣ୍ଡାର ସୃଷ୍ଟି କରାଯାଇଛି । ମାତ୍ର ବାଫ୍ଲିମାଳି ପାହାଡ଼ରୁ ବକ୍ସାଇଟ୍ ବର୍ଜ୍ୟ ଜଳଭଣ୍ଡାରରେ ପ୍ରବେଶ କରୁଥିବାରୁ ଜଳଭଣ୍ଡାର ଓ ଏଥିରେ ବଞ୍ଚୁଥିବା ଜଳଚର ଜୀବମାନଙ୍କ ପ୍ରତି ସର୍ବାଧିକ ବିପଦ ଦେଖାଦେଇଛି । ଗୋଟିଏ ପଟେ ମୁଖିଗୁଡ଼ାରୁ ଉତ୍ପନ୍ନ ବିଜୁଳିରେ କଳାହାଣ୍ଡିର ଅଖ୍ୟାତ ପଲ୍ଲୀ ମୁଖିଗୁଡ଼ା ଚମକୁଥିବା ବେଳେ ତାହାର ଅପର ପାର୍ଶ୍ୱରେ ଅବସ୍ଥିତ ନବରଙ୍ଗପୁର ଜିଲ୍ଲାର ଖାତିଗୁଡ଼ାରେ କିନ୍ତୁ ଘନ ଅନ୍ଧକାର ଛାଇ ଯାଇଛି । ଇନ୍ଦ୍ରାବତୀ ନଦୀକୁ ନେଇ ଏଭଳି 'ଅନ୍ଧାର-ଆଲୁଅ'ର ଖେଳ ଏଇ ମାତ୍ର କୋଡ଼ିଏ କିଲୋମିଟର ଦୂରତା ମଧ୍ୟରେ ଦେଖିବାକୁ ମିଳିଥାଏ ।

'ବାଫ୍ଲିମାଳି' ପର୍ବତର ଶୀର୍ଷ ପ୍ରଦେଶ ଏକ ବିଶାଳ ସମତଳ ଭୂମି ଭଳି ମନେ ହୋଇଥାଏ । ୧୨ କିଲୋମିଟର ବ୍ୟାପୀ ଲମ୍ବିଥିବା ଏହି ପର୍ବତମାଳାରେ ଭରି ରହିଛି ଆଲୁମିନିୟମର କଞ୍ଚାମାଲ୍ ।

ବାଫ୍ଲିମାଳି ପର୍ବତର ପୂର୍ବ ଦିଗରେ ସୌନ୍ଦର୍ଯ୍ୟମୟୀ କାଶୀପୁର ଅବସ୍ଥିତ; ଯାହାକୁ ଓଡ଼ିଶାର କାଶ୍ମୀର ବୋଲି କୁହାଯାଇଥାଏ । ଏଭଳି ଏକ ମନୋରମ ପରିବେଶ ମଧ୍ୟରେ ଇନ୍ଦ୍ରାବତୀ ନିରବରେ କୁଳୁକୁଳୁ ବହୁଥାଏ ଓ ବାଫ୍ଲିମାଳି ଛାତିରେ ଡିନାମାଇଟ୍ ବିସ୍ଫୋରଣ ଚାଲିଥାଏ ।

## ଇନ୍ଦ୍ରାବତୀ ଡ୍ୟାମ୍

ଉପର ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ଜରିଆରେ ତିନିଗୋଟି ନଦୀର ଜଳକୁ ଅଟକ ରଖି ଏସିଆ ମହାଦେଶର ବୃହତ୍ ଜଳଭଣ୍ଡାର ନିର୍ମାଣ



କରାଯାଇଛି । ଏହାର ମୁଖ୍ୟ ଜଳଭଣ୍ଡାର ଖାତିଗୁଡ଼ା (ନବରଙ୍ଗପୁର ଜିଲ୍ଲା)ରେ ଥିଲାବେଳେ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ମୁଖିଗୁଡ଼ା (କଳାହାଣ୍ଡି ଜିଲ୍ଲା)ରେ ଅବସ୍ଥିତ । ୧୯୭୮ ମସିହାରେ ଡ୍ୟାମ ନିର୍ମାଣ କାମ ଆରମ୍ଭ ହୋଇ ୨୦୦୧ ମସିହାରେ ଜାତି ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଥିଲା । ଡ୍ୟାମ୍‌ଟିର ଉଚ୍ଚତା ୪୫ ମିଟର (୧୪୮ ଫୁଟ) । ଇନ୍ଦ୍ରାବତୀ ନଦୀ ସମେତ ପୋଡ଼ାଗଡ଼, କପୁର ଓ ମୁରାନ୍ ନଦୀରେ ମୋଟ ୪ଟି ଡ୍ୟାମ୍ ନିର୍ମାଣ କରାଯାଇ ସମସ୍ତ ଜଳକୁ ଏକ ସାଧାରଣ ଜଳଭଣ୍ଡାରରେ ଗଚ୍ଛିତ ରଖାଯାଇଛି । ଏହା ବ୍ୟତୀତ ଏହି ଜଳଭଣ୍ଡାରରେ ୮ଟି ଡାଇକ୍ ଏବଂ ୨ଟି ସଂଯୁକ୍ତ ଚ୍ୟାନେଲ୍ ନିର୍ମାଣ କରାଯାଇଛି । ବିଦ୍ୟୁତ୍ ଉତ୍ପାଦନ ପରେ ଇନ୍ଦ୍ରାବତୀ ଜଳଭଣ୍ଡାରର ପାଣିକୁ ହାତୀ ନଦୀ ମାଧ୍ୟମରେ କଳାହାଣ୍ଡି ଜିଲ୍ଲାର ଚାଷଜମିକୁ ଜଳସେଚନ ମଧ୍ୟ କରାଯାଇପାରୁଛି । ହାତୀ ନଦୀ ଉପରେ ଏକ ବ୍ୟାରେଜ୍ ନିର୍ମାଣ କରାଯାଇ ଇନ୍ଦ୍ରାବତୀର ଜଳକୁ ଗଚ୍ଛିତ ରଖାଯାଇଛି । ସୂଚନାଯୋଗ୍ୟ, ହାତୀ ନଦୀଟି ମହାନଦୀ ଅବବାହିକାର ଏକ ପ୍ରମୁଖ ନଦୀ ଏବଂ ଇନ୍ଦ୍ରାବତୀର ଜଳକୁ ମହାନଦୀ ଅବବାହିକାକୁ ପ୍ରେରଣ କରିବା ନେଇ ମଧ୍ୟ ତଳମୁଣ୍ଡରେ ଜନଆନ୍ଦୋଳନ ଓ ବିବାଦ ମୁଣ୍ଡ ଟେକିଥିଲା ।

## ଇନ୍ଦ୍ରାବତୀର ଉତ୍ପତ୍ତି ସ୍ଥଳ ଓ ଗତିପଥ

ପୂର୍ବଘାଟ ପର୍ବତମାଳା (ବିନ୍ଧ୍ୟ ପର୍ବତମାଳା)ର ପଶ୍ଚିମ ଦିଗରେ କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ଅନ୍ତର୍ଗତ ମାର୍ଡ଼ିଗୁଡ଼ା ଗାଁର ଏକ ମୁଣ୍ଡିଆ ପାହାଡ଼ (୯୧୪ ମିଟର)ରୁ ଯେଉଁ କ୍ଷୀଣ ସ୍ରୋତଟି ଉତ୍ପତ୍ତିଲାଭ କରିଛି, ପ୍ରକୃତରେ ତାହା ଇନ୍ଦ୍ରାବତୀ ନଦୀ । ଏହି ତନୁପାତଳୀ କ୍ଷୀଣା ଇନ୍ଦ୍ରାବତୀ ମହାରାଷ୍ଟ୍ରର ଗଡ଼ଚିରୋଲିର ସୋମ୍ନୁର ସଙ୍ଗମ ଠାରେ ଗୋଦାବରୀ ନଦୀରେ ମିଳିତ ହେବା ବେଳକୁ କାହିଁ ଯେ, କେତେ ବିଶାଳ ଆକାର ଧାରଣ କରିଛି, ଆଖି ପାଏନା । ଇନ୍ଦ୍ରାବତୀ ନଦୀ ଓଡ଼ିଶାର କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଜିଲ୍ଲା ଦେଇ ପ୍ରବାହିତ ହେବା ପରେ ଛତିଶଗଡ଼ର ବସ୍ତର ଜିଲ୍ଲାକୁ ପ୍ରବେଶ କରିଛି ।

ଇନ୍ଦ୍ରାବତୀ ନଦୀ ମୋଟ ୫୩୫ କିଲୋମିଟର ଯାତ୍ରାପଥ ଅତିକ୍ରମ କରି ଶେଷରେ ଛତିଶଗଡ଼, ମହାରାଷ୍ଟ୍ର ଓ ତେଲେଙ୍ଗାନା ରାଜ୍ୟର ସୀମାରେ ଗୋଦାବରୀ ନଦୀରେ ବିଲୀନ ହୋଇଛି । ଇନ୍ଦ୍ରାବତୀ ଓ ଗୋଦାବରୀ ନଦୀର ମିଳନ ସ୍ଥଳର ଗୋଟିଏ ପାର୍ଶ୍ୱରେ ଛତିଶଗଡ଼ର ଭୋପାଳପାଟନମ୍‌ର ଭଦ୍ରକାଳୀ ମନ୍ଦିର ଥିଲାବେଳେ ଅନ୍ୟ ପାର୍ଶ୍ୱରେ ମହାରାଷ୍ଟ୍ରର ସୋମ୍ନୁର ସଙ୍ଗମ ଏବଂ ଅନ୍ୟ ଏକ ପାର୍ଶ୍ୱରେ ତେଲେଙ୍ଗାନାର ମେଦିଗଦ୍ଧ ଅବସ୍ଥିତ ।

ଥୁଆମୂଳରାମପୁର ମାର୍ଡ଼ିଗୁଡ଼ା ଗାଁରୁ ଯେତେବେଳେ ଇନ୍ଦ୍ରାବତୀ ଉତ୍ପତ୍ତି ଲାଭ କଲା, ସେତେବେଳେ ଏହା ତିନୋଟି ଧାର ହୋଇ ବହୁଥିଲା । ଏବେଏବେ ଗୋଟିଏ ଧାର ବନ୍ଦ ହୋଇଯାଇଥିବାବେଳେ ଆଉ ଦୁଇଟି କ୍ଷୀଣ ଧାର ଇନ୍ଦ୍ରାବତୀର ବାଲ୍ୟରୂପର ପରିଚୟ ବହନ କରିଥାଏ । ଥୁଆମୂଳରାମପୁରର ଗୋପାଳପୁର ପର୍ଯ୍ୟନ୍ତ ଇନ୍ଦ୍ରାବତୀ ନଦୀ ଏକ କ୍ଷୀଣ ସ୍ରୋତ ଭାବେ ପ୍ରବାହିତ ହେଲାପରେ ଗୋପାଳପୁରର ଉତ୍ତରରେ ଥିବା ସିନ୍ଧିପୁର ଗ୍ରାମ ନିକଟରୁ ଅନ୍ୟ ଏକ ସ୍ରୋତ ମିଶିବା ପରେ ଇନ୍ଦ୍ରାବତୀର କଳେବର ବୃଦ୍ଧି ଘଟିଛି । ଏହି କଳେବରକୁ ନେଇ ଇନ୍ଦ୍ରାବତୀ ଚାଳିଶି କିଲୋମିଟର ଦୂର ଦେଓପାଲି ପର୍ଯ୍ୟନ୍ତ ପ୍ରବାହିତ ହୋଇଛି । ସୂଚନାଯୋଗ୍ୟ, ଦେଓପାଲି ଠାରେ ହିଁ ଇନ୍ଦ୍ରାବତୀରେ ବନ୍ଧ ବନ୍ଧାଯାଇଛି । ସିନ୍ଧିପୁରରୁ ଦେଓପାଲି (ଖାତିଗୁଡ଼ା) ପର୍ଯ୍ୟନ୍ତ ଚାଳିଶି କିଲୋମିଟର ବ୍ୟାପୀ ଇନ୍ଦ୍ରାବତୀ ଧାରେ ଧାରେ 'ଡଙ୍ଗର୍‌ଲା' ପର୍ବତମାଳା କାନ୍ଥ ଭଳି ଦଣ୍ଡାୟମାନ ହୋଇଛି । ଏହି ପର୍ବତମାଳାର ନିମ୍ନ ପ୍ରଦେଶରେ ହାତୀ ନଦୀ (ହାତୀ ନଦୀ ହେଉଛି ତେଲ ନଦୀର ଉପନଦୀ ଏବଂ ତେଲ ନଦୀ ହେଉଛି ମହାନଦୀର ପ୍ରମୁଖ ଉପନଦୀ) ପ୍ରବାହିତ । ହାତୀ ନଦୀ ଇନ୍ଦ୍ରାବତୀର ବିପରୀତ ଦିଗରେ ଗତି କରି 'ଅମାଠଲା'ଠାରେ ତେଲ ନଦୀରେ ମିଳିତ ହୋଇଛି । ହାତୀ ନଦୀ ଅବବାହିକାରେ କଳାହାଣ୍ଡି ଜିଲ୍ଲାର ଜୟପାଟଣା ଓ ଜୁନାଗଡ଼ ସହର ଅବସ୍ଥିତ ।

ଥୁଆମୂଳରାମପୁରର ମାର୍ଡ଼ିଗୁଡ଼ାରୁ ଉତ୍ପତ୍ତି ଲାଭ କରି ଇନ୍ଦ୍ରାବତୀ ଦକ୍ଷିଣ ଦିଗରେ ରାଣୀପଦର, ଜାମଗୁଡ଼ା, ବଡ଼ଛତରଙ୍ଗ, ଡୁମେରପଦର, ଭାଟିପାଶ, ଡାଲଗୁଡ଼ା, ମହୁଲପାଟଣା, ଯୁବରାଜପୁର, ବେଣାଖମାର, କୁରୁମୁଲି, ଦେଓପାଲି, ଖାତିଗୁଡ଼ା ଆଦି ଗ୍ରାମ ଦେଇ ବହିଛି । ଏହାପରେ ଇନ୍ଦ୍ରାବତୀ ନବରଙ୍ଗପୁର ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକର ଦହଣା, ଡଙ୍ଗରଭେଜା ଆଦି ଅଞ୍ଚଳ ଦେଇ ନବରଙ୍ଗପୁର ସହର ଉପକଣ୍ଠକୁ ଛୁଇଁଛି । ପରେ ନଦୀ କୋରାପୁଟ ଜିଲ୍ଲାର ବୋରିଗୁମ୍ମା, କୋଟପାଡ଼ ବ୍ଲକ୍ ଦେଇ ପ୍ରବାହିତ ହେଲା ପରେ ଛତିଶଗଡ଼ର ବସ୍ତର ଜିଲ୍ଲାକୁ ପ୍ରବେଶ କରିଛି ।

ଇନ୍ଦ୍ରାବତୀ ନଦୀର ଦୂରତା ୫୩୫ କିଲୋମିଟର ହୋଇଥିବା ବେଳେ ଓଡ଼ିଶାରେ ୧୭୦ କିଲୋମିଟର ଅଞ୍ଚଳରେ ପ୍ରବାହିତ ହୋଇଛି ।

## ଇନ୍ଦ୍ରାବତୀର ଉପନଦୀ

ଥୁଆମୂଳରାମପୁରର ମାର୍ଡ଼ିଗୁଡ଼ା ଠାରୁ ଖାତିଗୁଡ଼ା ପ୍ରାୟ ୪୫ କିଲୋମିଟର ଦୂର । ତେବେ ଇନ୍ଦ୍ରାବତୀର ଏହି ଯାତ୍ରାପଥରେ ଅନେକ ଛୋଟବଡ଼ ନଦୀ ମିଳିତ ହୋଇଛନ୍ତି ।



ଇନ୍ଦ୍ରାବତୀ ନଦୀର ପ୍ରମୁଖ ଉପନଦୀଗୁଡ଼ିକ ହେଲେ-୧. ତେଜ, ୨. ଚନ୍ଦ୍ରଗିରି, ୩. କାଣ୍ଡବିନ୍ଧା, ୪. ଗୋଲାଗାଡ଼, ୫. ପୋଡ଼ାଗଡ଼, ୬. କପୁର, ୭. ମୁରାନ୍, ୮. ଚବ୍ରି, ୯. ତେଲିଙ୍ଗିରି, ୧୦. ତୁରୀ, ୧୧. ଗୁଷ୍ଟାଟ୍, ୧୨. ଭାସ୍କେଲ, ୧୩. କେଶଧାରା, ୧୪. ବନଗିରି, ୧୫. ପାର୍ଲିଜୋରି, ୧୬. କୋରା, ୧୭. ମୋଦାଙ୍ଗ, ୧୮. ଦମୟନ୍ତୀ ସାଗର, ୧୯. ନାରଙ୍ଗୀ, ୨୦. ବୋର୍ଡିଂ, ୨୧. ନିବ୍ରା, ୨୨. କୋଟ୍ରି, ୨୩. ବାନ୍ଦିଆ, ୨୪. ନନ୍ଦିରାଜ, ୨୫. ନାରାୟଣପାଳ, ୨୬. କାଣ୍ଡବିନ୍ଧା, ୨୭. ଶିବନାଥ ।

ଇନ୍ଦ୍ରାବତୀର ପଶ୍ଚିମ ପାର୍ଶ୍ୱରେ ଯେଉଁଭଳି ଭାବେ 'ଡଙ୍ଗରଲା ପର୍ବତମାଳା' ରହିଛି ଅନୁରୂପ ଭାବେ ପୂର୍ବ ଦିଗରେ 'ବାଫ୍ଲିମାଳି' ପର୍ବତ ଅବସ୍ଥିତ । ଏହି ବାଫ୍ଲିମାଳି ପର୍ବତ ବକ୍ସାଇଟ ଖଣି ପାଇଁ ପ୍ରସିଦ୍ଧ ।

ଥୁଆମୂଳରାମପୁର ଓ ଦେଓପାଲି ମଧ୍ୟରେ ପୂର୍ବ ଦିଗରୁ ତେଜ, ଚନ୍ଦ୍ରଗିରି, କାଣ୍ଡବିନ୍ଧା, ଗୋଲାଗାଡ଼, ପୋଡ଼ାଗଡ଼ ଭଳି ଛୋଟ ଛୋଟ ନଦୀ ଆସି ଇନ୍ଦ୍ରାବତୀରେ ପଡ଼ିଛନ୍ତି । କାଶୀପୁରର ଅପରପାର୍ଶ୍ୱରେ କଳାହାଣ୍ଡି ଜିଲ୍ଲାର ମହୁଲପାଟଣା, ନାଗି ଗ୍ରାମ ଦେଇ ଇନ୍ଦ୍ରାବତୀ ପ୍ରବାହିତ ହେଲା ପରେ ଇନ୍ଦ୍ରାବତୀ ପଶ୍ଚିମାଭିମୁଖୀ ହୋଇଛି । ଦଶମନ୍ତପୁର ବ୍ଲକ ଦେଇ ପ୍ରବାହିତ ମୁରାନ ନଦୀ ଓ କୋରାପୁଟରୁ ଉତ୍ପତ୍ତିଲାଭ କରିଥିବା ତେଲିଙ୍ଗିରି ନଦୀ ଇନ୍ଦ୍ରାବତୀରେ ପଡ଼ିଛି । କାଶୀପୁର ଦେଇ ପ୍ରବାହିତ ପୋଡ଼ାଗଡ଼ ନଈ ମଧ୍ୟ ଇନ୍ଦ୍ରାବତୀରେ ମିଶିଛି ।

ସେହିଭଳି ନବରଙ୍ଗପୁର ଜିଲ୍ଲାର ପାପଡ଼ାହାଣ୍ଡି ଓ କୋଷାଗୁମୁଡ଼ା ନିକଟରେ ତୁରୀ ଓ ଭାସ୍କେଲ ନଦୀ ଇନ୍ଦ୍ରାବତୀ ସହ ମିଳିତ ହୋଇଛନ୍ତି । ଭାସ୍କେଲ ନଦୀ ଛତିଶଗଡ଼ ଏବଂ ଓଡ଼ିଶାର ସୀମା ନିର୍ଦ୍ଧାରଣ କରିଥାଏ । ଭାସ୍କେଲ ଓ ତେଲିଙ୍ଗିରି ନଦୀ ଉପରେ ଦୁଇଟି ଜଳଭଣ୍ଡାର ନିର୍ମାଣ କରାଯାଇଛି ।

## ରାମାୟଣ ମହାପୁରାଣରେ 'ଇନ୍ଦ୍ରାବତୀ'

ଓଡ଼ିଶାର କୋଟପାଡ଼ ଛାଡ଼ିବା ପରେ ଇନ୍ଦ୍ରାବତୀ ଛତିଶଗଡ଼ର ବସ୍ତର ଜିଲ୍ଲାକୁ ପ୍ରବେଶ କରିଛି । ବସ୍ତର ଜିଲ୍ଲାର ଚିତ୍ରକୂଟ ଠାରେ ଇନ୍ଦ୍ରାବତୀ ପାହାଡ଼ର ବହୁ ତଳକୁ ଲମ୍ଫ ପ୍ରଦାନ କରି ଏକ ବିଶାଳ ଓ ମନୋରମ ଜଳପ୍ରପାତ ସୃଷ୍ଟି କରିଛି । ଏଠାରେ ରାମଚନ୍ଦ୍ର ବନବାସ ସମୟରେ ପର୍ଣ୍ଣକୁଟୀର ନିର୍ମାଣ କରି ଅବସ୍ଥାନ କରୁଥିଲେ ବୋଲି ପୌରାଣିକ କିମ୍ୱଦନ୍ତୀ ରହିଛି । ନଦୀଟି ଶହେ ଫୁଟ ତଳକୁ ଖସିପଡ଼ିବା ବେଳେ ବାଷ୍ପୀୟ ଜଳକଣାରେ ସମଗ୍ର ଅଂଚଳ ମେଘାଛନ୍ନ ଭଳି ମନେ ହୋଇଥାଏ । ସୂର୍ଯ୍ୟ କିରଣରେ ଏହି ଜଳପ୍ରପାତରେ ମନୋରମ ଇନ୍ଦ୍ରଧନୁ ସୃଷ୍ଟି ହୋଇଥାଏ । ଏଠାରେ ରାବଣ ସୀତାଙ୍କୁ ସ୍ୱର୍ଣ୍ଣ ହରିଣର ମାୟା ରଚନା କରି ଅପହରଣ କରି ନେଇଥିଲେ ବୋଲି କଥିତ ଅଛି । ପ୍ରକୃତରେ ଏ ଜଙ୍ଗଲପୂର୍ଣ୍ଣ ଅଞ୍ଚଳ ରାମାୟଣର ଚିତ୍ରକୂଟ ଆଶ୍ରମ ପରିବେଶର ଭ୍ରମ ସୃଷ୍ଟି କରିଥାଏ ।

ଚିତ୍ରକୂଟର ଅପରପାର୍ଶ୍ୱରେ ପୂର୍ବ ଦିଗରେ ଓଡ଼ିଶା-ଛତିଶଗଡ଼ ସୀମାରେ ଅନ୍ୟ ଏକ ପ୍ରସିଦ୍ଧ ନଦୀ ପ୍ରବାହିତ ହେଉଛି; ଯାହାର ନାମ 'ଶବରୀ' (ଶାବରୀ) । ଏହାର ଅନ୍ୟ ନାମ 'କୋଲାବ' । ଗୁପ୍ତେଶ୍ୱର ଶୈବପୀଠ ଏହି ଶବରୀ ନଦୀ କୂଳରେ ଅବସ୍ଥିତ । ଏହାର ଠିକ୍ ପୂର୍ବ ପାର୍ଶ୍ୱକୁ

▼ଇନ୍ଦ୍ରାବତୀ ନଦୀର ଉତ୍ପତ୍ତିସ୍ଥଳ





ମାଲକାନଗିରି ଜିଲ୍ଲାର ମାଥିଲି ଅବସ୍ଥିତ । ଯାହାକୁ ପୁରାଣର 'ମୈଥିଳୀ' ବୋଲି ବର୍ଣ୍ଣନା କରାଯାଇଛି । ମାଥିଲିର ଦକ୍ଷିଣରେ ମାଲ୍‌କାନଗିରି ଜିଲ୍ଲା ସଦର ମହକୁମା ଅବସ୍ଥିତ, ଯାହାକୁ 'ମାଲ୍ୟବନ୍ତଗିରି' ସହ ତୁଳନା କରାଯାଇଛି । ଶାବରୀ ନଦୀର ଏକ ଶାଖା ନଦୀ 'ତମସା' ମାଥିଲି ଦେଇ ପ୍ରବାହିତ ହୋଇଛି । ଏହି ନଦୀରେ ସୀତା ସ୍ନାନ କରିଥିବାର ପୌରାଣିକ କଥାବସ୍ତୁ ରହିଛି । ମହାବଳୀ ବାଳି ଯେଉଁଠି ବନ୍ଧ ହୋଇଥିଲେ ତାହା ବର୍ତ୍ତମାନର ବାଲିମେଲା (ବାଳି ମଲା) । ଏହାର ଉପରକୁ ବିନ୍ଧ୍ୟ ପର୍ବତମାଳାର ଘଞ୍ଚ ଅରଣ୍ୟ 'କୋଣ୍ଡାକାମ୍ବେରୁ' ଅବସ୍ଥିତ । ଏସବୁର ସାମଗ୍ରିକ ନାମ 'ଦଣ୍ଡକାରଣ୍ୟ' । ଶେଷରେ ଗୋଦାବରୀ ନଦୀରେ ଯେଉଁଠି ଶବରୀ (କୋଲାବ) ନଦୀ ମିଳିତ ହୋଇଛି, ତାହାର ନାମ 'ଭଦ୍ରାଚଳମ୍' । ଏ ସମଗ୍ର ଅଞ୍ଚଳ ରାମାୟଣରେ ବର୍ଣ୍ଣିତ ରହିଥିବାରୁ ଏ ଭୂ-ଖଣ୍ଡର ଗୁରୁତ୍ୱ ସର୍ବାଧିକ ।

## ଇନ୍ଦ୍ରାବତୀ ଅବବାହିକାରେ ଜନଜାତି

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଅନ୍ତର୍ଗତ ଖାତିଗୁଡ଼ା ଠାରେ ଏସିଆ ମହାଦେଶର ବୃହତ୍ତମ ଜଳଭଣ୍ଡାର ରହିଛି । ପ୍ରତିବର୍ଷ ଶୀତଦିନେ ଇନ୍ଦ୍ରାବତୀ ଜଳଭଣ୍ଡାରରେ ପ୍ରତିବର୍ଷ ଶୀତଋତୁରେ ବିଦେଶୀ ପକ୍ଷୀଙ୍କ ଆଗମନ ଘଟିଥାଏ । ଇନ୍ଦ୍ରାବତୀ ଜଳଭଣ୍ଡାରର ଛୋଟ ଛୋଟ ଢେଉରେ ବିଦେଶୀ ପକ୍ଷୀଙ୍କ ଭାସମାନ ଚିତ୍ର କୌଣସି ଏକ ଶିଳ୍ପୀର କାନ୍‌ଭାସର ଭ୍ରମ ସୃଷ୍ଟି କରିଥାଏ । ଥୁଆମୂଳରାମପୁର ଠାରୁ ଖାତିଗୁଡ଼ାଯାଏ ୪୪ କିଲୋମିଟର ଅଞ୍ଚଳରେ ଘଞ୍ଚ ଅରଣ୍ୟ ମଧ୍ୟରେ ବିଭିନ୍ନ ପ୍ରକାର ଜନଜାତିର ଲୋକେ ବସବାସ କରନ୍ତି । ଏସବୁ ପାର୍ବତ୍ୟାଞ୍ଚଳରେ ପରଜା, ଭତରା, ବଞ୍ଜାରା, ଗଣ୍ଡ, ଭୁଞ୍ଜିଆ, କନ୍ଧ, ମିର୍ଦ୍ଧା, ମୁଣ୍ଡା, ସଉରା ଜନଜାତିର ଲୋକେ ବାସ କରନ୍ତି । ସେହିଭଳି ଖାତିଗୁଡ଼ା ଠାରୁ କୋଟପାଡ଼ଯାଏ ମାଳି, ଗଦବା, ପରଜା, ପାରେଙ୍ଗା, ଭତରା, ଗଣ୍ଡ, କନ୍ଧ ଆଦି ଜନଜାତିର ଲୋକେ ବାସ କରନ୍ତି । ବସ୍ତର ଜିଲ୍ଲାରେ ଇନ୍ଦ୍ରାବତୀ ଅବବାହିକା ଜଙ୍ଗଲରେ ଛତିଶଗଡ଼ି ଆଦିବାସୀମାନେ ବସବାସ କରନ୍ତି ।

ଇନ୍ଦ୍ରାବତୀ ନଦୀ ଏବେ ପ୍ରଦୂଷଣର ଭୀଷଣ ଶିକାର ହୋଇଛି । ଗୋଟିଏ ପଟେ ପ୍ରଦୂଷଣ ଇନ୍ଦ୍ରାବତୀକୁ ବିଷାକ୍ତ କରୁଥିବାବେଳେ ଏହା ଉପରେ ଗୋଟିଏ ପରେ ଗୋଟିଏ ଡ୍ୟାମ୍, ବ୍ୟାରେଜ୍ ନିର୍ମାଣ କରାଯାଇ ଏହାକୁ ରୁଗ୍ଣ କରାଯିବାର ପ୍ରକ୍ରିୟା ଜାରି ରହିଛି । ଡ୍ୟାମ୍ ନିର୍ମାଣ ପାଇଁ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ମଧ୍ୟରେ ଯେଉଁଭଳି ଭାବେ ଭୟଙ୍କର ପ୍ରତିଯୋଗିତା ଚାଲିଛି, ଏହା ଦିନେ ଇନ୍ଦ୍ରାବତୀର କାଳ ହେବ, ଏହା ସ୍ୱୀକାର୍ଯ୍ୟ ।


ପବିତ୍ର ରଥଯାତ୍ରାର
ଶୁଭ ଅଭିନନ୍ଦନ !
A hotel that believes in optimum satisfaction
Barjorjis BANJARA
A Traveller's Oasis...
BARJORJIS BHOJAN
Multicuisine A/C Restaurant
BARJORJIS BHOJAN
The traditional
Hotel Barjorjis BANJARA
O.T. Road, Balasore-756001, Odisha
(06782) 240699 / 385 / 524
9937262234
banjara@barjorjishotels.com
barjorjishotels.com

# ସୌନ୍ଦର୍ଯ୍ୟମୟୀ ଦାରିଙ୍ଗବାଡ଼ି




**ଶତ୍ରୁଜିତ୍**
ସି.ଏଲ୍ - ୨୧, ବୀର ସୁରେନ୍ଦ୍ର ସାଏ ନଗର,
ଭୁବନେଶ୍ୱର- ୭୫୧୦୦୭
ଫୋନ୍ : ୯୮୬୧୫୫୦୭୬୧


ଫଟୋ ସୌଜନ୍ୟ : ଅରୁଣ ସାହୁ ଓ ଅଭିଷେକ ମିଶ୍ର

ପ୍ରକୃତିର ନୈସର୍ଗିକ ଗନ୍ତାଘର ଦାରିଙ୍ଗବାଡ଼ି । ଶୀତଦିନରେ ପର୍ଯ୍ୟଟନର ମଜା ନେବା ପାଇଁ ଆମ ରାଜ୍ୟବାସୀଙ୍କ ଅତ୍ୟନ୍ତ ପ୍ରିୟ ସ୍ଥାନ ଓଡ଼ିଶାର କାଶ୍ମୀର ନାମରେ ପ୍ରସିଦ୍ଧି ଅର୍ଜନ କରିଥିବା ଏହି ଦାରିଙ୍ଗବାଡ଼ି । ତେବେ କେବଳ ଆମ ରାଜ୍ୟରୁ ନୁହେଁ, ରାଜ୍ୟ ବାହାରୁ ମଧ୍ୟ ବହୁସଂଖ୍ୟକ ପର୍ଯ୍ୟଟକ ଏଠାକୁ ଆସି ଥାଆନ୍ତି ।

କନ୍ଧମାଳ ଜିଲ୍ଲାରେ ଅବସ୍ଥିତ ଦାରିଙ୍ଗବାଡ଼ିକୁ ଆମେ ଏକ ବଡ଼ ଗାଁ କିମ୍ବା କ୍ଷୁଦ୍ର ସହର କହି ପାରିବା । ସାଧାରଣରେ ଏକ ଧାରଣା ଅଛି ଯେ, ଶୀତକୁ ଉପଭୋଗ କରିବା ପାଇଁ ହିଁ ଏଠାକୁ ପର୍ଯ୍ୟଟକମାନେ ଆସିଥାଆନ୍ତି । ଏହା ଅବଶ୍ୟ କିଛି ପରିମାଣରେ ଠିକ୍ । କିନ୍ତୁ ଏଠାରେ ପର୍ଯ୍ୟଟକ କେବଳ ତୁଷାରପାତ କିମ୍ବା ଶୀତ ଉପଭୋଗ କରିବେ ନାହିଁ । ବର୍ଷର ଯେକୌଣସି ସମୟରେ ପର୍ଯ୍ୟଟକ ଏଠାକୁ ଆସିଲେ ପ୍ରକୃତିକୁ ଉପଭୋଗ କରି ପାରିବେ । ସମୁଦ୍ର ପତ୍ତନ ଠାରୁ ୩୦୦୦ ଫୁଟ୍ ଉପରେ ଥିବାରୁ ବର୍ଷସାରା ଏଠାରେ ପାଗ ଭଲ ଥାଏ । ଜଣେ ପର୍ଯ୍ୟଟକ ଦାରିଙ୍ଗବାଡ଼ି ଆସିଲେ, ଆଖପାଖରେ ଥିବା ଅନେକ ମନୋରମ ସ୍ଥାନ ମଧ୍ୟ ଭ୍ରମଣ କରି ପାରିବେ ।


ପର୍ଯ୍ୟଟକଙ୍କ ପାଇଁ ଦାରିଙ୍ଗବାଡ଼ି ସହରରେ ରହିଛି ବ୍ଲକ ପ୍ରଶାସନ ଦ୍ୱାରା ପରିଚାଳିତ ହିଲ୍ ଭିୟୁ ପାର୍କ । ଥରେ ସେଠାରେ ପହଞ୍ଚିଗଲେ ମନେପଡ଼ିଯିବ ସ୍କୁଲ୍ ପାଠ୍ୟକ୍ରମରେ ପଢ଼ିଥିବା 'ଦେଖଇ ନେତ୍ର ଯାହା ଚଉଦିଗର, ସେ



ସବୁର ଅଟଇ ମୁଁ ଅଧିଶ୍ୱର’ । ପାର୍କ ପରିସରରେ ଥିବା ହିଲ୍ ଭିୟୁ ପଏଣ୍ଟ୍ ଉପରୁ ଆପଣ ପ୍ରକୃତିର ଅସୁମାରି ମନୋରମ ଦୃଶ୍ୟ ଦେଖି ପାରିବେ । ହିଲ୍ ଭିୟୁ ପଏଣ୍ଟ୍ ଉପରୁ ସୂର୍ଯ୍ୟୋଦୟ ଦେଖିବାର ମଜା ବେଶ୍ ନିଆରା । ଶୀତ ଓ ବର୍ଷାଦିନେ ମନେହେବ ସତେ ଅବା ମେଘମାଳା ଆପଣଙ୍କୁ ଛୁଇଁ ଛୁଇଁ ଯାଉଛନ୍ତି । ହିଲ୍ ଭିୟୁ ପାର୍କ ପରିସରରେ ପିଲାମାନଙ୍କ ମନୋରଞ୍ଜନ ନିମନ୍ତେ ରହିଛି ଖସଡ଼ା, ଦୋଳି, ଟୟଟ୍ରେନ୍, ଫାଇବର୍‌ରେ ତିଆରି ଜୀବଜନ୍ତୁ, ରଙ୍ଗୀନ ଜଳଫୁଆରା ଇତ୍ୟାଦି । ଏଠାରେ ଥିବା ଜନଜାତି ସଂଗ୍ରହାଳୟ ଦର୍ଶକଙ୍କ ଜ୍ଞାନ ବୃଦ୍ଧିରେ ସହାୟକ ହେବ । ଦାରିଙ୍ଗବାଡ଼ି ବ୍ଲକ ପ୍ରଶାସନ ପକ୍ଷରୁ ଏହି ହିଲ୍ ଭିୟୁ ପାର୍କର ପରିଚାଳନା ପାଇଁ ଗଠନ ହୋଇଛି ‘ସାଞ୍ଜୀ ସରୁ ଉନ୍ନୟନ ଟ୍ରଷ୍ଟ’ । ‘ସାଞ୍ଜୀ’ ଆଉ ‘ସରୁ’ ଦୁଇଟି କୁଇ ଶବ୍ଦ । ସାଞ୍ଜୀ ଅର୍ଥ ସୁନ୍ଦର ଏବଂ ସରୁ ଅର୍ଥ ପାହାଡ଼ ବା ଜଙ୍ଗଲ । ସତରେ ହିଲ୍ ଭିୟୁ ପଏଣ୍ଟ୍ ଉପରୁ ଆପଣ ଯୁଆଡ଼େ ଚାହିଁବେ, କେବଳ ସୁନ୍ଦର ଜଙ୍ଗଲର ଅପରୂପ ସୌନ୍ଦର୍ଯ୍ୟ ହିଁ ସୌନ୍ଦର୍ଯ୍ୟ ଦେଖିବାକୁ ପାଇବେ ।

ହିଲ୍ ଭିୟୁ ପାର୍କର ଠିକ୍ ସାମ୍ନାରେ ରହିଛି ବନ ବିଭାଗ ଦ୍ୱାରା ସ୍ଥାପିତ ପ୍ରକୃତି ଉଦ୍ୟାନ ବା ନେଚର୍ ପାର୍କ । ଏହାରି ମଧ୍ୟରେ ଆୟୁର୍ବେଦ ଔଷଧୀୟ ଉଦ୍ୟାନ ଏବଂ ପ୍ରଜାପତି ଉଦ୍ୟାନଟିଏ ଅଛି । ଏଠାରେ ଭଳିକି ଭଳି ରଙ୍ଗବେରଙ୍ଗର ପ୍ରଜାପତି ଦେଖିବାକୁ ମିଳେ । ସେମାନଙ୍କ ପାଇଁ ତିଆରି ହୋଇଛି ଫୁଲବଗିଚା । ଏହା ମଧ୍ୟ ବେଶ୍ ଆକର୍ଷଣୀୟ । ବର୍ଷର ସବୁ ସମୟରେ, ଏପରିକି ଗ୍ରୀଷ୍ମ ଋତୁରେ ମଧ୍ୟ ଏହି ଫୁଲବଗିଚାରେ ଫୁଲ ଭର୍ତ୍ତି ହୋଇ ରହିଥାଏ । ବାଲିଗୁଡ଼ା ବନଖଣ୍ଡ ଅଞ୍ଚଳରେ ସାଧାରଣତଃ ପରିଦୃଶ୍ୟ ହେଉଥିବା ପ୍ରଜାପତିମାନଙ୍କ ସମ୍ପର୍କରେ ସମ୍ୟକ ସୂଚନା ଦେବା ପାଇଁ ଏକ ସୂଚନା ଫଳକ ମଧ୍ୟ ରହିଛି । ଔଷଧୀୟ ଉଦ୍ଭିଦ ବଗିଚା ପରିସରରେ ରହିଛି ଆୟୁର୍ବେଦ ଶାସ୍ତ୍ରଜ୍ଞ ଚରକଙ୍କ ପ୍ରସ୍ତର ପ୍ରତିମୂର୍ତ୍ତି । ଆହୁରି ମଧ୍ୟ ସ୍ଥାନୀୟ ଅଧିବାସୀ କୁଟିଆ କନ୍ଧମାନଙ୍କ ସଂସ୍କୃତିକୁ ପର୍ଯ୍ୟଟକଙ୍କ ସହିତ ପରିଚିତ କରାଇବା ଲକ୍ଷ୍ୟରେ ରହିଛି ସେମାନଙ୍କ ଘର, ଚାଲିଚଳନ ଆଦିର ବିଭିନ୍ନ ମଡେଲ । ଏହା ସହିତ ବନ୍ୟପ୍ରାଣୀଙ୍କ ସଂପର୍କରେ ଏକ ଥ୍ରୀ-ଡି ହଲ୍ ରହିଛି । ଅର୍ଥାତ ନେଚର୍ ପାର୍କ ଭିତରେ ପ୍ରବେଶ କରି ପର୍ଯ୍ୟଟକ କେବଳ ନିଜର ମନୋରଞ୍ଜନ କରିବେ ନାହିଁ, ତା’ ସହିତ ସ୍ଥାନୀୟ ଅଧିବାସୀ, ପ୍ରଜାପତି ଆଦିଙ୍କ ସଂପର୍କରେ ସମ୍ୟକ ଜ୍ଞାନ ମଧ୍ୟ ଅର୍ଜନ କରିବେ । ନେଚର୍ ପାର୍କ ପାଖରେ ହିଁ ବନ ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କ ରହିବା ପାଇଁ ଅଛି ‘ନେଚର୍ କ୍ୟାମ୍ପ୍’ ନାମରେ ରହଣୀ ସ୍ଥଳ । ଏଠାରେ ଏବେ ଛଅଟି କଟେଜ୍ ରହିଥିବା ବେଳେ ଆଉ ଚାରିଟି କଟେଜ୍‌ର ନିର୍ମାଣ ଚାଲିଛି ।

ଇଏତ ଗଲା ଦାରିଙ୍ଗବାଡ଼ିର ପର୍ଯ୍ୟଟନ ସ୍ଥାନ । ଏହାଛଡ଼ା ଦାରିଙ୍ଗବାଡ଼ି ଆଖପାଖରେ ମଧ୍ୟ କେତେକ ପର୍ଯ୍ୟଟନ ସ୍ଥଳ ରହିଛି । ଏଠାରୁ ପନ୍ଦର କିଲୋମିଟର ଦୂରବର୍ତ୍ତୀ ଦାରିଙ୍ଗବାଡ଼ିରେ ରହିଛି ‘ମିଡିୟୁବାନ୍ଦା’ ନାମକ ଜଳପ୍ରପାତ । ପର୍ଯ୍ୟଟକମାନେ ଏହି ଜଳପ୍ରପାତକୁ ଯିବା ବାଟରେ କଫି ବଗିଚା





ଓ ପାଇନ୍ ଜଙ୍ଗଲ ମଧ୍ୟ ଦେଖି ପାରିବେ । ଦାରିଙ୍ଗବାଡ଼ି ଠାରୁ ମାତ୍ର ଏକ କିଲୋମିଟର ଦୂରରେ ରହିଛି କଫି ବଗିଚା । ତା'ରି ଭିତରେ ମଧ୍ୟ ଗୋଲ ମରିଚ ଚାଷ ହେଉଛି । ପର୍ଯ୍ୟଟକମାନେ କଫି ବଗିଚା ବୁଲିବା ସହିତ ଏଠାରୁ କଫି ଓ ଗୋଲ ମରିଚ କିଣି ପାରିବେ । କଫି ବଗିଚା ଠାରୁ ଆଉ ଦୁଇ କିଲୋମିଟର ଆଗକୁ ଗଲେ ଦେଖିବେ ପାଇନ୍ ଜଙ୍ଗଲ । ଏଠାରେ ବଣଭୋଜି କରାଯାଏ । ତେବେ ପର୍ଯ୍ୟଟକମାନେ ଏଠାରେ ବଣଭୋଜି ନକରି ମିଡିୟୁବାନ୍ଧା ଜଳପ୍ରପାତରେ ମଧ୍ୟ ବଣଭୋଜି କରିପାରିବେ ।

ଜଳପ୍ରପାତରୁ ଦାରିଙ୍ଗବାଡ଼ି ଫେରିବା ପରେ ଭିନ୍ନ ଦିଗରେ ପ୍ରାୟ ଅଠର କିଲୋମିଟର ଗଲେ ପଡ଼ିବ ଡଡୁବାଡ଼ା ଗାଁ । ଏହି ଗାଁ ନିକଟରେ ଟିକାପାଟା ନଦୀ କୂଳରେ ରହିଛି ନେଚର୍ ଲଭର୍ସ ପଏଣ୍ଟ । ଏଠାରେ ମଧ୍ୟ ବଣଭୋଜି କରା ଯାଇଥାଏ । ଡଡୁବାଡ଼ା ପାଖରେ ଜଣେ ବ୍ୟକ୍ତି ବ୍ୟବସାୟିକ ଭିତ୍ତିରେ ଏମୁ ପକ୍ଷୀ ଚାଷ କରନ୍ତି, ଯାହାକି ପର୍ଯ୍ୟଟକମାନଙ୍କ ପାଇଁ ଅନ୍ୟ ଏକ ଆକର୍ଷଣ । ଅନ୍ୟପକ୍ଷରେ ଦାରିଙ୍ଗବାଡ଼ି ଠାରୁ ମାତ୍ର ଦୁଇ କିଲୋମିଟର ଦୂର ଗ୍ରୀନ୍‌ବାଡ଼ି ଗ୍ରାମ ପଞ୍ଚାୟତ ଅଧୀନରେ ଅଛି ଏକ ଆକର୍ଷଣୀୟ ସ୍ଥାନ । 'ନିରବ ଉପତ୍ୟକା' ଭାବରେ ପରିଚିତ ଏହି ସ୍ଥାନରେ ସୂର୍ଯ୍ୟାସ୍ତର ଦୃଶ୍ୟ ବେଶ୍ ମନୋରମ । ଦାରିଙ୍ଗବାଡ଼ିକୁ ଆସୁଥିବା ପର୍ଯ୍ୟଟକମାନେ ହିଲ୍ ଭିୟୁ ପଏଣ୍ଟ ଉପରୁ ସୂର୍ଯ୍ୟୋଦୟ ଦେଖିବା ବେଳେ ନିରବ ଉପତ୍ୟକାରେ ସୂର୍ଯ୍ୟାସ୍ତ ଉପଭୋଗ କରନ୍ତି ।

ଦାରିଙ୍ଗବାଡ଼ିକୁ ଯିବା ପାଇଁ ସବୁ ଦିଗରୁ ବାଟ ରହିଛି । ଭୁବନେଶ୍ୱର ପଟୁ ଯାଉଥିବା ପର୍ଯ୍ୟଟକମାନେ ଭଞ୍ଜନଗର-କଳିଙ୍ଗା ଘାଟି- ଜି. ଉଦୟଗିରି ଦେଇ ଯାଇ ପାରିବେ । ପଶ୍ଚିମ ଓଡ଼ିଶାରୁ ଆସୁଥିଲେ ଫୁଲବାଣୀ- କ. ନୂଆଗାଁ ଦେଇ ଯିବେ । ଅବିଭକ୍ତ କୋରାପୁଟ ଜିଲ୍ଲାବାସୀ ବାଲିଗୁଡ଼ା- କ. ନୂଆଗାଁ ଦେଇ ଦାରିଙ୍ଗବାଡ଼ିରେ ପହଞ୍ଚିବେ । ସେହିଭଳି ଗଞ୍ଜାମ ଜିଲ୍ଲାର ସୋରଡ଼ା ଓ କନ୍ଧମାଳ ଜିଲ୍ଲାର ବ୍ରାହ୍ମଣୀ ଗାଁ ଦେଇ ଆଉ ଦୁଇଟି ବାଟ ରହିଛି ।

ଦାରିଙ୍ଗବାଡ଼ିକୁ ପର୍ଯ୍ୟଟକମାନେ ନିଜସ୍ୱ ଗାଡ଼ି ନେଇ ଯାଇ ପାରିବେ । ଯିବା ବେଳେ ବାଟ ସାରା କନ୍ଧମାଳ ଜିଲ୍ଲାର ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରି ପାରିବେ । ଯଦି ଏକାଧିକ ଦିନ ରହି ପାରିବା ଭଳି ଯୋଜନାରେ ଯାଇଥିବେ, ତେବେ କନ୍ଧମାଳ ଜିଲ୍ଲାରେ ଥିବା ଅନ୍ୟ କେତେକ ସ୍ଥାନ, ଯଥା, ପୁତୁଡ଼ି ଜଳପ୍ରପାତ (ଜିଲ୍ଲା ମୁଖ୍ୟାଳୟ ଫୁଲବାଣୀ ଠାରୁ ୧୫ କିଲୋମିଟର ଓ ଦାରିଙ୍ଗବାଡ଼ି ଠାରୁ ୧୨୦ କିଲୋମିଟର), ବେଲଘର ଅଭୟାରଣ୍ୟ (ଦାରିଙ୍ଗବାଡ଼ି ଠାରୁ ୧୨୦ କିଲୋମିଟର) ଇତ୍ୟାଦି ବୁଲି ପାରିବେ । ତେବେ ଯେଉଁମାନେ ଅଳ୍ପ ଖର୍ଚ୍ଚରେ ଭ୍ରମଣର ମଜା ଉପଭୋଗ କରିବାକୁ ଚାହାଁନ୍ତି, ସେମାନଙ୍କ ପାଇଁ ଦାରିଙ୍ଗବାଡ଼ି ଏକ ଉତ୍କୃଷ୍ଟ ସ୍ଥାନ । ଦାରିଙ୍ଗବାଡ଼ିରେ ଯେତିକି ସ୍ଥାନ ରହିଛି, ଗୋଟିଏ ଦିନରେ ସବୁ ସ୍ଥାନ ଦେଖି ହେବ । ସକାଳେ ପହଞ୍ଚି, ଦିନଯାକ ବୁଲି ପୁଣି ସନ୍ଧ୍ୟାରେ ଫେରି ଆସି ହେବ । ରାଜଧାନୀ ଭୁବନେଶ୍ୱରରୁ ଦାରିଙ୍ଗବାଡ଼ିର ଦୂରତ୍ୱ ୨୪୫ କିଲୋମିଟର । ବସ୍ ଟିକେଟ ଦର ଯାତ୍ରୀ ପିଛା ୩୦୦ରୁ ୩୫୦ ଟଙ୍କା ପର୍ଯ୍ୟନ୍ତ । ପର୍ଯ୍ୟଟକମାନେ ଭୁବନେଶ୍ୱରରୁ ବିଳମ୍ବିତ ରାତିରେ ବସ୍‌ରେ ବସି ଭୋର୍‌ରେ ଦାରିଙ୍ଗବାଡ଼ି ପହଞ୍ଚିବେ । ଠିକ୍ ବସ୍‌ଷ୍ଟାଣ୍ଡ ଠାରେ ରହିଛି ରାଜ୍ୟ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ 'ପଥପ୍ରାନ୍ତ ସୁବିଧା କେନ୍ଦ୍ର' । ଏଠାରେ ନିତ୍ୟକର୍ମ ସାରି ଭ୍ରମଣରେ ବାହାରି ହେବ । ବସ୍‌ଷ୍ଟାଣ୍ଡରେ ବହୁ ସଂଖ୍ୟକ ଅଟୋ ମିଳେ । ଅଟୋ ଡ୍ରାଇଭର୍‌ମାନେ ଖୁବ୍ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରିଥାଆନ୍ତି । ସ୍ୱଳ୍ପ ଦେୟରେ ସେମାନେ ଦାରିଙ୍ଗବାଡ଼ି ଓ ଏହାର ଆଖପାଖରେ ଥିବା ସମସ୍ତ ଭ୍ରମଣ ଉପଯୋଗୀ ସ୍ଥଳ ବୁଲାଇ ଦେବେ । ମଧ୍ୟାହ୍ନରେ ହୋଟେଲ୍‌ରେ ଖାଇ



## ଦାରିଙ୍ଗ ସାହେବଙ୍କ ନାମାନୁସାରେ ଦାରିଙ୍ଗବାଡ଼ି

ଦାରିଙ୍ଗବାଡ଼ିର ନାମକରଣ ନେଇ ଏକ ଜନଶ୍ରୁତି ରହିଛି । ଏହି ଅନୁସାରେ, ଦାରିଙ୍ଗ ସାହେବ ନାମକ ଜଣେ ବ୍ରିଟିଶ୍ ଅଫିସର୍ ଏହି ଅଞ୍ଚଳର ପ୍ରଶାସନ ଦାୟିତ୍ୱରେ ଥିଲେ । ତାଙ୍କରି ନାମାନୁସାରେ ସ୍ଥାନର ନାଁ ହୋଇଗଲା 'ଦାରିଙ୍ଗବାଡ଼ି' । ସ୍ଥାନୀୟ ଭାଷାରେ 'ବାଡ଼ି'ର ଅର୍ଥ ଗାଁ । ଘଞ୍ଚ ଜଙ୍ଗଲ, କଫି ବଗିଚା, ବିସ୍ତୃତ ପାଇନ୍ ଜଙ୍ଗଲ, ଜଳପ୍ରପାତ, ବନଝରଣା ଆଦି ଦାରିଙ୍ଗବାଡ଼ିକୁ ଏକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳରେ ପରିଣତ କରିଦେଇଛି । ଶୀତଦିନେ କେବେକେବେ ବରଫ ପଡୁଥିବାରୁ ଅବଶିଷ୍ଟ ଓଡ଼ିଶାର ପର୍ଯ୍ୟଟକମାନେ ଦାରିଙ୍ଗବାଡ଼ିକୁ ଶୀତଦିନେ ଆସିବାକୁ ଭଲ ପାଆନ୍ତି । କିନ୍ତୁ ବାହାରର ପର୍ଯ୍ୟଟକମାନେ ଖରାଦିନେ ମଧ୍ୟ ଦାରିଙ୍ଗବାଡ଼ି ଆସନ୍ତି । ପ୍ରକୃତରେ ବ୍ରିଟିଶ୍ ଅମଳରେ ଦାରିଙ୍ଗବାଡ଼ି ଥିଲା, ବ୍ରିଟିଶ୍‌ମାନଙ୍କର ଶୈଳନିବାସ । ଏବେ ବି ଓଡ଼ିଶା ବାହାରୁ ଖରାଦିନେ ପର୍ଯ୍ୟଟକମାନେ ଏଠାକୁ ଆସୁଛନ୍ତି।

ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ କିଛି ସମୟ ବିଶ୍ରାମ ନେଇ ହେବ । ପୁଣି ଅପରାହ୍ନରେ ଭ୍ରମଣ କରିହେବ । ଦିନ ସାରା ଭ୍ରମଣ ସାରି ପର୍ଯ୍ୟଟକମାନେ ରାତିରେ ବସ୍ ଧରିଲେ ପରଦିନ ସକାଳେ ଭୁବନେଶ୍ୱରରେ ପହଞ୍ଚିଯିବେ । ଅବଶ୍ୟ ରାତି ରହିବାକୁ ଚାହିଁଲେ ଦଶରୁ ଊର୍ଦ୍ଧ୍ୱ ଲଜ୍, ହୋଟେଲ ଆଦି ରହିଛି । ଏସବୁର ଦେୟ ମଧ୍ୟ ପର୍ଯ୍ୟଟକଙ୍କ ପକେଟ୍‌କୁ ସୁହାଇଲା ( ୨୦୦ ଟଙ୍କାରୁ ଆରମ୍ଭ) ଭଳି ।

ହିଲ୍ ଭିୟୁ ପାର୍କର ସମ୍ମୁଖ ଭାଗ ପ୍ରାଚୀରରେ ସନ୍ଥ ଅଗଷ୍ଟାଇନଙ୍କ ଏକ ଉକ୍ତି ଉଲ୍ଲେଖ ରହିଛି । ତାହା ହେଲା, World is a book. Those who do not travel have read only one page. । ପ୍ରକୃତରେ ଦାରିଙ୍ଗବାଡ଼ିରେ ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରିନପାରିଲେ, ମନେହେବ ଆପଣ ଓଡ଼ିଶାର କିଛି ବି ଦେଖି ନାହାଁନ୍ତି ।




# ପ୍ରବାସିନୀ କିଏ ଓ କାହିଁକି ?

ପ୍ରବାସିନୀ ଆଜିକାଲି କ'ଣ କରେ ? କବିତାରେ ଜୀବନ ଜିଏଁ। କବିତାରେ ମରେ। ଶହେ ଜହ୍ନରାତିକୁ ଗୋଟିଏ ରାତିରେ ଅନୁଭବ କରିବାକୁ ଚାହେଁ। ମାତ୍ର ଶହେଟି ଜହ୍ନରାତି ! ତା'ପରେ ମରିଗଲେ ଦୁଃଖ ନାହିଁ। ଭାବିବି, ସବୁଜ, ସତେଜ, ସର୍ଜନାତ୍ମକ ଜୀବନଟିଏ ତ ପାଇଥିଲି ! ପ୍ରତ୍ୟେକ ସ୍ରଷ୍ଟା ଏଇୟା ହିଁ ଚାହିଁଥାଏ।

କ'ଣ କରୁଛି ? କିଛି ଗୋଟେ କରୁଛି ତାହାହେଲେ ? ଏଇ କରିବାଟା କ'ଣ ମୋ ଜୀବନର କେନ୍ଦ୍ରବିନ୍ଦୁ ? ଦର୍ଶନ ? କେଜାଣି ଏତେ ଗଭୀରକୁ ମୁଁ ଯାଇନି। ମୁଁ ଭାବ ବିଭୋରତାରେ କବିତା ଲେଖେ। ସବୁବେଳେ ମୌଳିକ ରହିବାକୁ ଚେଷ୍ଟା କରିଛି। କାରଣ ମୁଁ ମୌଳିକତାରେ ବିଶ୍ୱାସ କରେ ଆଉ ଏଇ ମୌଳିକତା ପାଇଁ ସାରାଜୀବନ ଭୋଗିଛି।

ମୁଁ ମୋ ପରି ବଂଚିବି। ବଂଚିବି ତ କବିତାରେ। ମରିବି ତ କବିତାରେ। କବିତାର ପ୍ରେମରେ। ଜୀବନର ପ୍ରେମରେ। ପ୍ରେମର ପ୍ରେମରେ। ସବୁବେଳେ ଶୁଣିଲି: "ୟାର ଦୂରଦୃଷ୍ଟି ଜମ୍ମାରୁ ନାହିଁ।" ଏମିତି ବି ମୋ ମାଆ ବି କହିଲା। କେମିତି ଥାଆନ୍ତି ଯେ ! ସମୀପରୁ ତ ସବୁକିଛିକୁ ଦେଖିବାକୁ ଚାହିଁଲି। ଅନୁଭବ କରିବାକୁ ଚାହିଁଲି। ଦେଖି ଆସିଲି ଜୀବନକୁ ସାରା ଜୀବନ। ମାଟିରେ, ମାଟିବାସ୍ନାରେ, ଫୁଲରେ, ଫଳରେ, ଗଛପତ୍ରରେ, ପକ୍ଷୀଙ୍କ ଉଡ଼ାଣରେ, ନଦୀରେ ସମୁଦ୍ରରେ, ଆକାଶରେ ପବନରେ, ନିଜର ଶୋଷରେ, ସାରାଦିନର ଚଂଚଳତାରେ। କଣ କରୁଥାଏ ମୁଁ ?

ହଁ, ପ୍ରତ୍ୟେକଟି ଅନୁଭବର ଉତ୍କର୍ଷତାକୁ ଥରେ ଥରେ ସ୍ପର୍ଶ କରେ। କଥା ହେଉଥାଏ ଡାଏରୀ ସାଙ୍ଗରେ। ନୂଆ କଲମ ଓ ବହିମାନଙ୍କୁ ଦେଖି ଓ ସ୍ପର୍ଶ କରି ଖୁସି ହୁଏ। ଶୋକକୁ, ଦୁଃଖକୁ,ମୃତ୍ୟୁକୁ ପାଇ ହରେଇବାର କରୁଣ ପରିଣତିକୁ ଅନେକଥର ସାମ୍ନା କରିଛି। ପାଂଚରେ ପହଂଚି ସାରିଥିବା ହିମୋଗ୍ଲୋବିନ ପାଇଁ କେବେ କବି ଓ ଡାକ୍ତର ସରୋଜିନୀ ଷଡ଼ଙ୍ଗୀଙ୍କ କ୍ଲିନିକ୍‌ରେ ତ ଆଉ କେବେ ଢେଙ୍କାନାଳ ହସ୍‌ପିଟାଲ୍‌ରେ ରକ୍ତ ନେବାକୁ ବାଧ୍ୟ ହୁଏ। କାରଣ ବଂଚିବାର ମୋହ ଆହୁରି ଅମିନି। ତେଣୁ ମୁଁ ଏମିତି ବଂଚେ ଆଉ ବୁଝାମଣା ବାହାରକୁ ଚାଲି ଯାଇଥିବା ସବୁ ପ୍ରକାରର ସଂଭାବନା, ଆଶ୍ୱାସନାକୁ ବୁଝି ପାରେନା।

ଭଂଗା ସ୍ୱାସ୍ଥ୍ୟ ଆଉ ତା'ଠୁ ଆହୁରି ବେଶି ଗୋଟେ ଘାତକ ହୃଦୟକୁ ଧରି ଜୀବନ ସେମିତି ଚାଲିଥିଲା। ଦିନ ଆଉ ରାତିମାନେ ଠିକ୍ ସମୟରେ ଆସୁଥିଲେ ଯାଉଥିଲେ। ଅଚାନକ ଦିନେ ବିଳମ୍ବିତ ରାତିରେ ସାଙ୍ଗଟେ ଦିଲ୍ଲୀରୁ ଫୋନ୍ କଲା : "କ'ଣ କରୁଛ ଆଜିକାଲି ? ତୁମକୁ ଆମେ ସମସ୍ତେ ଏଠି ମିସ୍ କରୁଛୁ।" ଧାରେ ବିଜୁଳି ମୋ ଆଖି ସାମ୍ନାରେ ଚମକି ଉଠିଲେ। ଆରେ ! ଗୋଟେ କବିତାର ଶୀର୍ଷକ ତ ହେଇପାରିବ : 'ପ୍ରବାସିନୀ ! ଆଜିକାଲି କ'ଣ କରୁଛ ?' ବାସ୍ ସେଇଠୁ ଆରମ୍ଭ ହେଇଗଲା କବିତା। ଗୋଟିଏରେ ସରିଲାନି। ଯେତେଯେତେ କଥା କହିବାକୁ ଥାଏ ସବୁ ଗୋଟିଏ ମାତ୍ର କବିତାରେ ସରିଯାଏ କି ? ଆଉ ସେଇଥିପାଇଁ ଏମିତି ଆସିଲା ଦୀର୍ଘ କବିତା। ମୋତେ କେହିକେହି ପଚାରିଛନ୍ତି ଏମିତି ନାଁଟେ କେଉଁଠୁ ଆଣିଲ ? ତେବେ ସତରେ କ'ଣ ନାଁରେ କିଛି ଥାଏ ?

ତେବେ ସେମାନଙ୍କୁ କହିଦିଏ ଯେ,
ପ୍ରବାସିନୀ ଆଜିକାଲି ସକାଳୁ ବିଷ୍ଣୁ ସହସ୍ର ନାମ ଶୁଣେ
ପ୍ରବାସିନୀ ଆଜିକାଲି ଫୁଲଙ୍କ ସହ କଥା ହୁଏ
ପ୍ରବାସିନୀ ଆଜିକାଲି ଅନୁବାଦ କରେ
ପ୍ରବାସିନୀ ଆଜିକାଲି ଡେରି ରାତିଯାଏ ଲେଖେ,
ପ୍ରବାସିନୀ ଆଜିକାଲି ନିଜ ଭିତରୁ ବାହାରି ଯାଇ
କବିତା ପାଖରେ ରହେ
ପ୍ରବାସିନୀ ଆଜିକାଲି ସମୟକୁ ନିଜ ଇଚ୍ଛାରେ ଖର୍ଚ୍ଚ କରେ
ପ୍ରବାସିନୀ ନିଜର ପ୍ରଥମ ପ୍ରେମକୁ ମନେପକାଏ
ଏବଂ

ଶେଷରେ ପ୍ରବାସିନୀ ନିଜକୁ ପଚାରେ : "ପ୍ରବାସିନୀ ! ଆଜିକାଲି କ'ଣ କରୁଛ ସତରେ ?"



▶ ଡ଼. ପ୍ରତିଭା ଶତପଥୀ

## ପ୍ରବାସିନୀ ! ଆଜିକାଲି କ'ଣ କରୁଛ ?

**ପ୍ରବାସିନୀ ମହାକୁଡ଼**

ପ୍ରବାସିନୀ ! କ'ଣ କରୁଛ ଆଜିକାଲି ?

ଭାବୁଛ କି ତୁମ ଜନ୍ମହେବାରେ ତୁମର ହାତ ନଥିଲା
ତୁମର ଜନ୍ମ ହେବା ଏମିତି କୌଣସି ଐତିହାସିକ ଘଟଣା ନୁହେଁ
ଯେଉଁ ରାତିରେ ତୁମେ ଜନ୍ମ ହେଲ
ସେଇ ରାତିରେ ଆହୁରି ଅନେକ ଛୁଆ ଜନ୍ମ ହେଇଥିବେ
ପୃଥିବୀର ଅନେକ ସ୍ଥଳରେ
ଅଷ୍ଟ୍ରେଲିଆରେ, ଆଫ୍ରିକାରେ, ଏସିଆରେ, ଉତ୍ତର ଆମେରିକାରେ
ଦକ୍ଷିଣ ଆମେରିକାରେ, ଇଉରୋପ୍‌ରେ, ଆଣ୍ଟାର୍କଟିକାରେ

କାନ୍ଦିଥିବେ ତୁମ ପରି
ବାକି ଜୀବନର କାନ୍ଦ ପରି
କେଉଁଠି କେଉଁ ପାଗରେ ଖରାବର୍ଷା ଶୀତର ଆବର୍ତ୍ତରେ ?
ଜନ୍ମ ହେଇଥିବେ କି ଦାମୀ ନର୍ସିଂହୋମ୍‌ରେ ?
ସରକାରୀ ହସପିଟାଲ୍‌ରେ, ଘରେ, କୁଡ଼ିଆରେ, ଇଗଲୁରେ ?

ପ୍ରବାସିନୀ ! ଭାବୁଛ କି ତୁମ ବଂଚି ରହିବାଟା ବୋଧେ
ଗୋଟେ ଦୁର୍ଘଟଣା ବୋଲି ?
କଣ କରୁଛ ମାର୍ଚ୍ଚ ୧୩, ୨୦୧୯ର ଏଇ ଉଦାସୀ ଓ ବିଷନ୍ନ ଅପରାହ୍ନରେ ?
ଧଳା କାର୍ବନ କାଗଜ ପରି ଏଇ ଅପରାହ୍ନ
ଆଉ ତା'ଉପରେ କିଛି ଅକ୍ଷର
ଅ ଠୁଁ କ୍ଷ ଯାଏଁ କଳା ସାହିରେ
କ'ଣ ସବୁ ଲେଖାହେଇଛି ପଢୁଛ କି ?
ସେଠି କ'ଣ ସମୟର ହସ୍ତାକ୍ଷରେ ଅଛି
ଆଉ ତୁମେ ତାକୁ ପୁଣିଥରେ ଲେଖିବାକୁ ଚାହୁଁଛ ?

ପ୍ରବାସିନୀ, କ'ଣ କରୁଛ ଆଜିକାଲି
ଭାବୁଛ କି କାହା କାହା ଉପରେ ନିର୍ଭର କରି ଆସିଲ
ପ୍ରଥମେ ମାଆ ଉପରେ
ତା'ପରେ ପୁରା ଘର ଆଉ ତା' ପରିବେଶ ଉପରେ
ତା' ସହ ନିଜର କ୍ଷୀଣ ଛାଇ ଉପରେ
ସମ୍ମୋହିତ ହେଇଗଲ ପୃଥିବୀକୁ ଈଶ୍ୱରଙ୍କ
ଶ୍ରେଷ୍ଠ ଓ ସୁନ୍ଦର ଅବଦାନ ପ୍ରେମ ପାଖରେ ?

ପ୍ରବାସିନୀ ! ସେଇଥିପାଇଁ ପଚାରୁଛ ଆଜିକାଲି କ'ଣ କରୁଛ ସତରେ ? ♥

ଷ୍ଟେସନ ବଜାର, ଢେଙ୍କାନାଳ
ଫୋନ : ୮୭୬୩୯୭୧୧୨୬, ୭୦୦୮୩୧୦୨୬୮

ସମକାଳ କବିତା



ଡ. ଧନଞ୍ଜୟ ସ୍ୱାଇଁ

## ଗଛ : ଚାରୋଟି ସ୍କେଚ୍

**ଧନଞ୍ଜୟ ସ୍ୱାଇଁ**

॥ ଏକ ॥

ତୁମେ କ୍ରୋଧରେ କାଟ କି
କରତରେ କାଟ
ନୁଆଁଇ ଦେଇଛି ମୋର ଫଳ ଆଉ ଫୁଲଭର୍ତ୍ତି ଡାଳ,
ତୁମେ ଛଳନାରେ ହସ କି
ଛୁରୀ ମତେ ଭୁଷ
ପତାଇ ଦେଇଛି ମୋର ପଣତର ଛାଇ ତକ
ସ୍ନିଗ୍ଧ, ସୁଶୀତଳ ।

॥ ଦୁଇ ॥

ତୁମ ନିଃଶ୍ୱାସରୁ ନିରିଗତ ଯେତେ
ବିଷ ମୁଁ ନେଇଛି ଶୋଷି
ତୁମ ହାତ ଫିଙ୍ଗା ଫୋପଡ଼, ଟେକାର
କ୍ଷତରେ ହୋଇଛି ଖୁସି ।

॥ ତିନି ॥

କେତେ କଳରବ, କିଚିରିମିଚିରି
ଶୁଣିଛି ଏଇ ମୋ କାନ
ପୀଡ଼ାକୁ ଭାବି ମୁଁ ପରବ ବୋଲି ମୋ
ଖରାରେ କରିଛି ସ୍ନାନ ।

॥ ଚାରି ॥

ଗଡ଼ ଗଡ଼ କରି ଗଣ୍ଡି ମୋ କାଟିଛ
ତୁମ ସୁଖ ଲାଗି ସିନା
ପ୍ରତିବାଦ କେବେ କରିନି କାହାକୁ
ସୁନା ଦେହ କରି ଚୁନା । ♥

ଅତିରିକ୍ତ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ରାଜ୍ୟ ସଚିବାଳୟ,
ଭୁବନେଶ୍ୱର-୧
ଫୋନ : ୯୪୩୭୦୦୦୬୩୬

# ଆମେ ସଭିଏଁ

**ସ୍ୱପ୍ନା ମିଶ୍ର**

ହଁ, ଆଉ ଘଡ଼ିଏ ଶୋଇବ ସେ
ତାର ନିଦ ଲୋଡ଼ା
ପରିପୂର୍ଣ୍ଣ ନିଦକ ନିଦ ।

ଈଶ୍ୱର, ମୋକ୍ଷ, ଭୋଗ, ଭାଗ
କିଛି ଲୋଡ଼ା ନାହିଁ ତାର ।

ସୃଷ୍ଟିର ଆରମ୍ଭରୁ ଭାଙ୍ଗି ଯାଇଥିବା
ନିଦ ତାର ଡାକୁଚି ରାତିର କୋଳକୁ ।

ସାରାଜୀବନ ସେ ଯୁଝିଚି ଅନିଦ୍ରା ସହ
କାଳେ ହେଇଯିବ କାହାର ସହଜ ଶୀକାର ।

କେବେ ଠୁ ଡେଇଁ ବସିଚି ସେ
କେଉଁ ଗୁମ୍ଫାରେ, ଚାଳ ତଳେ
ଗଛ ମୂଳେ, କୁଡ଼ିଆରେ,

କେତେ କେତେ ବାର
ଆଖି ଲାଗି ଆସିଲା ବେଳକୁ
ଚମକି ପଡ଼ିଚି
ରାଜମହଲ, ଅଟ୍ଟାଳିକା କି ହୋଟେଲ୍‌ର ବଖରାରେ ।

ଗର୍ଭାଧାନ ବେଳୁ ଲଢୁଚି ସେ
ଜୀବନ ଯୌବନ ସହ
ଲଢୁଚି ଈଶ୍ୱର ସହ ଅସୁର ସହ
ଅନନ୍ତ ଅନିଦ୍ରା ସହ
ଲଢ଼ି ଲଢ଼ି କ୍ଳାନ୍ତ ଶ୍ରାନ୍ତ ଏବେ ସେ
ଶୋଇ ପଡୁ ଘଡ଼ିଏ ।

ମୁଁ ତ ଅପେକ୍ଷା କରିଚି
ଶୀତନିଦ୍ରାରୁ ସେ ଉଠିବ ଯେବେ
ତାର ଆତ୍ମାର ଶବ୍ଦକୋଷ
ଭରି ଯାଇଥିବ ନୂଆ ନୂଆ ଶବ୍ଦରେ ।

ଯୁଗ ଯୁଗ ଧରି କୋଳାହଳ ମୁଖରିତ
ପୃଥ୍ୱୀର ଭରା ଅଦାଲତ
ଚୁପ୍ ହେଇଯିବ
ଯେବେ ସେ ଶବ୍ଦମାନଙ୍କୁ ନେଇ
ସେ ଲଢ଼ି ବସିବ ପ୍ରତିପକ୍ଷ ସହ ନିଜର ଯୁଦ୍ଧ ।

ଶୋଉ, ଶୋଇପଡୁ ସେ ଏବେ
ଗର୍ଭ ଭିତରେ ଶୋଇ ପାରିନି ସେ
ଏବେ ତାର ନିରୀହ ଶିଶୁତ୍ୱ
ମା'ର ଉଷୁମ କୋଳରେ ଟିକେ ଶୋଉ ।

ନା ନା ପିଲାଦିନେ ଶୋଇ ପାରିନି ଯଦି
ଏବେ ଏ ନବୀନା କିଶୋରୀ
ମନକୁ ତାର ସ୍ୱପ୍ନରେ ଉଝାଳି ଶୋଉ ।

ଅନିଦ୍ରା ଭୋଗି ଭୋଗି
କଟି ଯାଉଚି ତାର ଯୌବନ, ପୌଷତ୍ୱ
ଏବେ ଏ ବୃଦ୍ଧାବସ୍ଥାରେ ଟିକେ ଶୋଉ ।

ପିଠି ଆଡ଼େଇ ଦେଇ
ଚଦର ଘୋଡ଼େଇ ହେଇ
କଡ଼ ମାଡ଼ି ଶୋଉଚି ତ ଶୋଉ
ଯେମିତି ତାର ଇଚ୍ଛା ।

ସ୍ୱାଧୀନ, ନିଶ୍ଚିତ ନିଦ ଶୋଉ
ଯୋଉଠି ଅବଶ ଲାଗୁଚି ଦେହ
ରାସ୍ତାକଡ଼େ, ଘରେ, ବାହାରେ
ତା ଗାଁରେ, ତା ସହରରେ
ତା ଦେଶରେ, ତା ବିଶ୍ୱରେ
ଯୋଉଠି ଯେତେବେଳେ ଭାରି ହୋଇ ଆସୁଚି ଆଖିପତା
ଫୁଲ ପରି ଫୁଟି ଆସୁଚି ତା ସ୍ୱପ୍ନ
ସେ ସେଇଠି ଶୋଉ ।

ସେ ଶୋଇପାରିବ ଯଦି
ନିଦକ, ନିଦର, ନିଶ୍ଚିନ୍ତ ନିଦ ଘଡ଼ିଏ
ତା ପରେ ଶୋଇ ପାରିବା ଆମେ ।
ତମେ, ମୁଁ, ସେମାନେ ଆଉ ଆମର ଝିଅ ସଭିଏଁ । ♥

ଭୁବନେଶ୍ୱର
ଫୋନ :୯୪୩୭୩୨୮୮୧୭



# ଅକୁହା କଥା

### ଝରଣା ମଲ୍ଲିକ

ଏମିତି ଅନେକ କଥା
ଆସେ ଏକାନ୍ତରେ
କିଛି ବ୍ୟକ୍ତ
ଆଉ କିଛି ଅବ୍ୟକ୍ତ ।



▲ ଝରଣା ମଲ୍ଲିକ

ଅବ୍ୟକ୍ତ କଥାକୁ
ଅଣ୍ଟିରେ ପୁରେଇ
ସହି ହୁଏ ନାହିଁ
ଅଣ୍ଟି କାହିଁକି
ତମାମ୍ ହୃଦୟଟା
ଭାରି ହୋଇଯାଏ ।

ଅନ୍ତରର କୋହ
ଡେଣା କଟା ଚଢ଼େଇ ପରି
ଫଡ୍ ଫଡ୍ ଶବ୍ଦ ବାରମ୍ବାର ହୁଏ ।

ସହ୍ୟ ଶକ୍ତି ହରାଇ ବସିଲେ
ନିଦାଘର ଜାମୁକୋଳି
ଟୋପା ପରି ଠପ୍ ଠପ୍
ଭୂଇଁ ଉପରେ ଲୋଟି ପଡ଼େ
କିଛି ଅକୁହାକଥା ।

ସ୍ୱାର୍ଥ ଆଉ ହୃଦୟର କଥା
ବେଦନା ସିକ୍ତ ମନକୁ
ବୁଝିବାକୁ ଆଉ ଏକ ସରଳ ମନ
ନିଷ୍ପାପ ହୃଦୟଟେ ଲୋଡ଼ା । ♥

ମାଣିଖମ୍ବ, ମୋତିଗଂଜ, ବାଲେଶ୍ୱର-
୭୫୬୦୦୩
ଫୋନ : ୯୨୩୮୫୭୪୫୦୩

# ଦୁଇଟି କବିତା

### ସିତାଂଶୁ ଲେଙ୍କା



▲ ଫଟୋ : ସିତାଂଶୁ ଲେଙ୍କା

॥ ବଂଶ ବିସ୍ତାର ॥

ଯେଉଁଠିକୁ ଯିବି ବୋଲି ଭାବୁଚି
ଯାଇପାରୁ ନାହିଁ ସେଇଠିକି

ସେଇଠି ଗୋଳା ବାରୁଦ ବନ୍ଧୁକ ଧରି
ଠିଆ ହେଇଚନ୍ତି ଦଳେ ଦେଶପ୍ରେମୀ

ଯେଉଁଠି ହିଡ଼ ମୁଣ୍ଡରେ
ମରି ପଡ଼ିଚି ଜଣେ କୃଷକ
ଯେଉଁ ଛକ ମଝିରେ
ବହି ଯାଉଚି ରକ୍ତ ଓ ଶୁଭୁଚି
କେହିଜଣେ ନାରୀର ଚିତ୍କାର ।

କି ଅବାକ୍ ମଣିଷ ଦେଖ
କି ଲୋଭ ଦେଖ ଜୀବନର
କି ସୁଖ ଦେଖ, ଦେଖ ହୋ

ମୋରି ପରି କିଛି ମଣିଷଙ୍କ ପାଇଁ
ଘଣ୍ଟା ବାଜୁଚି ମନ୍ଦିରରେ
ସେମାନଙ୍କ ପାଇଁ ନୁହେଁ
ମୋରି ପରି କିଛି ମଣିଷ
ବଂଶବିସ୍ତାର କରିବାରେ ଲାଗିଚନ୍ତି ।

॥ ଖରା କଥା ॥

ସବୁ ବାଟ
ବନ୍ଦ୍ କରିଦେବ ଏ ଖରା
ପାପର ଅନୁତାପକୁ
ଖେଳେଇ ରଖିବ ଛାତି ଭିତରେ

ପେଟର ଭୃଶକୁ ମାରି ଦେଇପାରେ ଖରା
ଯେ ଆଡ଼େ ଚାହିଁବ ଚାହଁ
ଆକାଶ, ପୃଥିବୀ, ନଈର ମୁହଁ ଦିଶୁଥିବ ଶୁଖିଲା

ଶୋଷର ଥଣ୍ଟରେ କି ଗୀତ ଗାଇବ ଏ ପକ୍ଷୀ
ବିନା ଆର୍ତ୍ତନାଦରେ
ବେଶଭୂଷାରେ
କୋଉଠୁ ଆସେ ଏ ଖରା
ଏତେ ଖରା ।

ତାହେଲେ
କାଲି ଯେଉଁ ପ୍ରଜାପତିଟି ମଲା
ଉଡ଼ିଉଡ଼ି ରାସ୍ତାକଡ଼ରେ
ଛିଟ୍‌କି ପଡ଼ିଚି ଯେଉଁ ଗାଡ଼ି ଡ୍ରାଇଭର୍
ସେ ଖାଲ କଡ଼କୁ

ପେଟ ଫୁଲେଇ ମରିପଡ଼ିଚି
ଯେଉଁ ଗାଈଟି ପଡ଼ିଆ ମଝିରେ
ଝରଣା ଘାଟକୁ ଯାଇଥିବା ମାଠିଆ କାଖେଇ
ଯେଉଁ ଝିଅଟି ଗଲା କୁଆଡ଼େ !

ସବୁ ଦୋଷ କ'ଣ ଏଇ ଖରାର ? ♥

ମେଘଡମ୍ବରୁ, କୁରୁଡ଼ା
ବାଲେଶ୍ୱର-୭୫୬୦୫୬
ଫୋନ :୯୪୩୭୧୫୯୬୭୯



(ଇନ୍‌ସେଟ୍) ଫଟୋ ସୌଜନ୍ୟ ଓ ରୂପାୟନ :
ପୂଜା ନାୟକ ବିଶ୍ୱାସ



◀କବି ବାଦଲ ମହାନ୍ତି

# ଠକ

## ବାଦଲ ମହାନ୍ତି

ବାସ୍ନା ହେଉ କି ଗନ୍ଧ
ଫୁଲ ହେଉ କି ମାଛ
ବିକିବା ବଦଳରେ
ବାଣ୍ଟିଦେଲି ଫି'ଥର ।

ପ୍ରତିଥର
ଅଲଗା ବେପାର
ଅଲଗା ଛକରେ ଦୋକାନ
କୋଉଠୁ ଆସିବ ଲାଭ ?

ମୁଁ ସମୟ ହାଟରୁ
କ୍ଷତି ସହି ଖୁସିରେ
ଫେରୁଥିବା ପ୍ରଥମ ବଣିକ
ଯିଏ ବାକିରେ ବିକେ ବେଶୀ
ନଗଦ ବହୁତ କମ୍ ।

ବେପାରୀ ମାନେ ତ ଚାଲାକ୍
ମୋ ରକ୍ତସାରା ବୋକାପଣ !

'ଠକ'
ଏକ ପ୍ରିୟ ଶବ୍ଦ ଥିଲା ତମର
ତାକୁ ବ୍ୟବହାର କରି ବେଶ୍
ଲାଭରେ ରହିଲ
କ୍ଷତି ଯେତେ କ୍ଷତ ଦେଲେ ବି
କାହିଁକି କେଜାଣି
ସାରା ଜୀବନ ଭାବ ଯୋଡ଼ି ହେଲାନି
ଏଇ ଶବ୍ଦଟି ସହିତ ।

ଓ ଇଇଇ... ଠକ !
କିଏ ଡାକେ ?
ପବନ, ଛାଇ, ଦୀର୍ଘଶ୍ୱାସ
ନା ତମ ଗାଁ ନଈ ?

ମୁଁ ଚମକି ପଡ଼ି ପଛକୁ ଚାହେଁ ତ
ଗଛ ଡାଳରୁ ଉଡ଼ିଯାଏ
ଗୋଟେ ହଳଦୀବସନ୍ତ ।

କାଠହଣା କିନ୍ତୁ
ଗଛର ଗଣ୍ଡିକୁ
କାଟୁଥାଏ ସେଇମିତି
ଠକ୍ ଠକ୍ ଠକ୍ । ❤

ପ୍ଲଟ୍ ନଂ-୫୨୨୩, ନୂଆସାହି,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
ଫୋନ : ୯୭୭୮୦୩୫୭୬୭

# ଝିଅ

## ଚିତ୍ତରଂଜନ ନାୟକ

ମୋ ପାଇଁ ଗର୍ବ କରିବା
ମୋ ପାଇଁ ଲାଜରେ ମୁଣ୍ଡ ନଇଁବା
ଏବେ ଏକା କଥା ।

ଯେମିତି ତମେ ନିଃଶ୍ୱାସରେ ସମୁଦ୍ର ପିଇବା
ଆଉ ମୁଁ ବିଶ୍ୱାସରେ ନୀରବ ରହିବା ।

ମୁଁ ହତାଶପଣର ହାତପାଣ୍ଠି
ମୁଁ ସ୍ୱପ୍ନମାନଙ୍କ ଚକ୍ରବୃଦ୍ଧି ସୁଧ
ମୁଁ ନୀରିହପଣର ନିଃଶବ୍ଦ ନିନାଦ
ମୁଁ ପାପର ଯକ୍ଷ ପ୍ରଶ୍ନ
ମୁଁ ପୁଣ୍ୟର ସେତୁବନ୍ଧ ।

ସବୁ ହାରିବାର ଯୁଦ୍ଧକ୍ଷେତ୍ରରେ
ମୁଁ ସାଉଁଟେ ଜିତିବାର ମାଟିମନ୍ତ୍ର
ସବୁ ଅନ୍ଧାରର ଗର୍ଭଗୃହରେ
ମୁଁ ଆଲୋକିତ କରେ ଫେରିନଥିବା ସମୟର ଗୀତ ।

ମୁଁ ଯେତେଥର ଖୋଲେ ଭାନୁମତୀ ପେଡ଼ି
ସେତେଥର ଭାଙ୍ଗିବାକୁ ହୁଏ ତୁମ ଆଖିର ଅହଂକାର
ମୁଁ ଯେତେଥର ପୋଷାକରୁ ସଫା କରିଚାଲେ ଦାଗ
ସେତେଥର ମୋ ଦେହରେ ଶୋଷଭର୍ତ୍ତି ସମୟର ଚିତ୍ରିତ ଶୃଙ୍ଗାର ।
ମୁଁ ଜନକମାନଙ୍କ ହଳ ଲଂଗଳ ଭେଦି ପାରୁନଥିବା
ଅଚିହ୍ନା ଅଜଣା ଅଥଚ ଗଭୀର ହାହାକାର
ମୁଁ ଯୌତୁକର ଜଉଘରୁ ମୁକୁଳି ପାରିନଥିବା
ତୁମ ସୁରକ୍ଷିତ ସକାଳର ଅସ୍ପଷ୍ଟ ଓମ୍କାର ।

ମୁଁ ବର୍ଷ ବର୍ଷ ଧରି ରକ୍ତରେ ଅଂକା ଚାଲିଥିବା
ରହସ୍ୟରେ ଜୁଡୁବୁଡୁ ମୋନାଲିସାର ଚିତ୍ର
ପଲ୍ଲୀରୁ ଦିଲ୍ଲୀ ଯାଏଁ ଗୁଂଜରିତ ଗୁମାନର ଧାନବିଲ ଗୀତ ।

ମୋ ପାଇଁ ହତିଆର ଶାଣ ଦେବା
ମୋ ପାଇଁ ପ୍ରେମର ପେନ୍ଥା ପେନ୍ଥା ଫୁଲ ସମର୍ପିବା
ଏବେ ଏକା କଥା ।

ଯେମିତି ତୁମେ ବିନା ରକ୍ତପାତରେ ଯୁଦ୍ଧକୁ ଜିତିବା
ଆଉ ମୁଁ ବିନା ସର୍ତ୍ତରେ
ଦୁର୍ଗାରୁ ମହିଷାସୁର ପାଲଟିବା । ❤

ଗ୍ରାମ ପଂଚାୟତ ସମ୍ପ୍ରସାରଣ
ଅଧିକାରୀ,
ଘଟଗାଁ ବ୍ଲକ୍, କେନ୍ଦୁଝର
ଫୋନ : ୯୯୩୭୫୬୫୪୯୨



◀କବି ଚିତ୍ତରଂଜନ ନାୟକ

# ମୋ ମାଆ

## ନର୍ମଦା ନୀଳୋତ୍ପଳା

କିଏ ଜଣେ ଅପଯଶ କରିଥିଲା ସେଠାରେ
କେଉଁ କାଳରୁ ଅନାଥ ହୋଇ ।

ସେଦିନ
୧୯୯୧ ମସିହା
ଆଷାଢ଼ ମାସ ୧୮ ତାରିଖ ସନ୍ଧ୍ୟା ସମୟ ।
ମାଆ ବୋଲି ସମ୍ବୋଧନ କରିବାକୁ ତାକୁ
ଏଗୁଣ୍ଠି ଡେଇଁଥିଲା ଗୋଟେ ଲାଜକୁଳୀ ନଈ
ମଧ୍ୟାହ୍ନରେ ସିଝିଥିଲା ତା'ର ପ୍ରାଣ ।
ଖୋଜୁଥିଲା ସେ
ଶୀତଳ ଆବାହନର ମୁଗ୍ଧ ଆଲିଙ୍ଗନ ।

ମାଣ ଖଟୁଲି ଉପରେ କିଏ ଯେମିତି
ସେଦିନ ଗୁଆଟିଏ ରଖି ଦେଇଗଲା
ନୀଡ଼ ଖୋଜୁଥିବା ଅନାଥ ନକ୍ଷତ୍ରମାନଙ୍କୁ
କେଉଁ ଜନ୍ମରୁ ସେ ଗୋଟେଇ
ଆଣୁଥିଲା ତା'ର ନିର୍ଭୟ କୋଳକୁ ।
ଅନ୍ଧାରର ପାଶବିକତାରୁ
ଝାଞ୍ଜି ଆଖିର ଜ୍ୱଳନରୁ
ଶିକାରୀର ସୈତାନୀରୁ ।

ଗୋଟେ ଗୋଟେ ଶବ୍ଦ ରହିଛି ଶବ୍ଦକୋଷରେ
ଆବହମାନ କାଳରୁ
ଯେଉଁ ଶବ୍ଦ ଦେହରେ ବି ଲାଗିଯାଇଛି ଦୋଷ ।
ସେ ଶବ୍ଦ ଉଚ୍ଚାରଣ ମାତ୍ରେ ହିଁ
ଦିଶିଯାଏ ଦୋଷୀ ଓ ବିନା ଦୋଷରେ
କଳଙ୍କ ମୁଣ୍ଡେଇ ଥିବା ଅସହାୟ ମଣିଷ ।

କାହା ପାଇଁ
ନିଜକୁ ସେ ସଜେଇ, ସାଇତି ରଖିଥାନ୍ତା ଆଉ ?

ମନ ଭାଙ୍ଗେ
ଦେହ ଭାଙ୍ଗେ
ନଈ ଭାଙ୍ଗେ
ନିଦ ଭାଙ୍ଗେ
ଗଛ ଭାଙ୍ଗେ
ମାଆ ମଧ୍ୟ ଭାଙ୍ଗିଯାଏ ।
ଜୀବନର ଜନପଥରେ ଏବେ ସେ
ଚାଲୁଥିବା ଏକାକୀ ପଥିକଟି ପରି ।

ହେଲେ ତାରାଟିଏ ହେବାର
ସୌଭାଗ୍ୟ ନାହିଁ ତାର
ତାରା ହେବାଟା ବି ଗୋଟେ
ଉପହାସ ତା'ପାଇଁ ।

ଯେଉଁଦିନ ତାରାମାନଙ୍କୁ ଆକାଶରୁ
ଡାକି ଆଣି,
ଘର ଅଗଣାରେ ବସି ଝିଅ
ଖେଳୁଥିବ ପୁଚି
ସେଦିନ ସେ ଘର
ବାସି ଉଠିବ ମାଆ ମାଆ ପରି । ❤

ନୂଆବଜାର, ବିଦ୍ୟାଧରପୁର, ସାଇମନ୍ଦିର ପାଖ,
କଟକ-୭୫୩୦୦୪
ଫୋନ : ୮୭୬୩୧୯୧୯୬୮



# ସାରା ଜୀବନ କବିତା

## ସୁଶୀଲ କୁମାର ପାଣିଗ୍ରାହୀ

ବେଳେ ବେଳେ ଲାଗେ
ମୁଁ ଜିଇଁଯିବି ସାରା ଜୀବନ
କବିତା ସହ ।

ଅନ୍ଧକାରରେ ସେ
ମୋ ବଗିଚାରେ ହସୁଥିବା
ତାଜା ଫୁଲଟିଏ ଯେମିତି
ମତେ ମହକାଏ
ମତେ ସୁନ୍ଦର କରେ
ମତେ ଚମକାଏ ।

ଏତେ ରଙ୍ଗ ତା ପାଖରେ ଯେ
ମୁଁ ଦେଖି ପାରୁନି
ମୋ କଳାଧଳା ଜୀବନକୁ
ସବୁଜେଇ ଯାଏ ମୋ ମାଟି
ନୀଳ ବିହଙ୍ଗ ପରି ଉଡ଼େ
ମୋ ଆକାଶ
ନା ତାକୁ ଇନ୍ଦ୍ରଧନୁ କହିଲେ
ଭୁଲ୍ ହେବ ବୋଧେ ।

କେହି ମାନୁ କି ନ ମାନୁ
ତା ଆକର୍ଷଣ ଚୁମ୍ବକ ଠୁ ବଳି
ଭୋକ ହେଲେ ମୁଁ
ତା ପାଖରେ
ଶୋଷ ହେଲେ ମୁଁ
ତା ପାଖରେ
ଲୁହର ନଈ ଧରି ପହଞ୍ଚ ଯାଏ
ତା ପାଖରେ
ସେ ବି ମୋତେ ଭଲପାଏ ।

ଏତେ ନିଜର ବୋଲି ତ
ମୁଁ ମୋର ସ୍ୱପ୍ନ
ତାକୁ ଦିଏ

ଛାଇ କୁହନି ତାହାକୁ
ସେ ତ ସବୁବେଳେ
ମୋ ଭିତରେ ଥାଏ ।

ମୁଁ ଜିଇଁଯିବି ସାରା ଜୀବନ
କବିତା ସହ
ମୃତ୍ୟୁକୁ ବି ଦେଉଥିବି ଧୋକା
ନିୟତ ନିରନ୍ତର ଥାଇ
କବିତା ଭିତରେ । ❤

ଧୁତୁରାପଡ଼ା, ସମ୍ବଲପୁର-୧
ଫୋନ : ୮୧୪୪୨୨୭୨୦୨





# ପତ୍ରଝରା ପବନ

ଅଜିତ୍ ପାତ୍ର

ପ୍ରତିବର୍ଷ ପତ୍ରଝରା ପବନ
ମୋ ପଥ ଚେଇଁଥାଏ
ମୁଁ ବି ଚେଇଁଥାଏ
ତା'କୁ ସ୍ୱାଗତ ଜଣାଇବାକୁ
ଆମ ଗାଁ-ମୁଣ୍ଡରେ ।

ଗ୍ରୀଷ୍ମାଭାସ...
ପତ୍ରଝରା ପବନ
ଆଉ ଝରାପତ୍ର
ଗାଁ ରୁ ଗାଁ ବିସ୍ତାରି
ଆଜି ଆମ ଗାଁ-ମୁଣ୍ଡରେ ।

ପବନ...ପବନ
ଦିଗଦିଗନ୍ତ ବିସ୍ତାରିତ
ପତ୍ରଝରା ଯାଯାବର ପବନ
ଆଜିର ଏ ମଧ୍ୟ ଫେବୃଆରୀରେ ।

ଆମେ ବି ତ କେଉଁଠି ନା କେଉଁଠି
ଯାଯାବର
ଘରସଂସାର ଠାରୁ
କ୍ଷଣିକ ମୁକୁଳିବା ପାଇଁ
ଆତୁର ।

ଆଜି ମୁଁ ଫେରିଛି ସହରରୁ
ଭାସିଯିବା ପାଇଁ ଝରାପତ୍ର
ଆଉ ଦିଗଦିଗନ୍ତ ବିସ୍ତାରିତ
ପତ୍ରଝରା ପବନରେ... ।

ମୁଁ ବି ତ କେଉଁଠି ନା କେଉଁଠି
ଗାଁ ଗାଁ ବିସ୍ତାରିତ
ଝରାପତ୍ର ଯାଯାବର । ♥

ଶାସନ, ବହଡ଼ାଗୋଡ଼ା, ପୂର୍ବ ସିଂହଭୂମ,
ଝାଡ଼ଖଣ୍ଡ-୮୩୨୧୦୧
ଫୋନ : ୯୮୬୧୬୨୯୭୦୨

# ଶେଷ ଶାନ୍ତିନିକେତନ

ଚନ୍ଦ୍ରକାନ୍ତ ପହି

ଜହ୍ନ ଉଠିଗଲାଣି ମଥା ଉପରକୁ ।
ଗାଇଗୋଠ ପରି ତାରାମାନେ ଚରୁଛନ୍ତି
ମାମୁଘର ଗାଁରେ ।
ହେଲେ ମୋ ଆଖିକୁ ନିଘା ନାହିଁ
ସେମାନେ ଏବେ ଜଗିଛନ୍ତି ମୋ
ଶାନ୍ତିନିକେତନକୁ
କାରଣ ବିଶ୍ରାମ ନେବାକୁ ହେବ ମୋତେ ।

ଏବେ ସମୟ ଆସିଛି
ଡାକରା ପଡ଼ିଲାଣି ଶୂନ୍ୟ ଗଗନରେ
'ଶେଷ ଶାନ୍ତିନିକେତନ' ଆକାଶରେ ।
ଫେରିଯିବାକୁ ହେବ ! ଚଲାପଥରେ ।

ହୁଏତ କାଲି କୋଇଲି ଗାଇପାରେ
'ଆମ୍ରକୁଞ୍ଜ' 'ବକୁଳବୀଥି'ରେ ।
ହୁଏତ ନୀଳ ଆକାଶ ଡାକିଁ ପାରେ
ଶାନ୍ତିନିକେତନ ଆକାଶରେ ।
କିନ୍ତୁ ! ମୁଁ ଆଉ ନଥିବି
ମୋ ପ୍ରିୟା ପାଖରେ,
ଆଙ୍କିବାକୁ ପ୍ରେମ ଛବି
ବର୍ଷା ଭିଜା କୋମଳ ଗାଲରେ ।

ହୁଏତ ବର୍ଷ ଯାକ ଅପେକ୍ଷା ପରେ
ଅବିର ଉଡ଼ିବ 'ଆଶ୍ରମ ମାଠ୍'ରେ ।
ହୁଏତ 'ପାଠଭବନ'ର 'ମୌଏ'ଟା
ଅବିର ବୋଳିପାରେ ଶରୀରରେ ।
କିନ୍ତୁ ! ଶୁଖିଲା ପଡ଼ିଥିବ ଏ ଦେହ
ଶାନ୍ତିନିକେତନର ସ୍ମୃତିରେ ।

ହୁଏତ ଶାଳ ଫୁଲ ଝଡ଼ି ପଡୁଥିବ ରାସ୍ତାରେ
ମହମହ ବାସୁଥିବ ବଉଳ ବାସ୍ନାରେ
କୋଇଲି ବି ଗାଉଥିବ ସାତଟି ସ୍ୱରରେ
କିନ୍ତୁ ! ମୁଁ ଆଉ ନଥିବି
ଝଡ଼ି ଶୁଖି ପଡୁଥିବି 'ଲାଲ୍ ବେଦୀ' ସାମ୍ନାରେ
ରଞ୍ଜିତ ଆଲ୍ପନାରେ ।

କାଲି ପୁଣି ଫୁଟିବ 'ଫାଗୁନ୍ ବଧୂ'
ନୀଳ ଆକାଶକୁ ଛୁଇଁ ମଥା ଟେକି
ହସି ହସି ଡାକିବ ପ୍ରେମୀ ଯୁଗଳଙ୍କୁ
'ବସନ୍ତ ଏସେ ଗେଛେ' ଧୂନ୍‌ରେ ।
କିନ୍ତୁ ମୁଁ ଆଉ ନଥିବି !
ଏକା ଏକା ଥିବ ପ୍ରେମିକା ବିରହରେ
ବିୟୋଗରେ !

କାଲି ହୁଏତ ! କୁଳୁକୁଳୁ ଶବ୍ଦରେ
ବହିବ 'କୋପାଇ ନଦୀ'ର ରୁପେଲି ଜଳରାଶି
ବୋହିନେବ ଅନେକ ସ୍ମୃତିକୁ, ପ୍ରିୟାର
ହଷ୍ଟେଲ୍ କଡ଼ ଦେଇ ।

କିନ୍ତୁ, ମୁଁ ବୋଧେ ଆଉ ନଥିବି
'କବିତା' ପାଦରେ ପାଦ ଯୋଡ଼ି
ପାଣିର ଢେଉ ଭାଙ୍ଗିବାରେ ।

କାଲି ହୁଏତ ଶୀତୁଆ ସକାଳରେ
'ମେଲାର୍ ମାଠ୍' ଆଉ ବାଜି ଉଠିବ ସାହାନାଇ
ସକାଳୁ ସକାଳୁ ଖେଳି ଯାଉଥିବ
ଏକ ଅଦମ୍ୟ ଶିହରଣ !

କିନ୍ତୁ ! ନଥିବି ମୁଁ
ନଥିବ ଅଭିଳାଷା ବନ୍ଧୁଙ୍କ ସହ 'ପୌଷ ମେଳା'
'ଆନନ୍ଦମେଳା' ବୁଲିବାରେ ।

ଆଜି ସରିଗଲା ନାଟକ !
ଫେରିବାକୁ ହେବ ନେପଥ୍ୟକୁ
ଡାକରା ଆସିଲାଣି
'ଶେଷ ଶାନ୍ତିନିକେତନ !
'ଶେଷ ଶାନ୍ତିନିକେତନ ! ! ♥

ଶଂଖଣା, ମରୈଗାଁ, ହାଟଡିହି, ଆନନ୍ଦପୁର,
କେଉଁଝର-୭୫୮୦୮୩
ଫୋନ : ୭୩୭୭୭୨୪୨୫୨



ଶିକ୍ଷାୟତନ

# ଶାନ୍ତିପୀଠ : ଶାନ୍ତିକାନନ



**ପ୍ରତ୍ୟାଶା ଧଳ**
ଓଡ଼ିଆ ଭାଷାସାହିତ୍ୟ ବିଭାଗ, ବିଶ୍ୱଭାରତୀ,
ଶାନ୍ତିନିକେତନ, ପଶ୍ଚିମବଙ୍ଗ
ଫୋନ୍ : ୯୪୩୮୭୧୧୭୯୬

ଫଟୋ ସୌଜନ୍ୟ : ଲେଖିକା

# ଶାନ୍ତିନିକେତନ : ଚିତ୍ତ ଯେଉଁଠି ଭୟଶୂନ୍ୟ


ଲେଖିକା ପ୍ରତ୍ୟାଶା ଧଳ

'ଶାନ୍ତିନିକେତନ' : ନାମରୁ ହିଁ ଏହାର ବିଶେଷତ୍ୱ ବାରି ହୋଇପଡ଼େ । କେବଳ ଶିକ୍ଷା କ୍ଷେତ୍ର ନୁହେଁ, ପରନ୍ତୁ ଜ୍ଞାନ, ଆଦର୍ଶ ଓ ପ୍ରେରଣାର କ୍ଷେତ୍ର ଭାବେ 'ଶାନ୍ତିନିକେତନ'ର ରହିଛି ଏକ ସ୍ୱାତନ୍ତ୍ର୍ୟ । 'ଶାନ୍ତିନିକେତନ' ଗୋଟେ ଅନ୍ୟମନସ୍କତା, ଗୋଟେ ସ୍ୱପ୍ନ, ଗୋଟେ ନିଶା । ଯିଏ ଥରେ ଏଠି ପାଦ ଥାପିଚି, ସେ ସାରା ଜୀବନ ଝୁରିଚି । ସମୟ ବୋହି ଚାଲିଛି । ହେଲେ ଶାନ୍ତିନିକେତନ ସେମିତି ନିର୍ଲିପ୍ତ, ନିଶ୍ଚଳ ଓ ନିର୍ବିକାର ଭାବରେ ନିଜର ସୌନ୍ଦର୍ଯ୍ୟକୁ ନିଜ ହୃଦୟ ଭିତରେ ରଖି ଠିଆ ହୋଇଛି । ଏଠି ଅନ୍ଧାର ଆତ୍ମବିଶ୍ୱାସ ଯୋଗାଏ, ସୂର୍ଯ୍ୟୋଦୟ ଆଗକୁ ବଢ଼ିବାକୁ ପ୍ରେରଣା ଦିଏ ଓ ନିର୍ଧୂମ ଖରାବେଳ ନିଃସଙ୍ଗତାକୁ ଦୂର କରେ । ଏଠି ଆକାଶ ଠୁ ମାଟି– ସମସ୍ତଙ୍କର ଜୀବନ ଥାଏ । ସମସ୍ତେ ଏଠି କଥା କୁହନ୍ତି । କେବେ ଶୁଖିଲା ପତ୍ରର ଖସ୍ ଶବ୍ଦ ଏକ୍‌ଲାପଣକୁ ଦୂର କରେ ତ ପୁଣି କେବେ ରବୀନ୍ଦ୍ରନାଥଙ୍କ 'ଯଦି ତୋର୍  ଡାକ୍ ଶୁନେ କେଉ ନା ଆସେ ତୋବେ ଏକ୍‌ଲା ଚଲୋ ରେ' ପଙ୍‌କ୍ତି ମଣିଷକୁ ସାହସ ଯୋଗାଏ, ଧୈର୍ଯ୍ୟ ରଖିବା ଶିଖାଏ, ଭବିଷ୍ୟତ ଗଠନ ପାଇଁ ପ୍ରେରଣା ଦିଏ । ଶାନ୍ତିନିକେତନ ପ୍ରେମର ଏକ ପବିତ୍ର ଭୂମି । ଏଠି ଭୂମିରୁ ଭୂମା ଯାଏଁ ସବୁ ସବୁଜ...ଚିର ସବୁଜ...ମନ, ପ୍ରାଣ, ଆତ୍ମା, ଶରୀର । ଗ୍ରୀଷ୍ମର ପ୍ରଚଣ୍ଡ ଖରାରେ ବି ଶାନ୍ତିନିକେତନ କେବେ ବୟସ୍କ ହୁଏନି ବରଂ ଦିନକୁ ଦିନ ସେ ଆହୁରି ଯୁବକ ହୁଏ । ପଳାଶ ଫୁଲର ସମ୍ମୋହନ, ନାଗ କେଶରୀର ହାଲ୍‌କା ହାଲ୍‌କା ବାସ୍ନା, ସୁନାରୀ ଫୁଲର ରଙ୍ଗ, ଶାଳ ଫୁଲର ବର୍ଷା ପ୍ରତ୍ୟେକଙ୍କ ପାଦକୁ କିଛି ସମୟ ଏଠି ଅଟକାଇ ଦିଏ । ଏଠି ଭ୍ରମରର ଚୁମ୍ବନରେ ଫୁଲ କେବେ ଅସତୀ ହୁଏନି ବରଂ ସେ ତାର ଅନ୍ତରୀଣ ସୌନ୍ଦର୍ଯ୍ୟରେ ଆହୁରି ଫୁଲି ଉଠେ । ଚଢ଼େଇ ମାନଙ୍କର ସୁମଧୁର ସ୍ୱରରେ ଶାନ୍ତିନିକେତନ କେବେ ଶୁଏନି, ଏମିତି ଗୋଟିଏ ମୁହୂର୍ତ୍ତ ନଥାଏ ଯେତେବେଳେ କି ଏମାନେ ନୀରବ ଥାଆନ୍ତି , ଏମାନଙ୍କ ସ୍ୱରରେ ହିଁ  ଶାନ୍ତିନିକେତନ ଚେଇଁ ରହେ ଚବିଶ୍ ଘଣ୍ଟା, ରାତି ଦିନ, ବର୍ଷ ପରେ ବର୍ଷ । ଶାନ୍ତିନିକେତନ ! ଯେଉଁଠି ମାଟି ଠୁ ଆକାଶ ପର୍ଯ୍ୟନ୍ତ ଭରି ରହିଛି ସ୍ନେହ, ଭଲପାଇବା, ପ୍ରେରଣା, ଆଦର୍ଶ । ଏଠି ସୁଖ ସହିତ ଦୁଃଖ, ପ୍ରେମ ସହିତ ପ୍ରତାରଣା ବି ରହିଛି, କିନ୍ତୁ ଏଇ ମୁହୂର୍ତ୍ତକ ଦୁଃଖ, ପ୍ରତାରଣା ହିଁ ଅସଲ ଜୀବନକୁ ଚିହ୍ନାଏ, ଠିକ୍ ଭୁଲ୍‌ର ବାଟ ଦେଖାଏ । ଶାନ୍ତିନିକେତନର ଶାନ୍ତିପୂର୍ଣ୍ଣ ଶିକ୍ଷାନୁଷ୍ଠାନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆମର ଏକ ସ୍ୱତନ୍ତ୍ର ପ୍ରତିବେଦନ ।

## ଶାନ୍ତିନିକେତନର ଆଦ୍ୟ ଓଁକାର

ପଶ୍ଚିମବଙ୍ଗର ବୀର୍‌ଭୂମ୍ ଜିଲ୍ଲା । ଏ ଜିଲ୍ଲାର ବୋଲ୍‌ପୁର୍ ରେଳଷ୍ଟେସନ ଠାରୁ ପ୍ରାୟ ଦୁଇ କିଲୋମିଟର ଉତ୍ତର-ପଶ୍ଚିମକୁ ଗଲେ ପଡ଼େ ଭୁବନଡ଼ାଙ୍ଗା । ସେଇଠି ହିଁ ଶାନ୍ତିନିକେତନ ଅବସ୍ଥିତ । ୧୮୬୩ ମସିହା ବେଳକୁ ଏଠାକାର ଅଧିବାସୀ ଥିଲେ କେତେକ ଦୁର୍ଦ୍ଦମ ଡକାୟତ । ତନ୍ମଧ୍ୟରେ ଭୁବନ ଡକାୟତ ଥିଲା ଅନ୍ୟତମ । ତାର ନାମାନୁସାରେ ଏହି ସ୍ଥାନର ନାମ ହୋଇଛି 'ଭୁବନଡ଼ାଙ୍ଗା' ।

ରବୀନ୍ଦ୍ରନାଥ ଠାକୁରଙ୍କ ପିତା, ଦ୍ୱାରକାନାଥ ଠାକୁରଙ୍କ ପୁତ୍ର, ଆଦିବ୍ରହ୍ମ ସମାଜର ସଦସ୍ୟ ଓ ପୃଷ୍ଠପୋଷକ ମହର୍ଷି ଦେବେନ୍ଦ୍ରନାଥ ଠାକୁର । ଈଶ୍ୱରାନୁଭୂତି ବା ବ୍ରହ୍ମୋପଲବ୍ଧି ଥିଲା ଦେବେନ୍ଦ୍ରନାଥ ଠାକୁରଙ୍କ ଏକମାତ୍ର



ବ୍ରତ, କର୍ମ, ଧର୍ମ । ଆତ୍ମମଗ୍ନ ହୋଇ ଜୀବନର ରହସ୍ୟ ସନ୍ଧାନରେ ଏବଂ ସାଧନା ମୁଗ୍ଧ ହୋଇ ସମଗ୍ର ଜୀବନ ଆତ୍ମାନୁଭୂତିକୁ ଉପଲବ୍ଧି କରିଥିବା ଜଣେ ମହାନ ବ୍ୟକ୍ତିତ୍ୱ ମହର୍ଷି ଦେବେନ୍ଦ୍ରନାଥ ଠାକୁର । ଜନଶ୍ରୁତି କହେ, ମହର୍ଷି ଦେବେନ୍ଦ୍ରନାଥ ତାଙ୍କ ଦୀର୍ଘଯାତ୍ରା ପଥରେ, ସମ୍ଭବତଃ ପଶ୍ଚିମରୁ କଲିକତା ନୌକାରେ ଫେରିବା ପଥରେ, ଏହି ସ୍ଥାନରେ ଦୀର୍ଘ ପଡ଼ିଆଟିଏ ଦେଖି ସେଇଠି ବିଶ୍ରାମ ନେବାକୁ ସ୍ଥିର କରିଥିଲେ । ପାଖରେ ଭୁବନଡ଼ାଙ୍ଗା ଗାଁ । ପରିଜନ ମାନେ ରୋଷେଇ ଓ ବିଶ୍ରାମର ଆୟୋଜନ କଲାବେଳେ ଦେବେନ୍ଦ୍ରନାଥ ସେଠିଥିବା ସପ୍ତପର୍ଣ୍ଣୀ ଗଛତଳେ ବିଶ୍ରାମ ନେଇ ଧ୍ୟାନସ୍ଥ ହେଲେ । ଦୀର୍ଘ ସମୟ ପରେ ଧ୍ୟାନଭଙ୍ଗ ହେଲା । ସେ ଅନୁଭବ କରିଥିଲେ ହୃଦୟରେ ଏକ ଅପୂର୍ବ ଅନୁପ୍ରେରଣା । ଅନନ୍ୟ ଏକ ଅନୁଭବ । ଅଭାବନୀୟ ପ୍ରଶାନ୍ତି । ମହର୍ଷି ଏହି ସମୟରେ ତିନୋଟି ସତ୍ୟର ଉପଲବ୍ଧି କରିଥିଲେ । ସେ ଉପଲବ୍ଧି ଥିଲା – 'ସେ ମୋର ପ୍ରାଣର ଆରାମ, ମନର ଆନନ୍ଦ, ଆତ୍ମାର ଶାନ୍ତି' ଏବଂ ଏହି ସ୍ଥାନର ମହତ୍ତ୍ୱ ସମ୍ପର୍କରେ ସଚେତନ ହୋଇଥିଲେ । ବର୍ତ୍ତମାନ ଏହି ସ୍ଥାନର ନାମ 'ଛତିମ୍‌ତାଲା' ।

ମହର୍ଷି ଭୁବନଡ଼ାଙ୍ଗାର ପ୍ରାକୃତିକ ପରିବେଶରେ ମୁଗ୍ଧ ହୋଇ ୧୮୬୩ ମସିହାରେ ଏଠାରେ ୨୦ ବିଘା ଜମି କିଣି ଏକ କୋଠାଘର ନିର୍ମାଣ କଲେ । କୋଠାଘର ନିର୍ମାଣ କରି ମହର୍ଷି ଏହାର ନାମକରଣ କଲେ 'ଶାନ୍ତିନିକେତନ' । ଗୃହଟି ୧୮୭୩ ମସିହାରେ ନିର୍ମିତ ହେଲା ଏବଂ ପରେ ଇଲାକାଟି ଏହି ଘର ନାମରେ ନାମିତ ହୋଇ 'ଶାନ୍ତିନିକେତନ' ନାମରେ ପ୍ରସିଦ୍ଧି ଲାଭ କଲା । ପରବର୍ତ୍ତୀ ସମୟରେ ଦେବେନ୍ଦ୍ରନାଥ ଏହି ଜାଗାକୁ ଏକ ଆଧ୍ୟାତ୍ମିକ ସ୍ଥଳ ରୂପେ ଘୋଷଣା କଲେ । ଯେଉଁଠାରେ ଜାତି, ଧର୍ମ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ଯୋଗ ଦେଇ ଧ୍ୟାନ କରିପାରିବେ । ମହର୍ଷି ଏଠାକୁ ଆସୁଥିବା ସତ୍ୟସନ୍ଧିତ୍ସୁ ନିର୍ଜନତା ପ୍ରିୟ ବ୍ୟକ୍ତିମାନଙ୍କ ସୁବିଧା ନିମନ୍ତେ ୧୮୮୮ ମସିହାରେ ଶାନ୍ତିନିକେତନ ଗୃହ ସମେତ ୨୦ବିଘା ଜମିର ଏକ Trust Dead କଲେ । ମହର୍ଷି ଏଠାରେ ପ୍ରତିଷ୍ଠା କଲେ ଏକ ଉପାସନା ଗୃହ । ବ୍ରାହ୍ମଧର୍ମାବଲମ୍ବୀ ଓ ବ୍ରାହ୍ମଧର୍ମର ଅନ୍ୟତମ ପୁରୋଧା ମହର୍ଷି ଦେବେନ୍ଦ୍ରନାଥଙ୍କ ଏହି ଉପାସନା ଗୃହ ପ୍ରତିଷ୍ଠା ପାଇଥିଲା ୧୮୯୧ ମସିହା, ପୌଷ ସପ୍ତମୀରେ, ରବୀନ୍ଦ୍ରନାଥଙ୍କ 'ବ୍ରହ୍ମଚର୍ଯ୍ୟାଶ୍ରମ' ପ୍ରତିଷ୍ଠା ହେବାର ଠିକ୍ ଦଶ ବର୍ଷ ପୂର୍ବରୁ ।

## ବ୍ରହ୍ମଚର୍ଯ୍ୟାଶ୍ରମରୁ ବିଶ୍ୱଭାରତୀ

ବର୍ତ୍ତମାନର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଖ୍ୟାତି ଅର୍ଜନ କରିଥିବା 'ବିଶ୍ୱଭାରତୀ' ରବୀନ୍ଦ୍ରନାଥଙ୍କ ସ୍ୱପ୍ନ ଓ ଶ୍ରମର ଫଳଶ୍ରୁତି । ଜଣେ ସର୍ଜନଶୀଳ ବ୍ୟକ୍ତି କିପରି ବିନ୍ଦୁରୁ ସିନ୍ଧୁଟିଏ ସୃଷ୍ଟି କରିପାରେ ତାର ଜ୍ୱଳନ୍ତ ଉଦାହରଣ ହେଉଛି 'ବ୍ରହ୍ମଚର୍ଯ୍ୟାଶ୍ରମ' ରୁ 'ବିଶ୍ୱଭାରତୀ' ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା । ଯେଉଁଠି କେବଳ ଶିକ୍ଷା ନୁହେଁ, ସମ୍ପୂର୍ଣ୍ଣ ମଣିଷ ତିଆରିର ପରିକଳ୍ପନା କରିଥିଲେ ରବୀନ୍ଦ୍ରନାଥ । ହେଲେ ନିଜର ସ୍ୱପ୍ନକୁ ପୂରଣ କରିବା ପାଇଁ ତାଙ୍କୁ ବହୁ ପ୍ରତିକୂଳତାର ସାମ୍ନା କରିବାକୁ ପଡ଼ିଥିଲା । ଶାନ୍ତିନିକେତନର ରୁକ୍ଷ ନିର୍ଜଳା ନାଲିମାଟି, ଜଳର ଭୟଙ୍କର ଅଭାବ ଏବଂ ଅର୍ଥ ସଙ୍କଟର ପ୍ରତିକୂଳତା ଦେଖିବାକୁ ମିଳିଥିଲା । ସେହି ସଙ୍କଟର



▲ ଉପାସନା ଗୃହ

ମୁକାବିଲା ପାଇଁ ସାରାଜୀବନ ଚେଷ୍ଟା କରିଛନ୍ତି ରବୀନ୍ଦ୍ରନାଥ । ଅର୍ଥ ପାଇଁ ଭିକ୍ଷା ମାଗିଛନ୍ତି, ନିଜ ପିଲାମାନଙ୍କୁ ନାଚ ଶିଖାଇ ଦଳ ଗଢ଼ି ଆଶ୍ରମର ଆର୍ଥିକ ସ୍ଥିତି ସୁଦୃଢ଼ କରିବା ପାଇଁ ବିଭିନ୍ନ ସ୍ଥାନକୁ ଯାଇଛନ୍ତି । ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ଏହି ଅର୍ଥସଙ୍କଟ ଲାଗି ରହିଥିଲା । ମାତ୍ର, ରବୀନ୍ଦ୍ରନାଥ ତିଳେମାତ୍ର ପଛକୁ ଚାହିଁ ନଥିଲେ । ଯାହା ଫଳରେ ରବୀନ୍ଦ୍ରନାଥଙ୍କ କଳ୍ପିତ 'ବ୍ରହ୍ମଚର୍ଯ୍ୟାଶ୍ରମ' ନିଜସ୍ୱ ହାତ ଗଢ଼ା ବୃହତ ଅନୁଷ୍ଠାନ 'ବିଶ୍ୱଭାରତୀ' ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହୋଇ ପାରିଲା ।

## ପ୍ରଫେସର କଇଳାଶ ପଟ୍ଟନାୟକଙ୍କ ସାକ୍ଷାତକାର



ପ୍ରଫେସର କଇଳାଶ ପଟ୍ଟନାୟକ ▶

**◢ଆପଣ ବିଶ୍ୱଭାରତୀରେ ପଢୁଥିଲେ ଏବଂ ଏବେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ କାର୍ଯ୍ୟରତ । କଣ କହିବେ ବିଶ୍ୱଭାରତୀକୁ ନେଇ ?**

☑ ରବୀନ୍ଦ୍ରନାଥଙ୍କ ଶିକ୍ଷାନୁଷ୍ଠାନର ମୂଳଧର୍ମ ହେଉଛି ପ୍ରାଚ୍ୟ ହେଉ ବା ପାଶ୍ଚାତ୍ୟ ଜ୍ଞାନର ପରିପୂର୍ଣ୍ଣ ଅବବୋଧ ଓ ଉପଯୁକ୍ତ ପ୍ରସାରଣ । ଛାତ୍ର ମଧ୍ୟରେ ଜ୍ଞାନ ପାଇଁ ଉନ୍ମୁଖତା ସୃଷ୍ଟି କରିବା ଏ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତାଙ୍କ ସ୍ୱପ୍ନ ଥିଲା । ୧୯୦୧ର ଦୁର୍ବାସମ ସେଇ ଚାରିଜଣ ପିଲାଙ୍କ ଶିକ୍ଷାନୁଷ୍ଠାନ ଏବେ ସୁବିଶାଳ ମହୀରୁହ ପାଲଟିଛି ସତ, ଉଦ୍ଦେଶ୍ୟ ରହିଚି ସମାନ । କେବଳ କ୍ଲାସ୍‌ରୁମ୍ ଟିଚିଂ ବ୍ୟତୀତ ପିଲାମାନଙ୍କୁ ଏଠି ଲାଇବ୍ରେରୀରେ ସମୟ ବିନିଯୋଗ କରିବାକୁ, ବିଭିନ୍ନ ସେମିନାର୍‌ରେ ଯୋଗଦେବାକୁ ଉତ୍ସାହିତ କରାଯାଏ । ଶିକ୍ଷକମାନେ ସବୁବେଳେ ଶୈକ୍ଷିକ ଜୀବନ ମାପକରେ ଅଭ୍ୟସ୍ତ ଓ ଜ୍ଞାନ ଚର୍ଚ୍ଚାରେ ଆଗ୍ରହୀ । ଦୁର୍ବଳ ଛାତ୍ରଟିଏ ମଧ୍ୟ ଏଇ ବାତାବରଣରେ ଦୁଇବର୍ଷ ପଢ଼ି ଦମ୍ଭିଲା ହେଇ ଫେରିଯାଏ । ଛାତ୍ରଙ୍କ ଭିତରର ସର୍ଜନଶୀଳତାକୁ ମଧ୍ୟ ଏଠି ସାହିତ୍ୟସଭା, ପତ୍ରିକା ପ୍ରକାଶନ ମାଧ୍ୟମରେ ଉତ୍ସାହିତ କରାଯାଏ । ଏଠିକା ସ୍କୁଲ୍ ସେକ୍‌ସନ୍‌ର ସାପ୍ତାହିକ ସାହିତ୍ୟସଭା ତାର ଏକ ନମୁନାମାତ୍ର ।

**◢ଆପଣ ବିଭିନ୍ନ ଦେଶବିଦେଶ ପରିଭ୍ରମଣ କରିଛନ୍ତି, କିନ୍ତୁ**

ମହର୍ଷି ଦେବେନ୍ଦ୍ରନାଥ ଠାକୁରଙ୍କ ଚତୁର୍ଦ୍ଦଶ ସନ୍ତାନ ରବୀନ୍ଦ୍ରନାଥ କଲିକତାସ୍ଥ ଜୋଡ଼ାସାଙ୍କୋ ଠାରେ ପୈତୃକ ଗୃହରେ ୧୮୬୧ ମସିହା ମଇ ମାସ ସାତ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ରବୀନ୍ଦ୍ରନାଥଙ୍କ କୈଶୋରାବସ୍ଥା ପ୍ରାପ୍ତି ବେଳକୁ ଶାନ୍ତିନିକେତନ, ଠାକୁର ପରିବାର ସମେତ ବହୁ ଧର୍ମ ସଂସ୍କାରକ ବ୍ୟକ୍ତିଙ୍କର ଆକର୍ଷଣର ପୀଠ ପାଲଟି ସାରିଥିଲା । ରବୀନ୍ଦ୍ରନାଥ ପିତାଙ୍କ ସହ ହିମାଳୟ ଭ୍ରମଣ ପଥରେ ପ୍ରଥମଥର ପାଇଁ ୧୮୭୩ ମସିହାରେ ଶାନ୍ତିନିକେତନ ଆସିବାର ସୁଯୋଗ ଲାଭ କରିଥିଲେ । କାଳକ୍ରମେ ରବୀନ୍ଦ୍ରନାଥ ଓ ଠାକୁର ପରିବାରର ଅନ୍ୟାନ୍ୟ ସଦସ୍ୟବୃନ୍ଦ ଏଠାରେ ଜମିଜମା କିଣି ଭୋଗଦଖଲ କରିଛନ୍ତି । ୧୯୦୧ ମସିହାରେ ରବୀନ୍ଦ୍ରନାଥଙ୍କ ସପରିବାର ଶାନ୍ତିନିକେତନରେ ବସବାସ କରିବାକୁ ଆସିଲେ । ଏହି ସମୟ ବେଳକୁ ଶାନ୍ତିନିକେତନ ଗୃହକୁ କେନ୍ଦ୍ର କରି ଏକ 'ଆଶ୍ରମ' ୧୮୮୮ ମସିହା ଅକ୍ଟୋବର ୧୯ ତାରିଖରେ ପ୍ରତିଷ୍ଠା ହୋଇ ସାରିଥିଲା । ରବୀନ୍ଦ୍ରନାଥ ପ୍ରଥମେ ଆସି ଶାନ୍ତିନିକେତନ ଗୃହରେ ବସବାସ କରିଥିଲେ । ଏହି ସମୟ ବେଳକୁ ତାଙ୍କର ଭାଇ ବିରେନ୍ଦ୍ରନାଥଙ୍କ ପୁତ୍ର ବଳେନ୍ଦ୍ରନାଥ ଏକ ବ୍ରହ୍ମବିଦ୍ୟାଳୟ ସ୍ଥାପନା ପାଇଁ ପକ୍କାଘରଟିଏ ନିର୍ମାଣ କରି ସାରିଥିଲେ । ରବୀନ୍ଦ୍ରନାଥ ଭାରତର ପ୍ରଥମ ଶିକ୍ଷାବିତ୍ ଥିଲେ ଯିଏ ଏମିତି ଗୋଟେ ଶିକ୍ଷାନୁଷ୍ଠାନର ସ୍ୱପ୍ନ ଦେଖିଥିଲେ ଯାହାର ପ୍ରକୃତି ସହିତ, ବାହ୍ୟଦୁନିଆର ସଂସ୍କୃତି ସହିତ, ଭାରତୀୟ ପରମ୍ପରା ସହିତ ସଂପର୍କ ରହିଥିବ । ତେଣୁ ରବୀନ୍ଦ୍ରନାଥ ଏଠାରେ ଏକ ଆବାସିକ ବିଦ୍ୟାଳୟ ସ୍ଥାପନା କରିବା ପାଇଁ ପୂର୍ବରୁ ମନସ୍ଥ କରିଥିଲେ । ଶାନ୍ତିନିକେତନ ଆସି ସେ ଏହି ନୂତନ ଗୃହକୁ କେନ୍ଦ୍ର କରି ତାହାର ମୂଳପତ୍ତନ କରିଥିଲେ - ଆନୁଷ୍ଠାନିକ ଭାବେ ପ୍ରତିଷ୍ଠା ପାଇଲା 'ବ୍ରହ୍ମଚର୍ଯ୍ୟାଶ୍ରମ' । (ସେଦିନ ଥିଲା ପୌଷମାସ, ସାତଦିନ) - ସେଥିପାଇଁ ପୌଷ ସପ୍ତମୀର ମହତ୍ତ୍ୱ ବର୍ତ୍ତମାନର ଶାନ୍ତିନିକେତନରେ ଖୁବ୍ ବେଶି । ବିଶ୍ୱବିଦ୍ୟାଳୟ ଭାବେ ବିଶ୍ୱଭାରତୀ ପରିଚିତ ହେବା ପରେ ଦୀର୍ଘ ବର୍ଷ ଧରି ଏହି ଦିନ ହିଁ ହେଉଥିଲା ବାର୍ଷିକ ସମାବର୍ତ୍ତନ । ଏହି ପୌଷ ସପ୍ତମୀରେ ରବୀନ୍ଦ୍ରନାଥ ଆରମ୍ଭ କରିଥିଲେ 'ପୌଷମେଳା' । ଛାତ୍ରମାନଙ୍କ ଭିତରେ ବାଣିଜ୍ୟିକ ଭାବନାର ବିକାଶ, ସାରାବର୍ଷର ଗୃହୋପଯୋଗୀ ଦ୍ରବ୍ୟର ସଂଗ୍ରହ ପାଇଁ ଯେଉଁ ମେଳାର ପରିକଳ୍ପନା କରିଥିଲେ ରବୀନ୍ଦ୍ରନାଥ ; ତାହା ବର୍ତ୍ତମାନ ସୁବିଶାଳ, ସମଗ୍ର ଭାରତରେ ପରିଚିତ, ସପ୍ତାହବ୍ୟାପୀ ପୌଷମେଳାରେ ପରିଣତ ହୋଇଛି ।


କଳା ଭବନ

ଜଣେ କବିଙ୍କର ସହୃଦୟତା, ମନୀଷୀଙ୍କ ପୁରୋଦୃଷ୍ଟି, ଦାର୍ଶନିକଙ୍କ ଚିନ୍ତନ, କର୍ମଯୋଗୀଙ୍କ ଉତ୍ସାହରେ ୧୯୦୧ ମସିହାରେ ଆରମ୍ଭ ହୋଇଥିଲା 'ବ୍ରହ୍ମଚର୍ଯ୍ୟାଶ୍ରମ' । ଆଶ୍ରମ - ଯେଉଁଠି ଶିକ୍ଷାର୍ଥୀର ସାର୍ବିକ ଉନ୍ନତି ପାଇଁ ହେଉଥିଲା ପ୍ରଚେଷ୍ଟା । ସେ ସମୟରେ ଏହି ଆଶ୍ରମର ଗୁରୁତ୍ୱ କେହି ବି ବୁଝିନଥିଲେ । ପ୍ରଥମାବସ୍ଥାରେ ମାତ୍ର ପାଂଚଜଣ ଛାତ୍ରଙ୍କୁ ନେଇ ଏହି ବିଦ୍ୟାଳୟ ଆରମ୍ଭ ହୋଇଥିଲା; ତନ୍ମଧ୍ୟରୁ ଜଣେ ସ୍ୱୟଂ ରବୀନ୍ଦ୍ରନାଥଙ୍କ ପୁତ୍ର ରଥୀନ୍ଦ୍ରନାଥ । 'ବ୍ରହ୍ମଚର୍ଯ୍ୟାଶ୍ରମ'ର ପ୍ରଥମ ପ୍ରତିଷ୍ଠା ଦିବସରେ ରବୀନ୍ଦ୍ରନାଥ ଛାତ୍ରମାନଙ୍କୁ ଯେଉଁ ଉପଦେଶ ଦେଇଥିଲେ ତାହା ବର୍ତ୍ତମାନ ମଧ୍ୟ ପ୍ରାସଙ୍ଗିକ । ପ୍ରାଚୀନ ଭାରତବର୍ଷ କିପରି ସବୁକଥାରେ ଯଥାର୍ଥରେ 'ବଡ଼' ଥିଲା ତାକୁ ବ୍ୟାଖ୍ୟା କରି ସେ କହିଥିଲେ, ସେମାନେ ଯଥାର୍ଥରେ 'ବଡ଼'କାରଣ 'ସତ୍ୟ'କୁ ସେମାନେ ସବୁଠୁ ବଡ଼ ଜ୍ଞାନ କରୁଥିଲେ, ଧର୍ମ ବ୍ୟତୀତ ଆଉ କେଉଁଥିରେ ଭୟ କରୁ ନଥିଲେ, ସେମାନେ ଅନ୍ୟର ମଙ୍ଗଳ ଓ ଭଲ ପାଇଁ ଚିନ୍ତା କରୁଥିଲେ । ପୁଣି ସେ କହିଥିଲେ, ଆଜି ଠାରୁ ତୁମେମାନେ ସତ୍ୟବ୍ରତ ଗ୍ରହଣ କରିବ । ମିଥ୍ୟାକୁ କାୟମନୋବାକ୍ୟରେ ଦୂରେଇ ରଖିବ । ଆଜି ଠୁ ତୁମେ ପାଳିବ ଅଭୟବ୍ରତ । ଧର୍ମ ବ୍ୟତୀତ ଜଗତରେ ଭଲ କରିବାର ଆଉ କିଛି ନାହିଁ । ଆଜି ଠୁ ତୁମେ ପାଳିବ ପୁଣ୍ୟବ୍ରତ । ଯାହାକିଛି ଅପବିତ୍ର, କଳୁଷିତ, ଯାହା ପ୍ରକାଶ କରିବାକୁ ଲାଜ ଲାଗେ ତାକୁ ସଯତ୍ନେ ଶରୀର-ମନରୁ

**ଶାନ୍ତିନିକେତନ ଆପଣଙ୍କୁ କେବେ ଅନ୍ୟମନସ୍କ କରିଚି କି ?**

☑ ବିଦ୍ୟାଚର୍ଚ୍ଚା କାରଣରୁ ଦେଶ କେଇଟି ଦେଖିବାର ସୁଯୋଗ ମୋର ହେଇଚି । ସେସବୁ ଦେଶର ବିଶ୍ୱବିଦ୍ୟାଳୟ ମାନଙ୍କର ସଫାସୁତୁରା, ଚକ୍ ଚକ୍ ରୂପ ମତେ ସୁଖୀ କରିଚି । ପ୍ରଯୁକ୍ତି ବିଦ୍ୟାର କୁହୁକ ଓ ସୁଲଭ ଉପସ୍ଥିତି ମୋ ମନରେ ଈର୍ଷା ସୃଷ୍ଟି କରିଚି । ଶାନ୍ତିନିକେତନରେ ଆମର ନିରାଡ଼ମ୍ବର ଶ୍ରେଣୀ ଗୃହ କି ସେମିନାର୍ ହଲ୍ ମୋର ମନେ ପଡ଼ିଚି । ତେବେ ସାନ୍ତ୍ୱନା ଏଇ ଯେ ଜ୍ଞାନଚର୍ଚ୍ଚାରେ ଆନ୍ତରିକତା ସବୁଠି ସମାନ ।

◢ **ଗବେଷଣା ଓ ଉଚ୍ଚମାନର ଉଚ୍ଚଶିକ୍ଷା ପ୍ରଦାନ କ୍ଷେତ୍ରରେ ଏହି ବିଶ୍ୱବିଦ୍ୟାଳୟ ଆନ୍ତର୍ଜାତୀୟ ସ୍ତରରେ କେତେ ପ୍ରସିଦ୍ଧ ?**

☑ ରବୀନ୍ଦ୍ରନାଥଙ୍କ ପ୍ରତିଷ୍ଠିତ ଏ ବିଶ୍ୱବିଦ୍ୟାଳୟରେ କଟିଗଲା ମୋର ଚାଳିଶ ବର୍ଷ । ଛାତ୍ର ଭାବେ ଆସି ଗବେଷକ ହେଲି ଓ ସେଠୁ ଅଧ୍ୟାପକ । ଜ୍ଞାନଚର୍ଚ୍ଚାର ଏ ବାତାବରଣରେ ରହିବାର ସୁଖ ଅଛି । ଏଠାକା ଅନେକ ଛାତ୍ର ଏବେ ଦେଶବିଦେଶରେ ନାମ କମେଇଛନ୍ତି । ଯାହାଙ୍କ ନାମ ସବୁଠୁ ବେଶୀ ଚର୍ଚ୍ଚିତ ସେ ଅମର୍ତ୍ତ୍ୟ ସେନ୍ । ଅର୍ଥନୀତିରେ ନୋବେଲ୍ ପୁରସ୍କାରରେ ସେ ସମ୍ମାନିତ । ସେ ଥିଲେ ଏକଦା ଏଠାକା ସ୍କୁଲ୍ ବିଭାଗର ଛାତ୍ର । ରବୀନ୍ଦ୍ରଙ୍କ ଚିତ୍ତ ତଥା ଭୟଶୂନ୍ୟ ବିଚାରର ମୂଳକଥା ହେଲା କୌଣସି ଚାପଯୁକ୍ତ ଚିତ୍ତ କୌଣସି ମୁକ୍ତ ଭାବନା ପାଇଁ ଅକ୍ଷମ । ଯେଉଁଠି ମୁକ୍ତ ଭାବନା ନଥିବ ସେଠି ମୌଳିକତା କେମିତି କିଏ ଆଶା କରିବ ? ତେଣୁ ଏଇ ମୌଳିକ ଚିନ୍ତନକୁ ଗୁରୁତ୍ୱ ଦିଆଯାଏ ବୋଲି କଳା, ସଙ୍ଗୀତ, ସାହିତ୍ୟରେ ବିଶ୍ୱଭାରତୀ ନିଜସ୍ୱ ଏକ ନାମ ରଖି ପାରିଛି ।

◢ **ଦୁଇ ବର୍ଷ ଧରି ଆପଣ 'ଭାଷା ଭବନ'ର ଅଧ୍ୟକ୍ଷ ଥିଲେ । କହିବେ କି 'ଭାଷାଭବନ' ଭାଷାର ଉନ୍ନତି କ୍ଷେତ୍ରରେ କେତେ ସହାୟକ ?**

☑ ଏକଦା ଆମର ଭୂତପୂର୍ବ ରାଷ୍ଟ୍ରପତି ବିଶ୍ୱଭାରତୀକୁ ଅଧିକ ସକ୍ରିୟ ଓ ତାର ସର୍ବବିଧ ଉନ୍ନତି ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ । ସେ କମିଟିରେ ଗୋଟିଏ ପ୍ରସ୍ତାବ ଥିଲା ଭାଷାସାହିତ୍ୟ ବିଭାଗମାନଙ୍କରେ ପାରସ୍ପରିକ ସମ୍ପର୍କ ଓ ସହଯୋଗର ବାତାବରଣ ସୃଷ୍ଟି କରିବା । ସେତେବେଳେ ଏ ବିଶ୍ୱବିଦ୍ୟାଳୟର କୁଳପତି ଥିଲେ ରଜତକାନ୍ତ ରାୟ । ତାଙ୍କରି ଆଗ୍ରହରେ ସବୁ ଭାଷାସାହିତ୍ୟ ବିଭାଗକୁ ନେଇ ଏକ ଭାଷା ଭବନର ପରିକଳ୍ପନା କରାଗଲା ଓ ଏଥିପାଇଁ ମୋତେ ଦାୟିତ୍ୱ ଦିଆଗଲା । ମୁଁ ଅଧ୍ୟକ୍ଷ ଭାବେ ୨୦୧୫ ରୁ ୨୦୧୭ ପର୍ଯ୍ୟନ୍ତ ଦାୟିତ୍ୱ ନେଇଥିଲି । ଏହି ସମୟରେ



**ସେଣ୍ଟ୍ରାଲ ଲାଇବ୍ରେରୀ, ଶାନ୍ତିନିକେତନ**

ଦୂର କରିବ । ଆଜି ଠାରୁ ତୁମର ମଙ୍ଗଳବ୍ରତ । ପରସ୍ପରର ମଙ୍ଗଳ ଯେପରି ହେବ, ତାହା ହେବ ତୁମମାନଙ୍କ କର୍ତ୍ତବ୍ୟ । ଗୋଟିଏ କଥାରେ ଆଜି ଠାରୁ ତୁମର ବ୍ରହ୍ମବ୍ରତ । ଏକବ୍ରହ୍ମ ତୁମର ଅନ୍ତରେ ଓ ବାହାରେ । ପ୍ରତ୍ୟହ ଅନ୍ତତଃ ଥରେ ତାଙ୍କୁ ଚିନ୍ତା କରିବ ।

ପ୍ରକୃତରେ ମହାପୁରୁଷମାନଙ୍କ ଜୀବନ ହିଁ ସବୁଠାରୁ ଅଧିକ ପରୀକ୍ଷା ସଂକୁଳ । ରବୀନ୍ଦ୍ରନାଥଙ୍କ ଜୀବନରେ ଏହାର ବ୍ୟତିକ୍ରମ ନଥିଲା । ୧୯୦୨ ମସିହାରେ ପତ୍ନୀ 'ଭବତାରିଣୀ' (ରବୀନ୍ଦ୍ରନାଥ ପତ୍ନୀଙ୍କ ନାମ ପରିବର୍ତ୍ତନ କରି 'ମୃଣାଳିନୀ' ରଖିଥିଲେ)ଙ୍କ ମୃତ୍ୟୁ, ୧୯୦୫ରେ ପିତା ଦେବେନ୍ଦ୍ରନାଥଙ୍କ ମୃତ୍ୟୁ, କ୍ରମେ ପରିବାରର ବହୁ ବ୍ୟକ୍ତିଙ୍କ ସମେତ ନିଜ ପୁତ୍ର କନ୍ୟାଙ୍କର ମୃତ୍ୟୁ ଦେଖିଛନ୍ତି ରବୀନ୍ଦ୍ରନାଥ । ମାତ୍ର ଦାର୍ଶନିକ, ମନୀଷୀ, ଋଷିତୁଲ୍ୟ ଏହି ବିଶିଷ୍ଟ ବ୍ୟକ୍ତି ସୀମା ମଧ୍ୟରେ ଅସୀମର ସ୍ୱର ଶୁଣିବାକୁ ଚେଷ୍ଟା କରି ସ୍ଥିର ଅଟଳ ରହିଛନ୍ତି ଜୀବନ-ସାଧନାରେ । ସେଥିପାଇଁ ସେ ମହାପୁରୁଷ, ମହାତ୍ମା ଓ ବିଶ୍ୱକବି । ଏହି ମହାନ ବ୍ୟକ୍ତି ୧୯୧୩ ମସିହାରେ 'ଗୀତାଂଜଳି' ପାଇଁ ନୋବେଲ ପୁରସ୍କାର ଲାଭ କରନ୍ତି । ସାହିତ୍ୟ-କର୍ମ ନିମନ୍ତେ ନୋବେଲ ପୁରସ୍କାର ବିଜୟୀ ପ୍ରଥମ ଏସୀୟ ରବୀନ୍ଦ୍ରନାଥ କ୍ରମେ ବିଶ୍ୱକବି ଭାବରେ ଖ୍ୟାତି ଓ ଶ୍ରଦ୍ଧାର ଅଧିକାରୀ ହୁଅନ୍ତି । ତାଙ୍କ ହାତ ଗଢ଼ା 'ଶାନ୍ତିନିକେତନ'ର ସୁନାମ କେବଳ ଭାରତବର୍ଷରେ ନୁହେଁ ସମଗ୍ର ବିଶ୍ୱକୁ ପ୍ରସାରିତ ହୁଏ । ଯାହାର ଫଳଶ୍ରୁତି ରୂପେ ସ୍ୱୟଂ ମହାତ୍ମାଗାନ୍ଧି କସ୍ତୁରବାଙ୍କ ସହ ୧୯୧୫ ମସିହା ମାର୍ଚ୍ଚ ୧୦ ତାରିଖ ଶାନ୍ତିନିକେତନ ଆସି ରବୀନ୍ଦ୍ରନାଥଙ୍କ ସହ ପ୍ରଥମ ଥର ପାଇଁ ସାକ୍ଷାତ କରିଥିଲେ ଏବଂ ସେ ତାଙ୍କର ଦକ୍ଷିଣ ଆଫ୍ରିକାସ୍ଥ 'ଫିନିକ୍ସ' ସ୍କୁଲ୍ ଛାତ୍ରଙ୍କୁ ଏଠାରେ ରଖି ଯାଇ ପାରିବାର ନିର୍ଭରତା ଲାଭ କରିଥିଲେ । ଗାନ୍ଧୀଙ୍କର ପରାମର୍ଶ ଥିଲା ଯେ ଆଶ୍ରମବାସୀ ଆଶ୍ରମର ସମସ୍ତ କାର୍ଯ୍ୟ ଯଦି ନିଜେ କରନ୍ତେ ତାହେଲେ ବହୁତ ଭଲ ହୁଅନ୍ତା । ରବୀନ୍ଦ୍ରନାଥ ଏହାର ଆମ୍ରମୋଦନ କଲେ । ସେହି ଦିନରୁ ଗାନ୍ଧୀଙ୍କ ଆଗମନ ଜନିତ ସ୍ମୃତିକୁ ପାଳନ କରି ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୧୦ ତାରିଖଟି 'ଗାନ୍ଧିପୁନ୍ୟାହ' ରୂପେ ପାଳିତ ହୋଇ ଆସୁଛି । ଏହି ଦିନ ଆଶ୍ରମର ପରିଚାଳକମାନଙ୍କୁ ଛୁଟି ଦିଆଯାଏ ।

ରବୀନ୍ଦ୍ରନାଥ ବିଶ୍ୱଖ୍ୟାତି ଅର୍ଜନ କରିଥିଲେ ୧୯୧୩ ମସିହାରେ ତାଙ୍କ କବିତା ସଂକଳନ 'ଗୀତାଂଜଳି'ର ନୋବେଲ ପୁରସ୍କାର ପ୍ରାପ୍ତି ଯୋଗୁଁ । ସେହି ଖ୍ୟାତିକୁ ସେହି ପୁଂଜିକୁ ସେ ବିନିଯୋଗ କରିଥିଲେ 'ବିଶ୍ୱଭାରତୀ'ର ଉନ୍ନତି ପାଇଁ । ଆତ୍ମବଡ଼ିମା ଓ ଆତ୍ମପ୍ରତିଷ୍ଠା ଠାରୁ ବହୁ ଦୂରରେ ନିପଟ ଗାଆଁ ଭଳି ବାତାବରଣରେ ଆଶ୍ରମ ଜୀବନଯାପନ କରୁ କରୁ ଜାଣିବାକୁ ପାଇଥିଲେ, ନୋବେଲ୍ ପୁରସ୍କାର ପ୍ରାପ୍ତିର ଖବର । ନୋବେଲ୍ ପୁରସ୍କାର ପ୍ରାପ୍ତିର ପାଂଚ ବର୍ଷ ପରେ ୧୯୧୮ ମସିହାରେ ଆଶ୍ରମ ବିଦ୍ୟାଳୟର ଉଚ୍ଚତର ବିଭାଗଗୁଡ଼ିକ (Upper Section) ଅର୍ଥରେ ପ୍ରଥମ କରି 'ବିଶ୍ୱଭାରତୀ' ନାମଟି ପ୍ରଚଳିତ ହେବାର ସିଦ୍ଧାନ୍ତ ଗୃହୀତ ହେଲା । ୧୯୧୯ ମସିହାରୁ ବିଭିନ୍ନ ବିଷୟରେ ଉଚ୍ଚତର ଶିକ୍ଷା ନିମନ୍ତେ ପାଠ୍ୟକ୍ରମ ନିର୍ଦ୍ଧାରଣ ବ୍ୟବସ୍ଥା ହେଲା । ଉଚ୍ଚଶିକ୍ଷା ମଧ୍ୟରେ ଥିଲା ବୌଦ୍ଧ ସାହିତ୍ୟ, ବୈଦିକ ଓ କ୍ଲାସିକାଲ୍ ସଂସ୍କୃତ, ପାଲି ତଥା ପ୍ରାକୃତ । ୧୯୨୧ ମସିହା ଡିସେମ୍ବର ମାସରେ ବିଶ୍ୱଭାରତୀର ବିଧିବଦ୍ଧ ଉଦ୍‌ଘାଟନ ପରେ ଏହାକୁ ଏକ ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ କରାଗଲା । ୧୯୨୨ ମସିହା ମଇ ମାସ ଠାରୁ ବିଶ୍ୱଭାରତୀ-ସମାଜ ରେଜିଷ୍ଟ୍ରିଭୁକ୍ତ ହେଲା । ଶାନ୍ତିନିକେତନ ଓ ଶ୍ରୀ ନିକେତନକୁ ନେଇ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଗଢ଼ି ଉଠିଲା । ୧୯୧୨ ମସିହାରେ ରାୟପୁରର ଜମିଦାର ନରେନ୍ଦ୍ର ପ୍ରସାଦ ସିଂହଙ୍କ ଠାରୁ ରବୀନ୍ଦ୍ରନାଥ ଶାନ୍ତିନିକେତନର ଅନତି ଦୁରସ୍ଥ 'ସୁରୁଲ କୁଠିବାଡ଼ି' ନାମକ ପ୍ରକାଣ୍ଡ ଗୃହ ସମେତ ପ୍ରାୟ ୨୫ ଏକର ଜମି କିଣି ସେଠାରେ କୃଷି, ଗୋପାଳନ, ପଲ୍ଲୀ ଉନ୍ନୟନ ଆଦି କାର୍ଯ୍ୟ ଆରମ୍ଭ କରି ଏହାର ନାମକରଣ କରିଥିଲେ 'ଶ୍ରୀନିକତେନ' । ଏହାର କିଛିଦିନ ପରେ ପୁତ୍ର ରଥୀନ୍ଦ୍ରନାଥ ଓ ବନ୍ଧୁ ଶ୍ରୀଶଚନ୍ଦ୍ର ମଜୁମଦାରଙ୍କ ପୁତ୍ର ସନ୍ତୋଷଚନ୍ଦ୍ରଙ୍କୁ ଆମେରିକାରୁ ଯଥାକ୍ରମେ କୃଷି ଓ ଗୋପାଳନରେ ତାଲିମପ୍ରାପ୍ତ କରାଇ ଆଣି ଶ୍ରୀନିକେତନ ଉନ୍ନୟନ କର୍ମର ଦାୟିତ୍ୱ ପ୍ରଦାନ କରିଥିଲେ । ଛାତ୍ରର ବୌଦ୍ଧିକ ବିକାଶ କେବଳ ନୁହେଁ, ତା'ର ସର୍ବାଙ୍ଗୀନ ଉନ୍ନତି କେବଳ ନୁହେଁ - ସେ ଯେଉଁ ସମାଜରେ ବଂଚିଚି ସେଇ ସମାଜର, ପରିବେଶର ଉନ୍ନତି ମଧ ରବୀନ୍ଦ୍ରନାଥଙ୍କ ଭାବନାର ଅନ୍ୟତମ ତାତ୍ପର୍ଯ୍ୟପୂର୍ଣ୍ଣ ଅଂଶ ଥିଲା । ସେହି ଭାବନାର ରୂପାୟନ ଘଟିଲା 'ଶ୍ରୀନିକେତନ' ମାଧ୍ୟମରେ । ଶାନ୍ତିନିକେତନ ଯଦି ସାଧାରଣ ଶିକ୍ଷାର କ୍ଷେତ୍ର ଥିଲା, ଶ୍ରୀନିକେତନ ଥିଲା ପ୍ରାୟୋଗିକ ଶିକ୍ଷାର କ୍ଷେତ୍ର । ସେଠି ଶିକ୍ଷା ଦିଆ ଯାଉଥିଲା କୃଷି, ଉଦ୍ୟାନ-

▼ଓଡ଼ିଆ ବିଭାଗ



ଆନ୍ତଃବିଦ୍ୟା ସମନ୍ୱିତ ଗବେଷଣା ପାଇଁ ଗୁରୁତ୍ୱ ଓ ଭାଷା ବିଭାଗମାନଙ୍କର ପାରସ୍ପରିକ ସହଯୋଗ କ୍ରମେ ବିଭିନ୍ନ ବକ୍ତୃତା ଓ ସେମିନାର୍ କରିଥିଲି ।

◢ **ବିଶ୍ୱଭାରତୀରେ, ଓଡ଼ିଶା ବାହାରେ ପ୍ରଥମ ଓଡ଼ିଆ ଭାଷା ସାହିତ୍ୟ ବିଭାଗ' ତାହା ପୁଣି ଖୁବ୍ ଶକ୍ତିଶାଳୀ, ଏହାର ମୁଖ୍ୟ କାରଣ କ'ଣ ହୋଇପାରେ ?**

☑ ବିଶ୍ୱଭାରତୀରେ ଓଡ଼ିଆ ବିଭାଗ ପ୍ରାୟ ବିଂଶ ଶତାବ୍ଦୀର ଚତୁର୍ଥ ଦଶକରୁ ଏକ ରିସର୍ଚ୍ଚ ବିଭାଗ ଭାବେ ରହି ଆସିଥିଲା । ମାତ୍ର ୧୯୪୭ ଜୁଲାଇ ମାସରେ ତାହା ଏକ ଉପାଧ୍ୟୁତ୍ତର ବିଭାଗର ସ୍ୱୀକୃତି ପାଇଥିଲା । ଯେତେବେଳେ କି କଲିକତା ବ୍ୟତୀତ ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଉପାଧ୍ୟୁତ୍ତର ଶ୍ରେଣୀ ଖୋଲା ଯାଇନଥିଲା । ପ୍ରହ୍ଲାଦ ପ୍ରଧାନ, କୁଂଜବିହାରୀ ଦାଶ, ଦେବୀ ପ୍ରସନ୍ନ ପଟ୍ଟନାୟକ, ନରେନ୍ଦ୍ରନାଥ ମିଶ୍ର, ଖଗେଶ୍ୱର ମହାପାତ୍ର ଆଦିଙ୍କ ନେତୃତ୍ୱରେ ଏ ବିଭାଗ ନାନା ଭାବେ ନିଜର ଉତ୍କର୍ଷ ପ୍ରତିପାଦିତ କରିଛି । ଓଡ଼ିଶାର ପ୍ରଥମ ମୁଦ୍ରିତ ଥେସିସ୍ 'ଓଡ଼ିଆ ଲୋକଗୀତ ଓ କାହାଣୀ', 'ଓଡ଼ିଶା ସାହିତ୍ୟର ଭୂମି ଓ ଭୂମିକା', 'ରବୀନ୍ଦ୍ର ପରିକ୍ରମା', 'ବଳରାମ ଦାସ ଓ ଦାଣ୍ଡି ରାମାୟଣ' ପରି ପୁସ୍ତକ ସେ ସମୟର ଚକ୍ଷୁ ଉନ୍ମେଷକ ପୁସ୍ତକ ଥିଲା । ଲୋକସାହିତ୍ୟ ବ୍ୟତୀତ ଆଧୁନିକ ସାହିତ୍ୟିକ ଧାରା ଓ ଚିନ୍ତନର ଏକ ପ୍ରମୁଖ କ୍ଷେତ୍ର ହୋଇଚି ବିଶ୍ୱଭାରତୀ ଓଡ଼ିଆ ବିଭାଗ ।


ବିଜ୍ଞାନ, ଶିଳ୍ପକଳା, ଗୋପାଳନ ଇତ୍ୟାଦି । ରବୀନ୍ଦ୍ରନାଥ ଏହି ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେଉଥିଲେ । ପାଣିପାଗ / ଋତୁ ଅନୁଯାୟୀ ପାଠ୍ୟଖସଡ଼ା ମାନ ପ୍ରସ୍ତୁତ କରା ଯାଉଥିଲା, ଏହାକୁ ଋତୁଚକ୍ରିକ କାର୍ଯ୍ୟକର୍ମ କୁହାଯାଏ । ପଶ୍ଚିମବଙ୍ଗର ସବୁଠାରୁ ଅଧିକା ସାନ୍ତାଳୀମାନଙ୍କୁ ଗୁରୁତ୍ୱ ଦେଉଥିବା ବିଶ୍ୱବିଦ୍ୟାଳୟ ହେଉଛି 'ବିଶ୍ୱଭାରତୀ' । ରବୀନ୍ଦ୍ରନାଥଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆଦିବାସୀମାନଙ୍କର / ସାନ୍ତାଳୀ ମାନଙ୍କର ଗ୍ରାମୀଣ ପୁନଃନିର୍ମାଣ । ଆଖପାଖ ଗ୍ରାମରେ କୃଷିର ଉନ୍ନତି ପ୍ରଣାଳୀ ସମ୍ପର୍କରେ ସଚେତନତା ସୃଷ୍ଟି, ଗ୍ରାମଲୋକଙ୍କୁ 'ସମବାୟ' ସମ୍ପର୍କରେ ବୁଝାଇବାକୁ, ଗ୍ରାମଜୀବନକୁ ପୁନର୍ଗଠିତ କରିବାକୁ ଶ୍ରୀନିକେତନର କର୍ମୀମାନେ ଚେଷ୍ଟା କରିଥିଲେ । ଏହି ପରିସରରେ ମଧ ରବୀନ୍ଦ୍ରନାଥ ଖଂଜି ଦେଇଥିଲେ 'ମାଘମେଳା' ଓ 'ବିଶ୍ୱକର୍ମା ପୂଜା' ସ୍ଥାନରେ ଶିଳ୍ପୋତ୍ସବ । ତେଣୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ପରେ ଏହି ସାନ୍ତାଳୀମାନଙ୍କ ମଧ୍ୟରେ ଅନେକ ବିଶ୍ୱଭାରତୀର ଯେକୌଣସି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଶ୍ରୀନିକେତନକୁ ପରବର୍ତ୍ତୀ ସମୟରେ ପଲ୍ଲୀ ପୁନର୍ବିନ୍ୟାସ କେନ୍ଦ୍ରରେ ରୂପାନ୍ତରିତ କରାଗଲା ।

୧୯୨୩ ମସିହା ଜୁଲାଇ ମାସରେ ରବୀନ୍ଦ୍ରନାଥ The Viswa-Bharati Trust dead ଗଠନ କରି ଏହା ହାତକୁ ବ୍ରହ୍ମଚର୍ଯ୍ୟା ବିଦ୍ୟାଳୟ ଓ ଶ୍ରୀନିକେତନର ପରିଚାଳନା ଭାର ସମେତ ଶାନ୍ତିନିକେତନ ଓ ସୁରୁଲର ସମସ୍ତ ସମ୍ପତ୍ତି ହସ୍ତାନ୍ତରିତ କରିଦେଲେ । ୧୯୪୦ ମସିହା ଫେବୃୟାରୀ ୧୭ ତାରିଖରେ ଗାନ୍ଧିଜୀ ଓ କସ୍ତୁରବା ଅନ୍ତିମ ଥର ପାଇଁ ଅସୁସ୍ଥ କବିଙ୍କୁ ସାକ୍ଷାତ କରି ଫେରିବା ବେଳେ ରବୀନ୍ଦ୍ରନାଥ ନିଜର ଆବର୍ତ୍ତମାନରେ ବିଶ୍ୱଭାରତୀର ଦାୟିତ୍ୱ ଗାନ୍ଧିଜୀଙ୍କ ଉପରେ ନ୍ୟସ୍ତ କରାଯାଇଥିବା ମର୍ମରେ ଖଣ୍ଡିଏ ଚିଠି ଗାନ୍ଧିଙ୍କ ହାତରେ ଦେଇଥିଲେ । ପରେ ୧୯୫୧ ମସିହାରେ ଉଭୟ କବିଗୁରୁ ଓ ମହାତ୍ମା ଗାନ୍ଧୀଙ୍କ ଆବର୍ତ୍ତମାନରେ ମୌଲାନା ଆଜାଦ ଭାରତ ସରକାରଙ୍କର ଶିକ୍ଷା ସଚିବ ଥିବା ଅବସରରେ, ଭାରତ ସରକାର ବିଶ୍ୱଭାରତୀର ଭାର ଗ୍ରହଣ କରି ଏହାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ପ୍ରଦାନ କଲେ । ଏହା ପର ଠାରୁ ବିଶ୍ୱଭାରତୀ – ସମାଜର ସକଳ ସମ୍ପତ୍ତିର ମାଲିକାନା ଓ ପରିଚାଳନାର ଭାର ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ହାତକୁ ଆସିଲା । ପରବର୍ତ୍ତୀ ସମୟରେ ୧୯୬୧ ମସିହାରେ 'ଉତ୍ତରାୟଣ'ସ୍ଥ ନିଜର ବ୍ୟକ୍ତିଗତ ସମ୍ପତ୍ତି ରବୀନ୍ଦ୍ର ବାସଭବନକୁ ରବୀନ୍ଦ୍ରନାଥଙ୍କ ପୁତ୍ର ରଥୀନ୍ଦ୍ରନାଥ Viswa-Bharati Trust ହାତରେ ଅର୍ପଣ କଲେ ।

ମୂଳତଃ ଗୁରୁକୁଳ ଆଦର୍ଶରେ ଗଠିତ ଶାନ୍ତିନିକେତନ ଏକ ଆବାସିକ ମୁକ୍ତାଙ୍ଗନ ବିଦ୍ୟାଳୟ । ବିଦ୍ୟାଳୟର କର୍ମ ପରିସର ବଢ଼ି ଉଚ୍ଚତର ଶିକ୍ଷା ଲାଗି କ୍ଷେତ୍ର ପ୍ରସ୍ତୁତ ହେବା ପରେ 'ବିଶ୍ୱବିଦ୍ୟାଳୟ' ପରିବର୍ତ୍ତେ ଏହାର ନାମକରଣ 'ବିଶ୍ୱଭାରତୀ' ହେଲା । ପଣ୍ଡିତ ବିଧୁସେଖର ଶାସ୍ତ୍ରୀ ବିଶ୍ୱଭାରତୀ ଶବ୍ଦର ଅର୍ଥ ବ୍ୟାଖ୍ୟା କରି ଲେଖିଛନ୍ତି:

"ସେୟମୁପାସନୀୟା ନୋ ବିଶ୍ୱଭାରତୀ
ବିବିଧ ଦେଶ ଗ୍ରଥିତାଭି ବିଚିତ୍ର ବିଦ୍ୟା କୁସୁମାଳିକାଭିଃ
ପ୍ରାଚ୍ୟାଶ୍ଚ ପ୍ରତିଚ୍ୟାଶ୍ଚେତି ସାଦର ମାହୃୟନ୍ତେ ।"

ପ୍ରାଚ୍ୟ-ପ୍ରତୀଚ୍ୟ ଆଦର୍ଶର ସମନ୍ୱୟରେ ଆଦର୍ଶ ଗୋଷ୍ଠୀଗତ ଜୀବନ ସଂଗଠନ ଓ ତାହାର ଉପଯୋଗୀ ସ୍ୱତନ୍ତ୍ର ବାତାବରଣ ସୃଷ୍ଟି ହିଁ ଏହି ବିଦ୍ୟାଳୟ ସୃଷ୍ଟିର ମୂଳ କାରଣ । ରବୀନ୍ଦ୍ରନାଥଙ୍କର ଶାନ୍ତିନିକେତନ ବିଦ୍ୟାଳୟକୁ ସର୍ବଭାରତୀୟ ଶିକ୍ଷାକେନ୍ଦ୍ରରେ ପରିଚିତ କରିବାର ସ୍ୱପ୍ନ ହିଁ 'ବିଶ୍ୱଭାରତୀ' । 'ବିଶ୍ୱ ସହ ଭାରତର ସଂଯୋଗ ସୂତ୍ର ସ୍ଥାପନ ପାଇଁ ରବୀନ୍ଦ୍ରନାଥ ଶାନ୍ତିନିକେତନକୁ 'ସର୍ବଜାତିକ ମନୁଷ୍ୟତ୍ୱ-ଚର୍ଚ୍ଚାର କେନ୍ଦ୍ର' ରୂପେ ଗଢ଼ି ତୋଳିବାର ସ୍ୱପ୍ନ ଦେଖିଥିଲେ । ରବୀନ୍ଦ୍ରନାଥଙ୍କ ଏହି ସ୍ୱପ୍ନ ତାଙ୍କ ମୃତ୍ୟୁର ଦଶ ବର୍ଷ ପରେ ୧୯୫୧ ମସିହାରେ 'ବିଶ୍ୱଭାରତୀ'କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସ୍ୱୀକୃତି ପାଇବା ପରେ ପୂରଣ ହେଲା । ପୃଥିବୀର ପ୍ରାୟ ସବୁ ଧର୍ମରୁ ସବୁ ଦେଶରୁ ଶିକ୍ଷାର୍ଥୀମାନେ ଆସି ଏଠାରେ ଅଧ୍ୟୟନ କଲେ, ଫଳରେ ବିଭିନ୍ନ ଦେଶ ଦେଶ ମଧ୍ୟରେ ଶିକ୍ଷା,



ସଂସ୍କୃତି, ଭାଷା, ପରମ୍ପରା, ଇତିହାସ ଆଦିର ସଂଯୋଗ ଘଟିଲା ।

## ଆଜିର ବିଶ୍ୱଭାରତୀ

ପରମ୍ପରାକୁ ଧରି ନୂତନତାକୁ ସ୍ୱାଗତ କରିଛି ବିଶ୍ୱଭାରତୀ । ରବୀନ୍ଦ୍ରନାଥଙ୍କ ସ୍ୱପ୍ନ ଓ ପରିକଳ୍ପନାକୁ ଯେତେଟା ସମ୍ଭବ ରକ୍ଷା କରାଯାଇଛି । ୧୯୦୧ରେ ପ୍ରତିଷ୍ଠା ପାଇଥିବା 'ବ୍ରହ୍ମଚର୍ଯ୍ୟାଶ୍ରମ', ୧୯୨୧ରେ 'ବିଶ୍ୱବିଦ୍ୟାଳୟ'ର ମାନ୍ୟତା ପାଇଲା । ୧୯୫୧ ମସିହାରେ ଭାରତ ସରକାର ଏହାକୁ 'କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ'ର ମାନ୍ୟତା ପ୍ରଦାନ କଲେ । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପରେ ରଥୀନ୍ଦ୍ରନାଥ ଠାକୁର ପ୍ରଥମ କୁଳପତି ଭାବେ ୧୪.୦୫.୧୯୫୧ ମସିହାରୁ ୨୨.୦୮. ୧୯୫୩ ଯାଏଁ ଦାୟିତ୍ୱ ନିର୍ବାହ କରନ୍ତି । ତାଙ୍କ ପରେ କ୍ଷୀତିମୋହନ ସେନ୍, ପ୍ରବୋଧ ଚନ୍ଦ୍ର ବାଗ୍‌ଚୀ, ଇନ୍ଦିରାଦେବୀ ଚୌଧୁରାଣୀ, ସତ୍ୟନ୍ଦ୍ରନାଥ ବୋଷ, କ୍ଷୀତିସ୍ ଚନ୍ଦ୍ର ଚୌଧୁରୀ, ସୁଧୀରଂଜନ ଦାସ, କାଳୀଦାସ ଭଟ୍ଟାଚାର୍ଯ୍ୟ, ପ୍ରତୁଲଚନ୍ଦ୍ର ଗୁପ୍ତା, ସୁରଜିତ୍ ଚନ୍ଦ୍ର ସିହ୍ନା, ଅମ୍ଲାନ୍ ଦତ୍ତ, ନେମାଇ ସାଧନ ବସୁ, ଅସହ୍ନି ଦାସଗୁପ୍ତା, ସବ୍ୟସାଚୀ ଭଟ୍ଟାଚାର୍ଯ୍ୟ, ଦୀଲ୍ଲୀପ କୁମାର ସିହ୍ନା, ସୁଜିତ୍ କୁମାର ବସୁ, ରଜତ୍ କାନ୍ତ ରାଏ, ସୁଶାନ୍ତ ଦତ୍ତଗୁପ୍ତ, ସପନ କୁମାର ଦତ୍ତ, ସବୁଜ୍‌କଲି ସେନ୍ କୁଳପତି ଭାବେ ଦାୟିତ୍ୱ ନିର୍ବାହ କରନ୍ତି । ବର୍ତ୍ତମାନ ରାଜନୀତି ବିଭାଗର ପ୍ରଫେସର୍ ବିଦ୍ୟୁତ୍ ଚକ୍ରବର୍ତ୍ତୀ କୁଳପତି ଭାବେ କାର୍ଯ୍ୟ କରୁଛନ୍ତି । ବିଶ୍ୱବିଦ୍ୟାଳୟରେ ଗବେଷଣାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ଅଧ୍ୟାପକ-କର୍ମଚାରୀ-ଅଧ୍ୟାୟୀମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନା କରି ବିଶ୍ୱଭାରତୀର ଅଗ୍ରଗତି ପାଇଁ ସଚେତନ ପ୍ରୟାସ କରୁଛନ୍ତି । ଶାନ୍ତିନିକେତନର ପରିବେଶ, ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟକୁ ସମ୍ମାନ ଦେବା ସହ ଏହା ପ୍ରତି ଆହୁରି ଅଧିକ ଯତ୍ନଶୀଳ ହୋଇଛନ୍ତି ।

ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ସମୁଦାୟ ୯ ଟି ଭବନ ରହିଛି ଏବଂ ଏହି ଭବନ ଅଧୀନରେ ବିଭିନ୍ନ ବିଭାଗମାନ ରହିଛି । ଏହି ନଅ ଗୋଟି ଭବନର ନାମ ହେଉଛି : ୧. ଭାଷା ଭବନ, ୨. ବିଦ୍ୟା ଭବନ, ୩. ଶିକ୍ଷା ଭବନ, ୪. କଳା ଭବନ, ୫. ସଙ୍ଗୀତ ଭବନ, ୬. ବିନୟ ଭବନ, ୭. ପଲ୍ଲୀ ସଂଗଠନ ଭବନ, ୮. ପଲ୍ଲୀ ଶିକ୍ଷା ଭବନ, ୯.ପାଠ ଭବନ ।

୧. ଭାଷା ହେଉଛି ଗୋଟେ ଜାତିର ପରିଚୟ । ରବୀନ୍ଦ୍ରନାଥ ଚାହୁଁଥିଲେ ଭାଷାର ଆଦାନ ପ୍ରଦାନ । 'ଭାଷାଭବନ'ର ଅଧୀନରେ ବଙ୍ଗଳା ବିଭାଗ, ଇଂରାଜୀ

ଏବଂ ଆଧୁନିକ ୟୁରୋପୀୟ ଭାଷା ବିଭାଗ, ହିନ୍ଦୀ ବିଭାଗ, ସଂସ୍କୃତ ବିଭାଗ, ପାଲି ବିଭାଗ, ପ୍ରାକୃତ ବିଭାଗ, ଓଡ଼ିଆ ବିଭାଗ, ଆରବିକ୍, ପାର୍‌ସିଆନ୍, ଉର୍ଦ୍ଦୁ ଓ ଇସ୍‌ଲାମ ଅଧ୍ୟୟନ ବିଭାଗ, ଇଣ୍ଡୋ-ତିବ୍‌ବତୀୟ ବିଭାଗ, ସାନ୍ତାଳୀ ବିଭାଗ, ମରାଠୀ ବିଭାଗ, ତାମିଲ୍ ବିଭାଗ, ଅହମୀୟ ବିଭାଗ, ଜାପାନିଜ୍ ବିଭାଗ, ଚାଇନିଜ୍ ବିଭାଗ ଇତ୍ୟାଦି ରହିଛି । ବର୍ତ୍ତମାନ 'ଭାଷା ଭବନ'ର ଅଧକ୍ଷ ଭାବେ ପ୍ରଫେସର ଅଭିଜିତ୍ ସେନ୍ କାର୍ଯ୍ୟ କରୁଛନ୍ତି ।

୨. 'ବିଦ୍ୟା-ଭବନ'ର ଅଧୀନରେ ଅର୍ଥଶାସ୍ତ୍ର ବିଭାଗ, ଭୂଗୋଳ ବିଭାଗ, ଇତିହାସ ବିଭାଗ, ନୃତତ୍ତ୍ୱ ବିଭାଗ, ଦର୍ଶନ ଶାସ୍ତ୍ର ଓ ତୁଳନାତ୍ମକ ଧର୍ମ ବିଭାଗ ଇତ୍ୟାଦି ରହିଛି । ବର୍ତ୍ତମାନ ବିଦ୍ୟା ଭବନର ଅଧକ୍ଷ ଭାବେ କାର୍ଯ୍ୟ କରୁଛନ୍ତି ପ୍ରଫେସର ଆଶା ମୁଖାର୍ଜୀ ।

୩. 'ଶିକ୍ଷା ଭବନ'ର ଅଧୀନରେ ପଦାର୍ଥବିଜ୍ଞାନ ବିଭାଗ, ରସାୟନ ବିଜ୍ଞାନ ବିଭାଗ, ଗଣିତ ବିଭାଗ, ପ୍ରାଣୀବିଜ୍ଞାନ ବିଭାଗ, ଉଦ୍ଭିଦ ବିଜ୍ଞାନ ବିଭାଗ, ସଂଖ୍ୟାଗତ ବିଷୟ ବିଭାଗ, କମ୍ପ୍ୟୁଟର୍ ଓ ପଦ୍ଧତି ବିଜ୍ଞାନ ବିଭାଗ, ପରିବେଶ ସମ୍ବନ୍ଧୀୟ ଶିକ୍ଷା ବିଭାଗ, ସୂକ୍ଷ୍ମ ଜୀବାଣୁ ଓ ଜୀବ ପ୍ରକ୍ରିୟାର ଔଦ୍ୟୋଗିକ ପ୍ରୟୋଗ ବିଭାଗ ଇତ୍ୟାଦି ରହିଛି । ବର୍ତ୍ତମାନ ଶିକ୍ଷା ଭବନର ଅଧକ୍ଷ ଭାବେ ପ୍ରଫେସର ସୁକାନ୍ତ କୁମାର ସେନ୍ କାର୍ଯ୍ୟ କରୁଛନ୍ତି ।

୪.କଳା ଓ କଳାକାରଙ୍କ ମହିମା ଗାନ କରେ ଏହି ଭୂମିରେ ଦଣ୍ଡାୟମାନ କଳା ଓ ସ୍ଥାପତ୍ୟ କୀର୍ତ୍ତିରାଜି । ଶାନ୍ତିନିକେତନର କଳା ଓ ସ୍ଥାପତ୍ୟରୁ ପ୍ରତୀୟମାନ ହୁଏ ତା'ର ଶ୍ରେଷ୍ଠତା ଓ କଳା ପ୍ରତି ଥିବା ବିଶ୍ୱକବିଙ୍କର ଆନ୍ତରିକତା । ରବୀନ୍ଦ୍ରନାଥ ବିଶ୍ୱର ପ୍ରଥମ ବ୍ୟକ୍ତି ଥିଲେ ଯିଏ କଳାକୁ ଭଲ ପାଉଥିଲେ ଏବଂ ଗୁରୁତ୍ୱ ଦେଉଥିଲେ । ସେଥିପାଇଁ ସେ ସମ୍ପୂର୍ଣ୍ଣ ବିଶ୍ୱକୁ ଆହ୍ୱାନ ଦେଇଥିଲେ କୋଣ ଅନୁକୋଣରେ ଥିବା କଳାକାରମାନେ ଏଠାରେ ଆସି ରହିବାକୁ । 'କଳା ଭବନ'ର ଅଧୀନରେ ଡିଜାଇନ୍ ବିଭାଗ, ମୂର୍ତ୍ତିକଳା / ଭାସ୍କରବିଦ୍ୟା ବିଭାଗ, ଚିତ୍ରାଙ୍କନ ବିଭାଗ, ଚାକ୍ଷୁଷ ବା ବର୍ଣ୍ଣନାମୂଳକ କଳା ବିଭାଗ ଓ ଇତିହାସ କଳା ବିଭାଗ ଗୁଡ଼ିକ ରହିଛି । ବର୍ତ୍ତମାନ କଳା ଭବନର ଅଧକ୍ଷ ଭାବରେ ପ୍ରଫେସର ଗୌତମ କୁମାର ଦାସ କାର୍ଯ୍ୟ କରୁଛନ୍ତି ।

୫. 'ସଙ୍ଗୀତ ଭବନ'ର ଅଧୀନରେ ରବୀନ୍ଦ୍ର ସଙ୍ଗୀତ, ନୃତ୍ୟ ଓ ନାଟକ ବିଭାଗ ଏବଂ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ବିଭାଗ ରହିଛି । ବର୍ତ୍ତମାନ ସଙ୍ଗୀତ ଭବନର ଅଧକ୍ଷ ହେଉଛନ୍ତି ଡକ୍ଟର ନିଖିଲେଶ୍ ଚୌଧୁରୀ ।

୬. 'ବିନୟ ଭବନ'ର ଅଧୀନରେ ଶିକ୍ଷା ବିଭାଗ ଏବଂ ଭୌତିକ ଶିକ୍ଷା ବିଭାଗ ରହିଛି ।

୭. 'ପଲ୍ଲୀ ସଂଗଠନ ବିଭାଗ / ଭବନ' ଅଧୀନରେ ଶିଳ୍ପ ସଦନ ଓ ସାମାଜିକ କାର୍ଯ୍ୟ ବିଭାଗ ରହିଛି । ବର୍ତ୍ତମାନ ଏହାର ଅଧକ୍ଷ ଭାବରେ ପ୍ରଫେସର ସଙ୍କର ମଜୁମଦାର କାର୍ଯ୍ୟ କରୁଛନ୍ତି ।

୮. 'ପଲ୍ଲୀ ଶିକ୍ଷା ଭବନ'ର ଅଧୀନରେ କୃଷି / ଶସ୍ୟ ବିଜ୍ଞାନ ବିଭାଗ, ମୃତ୍ତିକା ବିଜ୍ଞାନ ଓ କୃଷି ରସାୟନ ବିଜ୍ଞାନ ବିଭାଗ, ଜନ୍ମ ସମ୍ବନ୍ଧୀୟ ଓ ଉଦ୍ଭିଦ ପ୍ରଜନନ ଏବଂ କୃଷିଜାତ ଦ୍ରବ୍ୟ ଶରୀର ବିଜ୍ଞାନ ବିଭାଗ, ଉଦ୍ୟାନ ବିଦ୍ୟା ଓ ଉତ୍ତର ଶସ୍ୟ ସଂଗ୍ରହ ବିଭାଗ, କୃଷି ସମ୍ବନ୍ଧୀୟ ପ୍ରସାରଣ ବିଭାଗ, କୃଷି ସମ୍ବନ୍ଧୀୟ ଅର୍ଥଶାସ୍ତ୍ର ଓ ସଂଖ୍ୟାଗତ ବିଷୟ ବିଭାଗ, ଉଦ୍ଭିଦ ରକ୍ଷା ବିଭାଗ, କୃଷି ସମ୍ବନ୍ଧୀୟ ଯାନ୍ତ୍ରିକ ଅଭିକଳ୍ପ ବିଭାଗ, ପ୍ରାଣୀ ବିଜ୍ଞାନ ବିଭାଗ ଇତ୍ୟାଦି ବିଭାଗ ଗୁ ଡ଼ିକ ରହିଛି । ବର୍ତ୍ତମାନ ପଲ୍ଲୀ ଶିକ୍ଷା ଭବନର ଅଧକ୍ଷ ଭାବେ ପ୍ରଫେସର ଆଶିଷ୍ କୁମାର ଚାଟାର୍ଜୀ କାର୍ଯ୍ୟ କରୁଛନ୍ତି ।

୯.ରବୀନ୍ଦ୍ରନାଥ ୟୁରୋପରେ ପଢୁଥିଲେ । ଯେଉଁଠି ସେ ଆବଦ୍ଧ ହୋଇ ରହୁଥିଲେ ଏବଂ ପଢୁଥିଲେ । ତେଣୁ ଏମିତି ଜାଗାକୁ ସେ ଭୟ କରୁଥିଲେ । ସେଥିପାଇଁ ସେ ଏମିତି ଏକ ପରିକଳ୍ପନା କରିଥିଲେ, ଯେଉଁଠି ମୁକ୍ତ ଆକାଶ ତଳେ ଶିକ୍ଷା ଦିଆ ଯାଉଥିଲା । ଛାତ୍ରମାନଙ୍କୁ ମୁକ୍ତ ଅନୁଭବ କରାଇବାକୁ ଚାହୁଁଥିଲେ । ଆଧୁନିକ ଶିକ୍ଷା ପଦ୍ଧତି ଠାରୁ ଭିନ୍ନ କରିବାକୁ ଚାହୁଁଥିଲେ । ଗଛ ତଳେ ଛାତ୍ରଙ୍କୁ ପଢ଼ାଉ ଥିଲେ ଏବଂ ସେମାନଙ୍କୁ ପ୍ରକୃତି ସହିତ ସଂଯୁକ୍ତ କରୁଥିଲେ । ଯାହାକି ବର୍ତ୍ତମାନ 'ପାଠ ଭବନ' ନାମରେ ପରିଚିତ । ଏବେ ବି ସକାଳ ସାତଟାରୁ ଦିନ ଗୋଟାଏ ଯାଏଁ ଗଛ ତଳେ ପାଠ ପଢ଼ାଯାଏ । 'ପାଠ ଭବନ'ର ଅଧକ୍ଷ ଭାବରେ ବର୍ତ୍ତମାନ ଶ୍ରୀମତୀ ବୋଧିରୂପା ସିହ୍ନା କାର୍ଯ୍ୟ କରୁଛନ୍ତି ।

ଏହି ଭବନଗୁଡ଼ିକ ବ୍ୟତୀତ ବିଭିନ୍ନ ମୁଖ୍ୟକେନ୍ଦ୍ର ମଧ୍ୟ ଅଛି । ସେଗୁଡ଼ିକ ହେଲା, ବୌଦ୍ଧଧର୍ମ ଶିକ୍ଷାର ମୁଖ୍ୟକେନ୍ଦ୍ର, ଜର୍ଣ୍ଣାଲିଜିମ୍ ଓ ମାସ୍ କମ୍ୟୁନିକେସନ୍ ଶିକ୍ଷାର ମୁଖ୍ୟକେନ୍ଦ୍ର, ଗଣିତ ଶିକ୍ଷାର ମୁଖ୍ୟକେନ୍ଦ୍ର, ଗ୍ରାମ୍ୟ ସମ୍ପ୍ରସାରଣର ମୁଖ୍ୟକେନ୍ଦ୍ର, ପଲ୍ଲୀ ଚର୍ଚ୍ଚା କେନ୍ଦ୍ର, ନାରୀ ଶିକ୍ଷାର ମୁଖ୍ୟକେନ୍ଦ୍ର, ସଙ୍କଟାପନ୍ନ ଭାଷାର ମୁଖ୍ୟକେନ୍ଦ୍ର ଓ ତୁଳନାତ୍ମକ ସାହିତ୍ୟର ମୁଖ୍ୟକେନ୍ଦ୍ର ।

୨୦୧୮ ବର୍ଷର ଲିଖିତ ବିବରଣୀ ଅନୁସାରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ମୋଟ ୯୫୩୪ ବିଦ୍ୟାର୍ଥୀ ଅଛନ୍ତି । ସେଥିମଧ୍ୟରେ ୫୦୭୯ ଛାତ୍ର ଓ ୪୪୫୫ ଛାତ୍ରୀ । ବର୍ତ୍ତମାନ ବିଶ୍ୱଭାରତୀର ଛାତ୍ରାବାସ ସଂଖ୍ୟା ପଚାଶରୁ ଅଧିକ । ମୋଟ ଅଧ୍ୟାପକ ୬୨୬ ଜଣ । ପ୍ରଫେସର୍ ୧୫୧, ଆସୋସିଏଟ୍ ପ୍ରଫେସର୍ ୯୪, ଆସିଷ୍ଟାଣ୍ଟ ପ୍ରଫେସର୍ ୨୬୪, ଆସିଷ୍ଟାଣ୍ଟ ଅଧ୍ୟାପକ ୧୧୭ ଜଣ । ପ୍ରଶାସନ ସମ୍ବନ୍ଧୀୟ କର୍ମଚାରୀ ମୋଟ ୮୪୩ ଜଣ । ବ୍ରହ୍ମଧର୍ମର ନିୟମାନୁସାରେ ବ୍ରାହ୍ମବାଦୀଙ୍କର ପ୍ରାର୍ଥନା (ଉପାସନା) ଦିବସ ବୁଧବାର ବିଶ୍ୱବିଦ୍ୟାଳୟ ବନ୍ଦ ରହେ ଏବଂ ଗୁରୁବାର ପୂର୍ଣ୍ଣ ଭାବେ କର୍ମଦିବସ । ଏଠାରେ ରବିବାର ବିଶ୍ୱବିଦ୍ୟାଳୟ ଖୋଲା ରହେ ।

## ସର୍ବବୃହତ୍ କେନ୍ଦ୍ରୀୟ ପାଠାଗାର

'ବିଶ୍ୱଭାରତୀ' ବିଶ୍ୱବିଦ୍ୟାଳୟର କେନ୍ଦ୍ରୀୟ ପାଠାଗାରଟି ଏସିଆର ସର୍ବବୃହତ୍ କେନ୍ଦ୍ରୀୟ ପାଠାଗାର । କେନ୍ଦ୍ରୀୟ ପାଠାଗାର ବ୍ୟତୀତ ୧୨ଟି ଭବନ ପାଠାଗାର ରହିଛି । ଯଥା: ପାଠ ଭବନ ପାଠାଗାର, ହିନ୍ଦୀ ଭବନ ପାଠାଗାର, ଚୀନା ଭବନ ପାଠାଗାର, କଳା ଭବନ ପାଠାଗାର, ରବୀନ୍ଦ୍ର ଭବନ ପାଠାଗାର, ସଙ୍ଗୀତ ଭବନ ପାଠାଗାର, ଶିକ୍ଷା ଭବନ ପାଠାଗାର, ବିନୟ ଭବନ ପାଠାଗାର, ପିଏସ୍‌ଭି ପାଠାଗାର, ପିଏସ୍‌ବି ପାଠାଗାର, ଶିକ୍ଷାଶାସ୍ତ୍ର ପାଠାଗାର ଓ ଦର୍ଶନ ସଦନ ପାଠାଗାର । ଏହା ବ୍ୟତୀତ ୩୦ଟି ସେମିନାର୍ ପାଠାଗାର ରହିଛି । ୮ ଲକ୍ଷ ୫୨ ହଜାର ପାଠ୍ୟପୁସ୍ତକ, ୧ ଲକ୍ଷ ରୁ ଅଧିକ ଇ-ବୁକ୍, ସବୁ ବିଭାଗର ଥେସିସ୍ ସହିତ ବିଶ୍ୱର ବିଭିନ୍ନ ଦେଶ


ଭାଷା ଭବନ

ବିଦେଶର ପତ୍ରପତ୍ରିକା ଏଠାରେ ଉପଲବ୍ଧ ।

## ବିଶ୍ୱଭାରତୀର ମୁଖ୍ୟ ଉତ୍ସବ

ଓଡ଼ିଶାରେ ବାରମାସରେ ତେରପର୍ବ ପାଳନ ହେଲା ଭଳି, ଶାନ୍ତିନିକେତନରେ ମଧ୍ୟ ପ୍ରତି ମାସ ବା ଋତୁ ଅନୁସାରେ ଉତ୍ସବ ପାଳନ ହୁଏ । ସେ ମଧ୍ୟରୁ ମୁଖ୍ୟ ଉତ୍ସବଗୁଡ଼ିକ ହେଲା ବସନ୍ତ ଉତ୍ସବ, ବର୍ଷା ମଙ୍ଗଳ, ଶରୋଦତ୍ସବ, ନନ୍ଦନମେଳା, ଆନନ୍ଦମେଳା, ପୌଷମେଳା, ମାଘମେଳା ଏବଂ ରବୀନ୍ଦ୍ର ଜୟନ୍ତୀ । ପ୍ରକୃତି ସହ ମାନୁଷିକ ସମ୍ପର୍କକୁ ନିବିଡ଼ତର କରି ପିଲାମାନଙ୍କୁ ଅନୁଭବ କରାଇବା ପାଇଁ ନାନା ଉତ୍ସବର ସୃଷ୍ଟି କରିଛନ୍ତି ରବୀନ୍ଦ୍ରନାଥ । ପୃଥିବୀକୁ ସିକ୍ତ କରି ଶ୍ୟାମଳା କରିଦେବା ଲାଗି ବର୍ଷାକୁ ଆବାହନ କରି 'ବର୍ଷାମଙ୍ଗଳ' ଯେପରି ପ୍ରଚଳନ ରହିଚି, ପୃଥିବୀରେ ବୃକ୍ଷର ଗୁରୁତ୍ୱ ବୁଝାଇବା ଲାଗି ସେମିତି ରହିଚି 'ବୃକ୍ଷରୋପଣ' ଉତ୍ସବର ଚଳଣି । ବସନ୍ତର ଆଗମନ ସହିତ ଆଶ୍ରମରେ ଖେଳିଯାଏ ଉନ୍ମାଦନା, ଶାନ୍ତିନିକେତନ ଆହୁରି ଜାଗ୍ରତ ହୋଇଉଠେ । ଏଠାର ପରମ୍ପରା, ସଂସ୍କୃତି ସମ୍ପୂର୍ଣ୍ଣ ଅଲଗା । ଏଠାରେ ପାଣିରଙ୍ଗ ନୁହେଁ ଅବିରରେ ଅଭିଷିକ୍ତ କରି ପରସ୍ପରକୁ ମୈତ୍ରୀବନ୍ଧନରେ ବାନ୍ଧିଦେବାକୁ, କେବଳ ଶାନ୍ତିନିକେତନର ଅଧିବାସୀ ନୁହେଁ ବରଂ ଭାରତ ଏବଂ ଭାରତ ବାହାରର ଲୋକମାନେ ମଧ୍ୟ ଏହି ବସନ୍ତ ଉତ୍ସବକୁ ଅପେକ୍ଷା କରିଥାନ୍ତି । ସବୁରି ପ୍ରାଣରେ କେବଳ ରବୀନ୍ଦ୍ରୀୟ ଶାନ୍ତ, ରବୀନ୍ଦ୍ରୀୟ ଭାବନା, ରବୀନ୍ଦ୍ରୀୟ ସଙ୍ଗୀତ । ଅଭିସାରିକାର ବେଶରେ ବାସନ୍ତୀ ଶାଢ଼ି ଓ ପଳାଶ ଫୁଲରେ ସଜାଇ ହୋଇ ଅନ୍ତେବାସିନୀମାନେ ନୃତ୍ୟ କରନ୍ତି, ଗୀତ ଗାଆନ୍ତି ଏବଂ ପରସ୍ପରକୁ ଅବିର ଲଗାଇ ବସନ୍ତର ଶୁଭେଚ୍ଛା ସହିତ ବିଭିନ୍ନ ରଙ୍ଗରେ ନିଜ ମନ, ଆତ୍ମାକୁ ରଙ୍ଗେଇ ଦିଅନ୍ତି । ଏବେ ବି ପ୍ରତିଦିନ ହୁଏ ପିଲାଙ୍କ 'ବୈତାଳିକ', ବୁଧବାର ଉପାସନା ଗୃହରେ 'ପ୍ରାର୍ଥନା' ଏବଂ ସବୁ ମେଳା ମହୋତ୍ସବ ପାଳନ ହୁଏ ।

## ବ୍ୟକ୍ତିତ୍ୱ ନିର୍ମାଣର ପୁଣ୍ୟପୀଠ

ବିଗତ ୧୧୮ ବର୍ଷ ଧରି ଏ ବିଶ୍ୱବିଦ୍ୟାଳୟ ଦକ୍ଷ ସାହିତ୍ୟିକ, ବୈଜ୍ଞାନିକ, କଳାକାର, ଯନ୍ତ୍ରୀ, ସାମ୍ବାଦିକ, ଡାକ୍ତର, ଅଧ୍ୟାପକ ନିର୍ମାଣ କରିପାରୁଛି । ଏ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ ସାରା ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । ଅର୍ଥନୀତିରେ ନୋବେଲ ପୁରସ୍କାର ପ୍ରାପ୍ତ ଅମର୍ତ୍ତ୍ୟ ସେନ, ଔପନ୍ୟାସିକ ସେକ୍ ମୁଜ୍‌ତବା ଅଲ୍ଲୀ, ଚିତ୍ରକର ରାମକିଙ୍କର ବେଜ୍, ଗାୟିକା କନିକା ବନ୍ଦୋପାଧ୍ୟାୟ, ଔପନ୍ୟାସିକ ନବକାନ୍ତ ବରୁଆ, ସ୍ନାୟୁ ସମୂହ ଜୀବ ବିଜ୍ଞାନୀ ଅନିର୍ବାନ୍ ବାସୁ, କଳାକାର ଜୋଗେନ୍ ଚୌଧୁରୀ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ନାୟିକା ସାବିତ୍ରୀ ଦେବୀ ପ୍ରମୁଖ ଏ ବିଶ୍ୱବିଦ୍ୟାଳୟର ଗର୍ବ ଓ ଗୌରବ ।

ବିଶ୍ୱଭାରତୀ ନାମକରଣର ଅର୍ଥ 'ସାରା ବିଶ୍ୱ ଗୋଟେ ସ୍ଥାନରେ ଏକତ୍ରିତ ହେବା' । ବର୍ତ୍ତମାନ ବିଶ୍ୱଭାରତୀ ଶାନ୍ତିନିକେତନ ଦେଶବିଦେଶରୁ ଆଗତ ମାନବର ସମ୍ମେଳନ ପୀଠ । ଏପରି ଏକ ସମୃଦ୍ଧ ପରମ୍ପରା ଓ ଐତିହ୍ୟ ପୂର୍ଣ୍ଣ ଶିକ୍ଷାନୁଷ୍ଠାନ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି ସାରା ବିଶ୍ୱରେ । ଏହି ବିଶ୍ୱବିଦ୍ୟାଳୟରେ ଶିକ୍ଷା ସହିତ, ଛାତ୍ରମାନଙ୍କୁ ଉତ୍ସାହ ଦିଆଯାଏ ସର୍ଜନଶୀଳତାରେ, ଛାତ୍ରମାନଙ୍କର ସାର୍ବିକ ବିକାଶରେ । ବ୍ରହ୍ମଚର୍ଯ୍ୟାଶ୍ରମରୁ ବିଶ୍ୱଭାରତୀର ଦୀର୍ଘଯାତ୍ରାରେ ରବୀନ୍ଦ୍ରନାଥଙ୍କ ଉପସ୍ଥିତି ଅନୁଭବ କରିହୁଏ ସବୁଠି । ବିଶ୍ୱଭାରତୀର ଆତ୍ମା ହେଉଛନ୍ତି ରବୀନ୍ଦ୍ରନାଥ । ସେ ଥାଆନ୍ତି, ଶାନ୍ତିନିକେତନର କୋଣ ଅନୁକୋଣରେ । ତାଙ୍କୁ ଦେଖିବାକୁ ଚାହିଁଲେ, ଦେଖି ହୁଏନି, ମାତ୍ର ଅନୁଭବ କରିହୁଏ ତାଙ୍କ ଉପସ୍ଥିତିକୁ ।

## ଶାନ୍ତିନିକେତନରେ ଓଡ଼ିଆ ବିଭାଗ

ନୋବେଲ ପୁରସ୍କାର ପ୍ରାପ୍ତି ପରେ ରବୀନ୍ଦ୍ରନାଥ ଭାରତ ଓ ଭାରତ ବାହାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଲେ । ଏହି ଅବସରରେ ୧୯୩୯ ମସିହାରେ ଓଡ଼ିଶାରେ ରବୀନ୍ଦ୍ରନାଥଙ୍କର ଜନ୍ମଦିନ ପାଳନ କରାଯାଇ ଗଜପତିଙ୍କ ଦ୍ୱାରା ତାଙ୍କୁ 'ପରମଗୁରୁ' ଉପାଧିରେ ଭୂଷିତ କରାଗଲା । ଏହି ସମୟରେ ଓଡ଼ଶାର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ବିଶ୍ୱନାଥ ଦାସ କାର୍ଯ୍ୟାନୁରୋଧରେ ଶାନ୍ତିନିକେତନ ଆସି ଗୁରୁଦେବଙ୍କ ସାନ୍ନିଧ୍ୟ ଓ ଶାନ୍ତିନିକେତନର ବାତାବରଣରେ ମୁଗ୍ଧ ହୋଇ ଏଠାରେ ଓଡ଼ିଆ ଛାତ୍ରମାନଙ୍କର ଗବେଷଣା ନିମନ୍ତେ ଏକ ବୃତ୍ତିର ବ୍ୟବସ୍ଥା କଲେ । ଏହି ବୃତ୍ତି ଲାଭ କରି ପ୍ରଥମ ଥର ପାଇଁ ଓଡ଼ିଶାରୁ ଶ୍ରୀଯୁକ୍ତ ପ୍ରହଲ୍ଲାଦ ପ୍ରଧାନ ଗବେଷକ ଭାବରେ ଆସି ବିଦ୍ୟାଭବନରେ ଯୋଗ ଦେଲେ । ତାଙ୍କର ପାଠ୍ୟ ବିଷୟ ଥିଲା ପାଲି ଓ ଚୀନ ଭାଷା । ୧୯୪୫ ମସିହାରେ ଶ୍ରୀଯୁକ୍ତ ଚିତ୍ତ ରଂଜନ ଦାସ ଆସି ଶାନ୍ତିନିକେତନର ଶିକ୍ଷାଭବନରେ ଯୋଗ ଦେଲେ । ଶ୍ରୀଯୁକ୍ତ ପ୍ରହଲ୍ଲାଦ ପ୍ରଧାନ ଚୀନ୍‌ଭବନରେ ଥିବା ବେଳେ ତତ୍‌କାଳୀନ ଓଡ଼ିଶାର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ କାନୁନ୍‌ଗୋ ଏକ

### ଓଡ଼ିଆ ବିଭାଗର ଅଧ୍ୟାପକ/ଅଧ୍ୟାପିକାଗଣ

- ଶ୍ରୀଯୁକ୍ତ ପ୍ରହ୍ଲାଦ ପ୍ରଧାନ
- ଶ୍ରୀଯୁକ୍ତ କୁଂଜବିହାରୀ ଦାଶ
- ଶ୍ରୀଯୁକ୍ତ ଚିନ୍ତାମଣି ବେହେରା
- ଭାଷାବିତ୍ ଶ୍ରୀଯୁକ୍ତ ଦେବୀପ୍ରସନ୍ନ ପଟ୍ଟନାୟକ
- ଶ୍ରୀଯୁକ୍ତ କୃଷ୍ଣଚରଣ ସାହୁ
- ଶ୍ରୀଯୁକ୍ତ ଶ୍ରୀନିବାସ ମିଶ୍ର
- ଶ୍ରୀଯୁକ୍ତ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ
- ଶ୍ରୀଯୁକ୍ତ ନରେନ୍ଦ୍ର ନାଥ ମିଶ୍ର
- ଡକ୍ଟର ଖଗେଶ୍ୱର ମହାପାତ୍ର
- ଶ୍ରୀଯୁକ୍ତ ରାଘବାନନ୍ଦ ନାୟକ
- ଡକ୍ଟର ବୈଷ୍ଣବ ଚରଣ ସାମଲ
- ଶ୍ରୀଯୁକ୍ତ ଉପେନ୍ଦ୍ର ମହାନ୍ତି
- ଭାଷତତ୍ତ୍ୱବିତ୍ ଗଗନେନ୍ଦ୍ର ନାଥ ଦାସ
- ଡକ୍ଟର ବନମାଳୀ ରଥ
- ଡକ୍ଟର ଶ୍ୟାମସୁନ୍ଦର ମାହାପାତ୍ର
- ଡକ୍ଟର ନିଳାଦ୍ରୀ ଭୂଷଣ ହରିଚନ୍ଦନ
- ପ୍ରଫେସର ଗିରିବାଳା ମହାନ୍ତି

**ବର୍ତ୍ତମାନ କାର୍ଯ୍ୟରତ ଅଧ୍ୟାପକ/ଅଧ୍ୟାପିକା :**

- ପ୍ରଫେସର କଇଳାଶ ପଟ୍ଟନାୟକ(ବିଭାଗୀୟ ମୁଖ୍ୟ)
- ପ୍ରଫେସର ସବିତା ପ୍ରଧାନ
- ପ୍ରଫେସର ମନୋରଂଜନ ପ୍ରଧାନ
- ଡକ୍ଟର ପ୍ରମିଳା ପାଟ୍ଟଲିଆ
- ଡକ୍ଟର ଶରତ କୁମାର ଜେନା
- ଡକ୍ଟର ରବୀନ୍ଦ୍ର କୁମାର ଦାସ
- ଶ୍ରୀଯୁକ୍ତ ଇନ୍ଦ୍ରମଣି ସାହୁ

**ବର୍ତ୍ତମାନ ଓଡ଼ିଆ ବିଭାଗରେ ୩୦ ଜଣ ଗବେଷଣା କରୁଛନ୍ତି, ୨୩ ଜଣ ପ୍ରାକ୍ ଗବେଷଣା କରୁଛନ୍ତି, ୩୪ଜଣ ଏମ୍.ଏ. କରୁଛନ୍ତି ଏବଂ ୨ଜଣ ଓଡ଼ିଆ ଅନର୍ସ ରଖି ବି.ଏ. କରୁଛନ୍ତି ।**

ଉତ୍ସବରେ ଯୋଗ ଦେବା ପାଇଁ ଶାନ୍ତିନିକେତନ ଆସିଥିଲେ । ସେ 'ହିନ୍ଦୀଭବନ' ପରି ଶାନ୍ତିନିକେତନରେ ଓଡ଼ିଆ ଭବନଟିଏ କରିବାକୁ ମନସ୍ଥ କରି ଖଣ୍ଡିଏ ଘର, ଲାଇବ୍ରେରୀ, ଜଣେ ଅଧ୍ୟାପକ ଓ ଜଣେ ଗବେଷକ ପାଇଁ ୭୦୮୮/- ଅନୁଦାନ ମଂଜୁର କରିବାରୁ, ୧୯୪୭ ମସିହାରେ ବିଶ୍ୱଭାରତୀର ଆଚାର୍ଯ୍ୟ କ୍ଷିତିମୋହନ ସେନ ଶାସ୍ତ୍ରୀଙ୍କ ଅମଳରେ ବିଦ୍ୟାଭବନର ତତ୍‌କାଳୀନ ଅଧ୍ୟକ୍ଷ ପଣ୍ଡିତ ଡଃ ପ୍ରବୋଧ ଚନ୍ଦ୍ର ବାଗ୍‌ଚୀଙ୍କ ପର୍ଯ୍ୟାପ୍ତ ଯତ୍ନ ଫଳରେ ଓଡ଼ିଶା ସରକାରଙ୍କ ଉପରୋକ୍ତ ଆର୍ଥିକ ସାହାଯ୍ୟ ନେଇ ବିଶ୍ୱଭାରତୀରେ ଓଡ଼ିଆ ଭାଷା ସାହିତ୍ୟର ଗବେଷଣା ବ୍ୟବସ୍ଥାର ମୂଳପତ୍ତନ ହେଲା । ଗୋଟିଏ ଘର ତିଆରି ହେଲା, Director of Oriya studies ନାମରେ ଏକ ପଦ ସୃଷ୍ଟି ହେଲା ଏବଂ ଟ. ୭୫ ହାରରେ ଗୋଟିଏ ଗବେଷକ ପଦ ମଧ୍ୟ ଖୋଲିଲା । ପ୍ରଥମ Director of Oriya studies ପଦରେ ତତ୍‌କାଳୀନ ଚୀନ୍‌ଭବନରେ କାର୍ଯ୍ୟରତ ଶ୍ରୀଯୁକ୍ତ ପ୍ରହଲ୍ଲାଦ ପ୍ରଧାନ ଯୋଗ ଦେଲେ ଏବଂ ପ୍ରଥମ ଗବେଷକ ଭାବରେ ୧୯୪୮ ମସିହାରେ 'ଅନ୍ତ୍ୟ' (ସ୍ନାତକ) ପାଶ୍ କରି କାର୍ଯ୍ୟରତ ଥିବା ଶ୍ରୀ ଚିତ୍ତରଂଜନ ଦାସ ଯୋଗ ଦେଲେ । ପ୍ରହଲ୍ଲାଦ ପ୍ରଧାନଙ୍କ ସାନଭାଇ ଦେବେନ୍ଦ୍ର ପ୍ରଧାନ ବିଶ୍ୱଭାରତୀର ଶିକ୍ଷାଭବନରେ କଲିକତା ବିଶ୍ୱବିଦ୍ୟାଳୟର Graduate course ରେ ପଢ଼ାଶୁଣା କରୁଥିଲେ । ଓଡ଼ିଆ ତାଙ୍କର ଅପ୍‌ସନାଲ୍ ଥିଲା । ଓଡ଼ିଆ ବିଭାଗର ପ୍ରଥମ ଅଧ୍ୟାପକ ଶ୍ରୀଯୁକ୍ତ ପ୍ରହଲ୍ଲାଦ ପ୍ରଧାନ, ପ୍ରଥମ ଗବେଷକ ଶ୍ରୀଯୁକ୍ତ ଚିତ୍ତରଂଜନ ଦାସ ଓ ଓଡ଼ିଆ ପାଠ୍ୟକ୍ରମର ପ୍ରଥମ ଛାତ୍ର ରୂପେ ଶ୍ରୀଯୁକ୍ତ ଦେବେନ୍ଦ୍ର ପ୍ରଧାନ ସ୍ମର୍ତ୍ତବ୍ୟ । ୧୯୫୧ ମସିହାରେ ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରୂପେ ସ୍ୱୀକୃତ ହେଲା ପରେ ଏଠାରେ ଓଡ଼ିଆରେ ଏମ.ଏ. ଶ୍ରେଣୀ ଖୋଲିଲା ।





HOTEL STARWAY
STAY LIKE A STAR
Galaxy
Conference Center
By The Way
Multi-cuisine Restaurant
FACILITIES
Book Online
tripadvisor
Free WiFi
Exclusive Parking
In-House Laundry
24hr Power Backup
Travel Desk
Mini Bar
Locker Facility
Hair Dryer (on request)
Iron Board (on request)
Multi-Cuisine Restaurant
100 pax Conference Hall
Doctor on Call
Individually controlled AC
Tea-Coffee Maker
Modern Furnished Room
All Bathroom Amenities
24hr Hot Water
Flat Screen TV with Satellite Channels
REMUNA GOLEI, JANUGANJ, BALASORE-756019
+91-87630 47000, 87630 46000, 97770 76006
reservations@hotelstarway.in
www.hotelstarway.in



# ପିଲାପିଲି

## ଗଙ୍ଗାଧର ବିଶ୍ୱାଳ

'ଆମଘର', ନିଉ କଲୋନୀ, ନେଳିଆବାଗ
ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୭୧୨୯୨୬୫




ରାତି ପାହିଲେ ଆଖି ଅପରେସନ୍ । ଏଇ ଚିନ୍ତାରେ ପେଟକୁ ଭୋକ ନାହିଁ । ଆଖିକୁ ନିଦ ନାହିଁ । ପ୍ରେସର୍ ସାମାନ୍ୟ ବଢ଼ି ଯାଇଚି । ଡାକ୍ତର କହିଚନ୍ତି, ଶାନ୍ତିରେ ଶୋଇଯିବ । କିଛି ଚିନ୍ତା କରିବ ନାହିଁ ।

ରାଜୁ ଓରଫ୍ ରାଜକିଶୋର ଏକା ନଥାଏ । ସାଙ୍ଗରେ ଥାଏ ତା' ସ୍ତ୍ରୀ । ସେ ଦୁଇଜଣ ଯାକ ରୋଗୀ । ସାହାଯ୍ୟ କରିବା ପାଇଁ ଥାଆନ୍ତି, ଶଳା ଭାଉଜ ।

ସକାଳେ ଅପରେସନ୍ । ଦଶଜଣ ରୋଗୀ ଆଖି ଅପରେସନ୍ ହେବେ । ସମସ୍ତେ ରାତିରେ ରହିବା କଥା । ମାତ୍ର ସେମାନଙ୍କ ସମ୍ପର୍କୀୟମାନେ ସହରରେ ରହୁଥିବାରୁ ରାତିଟା ସେମାନଙ୍କ ପାଖରେ ରହିଯିବା ପାଇଁ ଉଚିତ ମନେକରି ଡାକ୍ତରଙ୍କ ପରାମର୍ଶରେ ସକାଳ ସାତଟା ସୁଦ୍ଧା ହସ୍‌ପିଟାଲରେ ପହଂଚିଯିବାର କଥା ହେଇଚି ।

ରାତିର ସେମାନେ ତିନିଜଣ । ଅନ୍ୟ ରୋଗୀ ନାହାନ୍ତି । ରାଜୁର ସ୍ତ୍ରୀ ଡରିଯାଇ ଫୋନ୍ କଲା, ଗାଁର ସମ୍ପର୍କୀୟ କକାଙ୍କୁ । କହିଲା, କକା ! ତମେ ଆସି ଆମକୁ ଏଠୁ ନେଇଯାଅ । ରାତିରେ ତମ ଘରେ ରହିବା । ଏଠି ନୁହେଁ । ସକାଳେ ଆସି ପହଂଚି ଯିବା ।

ସେଇଆ ହେଲା ।

ରାଜୁର ଡାହାଣ ଆଖି ଓ ସ୍ତ୍ରୀ ସବିତାର ବାମ ଆଖି ଅପରେସନ୍ ହେବ । ଆଖି କଥା । ଡେରି କରିବା ମନା । ଯତ୍ନ ବି ନେବା ଦରକାର । ଏଣୁ ଦୁହେଁ ଏକ ସଙ୍ଗରେ ଅପରେସନ ହେଇପଡ଼ିବା ପାଇଁ ମନ ସ୍ଥିର କରିନେଲେ । ଶୁଣିବା ଲୋକମାନେ କହିଲେ, ଭଲ ହେଲା । ପିଲା କବିଲା ଜଂଜାଳ ଥିଲେ ସିନା ଘର ଅଚଳ ହୁଅନ୍ତା । ସେସବୁ ତ ନାହିଁ । ମୁଠାଏ ଫୁଟାଇଲେ ଦି'ପ୍ରାଣୀଙ୍କୁ ବଳି ପଡ଼ିବ । ଅପରେସନ୍ ପରେ ଚାଳିଶ୍ ଦିନ କ'ଣ ଷାଠିଏ ଦିନ ହେପାଜତ୍‌ରେ ରହିଲେ ବି ଫରକ ପଡ଼ିବନି ।

ଏମିତି କହିବା କଥା ଶୁଣିବାକୁ ପଡ଼େ । ବିପଦ ବେଳେ ହିଁ ଏ କଥାର ଗୁରୁତ୍ୱ ବଢ଼ିଯାଏ । ଶୁଣି ନଶୁଣିବା ଭଳି ହେଲେ କିଛି ଅସୁବିଧା ନଥାଏ ।

ଗାଁ ଲୋକ । ମୁଢ଼ି, ପଖାଳ ଓ ଭାତ ପ୍ରିୟ ସେମାନେ । ରୁଟିକୁ ପ୍ରାୟ ପସନ୍ଦ ନଥାଏ । ଏଣୁ ଭାତ ଓ ମାଛ ତରକାରିର ଆୟୋଜନ ହେଲା । ଖିଆପିଆ ଆଉ ଗପସପର ଆସର ବି ବସିଲା । ଗାଁ ଓ ସହର କଥା ପଡ଼ିଲା । ମଣିଷର ବ୍ୟସ୍ତ ଜୀବନ ଓ ଦେହପା' ସାଙ୍ଗକୁ ପାରିବାରିକ ଜଂଜାଳ କେମିତି ମଣିଷକୁ ମଣିଷ ପାଖରୁ ଦୂରେଇ ନେଉଚି ସେସବୁ କଥାର ଖିଅ ଧରା ପଡ଼ିଲା । ଏପରିକି ନିଜ ପାଖରୁ ନିଜେ ନିଜ ଅଜାଣତରେ କେମିତି ଅଲଗା ହେବାକୁ ପଡୁଛି ତାହାର ପ୍ରମାଣ ମଧ୍ୟ ମିଳିଲା ।

ରାଜୁ ଓ ସବିତା, ସ୍ୱାମୀ-ସ୍ତ୍ରୀ । ବୟସର ଅପରାହ୍ନରେ ସେମାନେ ମଳିନ ସୂର୍ଯ୍ୟ । କିନ୍ତୁ ସକାଳର ଓ ମଧ୍ୟାହ୍ନର ସୂର୍ଯ୍ୟସମ ଥିଲାବେଳେ ସଂସାର, ପରିବାର ଆଉ ପିଲାପିଲି ପାଇଁ କେତେ ହନ୍ତସନ୍ତ ନହେଇଚନ୍ତି, ସେଇସବୁ ଚିତ୍ର ଆଂକି ଚାଲିଲା ରାଜୁ ।

ରାଜୁ, ଓଡ଼ିଶା ଉଠା ଜଳସେଚନ ନିଗମର ଜନୈକ ଚତୁର୍ଥ ଶ୍ରେଣୀ କର୍ମଚାରୀ । ସରକାରୀ ଚାକିରି କରିବାକୁ ଇଚ୍ଛା ଥିଲା ତା'ର । ହେଲେ ଭାଗ୍ୟ ବରାଦ ଦେଲାନି । ଭାସି ଯାଉଥିବା ବେଳେ ଦରବ ଭରସା ପ୍ରାୟେ କୁଟାଖିଅକୁ ବି ସାହା ନ୍ୟାୟରେ ପେଟକୁ ଦାନା ଓ ପିଠିକୁ କନା ମିଳିଗଲେ ଜୀବନ ବଞ୍ଚିଗଲା ଜାଣ । ଏଇଆ ବିଚାରି ଶେଷରେ ରାଜୁ ଧାଁଦୌଡ଼ କରି ନିଯୁକ୍ତି ପାଇଲା ।

ଘରର ବଡ଼ପୁଅ ହିସାବରେ ଘର ପ୍ରତି ଗୁରୁ ଦାୟିତ୍ୱ ଅଛି ବୋଲି ଜାଣେ, ରାଜୁ । ହେଲେ କରିବ କ'ଣ ! ନିଜ ପରିବାର ଧରି ଜୀବନ ଜିଇଁବା ଅଭ୍ୟାସରେ ଧନ୍ଦିଗଲା ଯେ, ଘର ଲୋକଙ୍କ ପାଖରେ ଏକ ଘରକିଆ ହେଇଗଲା । ସବୁ ସେଇ ଭାଗ୍ୟ ଉପରେ ଛାଡ଼ି ଦେଇ ଦିନ ଗଣି ଚାଲିବା ଛଡ଼ା ଅନ୍ୟ ପନ୍ଥା ନଥିଲା ତା'ର ।

ଘର ଠୁ ତିନି କିଲୋମିଟର ଦୂର, ଶ୍ୱଶୁର ଘର । ଘରେ ଭାତ ଖାଇ ହାତ ଧୋଇବା ଦୂରତା, ଶ୍ୱଶୁର ଘରକୁ । ଭଲମନ୍ଦରେ, ରାତି ଅଧରେ ଶ୍ୱଶୁର ଘର ଉପରେ ଭରସା । ସବିତାକୁ ବାପ, ଭାଇ ଓ

**କାହାଣୀ ପଛର କାହାଣୀ**

**ମୋର ଅଧିକାଂଶ ଗଳ୍ପର ଚରିତ୍ରମାନେ ଜୀବନ୍ତ ଓ ମୋ ଆଖପାଖରେ ଆତଯାତ । ସେମାନଙ୍କ ଜୀବନଯନ୍ତ୍ରଣାକୁ ସାମ୍ନା କଲାବେଳେ ମୋ ଭିତରେ ଘାଲେଇ ପଡ଼ିଥିବା ବ୍ୟକ୍ତିସତ୍ତା ଜାଗ୍ରତ ହୋଇଉଠେ । ସେମାନଙ୍କ ଦୁଃଖରେ ସମବେଦନା ଓ ସମଭାଗୀ ହେବାକୁ ମନ ବଳାଏ । ତା' ସାଙ୍ଗକୁ କଳ୍ପନା ଓ ବ୍ୟକ୍ତିଗତ ଚିନ୍ତାଚେତନାର କାରୁକାର୍ଯ୍ୟ ହୁଏ, ଗଳ୍ପରେ । ଏ ଗଳ୍ପ ତାହାର ଏକ ଦୃଷ୍ଟାନ୍ତ । ପିଲାପିଲି ନଥିବା ସ୍ୱାମୀ-ସ୍ତ୍ରୀମାନଙ୍କର ଦୟନୀୟ ଅବସ୍ଥା ଓ ପୋଷ୍ୟ ସନ୍ତାନ ଗ୍ରହଣ ଜନିତ ମାନସିକ ଅସନ୍ତୁଳନର ପ୍ରତିଫଳନ ବି ଏଥିରେ ଅଛି । ଜଣେ ଦରଦୀ, ସମ୍ବେଦନଶୀଳ ହୃଦୟର ମଣିଷ ଅନ୍ୟ ଜଣେ ଦୁଃଖୀ ଓ ଅସହାୟ ମଣିଷ ପ୍ରତି ସମଦୁଃଖୀ ହେବାର ନିଛକ ପ୍ରମାଣ, ନିଜେ ଗାଳ୍ପିକ । ଏଇମିତି ଚରିତ୍ରର ମଣିଷମାନଙ୍କର ସୁଖ ଓ ଦୁଃଖ ପ୍ରାୟ ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ ପରି । ଯାହା, ଗଳ୍ପଟିକୁ ଲେଖିବା ପାଇଁ ଖୋରାକ ଯୋଗାଇଛି । ଅସୁଖୀ ଦମ୍ପତ୍ତିର ପିଠି ଥାପୁଡ଼ାଇ କହିଛି, କଷ୍ଟ, ଯନ୍ତ୍ରଣା ଓ ଉପଲବ୍‌ଧିରୁ ଜନ୍ମ ହେଉଥିବା ଜୀବନର ସଂଜ୍ଞା ନିରୂପଣ କରିବାରେ ଆଉ ପାଦେ ଆଗରେ ।**

ଭାଉଜମାନେ ଖୁବ୍ ଆଦର ବି କରନ୍ତି । ସୁଖ ଦୁଃଖରେ ଲୋଡ଼ନ୍ତି । ହାନିଲାଭରେ ଛିଡ଼ା ହୁଅନ୍ତି ।

ତିନି ଚାରି ବର୍ଷ ଯାଏଁ ରାଜୁ ଓ ସବିତା ବାପା ମା' ହେବାର ଲକ୍ଷଣ ଜଣାଗଲା ନାହିଁ । କାହାରି କାହାରି ପରାମର୍ଶ ନେଇ ଗାଉଁଲି ଚିକିତ୍ସା ଓ ଜଡ଼ିବୁଟିର ଆଶ୍ରୟ ନେଲେ । ଦିଅଁ ଦେବତା, ବାବାଙ୍କ ଉପଦେଶ ମାନି ନିୟମନିଷ୍ଠାରେ ରହିଲେ ।

ଗର୍ଭ ରହିବାର ଲକ୍ଷଣ ଜଣା ପଡ଼ିଲା । ମାସକୁ ମାସ ଡାକ୍ତରଙ୍କ ଦ୍ୱାରସ୍ଥ ହୋଇ ଚିକିତ୍ସା କଲେ । ସବୁ ସତ୍ତ୍ୱେ ଛଅ ସାତ ମାସ ବେଳକୁ ଗର୍ଭନଷ୍ଟ ।

ଏଇମିତି ଛଅ ସାତଟି ଗର୍ଭ ନଷ୍ଟ ହେଲା । ସ୍ୱାମୀ-ସ୍ତ୍ରୀ ପ୍ରମାଦ ଗଣିଲେ । ଯିଏ ଯାହା କହିଲା, କଲେ । କିଛି ହେଲେ ହେଲା ନାହିଁ । ବରଂ ମନସ୍ତାପ ବଢ଼ିଲା । ନିରାଶା ଓ ହତାଶା ଦେଖା ଦେଲା । ତଥାପି ହତୋତ୍ସାହିତ ନହୋଇ ବାପା ମା' ହେବାର ଲୋଭରେ ଉଭୟ ସ୍ୱାମୀ-ସ୍ତ୍ରୀ ଧୈର୍ଯ୍ୟ ଧରି ରହିଲେ ।

ଘରକୁ ସ୍ତ୍ରୀ ଏକା । ଏଣୁ ରାଜୁ ନିଜର ଚାକିରି ସ୍ଥାନ ରାଇରଙ୍ଗପୁରରେ ରହି ନଯାଇ ନିତି ବସ୍‌ରେ ଘରୁ ଯିବା ଆସିବା କଲା । ବସ୍‌ରେ ଘରପାଖ ଜାମଶୁଳୀ ଛକରୁ ଗାନ୍ଧୀଛକ । ଗାନ୍ଧୀଛକରୁ ଅନ୍ୟ ଏକ ନିର୍ଦ୍ଦିଷ୍ଟ ବସ୍‌ରେ, ରାଇରଙ୍ଗପୁର ।

ସନ୍ଧ୍ୟାରେ ଘରକୁ ଫେରିବା ବେଳେ ପରିବାର ମନସ୍କ ରାଜୁର ସେଇ ଗୋଟାଏ ଚିନ୍ତା, ପିଲାପିଲି ।

ରାଜୁ ନିତି ଯାଉଥିବା ବସ୍‌ରେ ଧୀରେନ ବାବୁ ରୋଡ୍‌ରେ ଥିବା ବସ୍‌ଷ୍ଟପ୍‌ରୁ ଜଣେ ଯୁବତୀ ଉଠୁଥିବାର ଦେଖେ । ଫେରିବା ବେଳକୁ ବି ସିଏ ସେଇ ବସ୍‌ରେ ଫେରେ ଓ ସେଇ ନିର୍ଦ୍ଦିଷ୍ଟ ଷ୍ଟପ୍‌ରେ ଓହ୍ଲେଇ ଯାଏ । ରାଜୁର ମନରେ ପ୍ରତିକ୍ରିୟା କିଛି ନଥାଏ ।

ଦିନେ ହଠାତ୍ ଏମିତି ହେଲା, ରାଜୁର ପାଖ ସିଟ୍ ଖାଲି ଥିଲା । ଯୁବତୀ ଜଣକ ଅନୁମତି ନେଇ ବସିଲା । ବସ୍ ଆଗକୁ ଗଡ଼ିଲା । ଯୁବତୀ ଜଣକ ରାଜୁ ବାବଦରେ ଅନେକ କଥା ଜାଣିଗଲା, କଥା ପ୍ରସଙ୍ଗରେ । ଯେତେବେଳେ ରାଜୁର ଚିନ୍ତାଗ୍ରସ୍ତ କପାଳଲିଖନ ରେଖାକୁ ପଢ଼ି କୌଣସି ପ୍ରକାରର ଦୁଃଶ୍ଚିନ୍ତାରେ ଥିବାର ପ୍ରକାଶ କଲା, ସେତେବେଳେ ରାଜୁ ଯୁବତୀ ଜଣକ ବିପଦରୁ ଉଦ୍ଧାର କରିପାରିବ ବୋଲି ବିଶ୍ୱାସ କଲା । ପର ମୁହୂର୍ତ୍ତରେ ରାଜୁ ଚିନ୍ତା କଲା, ନିଜ ବିପଦ କଥା । ତାକୁ ଏ ଯୁବତୀ ଜଣକ ସାହାଯ୍ୟ କରିପାରିବ କେମିତି ? ଯୁବତୀ ଜଣକର ସାଧ୍ୟ ବାହାରେ ଯେ, ରାଜୁର ସମସ୍ୟା ।

ତଥାପି ଯୁବତୀ ଜଣକ ଭରସା ଦେଲା; କହିଲା, ଆପଣଙ୍କ ସମସ୍ୟା କ'ଣ କୁହନ୍ତୁ । ସମାଧାନ ପାଇଁ ଚେଷ୍ଟା ତ କରିପାରିବ ! ରାଜୁ ଚିନ୍ତା କଲା, ଭଗବାନ କୃଷ୍ଣ ତ ପୁଣି ବିପଦରେ ପଡ଼ି ଗଧ ପାଦ ଧରିଥିଲେ । ଇଏ ନିଜେ ବା କୋଉ ଛାର !

ମନକୁ ବୁଝାଇ ଦେଇ ରାଜୁ କହିଲା, ବାପ ହେଇପାରୁ ନଥିବାର ଅବ୍ୟକ୍ତ ଦୁଃଖ କଥା । ଯୁବତୀ ଜଣକ ଶୁଣି କହିଲା, ପିଲା ଦରକାର ? ନେବେ ତ ! ମୁଁ ଆପଣଙ୍କୁ ପିଲା ଦେବି । କିନ୍ତୁ ମନେରଖନ୍ତୁ; କିଛି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ, ଆପଣଙ୍କୁ । ପିଲା ବିକ୍ରି ବାବଦକୁ ଟଙ୍କା ନୁହେଁ ଆଜ୍ଞା ! ପିଲାର ମା' ବିଛଣାରେ ପଡ଼ି ରହିଚି । ଅଭାବୀ ଘର । ହର୍ଲିକ୍ସ, ଭିଟାମିନ୍ ଓ ଔଷଧ ଖାଇବାକୁ ପଇସା ନାହିଁ । ବାପଟା ମଦୁଆ ମାତାଲି ଲୋକ । କିଛି ବୁଝେନି । କାମ ପାଇଟି କରି ସ୍ୱୀଟି ତା'ର ଚଳେ । ଏଇନେ କାମ ବନ୍ଦ୍ । ଚଳିବ କେମିତି !

**ଗୋଟେ ମାଟି ଟାଇଲ୍ ଛପରର ଅଧା ଭଙ୍ଗା ଘର । ଛପର ଓ କାନ୍ଥ ବିପଦ ସଂକେତ ଟପି ଗଲାଣି । କବାଟ ଝରକାରେ ଉଇମାଟି । ଅଳନ୍ଧୁ ଓ ଅଳିଆରେ ଘରର କୋଣ ଆଉ ଚଟାଣ ଅପରିଷ୍କାର । ରାଜୁ ଚିନ୍ତା କଲା, ଏଇଟା କ'ଣ ଘର ?**

ପୁଅ ପିଲା ଆଜ୍ଞା ! ଆଠଦିନର ହେଲା । ଦି'ଚାରିଜଣ ନେବେ ବୋଲି ଆସି ଦେଖି ଗଲେଣି । ଦେଇ ନାହୁଁ । ଆପଣଙ୍କ ଦୁଃଖ ଦେଖି ମନ ତରଳି ଗଲା । ନେବେ ଯଦି କୁହନ୍ତୁ । ଛୁଆର ମା'କୁ ରାଜି କରାଇବା ଦାୟିତ୍ୱ ମୋର । ଆଉ ଟଙ୍କା କଥା ତ ! ଏଇ ଅଢ଼େଇ ହଜାର ଭିତରେ । ବେଶି ନୁହେଁ ।

ରାଜୁ କଥାବାର୍ତ୍ତା କଲା । କାଲି ଅଫିସ୍‌ରୁ ଛୁଟି ନବ । ସ୍ତ୍ରୀକୁ ସାଙ୍ଗରେ ଧରି ଆସିବ । ଟଙ୍କା ଗଣି ଦବ । ପିଲାଟାକୁ କୋଳକୁ ନେବ । ଏଇ ଛକରେ ଓହ୍ଲେଇବ । ଯୁବତୀ ଜଣକ ଅପେକ୍ଷା କରିଥିବ ।

ଘରେ ପହଞ୍ଚି ସବିତାକୁ କହିଲା ଏକଥା । ସବୁ ଶୁଣି ସବିତା ଖୁସିରେ କାନ୍ଦି ପକାଇଲା । ଅଢ଼େଇ ହଜାର ଟଙ୍କା କଥା ଶୁଣି କହିଲା, ରୁହ ରୁହ । ମୋ ପାଖରେ ଛଅ ଶହ ଅଛି, ରଖ ।

ରାଜୁ ଖୋଜିଲା, ପୁରୁଣା ଟ୍ରଙ୍କ୍ । ଚାବି ପଡ଼େ ନାହିଁ । ପୁରୁଣା ଡାଏରିରେ ଥିଲା, ତିନି ଶହ ଟଙ୍କା । ସଂଚୟ କହିଲେ କହିପାର । ଆହୁରି ଷୋଳ ଶହ ଟଙ୍କା ଆସିବ କୁଆଡୁ !

ଶ୍ୱଶୁର ଘରକଥା କହିଲା, ରାଜୁ ।

ସବିତା ଫୋନ୍‌ରେ କହିଦେଲା, ବଡ଼ଭାଉଜଙ୍କୁ । କହିଲା, ଇଏ ହେଇ ବାହାରିଲେ ତମ ଘରକୁ । ବ୍ୟବସ୍ଥା କର । ରାତାରାତି ଫେରି ଆସିବେ । ସକାଳୁ ସକାଳୁ ଆମେ ବାହାରି ଯିବା । ବସ୍ ସମୟ ଜଣାଥାଏ, ରାଜୁକୁ । ସେଥର କିନ୍ତୁ ରାତିସାରା ନିଦ ନାହିଁ । ଜାମଶୂଳୀ ଛକ ଶୂନ୍‌ଶାନ୍ । ପ୍ରଥମ ଚା' ଦୋକାନୀ ଆସ୍ତିକ ଦଳେଇ । ସିଏ ଆସି ନାହିଁ ଅଥଚ ରାଜୁ ଓ ସବିତା ହାଜର୍ ।

ବସ୍ ଆସିଲା, ଅଧ ଘଣ୍ଟାଏ ପରେ ।

ସେତେବେଳକୁ ଆସ୍ତିକ ଡାକ ପକାଇ ସାରିଥାଏ, ରାତି ପାହିନି । ତମେ ବୁଢ଼ାବୁଢ଼ୀ ଦି'ଟା କୁଆଡ଼େ ବାହାରିଲ ବେ ! ଶୁଖିଲା ଭୂଇଁରେ ଜାଲ ଫିଙ୍ଗି ମାଛ ଧରିବାକୁ ପରା ! ଯାଅ ଯାଅ ।

ଆସ୍ତିକ ଦଳେଇ ଏମିତି । ତା' କଥାକୁ କେହି ଧରନ୍ତିନି । ହସରେ ଉଡ଼େଇ ଦିଅନ୍ତି । ଢେଙ୍ଗାପିଟା ସ୍ୱଭାବର । ପିଲାଳିଆମି ବି ଅଛି ।

ବସ୍‌କୁ ଅପେକ୍ଷା କରିଥିଲା, ଯୁବତୀ ଜଣକ ।

ରାଜୁ ଓ ସବିତା ଓହ୍ଲେଇ ପଡ଼ିଲେ ।

ତିନିହେଁ ଚାଲିଲେ, ଗନ୍ତବ୍ୟ ସ୍ଥଳକୁ ।

ଛକର ଦକ୍ଷିଣକୁ କେଇପାଦ ଯାଇ ବାମକୁ ବୁଲି ସିଧା ଚାଲିଲେ ସେମାନେ । ପାଞ୍ଚ ମିନିଟ୍‌ର ରାସ୍ତା । ପହଂଚିଗଲେ ।

ଗୋଟେ ମାଟି ଟାଇଲ୍ ଛପରର ଅଧା ଭଙ୍ଗା ଘର । ଛପର ଓ କାନ୍ଥ ବିପଦ ସଂକେତ ଟପି ଗଲାଣି । କବାଟ ଝରକାରେ ଉଇମାଟି । ଅଳନ୍ଧୁ ଓ ଅଳିଆରେ ଘରର କୋଣ ଆଉ ଚଟାଣ ଅପରିଷ୍କାର । ରାଜୁ ଚିନ୍ତା କଲା, ଏଇଟା କ'ଣ ଘର ?

ସବିତା ଅନେଇଲା ରାଜୁକୁ । ଆଖିରେ ଆଖିରେ ପଚାରିଦେଲା, ଏ ଘରେ ମଣିଷ ରୁହନ୍ତି ?

ରାଜୁ ଚୁପ୍ । ଠାରରେ ଠାରରେ ଚୁପ୍ ରହିବାକୁ କହିଲା ।

ଆଗରୁ ତ ମୂଲ୍‌ଚାଲ୍ ସରିଥିଲା । ତଥାପି ଅଢ଼େଇ ଶହ କମ୍ ଅଛି କହି ରାଜୁ ବଢ଼େଇ ଦେଲା ଟଙ୍କା । ଯୁବତୀ ଜଣକ ଗଣୁଗଣୁ କହିଲା, ଉଠାଅ । ଛୁଆକୁ ଉଠାଅ । ସାଲାଇନ୍ ସରି ଆସିଲାଣି । ନିଶ୍ଚିନ୍ତ ଥାଅ, ତିନି ଘଣ୍ଟା ସମ୍ଭାଳିଯିବ । ଏଇ ବିଲ ରାସ୍ତାରେ ବାଟ ଧର । କେହି ଯେମିତି ହାବୁଡ଼ରେ ନପଡ଼ନ୍ତି । ଯଦି ପଡ଼ କହିବ, ହସ୍ପିଟାଲ୍‌ରେ ପିଲା ହେଲା । ଆମେ ଏ ପିଲାର ବାପ ମା' ।

ମାର୍ଗଶୀର ମାସ ଧାନବିଲର ଶାଗୁଆ ହିଡ଼ ଉପରେ ଆସିବା ବେଳେ ଧାନକେରା (ଲକ୍ଷ୍ମୀ)ରେ ପାଦ ପଡ଼ିବା, କାକର ଟୋପାରେ ଶୀତୁଆ ସକାଳର ଖରା ପଡ଼ିବା ଓ ମନରେ ଭୟ ସଞ୍ଚାର ହେବା ଆଦି ଅନେକ ପ୍ରତିକୂଳ ଅବସ୍ଥାରେ ରାଜୁ ଓ ସବିତା ।



ତଥାପି, ଲକ୍ଷ୍ୟ ଥାଏ ପାଉଁଶକୁଲି ହାଟକୁ । ପାଦରେ ଲାଗିଥାଏ ରାସ୍ତା ଚାଲିବାର ତାକତ୍ । ପଡ଼ିଉଠି, ଧଇଁସଇଁ ହେଇ । ପିଲାଟାର ଯେମିତି କିଛି ନହେଉ ।

ପାଉଁଶକୁଲିରୁ ସିଂଲା ପାଖ ଦୁନ୍ଦକୁଟକୁ ଟ୍ରେକର୍‌ରେ । ଚୋରା ମାଦକଦ୍ରବ୍ୟ ଚାଲାଣ କରୁଥିବା ବେପାରୀଟେ ସତେ ଅବା ପୋଲିସ୍‌ର ନଜରରେ ପଡ଼ି ଯାଇଛି ଓ ପୋଲିସ୍‌କୁ ଭୁଆଁ ବୁଲେଇ ଜୀବନ ବିକଳରେ ଧାଉଁଚି ଆଉ ଧାଉଁଚି ।

ସରଳ ଓ ନିଷ୍କପଟ ଲୋକମାନେ ଏମିତି । ଯେମିତି, ରାଜୁ ଓ ସବିତା ।

ଦୁନ୍ଦ୍‌କୁଟ୍‌ର ଶ୍ୱଶୁର ଘରେ ଲୋକାରଣ୍ୟ । ସତେ ଯେମିତି, କୋଟିନିଧି ମିଳି ଯାଇଛି । ଆଜିର ମହଙ୍ଗା ଯୁଗରେ ପୁଅ ପିଲା ପୁଣି ଅଢ଼େଇ ହଜାରରେ । ଅନ୍ୟମାନଙ୍କୁ ଏ କଥା ଗୋପନ । କାହିଁକି ନା, 'ତୁଣ୍ଡ ବାଇଦ ସହସ୍ର କୋଶ' । କଳା ମୁଣ୍ଡିଆ ମଣିଷକୁ କି ବିଶ୍ୱାସ ! ଅନ୍ଧାରରେ ନିଜର ଛାଇ ନିଜକୁ ବି ଅଚିହ୍ନା କରୁଥିବା ମଣିଷ ନିଜ ପାଖରେ ଅଭିଶପ୍ତ । ନିଜର ଶତ୍ରୁ । ନିଜର ପ୍ରତିଦ୍ୱନ୍ଦ୍ୱୀ ।


ସବିତା ରହିଲା, ବାପଘରେ । ପିଲାର ହେପାଜତ୍‌ରେ ।

ରାଜୁ ଗଲା, ରାଇରଙ୍ଗପୁର । ଗୁହାଳିପଦା, ଦୁନ୍ଦକୁଟ । ଆସିଲା ବି ।

ଚାରିଦିନ ଯାଏଁ ସବୁ ଠିକ୍ । ପଞ୍ଚମ ଦିନ ରାତିରେ ପିଲାର ଦେହ ଖରାପ । ଥଣ୍ଡା, କଫ । ଔଷଧପତ୍ର ଦିଆନିଆ । ତା' ସତ୍ତ୍ୱେ ଭଲ ହେଲା ନାହିଁ । ଆଖି ବୁଜିଲା । କାନ୍ଦ ବୋବାଳିରେ ଘରଟା ଉଠିଲା ପଡ଼ିଲା ।

ଭାଗ୍ୟ । ସବୁ ଭାଗ୍ୟ, କହିଲା ରାଜୁ ।

ବୁଝିଲା ବି ସବିତା ।



ଦୀର୍ଘଶ୍ୱାସ ବାହାରି ଆସିଲା ପେଟରୁ । ବଳ ସରି ଆସିଲା, ହାତଗୋଡ଼ରୁ ।

ପୁଣି ଆରମ୍ଭ ହେଲା, ସ୍ୱାଭାବିକ ଜୀବନଯାପନ ।

ବାପଘରୁ ଆସି ଶ୍ୱଶୁରଘରେ ରହିଲା, ସବିତା ।

ଭାଗ୍ୟକୁ ଆଦରି ଚୁଲିରେ ଭାତହାଣ୍ଡି ରଖିଲା । ପେଟ ଭୋକରେ ଛଟପଟ ମଣିଷଟେ ଆଉ କି ସ୍ୱପ୍ନ ଅବା ଦେଖି ପାରନ୍ତା ?

ରାଜୁ ଯାଏ ରାଇରଙ୍ଗପୁର । ଧୀରେନ୍ ବାବୁ ରୋଡ଼ରେ ବସ୍ ଅଟକିଲେ, ମୁହଁରେ ଗାମୁଛାଟେ ଗୁଡ଼େଇ ହୁଏ । ଅସୁସ୍ଥ ଥିବାର ଜଣାଏ । ଭିଡ଼ ଭିତରୁ ଚିହ୍ନା ମୁହଁଟିକୁ ନଦେଖିବା ପାଇଁ ରାଜୁ ଅଭିନୟ କରେ ।

ସବୁ ଦିଗରୁ ନିରାଶ ହେବା ପରେ ଜୀବନଟା ଖାଁ ଖାଁ ଲାଗିବା ସ୍ୱାଭାବିକ । ତଥାପି ଆଶା ଥାଏ, ଶେଷ ଅବଲମ୍ବନକୁ । ମନେମନେ ଦିନ ଠିକ କରୁଥାଏ ସବିତା । ରାଜୁ ଜାଣିପାରେ ନାହିଁ ।

ସେ ଅଞ୍ଚଳରେ ବିଖ୍ୟାତ ଜିଅନ୍ତା ଦେବଦେବ ମହାଦେବ, ବାବା ଚନ୍ଦନେଶ୍ୱର । ଅରକ୍ଷିତକୁ ହାତ ବଢ଼ାଇ ଦିଅନ୍ତି । ଦୁଃଖ ମୋଚନ କରନ୍ତି । ଜୀବନକୁ ଗଢ଼ନ୍ତି । ଶରଣ ପଶିଲା ସବିତା ।

ଦିନେ କାହାକୁ କିଛି ନକହି ଗାଧୋଇ ପାଧୋଇ କଂସା ନୋଟାଟେ ଧରି ଘରୁ ବାହାରି ଗଲା । ଜାମଶୂଳୀ ଛକରୁ ଚନ୍ଦନେଶ୍ୱର ଯାଉଥିବା ସଫିର୍ ଖାଁ ବସ୍‌ରେ ଉଠିଗଲା । ଯାଇ ହାଜର, ବାବା ଚନ୍ଦନେଶ୍ୱରଙ୍କ ପୀଠରେ ।

ଘରଲୋକେ ସବିତାକୁ ଘରେ ନପାଇ ବ୍ୟସ୍ତ ହେଲେ । କୁଆଡ଼େ ଗଲା ବୋଲି ଭାଳେଣି ପଡ଼ିଲା । ଛକ ଆଡ଼େ ଯାଇ ରାଜୁ ସନ୍ଧାନ ନେଲା । ଆସ୍ତିକ କହିଲା, ଆବେ ତୁ ତ ଫସା । ତୋ' ବୁଢ଼ୀ ତୋତେ ଛାଡ଼ି ଛୁ' । ଚନ୍ଦନେଶ୍ୱର ବସ୍‌ରେ ଉଠିଗଲା ବେ । ଖବର ନେ କୁଆଡ଼େ ଗଲା । ରାଜୁ କି ଆଉ ଘରେ ରହେ ! ସଅଳ ସଅଳ ବାହାରିଗଲା ଚନ୍ଦନେଶ୍ୱର । ଯାଇ ଖବର ନେଲା । ଅଧିଆ ପଡ଼ିବାକୁ ଆସିଥିବା ସ୍ତ୍ରୀଲୋକମାନଙ୍କୁ ଚିହ୍ନିବା କଷ୍ଟ । ନନାଙ୍କ ଠୁ ଜାଣିଲା, ସବିତାର ନାମ ପଞ୍ଜୀକୃତ ହେଇଛି । ବାଲିଆପାଳ ଅଂଚଳର ସବିତା । ରାଜୁ ଆଶ୍ୱସ୍ତ ହେଲା । ସବିତାକୁ ଦେଖା କଲା ନାହିଁ । କୁଆଡ଼େ ଧ୍ୟାନ ଓ ଏକାଗ୍ରତା ଭାଙ୍ଗିଯିବ ଏଇଆ ଭାବି ସବିତାକୁ ଦେଖିଲା । ସବିତା କିନ୍ତୁ ରାଜୁ ଯାଇଥିବା କଥା ଜାଣି ପାରିଲା ନାହିଁ ।

ସବିତା ଶୁଣିଥିଲା, ବାବା ଚନ୍ଦନେଶ୍ୱର ମହାଦେବ ପରୀକ୍ଷା କରିବେ । ଭୟ ଦେଖାଇବେ । ଷଣ୍ଢ ଆସି ମୁନିଆ ଶିଙ୍ଗରେ ଫୋଡ଼ି ପକାଇବ । ମିଠା ନୁହେଁ, ପଚା ବେଙ୍ଗ ଆଣି ଦେବେ । ବିଷଧର ସାପ ହେଇ ଫଣା ଟେକି ଦଂଶନ କରିବା ପାଇଁ ପ୍ରସ୍ତୁତ ରହିବେ । ସବୁ ଦେଖି ସାହସ ଧରି ପଡ଼ି ରହିବାକୁ ହେବ । ଡରି ଯାଇ ପଳେଇ ଆସିଲେ ଧ୍ୟାନ ପୂରଣ ହେବନି । ଏମିତିରେ ଚାରିଦିନ ଗଲା ।

ପଞ୍ଚମ ଦିନ ରାତିରେ ବାବା ଦେଖା ଦେଲେ । କଥାବାର୍ତ୍ତା କଲେ । ପଚାରିଲେ, ମନର କଥା । ସବିତା କହିଲା, ପିଲାଟେ ଦିଅ ପ୍ରଭୁ । ତଥାସ୍ତୁ କହି ବାବା ବଢ଼ାଇ ଦେଲେ, ଗୁଲୁଗୁଲିଆ ପୁଅ ପିଲାଟାଏ । ନବଜାତ ହୃଷ୍ଟପୁଷ୍ଟ । ସୁନ୍ଦର ।

ହାତ ବଢ଼େଇଦେଲା, ସବିତା, ଧରିବାବେଳେ ଜାଣିଲା, ପିଲାଟା ମୃତ । ଘୃଣା ପାଇଗଲା ସବିତା । କହିଲା, ଏ ମଲାପିଲାଟାକୁ ନେଇ କ'ଣ କରିବି ପ୍ରଭୁ ! ଜିଅନ୍ତା ପିଲାଟେ ମତେ ଦିଅ ।

ସକାଳେ ଅଧିଆ ଭଙ୍ଗ ହେଲା, ସବିତାର ।

ନନା କହିଲେ, ଘରକୁ ପଳା । ତୋ' ଭାଗ୍ୟରେ ନାହିଁ । ତୁ ମନା କରିଦେଲୁ ପରା । ମୃତ ବୋଲି କହି ଯାହାକୁ ଘୃଣା କଲୁ ସେଇଟା ପରା ତୋର ପ୍ରାପ୍ୟ ଥିଲା । ସେଇଟା ଜିଅନ୍ତା ପିଲାଟେ ଥିଲା । ତୁ ଜାଣି ପାରିଲୁନି । ଯା' କର୍ମ ନେଇ ବଂଚି ରହ ଅବଶିଷ୍ଟ ଜୀବନ । ନିରାଶ ହେଇ ଫେରି ଆସିଲା ସବିତା । ଆଶା, ବିଶ୍ୱାସ ଓ ଭରସା ନଥିବା ଜୀବନଟେ ଜିଇବା ଦାୟରେ ରାଜା ଓ ସବିତା ଏଇନେ ବଂଚି ରହିଚନ୍ତି, ବର୍ତ୍ତମାନକୁ ନେଇ ।


ଲମ୍ବା ହାଇଟାଏ ମାରି ରାଜୁ କହିଲା, ଏ ଜୀବନରେ କି କଷ୍ଟ ନକରିଚୁ ଆମେ । ଆମ ଭାଗ୍ୟ ତ ଏଇଆ । ଦୋଷ ଦେବା କାହାକୁ । ହଉ ଯାଅ । ତମେ ଶୋଇବ ଯାଅ, ରାତି ହେଲାଣି । ତମ ଝିଅ ଦି'ଜଣ ବାପା ବାପା କହି ଡାକିଲେଣି । ଆମେ ଦୁହେଁ ବି ଶୋଇବା । ରାତି ପାହିଲେ ଆଖି ଅପରେସନ୍ ହେବ ତ !

ଭାବିଲି, ହଁ । ଏ ଜୀବନରେ ଅନ୍ତତଃ ଭଲ ଆଖିରେ ଆଜିର ଦୁନିଆକୁ ମନଭରି ଦେଖିଯାଅ ।

# ରାଜନୀତିର ରେଖାଚିତ୍ର



ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ? କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଝର୍କା ଖୋଲି ପଛକୁ ଚାହିଁଲେ ଆଖି ପାଏନି । କାଇଁ କେତେ ହଜାର ବର୍ଷ ତଳର ଇତିହାସ । ଆମେ ଆମ ଗୌରବଜ୍ଜ୍ୱଳ ଇତିହାସକୁ ନେଇ ଗର୍ବ କରୁଛୁ, ଛାତି ଫୁଲଉଛୁ, ଇତିହାସ ଉପରେ ଆଉଜି ଦମ୍ଭର ସହ ଠିଆ ହଉଛୁ; ଅଥଚ କେବେ ଆମେ ନିରେଖି ଦେଖିଛୁ କି ଆମ ଅତୀତକୁ, ଓଲଟେଇଛୁ କି ତା'ର ଅନାଲୋଚିତ ଅଧ୍ୟାୟମାନଙ୍କୁ । ଇତିହାସ, ଯାହା କେବଳ ରାଜା-ରାଜୁଡ଼ାଙ୍କ କୀର୍ତ୍ତିକଳାପ ନୁହେଁ କି, ବିଜୟ-ପରାଜୟର ଦସ୍ତାବିଜ୍ ନୁହେଁ । ଇତିହାସ ଯାହା ଲୋକମାନଙ୍କର, ଲୋକମାନଙ୍କୁ ନେଇ; ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ମାଟି-ମଣିଷମାନଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ । ସମୟ ଆସିଛି ପଛକୁ ଫେରି ଚାହିଁବାର । ସାଉଁଟିବାକୁ ସେଇ ଅପାସୋରା ଚରିତ୍ରମାନଙ୍କୁ ଯେଉଁମାନେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଗଢ଼ିଛନ୍ତି ଆମ ଜାତିକୁ, କାନ୍ଧରେ ବୋହିଛନ୍ତି ତା'ର ପରିଚୟକୁ । କଥାକାର ଓ ସ୍ତମ୍ଭକାର ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ଓଡ଼ିଶା' ଏକ ଅଭିନବ ପ୍ରୟାସ ଲୋକଙ୍କୁ କେନ୍ଦ୍ରରେ ରଖି ଅତୀତ ଓଡ଼ିଶାର ସମାଜ-ସଂସ୍କୃତି-ରାଜନୀତିର ଗତିପଥ ନିର୍ଣ୍ଣିତ କରିବା ଦିଗରେ । ସୁଦୀର୍ଘ ଇତିହାସର ଯାତ୍ରାପଥରେ ଅନନ୍ତ କାଳଧରି ବାଟ ଚାଲୁଥିବା ଓଡ଼ିଆ ଓ ଓଡ଼ିଶାକୁ ନେଇ ଏ ଅନ୍ତରଙ୍ଗ ଲୋକ-ଗାଥା ଧାରାବାହିକ ଭାବେ ପରଷି ଦେଉଛୁ ।



|| ଭାଗ-୮ ||

# ଈଶ୍ୱରଙ୍କ ଭାଗ୍ୟ; ଓଡ଼ିଶାର ଦୁର୍ଭାଗ୍ୟ




**ନେତାଜୀ ଅଭିନନ୍ଦନ**

**ଆସିଷ୍ଟାଣ୍ଟ ପ୍ରଫେସର, ରାଜନୀତି ବିଜ୍ଞାନ**
**ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୩**
**ଫୋନ୍ : ୯୦୪୦୦୦୩୧୨୩**


**ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍**

କାଳିଆ ନିର୍ବାସନ ଭୋଗୁଥିଲା ।

ତେଣେ ଗଜପତି ପୁରୁଷୋତ୍ତମଦେବ ମୋଗଲଙ୍କଠୁ ବରିଥିଲେ ଚରମ ପରାଜୟ ।

ଅପମାନ ପରେ ଅପମାନ ଲଦିହେବାରେ ଲାଗିଥିଲା ଓଡ଼ିଆଙ୍କ ଉପରେ ।

ଆକବରଙ୍କ ପରବର୍ତ୍ତୀ ମୋଗଲ ଶାସନରେ ଧର୍ମାନ୍ଧତାରୁ ମୁକ୍ତି ନଥିଲା, ଧାର୍ମିକ ଦୁର୍ଭାବନାରୁ ମୁକ୍ତି ନଥିଲା କି ଓଡ଼ିଆ ଧର୍ମୀୟ ପରମ୍ପରା ଓ ସଂସ୍କୃତି ଉପରେ ଆକ୍ରମଣରୁ ମୁକ୍ତି ନଥିଲା ।

ଆକ୍ରମଣ ପରେ ଆକ୍ରମଣ ।

ପରାଜୟ ପରେ ପରାଜୟ ।

ଅପମାନ ପରେ ଅପମାନ ।

ଓଡ଼ିଆଙ୍କର ମେରୁଦଣ୍ଡ ଦୋହଲି ଯାଇଥିଲା । ମୋଗଲଙ୍କ କ୍ରମାଗତ ଉତ୍ପୀଡ଼ନରେ ସେମାନେ ଅତିଷ୍ଠ ହୋଇପଡ଼ିଥିଲେ ।

ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ଏକ ପ୍ରଲମ୍ବିତ କାଳରାତ୍ରିର ଏ ଥିଲା ଆଦ୍ୟପର୍ବ ମାତ୍ର । ଆଗକୁ ଆଗକୁ ଆହୁରି ଦୁର୍ଭାଗ୍ୟ ଅପେକ୍ଷା କରି ରହିଥିଲେ ।

୧୬୧୧ରେ ସୁବେଦାର ହାସିମ୍ ଖାଁଙ୍କର ଓଡ଼ିଶାରୁ ବଦଳି ହେଇଗଲା କାଶ୍ମୀର । ତାଙ୍କ ସ୍ଥାନରେ ନୂଆ ସୁବେଦାର ରୂପେ ନିଯୁକ୍ତି ପାଇଲେ ରାଜା ତୋଡ଼ରମଲ୍ଲଙ୍କ ପୁଅ କଲ୍ୟାଣମଲ୍ଲ । ଶାସକର ଧର୍ମ ବଦଳିଲା, ହେଲେ ନୀତି ନୁହେଁ । ବରଂ କଲ୍ୟାଣମଲ୍ଲଙ୍କ ଅମଳରେ ଲୁଣ୍ଠନ ଓ ପ୍ରଜାମାରଣ ବେଶ୍ ବଢ଼ିଗଲା । ମନ୍ଦିର ଉପରେ ଘନ ଘନ ଆକ୍ରମଣ ହେଲା ।

ସନ୍ଧିପତ୍ରର ଚୁକ୍ତି ଅନୁସାରେ ପୁରୁଷୋତ୍ତମ ଦେବ ପେଶ୍‌କସ୍ ଟଙ୍କା ମୋଗଲ ଦରବାରକୁ ନ ପଠେଇବାରୁ କଲ୍ୟାଣମଲ୍ଲ ଖୋର୍ଦ୍ଧା ଆକ୍ରମଣ କଲେ । ପୁରୁଷୋତ୍ତମ ଏଯାଏଁ ସକ୍ଷମ ହୋଇନଥିଲେ କୌଣସି ପ୍ରକାର ଆକ୍ରମଣର ପ୍ରତିହତ କରିବା ପାଇଁ । ସେ ପୁଣି ପରାଜୟ ବରଣ କଲେ ।

ପୁନଶ୍ଚ ସନ୍ଧିପତ୍ର ସ୍ୱାକ୍ଷରିତ ହେଲା । ପୂର୍ବ ସନ୍ଧିପତ୍ରଠାରୁ ବହୁଗୁଣରେ ଅଧିକ ଅପମାନଜନକ ଥିଲା ନୂଆ ସନ୍ଧିପତ୍ର - ମୋଗଲ ପାଣ୍ଠିରେ ଜମା ହେଲା ତିନି ଲକ୍ଷ ଟଙ୍କା; ଅନେକ ଯୁଦ୍ଧରେ ଗଜପତିଙ୍କ ବିଜୟ ଅଭିଯାନର ସାରଥୀ ଗଜରାଜ 'ଶେଷନାଗ'କୁ ମୋଗଲ ସମ୍ରାଟଙ୍କୁ ଭେଟି ଦିଆଗଲା; ଏବଂ ଶେଷରେ ସବୁଠୁ ଅସହନୀୟ ଚୁକ୍ତି, ଖୋର୍ଦ୍ଧା ରାଜକନ୍ୟାଙ୍କୁ ମୋଗଲ ସମ୍ରାଟଙ୍କ ହାରେମ୍ ଉଦ୍ଦେଶ୍ୟରେ କଲ୍ୟାଣମଲ୍ଲଙ୍କ ଜିମା ଦିଆଗଲା ।

ଅନ୍ୟପଟରେ ମୋଗଲ ସେନାର ଘନଘନ ଆକ୍ରମଣରେ ବ୍ୟତିବ୍ୟସ୍ତ ହେଇ ସେବାୟତମାନେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବିଗ୍ରହ ଧରି ଚାଲିଗଲେ ଚିଲିକା ଓ ସେଇଠି ଆତ୍ମଗୋପନ କରି ରହିଲେ ।

ଶ୍ରୀକ୍ଷେତ୍ର ପାଲଟିଲା ଶୂନ୍ୟକ୍ଷେତ୍ର ।

କାଳିଆ ବିନା ଶ୍ରୀମନ୍ଦିର ପାଲଟିଲା ନିଷ୍ପ୍ରାଣ ପଥରର ଗୋଟେ ସୌଧ ।

ନା ବେଳାଭୂମିରେ ସମୁଦ୍ର ଆଉ ଲହଡ଼ି ଭାଙ୍ଗୁଥିଲା, ନା ବଡ଼ଦାଣ୍ଡରେ ଆଉ ଶୁଭୁଥିଲା ଭକ୍ତଙ୍କ କୋଳାହଳ । ଓଡ଼ିଶା ହେଲା ଯାତ୍ରୀଶୂନ୍ୟ ।

ସବୁକିଛି ସତେ ଯେମିତି ନିରବି ଯାଇଥିଲା ।

ଛଅବର୍ଷ ଶାସନ କଲା ପରେ ୧୬୧୭ରେ କଲ୍ୟାଣମଲ୍ଲଙ୍କୁ ଓଡ଼ିଶା ଦାୟିତ୍ୱରୁ ମୁକ୍ତ କରି ତାଙ୍କ ସ୍ଥାନରେ ମକରମ ଖାଁଙ୍କୁ ସୁବେଦାର ଭାବେ ନିଯୁକ୍ତି ମିଳିଲା ।

ମକରମଙ୍କ ନେତୃତ୍ୱରେ ହିଂସା, ଆତଙ୍କ ଓ ବିଦ୍ୱେଷର ନୂଆ ଅଧ୍ୟାୟ ଉନ୍ମୋଚିତ ହେଲା ଏବଂ ବଡ଼ ଧରଣର ସଂହାରଲୀଳା ଚାଲିଲା ।

କେତେ କେତେ ମନ୍ଦିର ଭଙ୍ଗାହେଲା, କେତେ କେତେ ଗାଁ ଗଣ୍ଡା ଲୁଣ୍ଠନ ହେଲା; ତା'ର ହିସାବ ନାହିଁ ।

ମକରମରୂପୀ ଆତଙ୍କର କଳା ବାଦଲ ଆବୋରି



ବସିଥିଲା ଓଡ଼ିଶାର ଆକାଶକୁ ।

ଆତଙ୍କଭରା ଦିନ, ଆତଙ୍କଭରା ରାତି ।

ନା ଈଶ୍ୱର ସୁରକ୍ଷିତ ଥିଲେ, ନା ମଣିଷ ।

କଳାପାହାଡ଼ ସତେ ଅବା ମକରମ ଖାଁ ଭାବରେ ପୁନର୍ଜନ୍ମ ନେଇ ଓଡ଼ିଶା ଆସିଥିଲା ତା' ଅଧୁରା ଅଭିଯାନକୁ ଶେଷ କରିବା ପାଇଁ ।

ଏଥର ମଧ୍ୟ ପୁରୁଷୋତ୍ତମ ପ୍ରତିରୋଧ କଲେ; ସବୁଥର ପରି ଏଥର ମଧ୍ୟ ବିଫଳ ହେଲେ ।

ଶେଷରେ ମହାପ୍ରଭୁଙ୍କ ବିଗ୍ରହକୁ ନେଇ ମନ୍ଦିରର ପୂଜକମାନଙ୍କ ସହ ରଣପୁରର ଗଡ଼ମାଣିତ୍ରୀରେ ଆତ୍ମଗୋପନ କଲେ ଗଜପତି ପୁରୁଷୋତ୍ତମ ଦେବ ।

ଭୟରେ ଥରହର ପ୍ରଜା, ପ୍ରାଣରକ୍ଷା ପାଇଁ ରାଜାଙ୍କର ଆତ୍ମ ନିର୍ବାସନ ।

ପୂରାପୂରି ବର୍ଷେ ପାଇଁ ଖୋର୍ଦ୍ଧା ରାଜ୍ୟ ରହିଲା ମରକରମ ଖାଁ ଅଧିକାରରେ ।

ତିନି ବର୍ଷ କାଳ ଧ୍ୱଂସର ତାଣ୍ଡବଲୀଳା ରଚିବା ପରେ ୧୬୨୦ରେ ମକରମ ଓଡ଼ିଶାରୁ ବିଦାୟ ନେଲେ ଓ ତାଙ୍କ ସ୍ଥାନରେ ଆସିଲେ ହୁସେନ ଅଲ୍ଲୀ ଖାଁ ।

୧୬୨୧ରେ ହୁସେନ୍ ଗଲେ ଓ ଅହମ୍ମଦ ବେଗ ଆସିଲେ ସୁବେଦାର ହୋଇ ।

ଏଇ ସମୟରେ ପୁରୁଷୋତ୍ତମ ଚେଷ୍ଟା କଲେ କୌଣସିମତେ ଶାସନଗାଦିକୁ ଫେରିବା ପାଇଁ । ହେଲେ ଶାସନ ଭୋଗ ଆଉ ତାଙ୍କ ଜାତକରେ ନଥିଲା । ଗ୍ରହମାନଙ୍କ ବାମ ଦୃଷ୍ଟି ପଡ଼ିଥିଲା ତାଙ୍କ ଉପରେ । ରାହୁ ଚାଲିଥିଲେ କି କ'ଣ । ଅହମ୍ମଦ ବେଗଙ୍କ ପ୍ରଚଣ୍ଡ ଆକ୍ରମଣର ସମ୍ମୁଖୀନ ନ ହୋଇପାରି ପୁରୁଷୋତ୍ତମ ବାଣପୁର ପଳେଇଲେ ।

ଅହମ୍ମଦ ବେଗର ଆକ୍ରମଣବେଳେ ସେବକମାନେ କାଳିଆକୁ ବାଣପୁର ପାଖାପାଖି ଲୁଚେଇ ରଖିଥିଲେ ।

ମଣିଷ ପରି ଈଶ୍ୱରଙ୍କର ବି କ'ଣ ଭାଗ୍ୟ ଥାଏ; ସେ ବି ଦୁର୍ଦ୍ଦଶା ଭୋଗନ୍ତି, ଆଉ କେତେବେଳେ ଆନନ୍ଦ-ଉଲ୍ଲାସରେ ମାତିଯାଆନ୍ତି ? ତାଙ୍କ ଜୀବନକୁ ବି କ'ଣ ନିୟନ୍ତ୍ରଣ କରନ୍ତି ରାହୁ-ବୃହସ୍ପତିଙ୍କ ଭଳି ଛାର ଗ୍ରହମାନେ ?

ଏ ବ୍ରହ୍ମାଣ୍ଡ ତ ତାଙ୍କରି ସୃଷ୍ଟି । ସବୁକିଛି ତ ତାଙ୍କରି ନିର୍ଦ୍ଦେଶରେ ପରିଚାଳିତ ।

ସେ ନ ଚାହିଁଲେ କୁଆଡ଼େ ଗଛରେ ପତ୍ରଟିଏ ସୁଦ୍ଧା ହଲେନି । ତା'ହେଲେ କାହିଁକି ତାଙ୍କ ପ୍ରିୟ ସଂସାର, ତାଙ୍କ ପ୍ରିୟ ଭକ୍ତମାନେ ଏବଂ ଖୋଦ୍ ବିଶ୍ୱନିୟନ୍ତା ନିଜେ ଏତେ ଦୁଃଖ ଭୋଗନ୍ତି ।

ଶ୍ରୀରାମଚନ୍ଦ୍ର ଓ ପାଣ୍ଡବମାନେ କାହିଁକି ବର୍ଷ ପରେ ବର୍ଷ ବଣ ଜଙ୍ଗଲରେ ଘୂରି ବୁଲୁଥିଲେ, କୁଡ଼ିଆଘରେ ରହୁଥିଲେ, ଭୋକ-ଉପାସ ସହୁଥିଲେ, କାହିଁକି ଏତେ ଦୈନ୍ୟ ଭୋଗୁଥିଲେ ?



କାଣିଆଙ୍ଗୁଠିରେ ଗୋବର୍ଦ୍ଧନ ପର୍ବତ ଉଠେଇ ପାରୁଥିବା ଶ୍ରୀକୃଷ୍ଣ କାହିଁକି ଶବରର ତୀର ମାଡ଼ରେ ପ୍ରାଣ ହରେଇଲେ ? ଦ୍ରୌପଦୀଙ୍କ ବସ୍ତ୍ର ଯାଏଁ କେମିତି ପହଂଚିଲା ଦୁଃଶାସନର ହାତ ?

କାହିଁକି ? ଏମିତି କେତେ କେତେ କାହିଁକି ?

ଭାରତରେ ଈଶ୍ୱରମାନେ ବି ହନ୍ତସନ୍ତ ହୁଅନ୍ତି ମଣିଷ ଭଳି; ଭୋକରେ ରୁହନ୍ତି, ରୋଗରେ ପଡ଼ନ୍ତି, ଲାଞ୍ଛନା-ଅପମାନ ସହନ୍ତି, ଆଉ ସମୟ ଆସିଲେ ପ୍ରାଣ ବି ତ୍ୟାଗ କରନ୍ତି ।

ତାଙ୍କରି ସୃଷ୍ଟି, ତାଙ୍କରି ମାୟା, ତାଙ୍କରି ଲୀଳା । କିଏ ବୁଝିପାରିଛି ବା ବୁଝିପାରିବ ଈଶ୍ୱର ଓ ତାଙ୍କ ରଚିତ ଏ ବ୍ରହ୍ମାଣ୍ଡର ରହସ୍ୟ ।

ଆମ କାଳିଆ ତ ମଣିଷ-ଠାକୁର । ଠାକୁର ଯେତିକି, ମଣିଷ ସେତିକି । ସେ ସକାଳୁ ଉଠି ଦାନ୍ତଘଷେ, ଖିଅର ହୁଏ, ଜଳଖିଆ ଖାଏ, ଲୋକଙ୍କୁ ଭେଟେ, ଗାଧେଇ ପାଧେଇ ପେଟଭରି ଖାଏ, ଆଉ ରାତିରେ ଶୋଇବାକୁ ଯିବା ପୂର୍ବରୁ ଗୀତ ଶୁଣେ । ଆଉ ପୁଣି ରାତି ଖାଇବା ପରେ ଖଣ୍ଡେ ଖିଲିପାନ ନ ହେଲେ ତା'ର ଚଳେନି । ସେ ବି ତ ଜରରେ ପଡ଼େ, ପିତା ଔଷଧ ଖାଇ ଭଲହୁଏ । ଆଉ ତା'ର କାଳ ପୂରିଲେ, ସିଏ ବି ସମସ୍ତଙ୍କଠୁ ବିଦାୟ ନେଇ ବାହୁଡ଼ି ଯାଏ ।

ତେଣୁ ଯେତେବେଳେ ମୋଗଲ ଆତଙ୍କରେ ସବୁ ଓଡ଼ିଆ ତ୍ରସ୍ତ, କାଳିଆ ବା ବାଦ୍ ପଡ଼ନ୍ତା କିପରି । ସେ ବି ଘରଦ୍ୱାର ଛାଡ଼ି ଘୂରି ବୁଲୁଥିଲା ଏଠୁ ସେଠିକି, ସେଠୁ ଏଠିକି, ଲୁଚି ଲୁଚି ଗୋପନରେ ।

ପୁରୁଷୋତ୍ତମ ଦେବ ଅହମ୍ମଦ ବେଗଙ୍କ ଆକ୍ରମଣବେଳେ ମାଣିତ୍ରୀଗଡ଼ରୁ ଯାଇ କିଛି ଦିନ 'ଖଣତି' ଗାଁରେ ଥିଲେ ଓ ସେଇ ସମୟରେ ୧୬୨୨ରେ ତାଙ୍କର ମୃତ୍ୟୁ ହେଲା । ପୁରୁଷୋତ୍ତମ ୧୬୦୫ରୁ ୧୬୨୧ ଯାଏଁ ଷୋହଳ ବର୍ଷ ଖୋର୍ଦ୍ଧାର ରାଜା ଭାବରେ ଶାସନ ସମ୍ଭାଳିଥିଲେ ।

ଏଇ ଷୋହଳ ବର୍ଷ ଥିଲା ସବୁ ଦୃଷ୍ଟିରୁ ବେଶ୍ କଣ୍ଟକିତ ।

ମୋଗଲମାନଙ୍କ ଘନଘନ ଷଣ୍ଢଆସି ଆକ୍ରମଣ, ଅତ୍ୟାଚାର, ଶୋଷଣ ଓ ଲୁଣ୍ଠନର ପ୍ରତିରୋଧ କରି କରି ପୁରୁଷୋତ୍ତମଙ୍କ ପ୍ରାଣଶକ୍ତି ଝାଉଁଳି ପଡ଼ିଥିଲା । ହେଲେ, ସେ ମୁଣ୍ଡ ନୁଆଁଇ ନଥିଲେ । ପରାଜିତ ହୁଅନ୍ତୁ ପଛକେ, ନିଜ ପ୍ରଜାଙ୍କ ପାଇଁ ଓ ନିଜ ପ୍ରଭୁଙ୍କ ପାଇଁ ସେ ପ୍ରତିରୋଧ କରିବା ଛାଡ଼ିନଥିଲେ । ସେଥିପାଇଁ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଥିଲା । ଧନ, ମାନ, ସମ୍ମାନ, ପ୍ରତିପତ୍ତି, ରାଜ୍ୟ ସବୁ କିଛି ତ୍ୟାଗ କରିବାକୁ ପଡ଼ିଥିଲା ।

ଦୁଇ ଦୁଇଥର ଅପମାନଜନକ ସନ୍ଧିପତ୍ରରେ ସ୍ୱାକ୍ଷର କରିବାକୁ ପଡ଼ିଥିଲା । ପ୍ରାଣଠାରୁ ପ୍ରିୟ କନ୍ୟା ଓ ଭଉଣୀଙ୍କୁ ଶତ୍ରୁ ହାତରେ ସମର୍ପିବାକୁ ପଡ଼ିଥିଲା । ରାଜ୍ୟ, ରାଜଧାନୀ, ସିଂହାସନ ସବୁକିଛି ଛାଡ଼ି ଯାଯାବର ଭଳି ଘୂରି ବୁଲିବାକୁ ପଡ଼ିଥିଲା ଏ ଗାଁରୁ ସେ ଗାଁକୁ । ଏ ଜଙ୍ଗଲରୁ ସେ ଜଙ୍ଗଲକୁ ।

କାହିଁକି ?

କାରଣ ସେ ଓଡ଼ିଆ ଜାତିର ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ଦ୍ରୋହ କରିପାରିନଥାନ୍ତେ । ଟେକି ଦେଇ ପାରିନଥାନ୍ତେ ଶ୍ରୀମନ୍ଦିରକୁ ଶତ୍ରୁ ହାତରେ । ସହି ପାରିନଥାନ୍ତେ ପ୍ରିୟ କାଳିଆ ଠାକୁରର ଅପମାନ । ଶରୀରର ଶେଷ ପ୍ରାଣବିନ୍ଦୁ ପର୍ଯ୍ୟନ୍ତ ପୁରୁଷୋତ୍ତମ ଲଢ଼ିଛନ୍ତି । ସବୁ ଦେଇଛନ୍ତି, ହେଲେ ସ୍ୱାଭିମାନ ଟିକକ ବଞ୍ଚେଇ ରଖିଛନ୍ତି ।

ସେଇ ସ୍ୱାଭିମାନ ତ ଥିଲା ଓଡ଼ିଆମାନଙ୍କର ଏକମାତ୍ର ସମ୍ବଳ ।

# ସାଗତର ସୃଜନିକା ଶଙ୍ଖ



# ଭାରତୀୟ ସଂସ୍କୃତିରେ ଶଙ୍ଖ



**ନାରାୟଣ କୁମାର ରାଉତରାୟ**

ଉପୁଲାଇ, ନଗୁଆଁ, ଯାଜପୁର ରୋଡ
ଫୋନ୍ : ୯୯୩୭୧୨୮୫୮୪

ଫଟୋ ସୌଜନ୍ୟ : ଗୁଗୁଲ୍

ଭାରତୀୟ ସଂସ୍କୃତିରେ ଶଙ୍ଖର ପ୍ରଚଳନ ବହୁ ପୁରାତନ । ଏହା ଏକ ମହାନ ପଦାର୍ଥ । ଏହା ଶୁଭ ଓ ପବିତ୍ର । ବେଦରେ ଏହା ଶତ୍ରୁ ପରାସ୍ତକାରୀ, ପାପ ବିନାଶକାରୀ, ରାକ୍ଷସ ଓ ପିଶାଚ ବଶକାରୀ, ରୋଗ ଓ ଦାରିଦ୍ର୍ୟ ଦୂରକାରୀ ଭାବରେ ବର୍ଣ୍ଣିତ । ଏହା ଲୋକ କଲ୍ୟାଣକାରୀ ଓ ସେମାନଙ୍କର ବହୁ ଉପକାରରେ ଆସୁଥିବା ଶଙ୍ଖ ଠାକୁରଘର ଠାରୁ ଦେବାଳୟ ପର୍ଯ୍ୟନ୍ତ ସର୍ବତ୍ର ପୂଜିତ । ସବୁପରେ ଶଙ୍ଖ ହେଉଛି ଶାମୁକା ଜାତୀୟ ସାମୁଦ୍ରିକ ଜୀବ ବିଶେଷ । ଏହି ଜୀବର ବାହ୍ୟ ଭାଗରେ ରହିଛି କଠିନ ଓ ଧଳା ରଙ୍ଗର ଆବରଣ । ଲକ୍ଷ କୋଟି ସଂଖ୍ୟାକୁ ଶଙ୍ଖ ଶବ୍ଦରେ ପ୍ରକାଶ କରାଯାଏ । ଆଜି ଯେଉଁଠି ଶ୍ରୀକ୍ଷେତ୍ର ଅବସ୍ଥିତ ତାହା ହିଁ ହେଉଛି ଶଙ୍ଖ କ୍ଷେତ୍ର ବା ଶଙ୍ଖ ତୀର୍ଥ । ଏହି ଶଙ୍ଖ କ୍ଷେତ୍ରରେ ଶ୍ରୀମନ୍ଦିର ନିର୍ମିତ । ମନ୍ଦିରର ଗର୍ଭ ଗୃହରେ ଶ୍ରୀଜିଉମାନେ ଯେଉଁ ରତ୍ନ ସିଂହାସନରେ ଉପବେଶନ କରିଛନ୍ତି ତାହା ଶଙ୍ଖ ନାଭି ମଣ୍ଡଳରେ ପ୍ରତିଷ୍ଠିତ । ସେଥିପାଇଁ କବି ଲେଖିଛନ୍ତି ଥକା ମନ ଚାଲିଯିବା, ଚକାନୟନ ଦେଖିବା, ଶଙ୍ଖ ନାଭି ମଣ୍ଡଳରେ ବେନି ନେତ୍ର ପଖାଳିବା । ସେଥିପାଇଁ ଶ୍ରୀମନ୍ଦିର ପରିସରରେ ଶଙ୍ଖ ଧ୍ୱନି କରାଯାଏ ନାହିଁ ବୋଲି କୁହାଯାଏ । ଏହି ଶଙ୍ଖକୁ ନେଇ ଆମର ଆଲେଖ୍ୟ ।

## ଶଙ୍ଖ କଣ

ସମୁଦ୍ର ତଟ ଓ ନଦୀ କୂଳରେ ଛୋଟ ବଡ ଆକାରର ଶଙ୍ଖ ଲାଗିଥିବାର ଦେଖିବାକୁ ମିଳେ । ଏହି ଶଙ୍ଖ ମଧ୍ୟରୁ କେତେକ ଶଙ୍ଖ ଏତେ ଛୋଟ ଯେ ସେ ସବୁକୁ ଅଭିବର୍ଦ୍ଧକ କାଚରେ ଦେଖିବା ସମ୍ଭବ ହୋଇଥାଏ । ପୁଣି ସବୁଠାରୁ ବଡ ଶଙ୍ଖର ଆକାର ହେଉଛି ୧.୨ ମିଟର । ମୂଳତଃ ଶଙ୍ଖ ହେଉଛି ଏକ ଜଳଜୀବ ଏମାନେ ସମୁଦ୍ରରେ ବାସ କରନ୍ତି । କିଛି ଶଙ୍ଖ ନଦୀ ଜଳରେ ମଧ୍ୟ ରହନ୍ତି । ଏହି ଜଳଜୀବକୁ ମୋଲସ୍କ କୁହାଯାଏ । ଏମାନଙ୍କର ମେରୁଦଣ୍ଡ ନଥାଏ । ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ପ୍ରକୃତି ସେମାନଙ୍କ ଉପରେ କଠିନ ଆବରଣ ବା ଖୋଳପା ଦେଇଥାଏ । ଏହି ଆବରଣ ବା ଖୋଳପାକୁ ତାର ସୁରକ୍ଷା କବଚ ବୋଲି କୁହାଯାଏ । ସେଥିପାଇଁ ସେ କବଚ ଧାରୀ ଜୀବ ଭାବରେ ପରିଚିତ । ତାହାର ଆବରଣ ବା ଖୋଳପା ଅଥବା ସୁରକ୍ଷା କବଚକୁ ହିଁ କୁହାଯାଏ ଶଙ୍ଖ । ଜୀବର ବୟସ ବୃଦ୍ଧି ସହିତ ଶଙ୍ଖର ଆକାର ମଧ୍ୟ ବଡ ହୋଇଥାଏ । ଯେଉଁ ଶଙ୍ଖ ଯେତେ ବଡ ତାହା ସେତେ ମଜବୁତ୍ ମଧ୍ୟ ହୋଇଥାଏ । ସମୁଦ୍ର ଜଳରେ ଢେର ପରିମାଣରେ ଚୂନ ରହିଛି । ଏହାକୁ କ୍ୟାଲସିୟମ କାର୍ବୋନେଟ୍ କୁହାଯାଏ । ଜଳଜୀବ ଶଙ୍ଖ ସମୁଦ୍ର ପାଣିରୁ ଚୂନ ସଂଗ୍ରହ କରି ତାର ଆବରଣ ବା ଖୋଳପାରେ ଜମା କରିଥାଏ । ଏହି ଆବରଣ ବା ଖୋଳପା ହିଁ ହେଉଛି ଶଙ୍ଖ ଏହି ଶଙ୍ଖ ଚୂନରେ ତିଆରି ହୋଇଥାଏ । ଯେତେବେଳେ ଏହି ଜଳଜୀବ ମୃତ୍ୟୁବରଣ କରେ ସେତେବେଳେ ସେଥିରୁ କିଛି ଭାସି ଆସି ସମୁଦ୍ର କୂଳରେ ଲାଗନ୍ତି । ଏଗୁଡିକୁ ସଂଗ୍ରହ କରାଯାଏ । ଏହା ହିଁ ଶଙ୍ଖ । ଆବଶ୍ୟକ ସ୍ଥଳେ ପଲିସ୍ କରାଯାଇ ବିକ୍ରି କରାଯାଏ । ଜଳଜୀବ କଉଡି ଓ ଶିପ ମଧ୍ୟ ଏହି ଶ୍ରେଣୀର । ସେମାନେ ମଧ୍ୟ ଉକ୍ତ ପ୍ରକ୍ରିୟାରେ ବଢନ୍ତି । ମୃତ୍ୟୁ ପରେ ସେମାନଙ୍କୁ ସମୁଦ୍ର କୂଳରୁ ହିଁ ସଂଗ୍ରହ କରାଯାଇଥାଏ । ମୋଲସ୍କର ଆବରଣ ବା ଶଙ୍ଖରେ ମୁଖ୍ୟତଃ ତିନୋଟି ସ୍ତର ରହିଥାଏ । ପ୍ରଥମ ବାହ୍ୟ ସ୍ତର ଶିପ ଭଳି ନରମ ଓ ଚିକ୍କଣ ପଦାର୍ଥରେ ତିଆରି ହୋଇଥାଏ । ଏଥିରେ ଆଦୌ ଚୂନ ଭାଗ ନଥାଏ । ଦ୍ୱିତୀୟ ସ୍ତର ବିଶୁଦ୍ଧ ଭାବରେ ଚୂନରେ ତିଆରି ହୋଇଥାଏ । ତୃତୀୟ ତଥା ଭିତର ସ୍ତରଟି ହେଉଛି ଅନେକ ପତଳା ସ୍ତରର ଏକ ସମାହାର । ଯାହାକି ଶିପ ଭଳି ପଦାର୍ଥ ଓ ଚୂନରେ ତିଆରି ହୋଇଥାଏ । ଶଙ୍ଖର ରଙ୍ଗ ଧଳା ଦେଖାଯାଉଥିଲେ ମଧ୍ୟ ସେଥିରେ କେତେକ ରଙ୍ଗର ମିଶ୍ରଣ ଘଟିଥାଏ । ଏହି ରଙ୍ଗ ଦାଗ ଓ ପଟି କାରଣରୁ ଶଙ୍ଖ ସୁନ୍ଦର ଦେଖା ଯାଇଥାଏ । ପ୍ରାଚୀନକାଳରେ ଯେତେବେଳେ ମୁଦ୍ରାର ଉଦ୍‌ଭାବନ ହୋଇନଥିଲା ସେତେବେଳେ କଉଡି ଓ ଶଙ୍ଖକୁ ମୁଦ୍ରା ରୂପେ ବ୍ୟବହାର କରାଯାଉଥିଲା । ଏ ସବୁର ମୂଲ୍ୟ ମଧ୍ୟ ବହୁତ ବେଶି ଥିଲା । ଛୋଟ ଛୋଟ ଶଙ୍ଖ ଓ କଉଡିକୁ ଅଳଙ୍କାର ରୂପେ ମଧ୍ୟ ବ୍ୟବହାର କରାଯାଉଥିଲା । ଲକ୍ଷ ଲକ୍ଷ ବର୍ଷ ଧରି ମୋଲସ୍କ ଜଳଜୀବଙ୍କର ଅସ୍ତିତ୍ୱ ରହି ଆସିଛି ଏ ପୃଥିବୀରେ ସେମାନଙ୍କ ମୃତ୍ୟୁପରେ କିଛି ଭାସି ଭାସି ସମୁଦ୍ର କୂଳରେ ଲାଗେ । କିନ୍ତୁ ଅଧିକାଂଶ ମୃତ ଦେହ ସମୁଦ୍ର ଜଳରେ ବୁଡି ତଳକୁ ଚାଲିଯାଇଥାଏ । ମୃତ ଦେହ ଗୁଡିକ ଏକାଠି ହୋଇ ସମୁଦ୍ର ତଳ ସ୍ତରରେ ବିଶାଳ ଚୂନପଥର ଚଟାଣ ଗଠନ କରନ୍ତି । ଅଦ୍ୟାବଧି ବୈଜ୍ଞାନିକମାନେ ଷାଠିଏ ହଜାରରୁ ଅଧିକ ପ୍ରଜାତିର ମୋଲସ୍କଙ୍କର ଅଧ୍ୟୟନ କରିସାରିଛନ୍ତି ।

## ଶଙ୍ଖର ପ୍ରକାର ଭେଦ

ଶଙ୍ଖର ଆକୃତି ଭେଦରେ ଏହା ମୁଖ୍ୟତଃ ତିନି ପ୍ରକାର । ଯଥା- ଦକ୍ଷିଣାବର୍ତ୍ତ, ମଧ୍ୟାବର୍ତ୍ତ ଓ ବାମାବର୍ତ୍ତ । ଦକ୍ଷିଣାବର୍ତ୍ତ ଶଙ୍ଖର ଅର୍ଥ ହେଉଛି ଦକ୍ଷିଣ ଆଡକୁ ଭଉଁରୀ ଯୁକ୍ତ ଶଙ୍ଖ ବିଶେଷ । ବାମାବର୍ତ୍ତର ଶଙ୍ଖ ବିଶେଷ ହେଉଛି ବାମ ଦିଗରେ ଆବର୍ତ୍ତ ଯୁକ୍ତ ଶଙ୍ଖ ବିଶେଷ । ପୁଣି କୁହାଯାଏ ଯେଉଁ ଶଙ୍ଖ ଦକ୍ଷିଣ ହସ୍ତରେ ଧାରଣ କରାଯାଏ ତାକୁ ଦକ୍ଷିଣାବର୍ତ୍ତ ଶଙ୍ଖ କୁହାଯାଏ । ଯେଉଁ

ଶଙ୍ଖ ବାମ ହସ୍ତରେ ଧାରଣ କରାଯାଏ ତାକୁ ବାମାବର୍ତ୍ତ ଶଙ୍ଖ କୁହାଯାଏ । ଯେଉଁ ଶଙ୍ଖର ମୁଖ ମଝିରେ ଖୋଲେ ତାକୁ ମଧ୍ୟାବର୍ତ୍ତ ଶଙ୍ଖ କୁହାଯାଏ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଦକ୍ଷିଣା ବର୍ତ୍ତ ଶଙ୍ଖ ଓ ମଧ୍ୟାବର୍ତ୍ତ ଶଙ୍ଖ ସହଜରେ ମିଳେନାହିଁ । ଉକ୍ତ ଶଙ୍ଖର ଦୁର୍ଲ୍ଲଭତା ଓ ଚମତ୍କାରିକ ଗୁଣ ପାଇଁ ଏହାର ମୂଲ୍ୟ ସର୍ବାଧିକ । ଏତଦ୍‌ବ୍ୟତୀତ ଆଉ କିଛି ଶଙ୍ଖର ନାମ ମଧ୍ୟ ଶୁଣାଯାଏ । ଯଥା– ବିଷ୍ଣୁ ଶଙ୍ଖ, ଲକ୍ଷ୍ମୀ ଶଙ୍ଖ, ପଞ୍ଚ ଜନ୍ୟ, ମଣି ପୁଷ୍ପକ, ସୁଘୋଷ, ଗୋମୁଖୀ, କାମଧେନୁ, ଗରୁଡ, ଶନି, ରାହୁ, କେତୁ, ଶେଷନାଗ, ପୌଣ୍ଡ୍ର, ଚକ୍ର, କଚ୍ଛପ, ଇତ୍ୟାଦି ।

## ଶଙ୍ଖ ସ୍ଥାପନର ମହତ୍ତ୍ୱ

କଥାରେ ଅଛି ଯେଉଁ ଘରେ ଶଙ୍ଖ ସ୍ଥାପନ ପୂଜା ଅର୍ଚ୍ଚନା କରାଯାଏ ଲକ୍ଷ୍ମୀ ସେଠି ନିବାସ କରନ୍ତି । ତେବେ ଏ ସବୁ ବିଧି ବିଧାନ ପୂର୍ବକ ହେବା ଆବଶ୍ୟକ । ପୁନଶ୍ଚ ଯଦି ପୂଜା ପୀଠରେ ଦକ୍ଷିଣାବର୍ତ୍ତ ଶଙ୍ଖ ସ୍ଥାପନ କରାଯାଇ ପୂଜା ଅର୍ଚ୍ଚନା କରାଯାଏ ତେବେ ସେଠାରେ ଲକ୍ଷ୍ମୀ ସ୍ଥାୟୀ ଭାବରେ ବାସ କରନ୍ତି । ଏଭଳି ଶଙ୍ଖ ସ୍ଥାପନ ପାଇଁ ମାଇ, ଅଣ୍ଡିରା, ଜୋଡା ଶଙ୍ଖ ଆବଶ୍ୟକ । ଅନ୍ନପୂର୍ଣ୍ଣା ଶଙ୍ଖକୁ ବ୍ୟବସାୟୀ ଓ ସାଧାରଣ ଲୋକେ ଭଣ୍ଡାର ଘରେ ସ୍ଥାନ ଦେଲେ ଲକ୍ଷ୍ମୀ, ଧନ ଓ ଅନ୍ନ, ବୈଭବ ଆଦି ପ୍ରାପ୍ତ ହୋଇଥାଏ । ପବିତ୍ର ଶଙ୍ଖକୁ ଦୀପାବଳି, ହୋଲି, ମହା ଶିବରାତ୍ରି, ନବରାତ୍ରି, ରବି–ପୁଷ୍ୟା, ବୃହସ୍ପତି–ପୁଷ୍ୟା ନକ୍ଷତ୍ର ଆଦି ଶୁଭ ମୁହୂର୍ତ୍ତରେ ବିଶେଷ ପୂଜା ବିଧାନ ସହିତ ସ୍ଥାପନ କରାଯାଏ ।

## ଶଙ୍ଖଧ୍ୱନି ଶୁଭ କାରକ

ଶଙ୍ଖ 'ନାଦ'ର ପ୍ରତୀକ । ନାଦ ଜଗତର ସୃଷ୍ଟିରୁ ପ୍ରଳୟ ପର୍ଯ୍ୟନ୍ତ ବ୍ୟାପ୍ତ । ସୃଷ୍ଟିର ପ୍ରାରମ୍ଭ ମଧ୍ୟ ନାଦରୁ ହୋଇଥିଲା । ବିଲୟ ମଧ୍ୟ ନାଦରେ ହିଁ ଘଟିବ । ଶଙ୍ଖ ମଧ୍ୟ 'ଓଁ' ର ପ୍ରତୀକ । ଶଙ୍ଖ ନାଦରୁ ଓଁ ନାଦ ପ୍ରକଟିତ ହୋଇଥିଲା । ଏହି ଓଁ ହେଉଛି ଅ, ଉ, ମ ର ପ୍ରତୀକ । ଅ, ଉ, ମ (ଓଁ) ହେଉଛି ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର ପତୀକ । ସେଥିପାଇଁ ଦେବାଳୟରେ ପୂଜା ଅର୍ଚ୍ଚନା ଓ ସମସ୍ତ ମାଙ୍ଗଳିକ କାର୍ଯ୍ୟରେ ଶଙ୍ଖ ବାଦନ ଶୁଭ କାରକ ବୋଲି ବିବେଚନା କରାଯାଏ । ବିଶ୍ୱାସ ରହିଛି ଶଙ୍ଖଧ୍ୱନି ଦ୍ୱାରା ଖରାପ ସମୟ ମଧ୍ୟ ଠିକ୍ ଭାବରେ ଅତିକ୍ରାନ୍ତ ହୋଇଯାଏ । ଜୈନ, ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ଆଦି ସବୁ ସମ୍ପ୍ରଦାୟରେ ଶଙ୍ଖଧ୍ୱନିକୁ ଶୁଭଙ୍କର ଭାବରେ ଗ୍ରହଣ କରାଯାଏ । ମସ୍ତକ ଓ କର୍ଣ୍ଣ ଅସ୍ଥି ର ପ୍ରତୀକ ହେଉଛି ଶଙ୍ଖ । ସେଥିରୁ ନିର୍ଗତ ଧ୍ୱନି ସତ୍ୟ ଓ ବିଜୟର ପ୍ରତିନିଧିତ୍ୱ କରେ ।

## ଶଙ୍ଖ ଦ୍ୱାରା ବାସ୍ତୁ ଦୋଷ ନିରାକରଣ

ବାସ୍ତୁ ଦୋଷ ଦୂର କରିବାରେ ଶଙ୍ଖର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଶଙ୍ଖରେ କପିଳା ଗାଈର କ୍ଷୀର ଭର୍ତ୍ତିକରି ଘର ଭିତରେ ସିଞ୍ଚନ କଲେ ବାସ୍ତୁଦୋଷ ଦୂର ହୋଇଥାଏ । ପୁଣି ଶଙ୍ଖକୁ ଦୋକାନ, ଅଫିସ୍, କାରଖାନା ଆଦିରେ ସ୍ଥାପନ କଲେ ସେଠାରେ ଥିବା ବାସ୍ତୁ ଦୋଷ ଦୂର ହୋଇଥାଏ । ଫଳରେ ବ୍ୟବସାୟ ସଫଳ ହୋଇଥାଏ । ପୁନଶ୍ଚ ପଞ୍ଚଜନ୍ୟ ଓ ମଣିପୁଷ୍ପକ ଶଙ୍ଖର ସ୍ଥାପନା କଲେ ବାସ୍ତୁଦୋଷ ନିରାକରଣ ହୋଇଥାଏ । ଶଙ୍ଖଧ୍ୱନିରେ ଘର ଓ ବାହାରେ ଥିବା ଅଶୁଭ ଶକ୍ତି ଅପସରି ଯାଆନ୍ତି ।

## ଶଙ୍ଖର ଉପଯୋଗ

ଯଜ୍ଞ ଅନୁଷ୍ଠାନ, ରାଜ୍ୟାଭିଷେକ, ଗୃହ ପ୍ରବେଶ, ବାସ୍ତୁ ଶାନ୍ତି, ଶଙ୍ଖ ବାଦନ, ପିତୃ ତର୍ପଣ, ଆଦି କାର୍ଯ୍ୟରେ ଶଙ୍ଖର ମୁଖ୍ୟ ଭୂମିକା ରହିଛି । କାରଣ ଶଙ୍ଖ ହେଉଛି ଶୁଭ୍ର ଓ ପବିତ୍ରତାର ପ୍ରତୀକ । ସେଥିପାଇଁ ମନ୍ଦିରରେ ପୂଜା ଅର୍ଚ୍ଚନା ଓ ଆଳତି ସମୟରେ ଶଙ୍ଖଧ୍ୱନି କରାଯାଇଥାଏ । ବିବାହ ବ୍ରତ ଆଦି ମାଙ୍ଗଳିକ କାର୍ଯ୍ୟ ଓ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନରେ ମଧ୍ୟ ଶଙ୍ଖ ବାଜିଥାଏ । ମନ୍ଦିରସ୍ଥ ଶିବଲିଙ୍ଗ ଉପରେ ରୁଦ୍ରାଭିଷେକ ବେଳେ ମଧ୍ୟ ଶଙ୍ଖଧ୍ୱନି କରାଯାଇଥାଏ ।



## ଦେବତାଙ୍କ ପ୍ରତୀକ ଶଙ୍ଖ

ଶଙ୍ଖକୁ ଦେବାତାଙ୍କ ପ୍ରତୀକ ରୂପେ ମଧ୍ୟ ଗ୍ରହଣ କରାଯାଏ । ସେଥିପାଇଁ ଶଙ୍ଖକୁ ବିଧିବିଧାନର ସହ ପୂଜାର୍ଚ୍ଚନା କରାଯାଏ । ଏହାର ସ୍ୱତନ୍ତ୍ର ପୂଜନ ବିଧି ଓ ସାଧନାବିଧି ମଧ୍ୟ ରହିଛି । କେତେକ ଗୁପ୍ତ ସାଧନାରେ ମଧ୍ୟ ଶଙ୍ଖ ପୂଜନ ଅନିର୍ବାର୍ଯ୍ୟ । ତାନ୍ତ୍ରିକ କାର୍ଯ୍ୟରେ ମଧ୍ୟ ଶଙ୍ଖର ଉପଯୋଗ ହୋଇଥାଏ । ଶଙ୍ଖର ଅଭିଷେକ- ଗଣେଶ, ବିଷ୍ଣୁ, ରୁଦ୍ର, ଭଗବତୀ ଆଦି ଦେବଦେବୀଙ୍କର ଅଭିଷେକ ସମୟରେ ଶଙ୍ଖକୁ ମଧ୍ୟ ପଞ୍ଚାମୃତରେ ଅଭିଷେକ କରାଯାଇଥାଏ । ତାପରେ ଆସନରେ ଲାଲ କପଡା ପକାଇ ତା ଉପରେ ଅଭିଷିକ୍ତ ଶଙ୍ଖକୁ ରଖି ପୂଜା କରାଯାଏ । ଏହାକୁ ଧୂପ, ଦୀପ, ନୈବେଦ୍ୟ ଦେଇ ପ୍ରତିଦିନ ପୂଜା କରିବା ବିଧେୟ ।

## ଶଙ୍ଖ ବ୍ୟାଧି ନାଶକ

ଆୟୁର୍ବେଦ ଅନୁସାରେ ଶଙ୍ଖୋଦକ ଓ ଶଙ୍ଖ ଭସ୍ମ ଯକୃତ ପଥୁରୀ ରୋଗ ଭଳି ଆଉ କେତେକ ରୋଗ ମଧ୍ୟ ଉପଶମ କରିଥାଏ । ସାନ ସାନ ପିଲାଙ୍କ ଶରୀରରେ ଛୋଟ ଛୋଟ ଶଙ୍ଖ ବାନ୍ଧିଲେ ସେମାନେ ସୁସ୍ଥ ରହନ୍ତି । ଶଙ୍ଖରେ ଜଳ ଭର୍ତ୍ତିକରି ସେହି ଜଳକୁ ଅଭିମନ୍ତ୍ରିତ କରି ସାନ ପିଲାକୁ ପିଇବାକୁ ଦେଲେ ସେମାନଙ୍କର ବାକ୍ ଦୋଷ ରହେନା । ନିୟମିତ ଶଙ୍ଖ ବାଦନରେ ବାକ୍ ଶକ୍ତି ଲାଭ ହୋଇଥାଏ । ଶଙ୍ଖ ଫୁଙ୍କିଲେ ହୃଦ୍‌ରୋଗୀମାନେ ମଧ୍ୟ ଉପକାର ପାଇଥାଆନ୍ତି । ରୋଗ ଆରୋଗ୍ୟ ଓ ଆୟୁଷ ବୃଦ୍ଧିରେ ମଧ୍ୟ ଶଙ୍ଖ ବାଦନ ସହାୟକ ହୋଇଥାଏ ।

## ଶଙ୍ଖ ବାଦନରେ ପ୍ରାଣାୟମ

ଶଙ୍ଖ ନାଦର ଧ୍ୱନି ଓଁ ର ପ୍ରତୀକ । କାରଣ ଏହି ଧ୍ୱନିରେ ଅ, ଉ, ମ ମିଶି ରହିଛି । ତେଣୁ ଶଙ୍ଖଧ୍ୱନି ଈଶ୍ୱରଙ୍କ ଉପସ୍ଥିତି ଅନୁଭବ କରାଏ । ଶଙ୍ଖ ବାଦନ ଦ୍ୱାରା କୁମ୍ଭକ ପୂରକ ଓ ରେଚକ ଭଳି ପ୍ରାଣାୟମ ମଧ୍ୟ ହୋଇଥାଏ । ପ୍ରଶ୍ୱାସ ନେବାରେ ପୂରକ, ପ୍ରଶ୍ୱାସ ରୋକିବାରେ କୁମ୍ଭକ, ଶ୍ୱାସ ତ୍ୟାଗ କରିବାରେ ରେଚକ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଥାଏ । ତେଣୁ ଶଙ୍ଖଧ୍ୱନି କରିବା ସ୍ୱାସ୍ଥ୍ୟ ପାଇଁ ହିତକାରକ ।

## ଶଙ୍ଖ ବାଦନର ବୈଜ୍ଞାନିକ ମହତ୍ୱ

ବିଶେଷଜ୍ଞଙ୍କ ମତରେ ନିୟମିତ ଶଙ୍ଖ ବାଦନ କଲେ ଶରୀର ଭଲ ରହେ । ଶଙ୍ଖଧ୍ୱନି ଦ୍ୱାରା ବାତାବରଣ ପ୍ରଦୂଷଣ ମୁକ୍ତ ରହେ । ପୁନଶ୍ଚ ନକରାତ୍ମକ ଚିନ୍ତାଧାରା ଦୂର ହୋଇଥାଏ ଓ ସକରାତ୍ମକ ଚିନ୍ତାଧାରା ଜାଗ୍ରତ ହୋଇଥାଏ । ଶଙ୍ଖଧ୍ୱନି ଦ୍ୱାରା ବାୟୁ ମଣ୍ଡଳରେ ଥିବା ସୂକ୍ଷ୍ମ ଜୀବାଣୁ ନଷ୍ଟ ହୋଇଯାଆନ୍ତି । ଶଙ୍ଖଧ୍ୱନି ଦ୍ୱାରା ଆମ ଚତୁର୍ଦ୍ଦିଗର ଦୁଷ୍ଟ ଶକ୍ତି ମଧ୍ୟ ନାଶ ହୋଇଥାଆନ୍ତି ।

## ଶଙ୍ଖ ବାଦନର ବିଧି

କିଭଳି ଭାବରେ ଶଙ୍ଖବାଦନ କରିବା ଉଚିତ୍ ଅନୁଚିତ୍ ସେ ସମ୍ପର୍କରେ ଆମେ ମହାଭାରତର ଏକ କାହାଣୀକୁ ଯିବା । ମହାଭାରତ ଯୁଦ୍ଧ ସରିଯାଇଛି । ଶୁଭଦ୍ରା ଭାବୁଛନ୍ତି ମୋ ଭାଇ ଯଦି ନଥାନ୍ତେ ପାଣ୍ଡବମାନେ କେବେ ବି ଯୁଦ୍ଧ ଜିତି

ପାରିନଥାନ୍ତେ । ଏ ପାଖରେ ଅର୍ଜୁନ ଭାବୁଛନ୍ତି କୃଷ୍ଣ ଭଗବାନଙ୍କର ସବୁଠାରୁ ପ୍ରିୟ ମଣିଷ ଅର୍ଜୁନ ସେଥିପାଇଁ ମୋ ରଥର ସେ ସାରଥି ହୋଇଥିଲେ । ଏହି ସମୟରେ ଭଉଣୀ ଘରେ ପହଞ୍ଚିଗଲେ କୃଷ୍ଣ ଭଗବାନ । ଅର୍ଜୁନ ଭାବିଲେ ପ୍ରିୟ ମଣିଷ ମୁଁ ତାଙ୍କର । ମୁଁ ତ ତାଙ୍କୁ ଡାକିନାହିଁ । ସେ ଆସି ପହଞ୍ଚିଗଲେ କିପରି । ଏହା ଭିତରେ ସକାଳ ଯାଇ ସୂର୍ଯ୍ୟାସ୍ତ ହୋଇଗଲା । କୃଷ୍ଣ ନିଜ ଘରକୁ ଫେରିବାକୁ ଇଚ୍ଛା ପ୍ରକାଶ କଲେ ନାହିଁ । ଭାଇର ମନଖୁସି ପାଇଁ ଭଉଣୀ ସନ୍ଧ୍ୟାବେଳେ ଶଙ୍ଖ ବାଦନ କଲେ । ଶଙ୍ଖ ବାଦନ ଶୁଣି ଅଧା ଓଠରେ ହସିଲେ ଶ୍ରୀକୃଷ୍ଣ । ସକାଳୁ ପୁଣି ଶୁଭଦ୍ରା ଶଙ୍ଖ ବାଦନ କଲେ । ଅର୍ଜୁନ ଓ କୃଷ୍ଣ ଭଗବାନ ଦୁଇଜଣ ଯାକ ନଖାଇ ବାହାରୁ ଟିକେ ବୁଲିଆସୁ ବୋଲି କହି ବାହାରକୁ ଚାଲିଗଲେ । ଯାଉ ଯାଉ ବାଟରେ ଦେଖିଲେ ଅଁଳା ଗଛ ମୂଳରେ ଜଣେ ବ୍ରାହ୍ମଣ ଦୂବ ଛିଡାଇ ଝାଡି ଖାଉଛନ୍ତି । ଅର୍ଜୁନ ହସିଲେ । ପଚାରିଲେ, ସକାଳୁ ସକାଳୁ ଦୂବ ଖାଉଛ କାହିଁକି ? ବ୍ରାହ୍ମଣ କହିଲେ, ତମେ ଖାଇଛ ନା ? ଏମାନେ କହିଲେ, ନା ଖାଇନୁ । ତେବେ ଦୂବ ଦି' କେରା ଖାଇଦିଅ । ଅର୍ଜୁନ କହିଲେ, ଘରେ ମୋର ସ୍ତ୍ରୀ ଅଛି । ସେ ରୋଷେଇ କରି ବସିଥିବ । ଆମେ ଗଲେ ଖାଇବୁ । ନ ଖାଇବ ଯଦି ଯାଅ । ଏହି ସମୟରେ ଅର୍ଜୁନଙ୍କର ଦୃଷ୍ଟି ପଡିଲା ବ୍ରାହ୍ମଣଙ୍କ ଅଣ୍ଟା ଉପରେ । ସେଠି କୁରାଢୀଟିଏ ସେ ରଖିଥାନ୍ତି । ଅର୍ଜୁନ ପଚାରିଲେ, କୁରାଢୀ ରଖିଛ କାହିଁକି ? ବ୍ରାହ୍ମଣ କହିଲା, ଏହି କୁରାଢୀରେ ଚାରିଜଣଙ୍କୁ ହାଣିବି । ପ୍ରଥମରେ ନାରଦ, ଦ୍ୱିତୀୟରେ ଦ୍ରୌପଦୀ, ତୃତୀୟରେ ପ୍ରହଲ୍ଲାଦ, ଚତୁର୍ଥରେ ଅର୍ଜୁନ । ଏକଥା ଶୁଣି ଅର୍ଜୁନ ଦୁଇପାଦ ପଛକୁ ଘୁଞ୍ଚି ଆସିଲେ । ଲୁଚିଥିବା ନାରଦ ଡାକିଦେଲେ: ଅର୍ଜୁନ କି ? ଏକଥା ଶୁଣି ବ୍ରାହ୍ମଣ ଜାଣିପାରିଲେ ଏ ହଉଛନ୍ତି ଅର୍ଜୁନ । ଅର୍ଜୁନକୁ ହାଣିବା ପାଇଁ ଗୋଡାଇଲେ । ଅର୍ଜୁନ ଆଗେ ଆଗେ ବ୍ରାହ୍ମଣ ପଛେ ପଛେ । ଏହିଭଳି ଛଅ ଦିନ ଗୋଡାଗୋଡି ଚାଲିଲା । ସପ୍ତମ ଦିନରେ ଅର୍ଜୁନ ଉଠି ପାଦ ଚାପି ଚାପି ଚାଲିଛନ୍ତି । ବ୍ରାହ୍ମଣ ବୁଢା ଉଠିପଡି କହିଲେ, ଲଢେଇ କରିପାରୁନୁ ଲୁଚି ଲୁଚି ପଳାଉଛୁ । ତୁ କାଳେ ପାଣ୍ଡବ କୁଳର ଦାୟାଦ, ମହାଭାରତର ଶ୍ରେଷ୍ଠ । ଏହା ଶୁଣି ଅର୍ଜୁନ ଛିଡା ହୋଇଗଲେ । ବ୍ରାହ୍ମଣ କହିଲେ ମୋତେ ଯଦି ଶର ନମାରିବୁ ମୋ ଅଣ୍ଟାର କୁରାଢୀ ତୋ ମୁଣ୍ଡ ଗଣ୍ଡି ଅଲଗା କରିଦେବ । ଶର ମାରିବାକୁ ଉଦ୍ୟତ ହେଲାବେଳେ ଶର ଦୁଇଖଣ୍ଡ ହୋଇ ଭାଙ୍ଗିଗଲା । ଏହି ସମୟରେ ପାଣ୍ଡବ ବଂଶର ଶ୍ରେଷ୍ଠ ଅର୍ଜୁନ ଦୁଇ ହାତ ଶୂନ୍ୟକୁ ଟେକି ବିଳାପ କରୁଛନ୍ତି । ହରିବୋଲ, ରାଧାବୋଲ । ଏହି ସମୟରେ ବ୍ରାହ୍ମଣଙ୍କ କୁରାଢୀ ଖସି ପଡିଲା । ସେ ପଚାରିଲେ, ତୋ ବଳ ପାଇଁ ନା ରାଧାର ବଳ ପାଇଁ ନା ତୋ ସଖାର ବଳ ପାଇଁ ଏହା ଘଟିଲା । ବୁଢା ବ୍ରାହ୍ମଣ ନିଜ ରୂପ ଦେଖାଇଲେ । ସେ ହଉଛନ୍ତି ବଳରାମ । ସେ କହିଲେ, ତୋ ସ୍ତ୍ରୀ ତୋତେ ମରଣ ମୁହଁକୁ ଠେଲିଛି । କୃଷ୍ଣ ଭଗବାନ ଥିଲେ ବୋଲି ଶୁଭଦ୍ରା ବିଧବାରୁ ବଞ୍ଚିଗଲା । ଶୁଭଦ୍ରା ଦୁଇଥର ଉପରମୁହାଁ କରି ଶଙ୍ଖ ବଜାଇଥିଲେ । ତେଣୁ ଏତେ ବିପତ୍ତି ପଡିଲା । ଅଁଳା ଗଛ ମୂଳରେ ବସି ଦୂବ ଚୋବେଇ ଚୋବେଇ ରସ ଖାଇଲେ ସେ ଘରେ ଅକାଳରେ ବିଧବା ଦୋଷ ପଡିବ ନାହିଁ । ତେଣୁ ସକାଳେ ତିନି ଥର ଶଙ୍ଖ ବଜାଇବ, ସନ୍ଧ୍ୟାରେ ତିନି ଥର, ରାତ୍ରିରେ ଏକ ଥର ବଜାଇଲେ ସମସ୍ତ ବିପଦ ଟଳିଯିବ । ଶଙ୍ଖକୁ ମାଟିରେ ରଖିବ ନାହିଁ । ତମ୍ବା ଥାଳିଆରେ ଶଙ୍ଖକୁ ରଖିଲେ ଔଷଧୀୟ ଗୁଣ ସୃଷ୍ଟି ହୋଇଥାଏ । ଆହୁରି ମଧ୍ୟ ଯେଉଁ ରବିବାରରେ ବଡ ଏକାଦଶୀ ପଡିଥାଏ ସେହିଦିନ ଶଙ୍ଖର ଶବ୍ଦ ବନ୍ଦ କରି ବଜାଯାଏ । ମ୍ୟାଲେରିଆ ମସା ମରିଯାଆନ୍ତି ।




# ହସଖୁସିର ପରିବାର - ୬

**ହସଖୁସିର ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାନ୍ତି। ସେତେବେଳେ ସେମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି। ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟା ପାଇଁ ସମାଧାନର ସୂତ୍ର ବତାଇବୁ ଆମେ ।**



**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ବକ୍ତା ଓ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ସୁପରିଚିତ । ଜଣେ ଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂରାଜୀ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇଛି । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।
www.drhpdas.com

## ଆପଣଙ୍କ ସମସ୍ୟା : ସମାଧାନର ସୂତ୍ର ଆମର

**ସମସ୍ୟା : ୧**

ମୁଁ ଆମ ଘରର ବଡ଼ ଝିଅ । ବାପା ନାହାନ୍ତି । ପିଲାଦିନୁ ମାମୁମାଇଁଙ୍କ ପାଖେ ବଡ଼ ହୋଇଛି । ମୋ ଦୁଇ ଭଉଣୀ ଆଉ ମାମୁଙ୍କ ଝିଅ ବି ଅଛନ୍ତି । କେହି ପୁଅ ନାହାନ୍ତି ମାମୁଙ୍କର । ମୁଁ ଚାହୁଁଛି ଚାକିରି ଗୋଟେ କରି ମାମୁମାଇଁ, ମାଆଙ୍କୁ ସାହାଯ୍ୟ କରିବାକୁ । କିନ୍ତୁ ମୋ ବନ୍ଧୁବାନ୍ଧବ, ଶୁଭାକାଂକ୍ଷୀମାନେ ଚାହୁଁଛନ୍ତି ଯେ ମୋର ଭଲ ଘର ଦେଖି ବିବାହ କରିଦେଲେ ମୋ ଭଉଣୀମାନଙ୍କର ବି ବିବାହ ସୁରୁଖୁରୁରେ ହୋଇ ପାରିବ । ଆଉ ମୋ ଉପରେ ଚାପ ବି ପକାଉଛନ୍ତି । ଏହା କେତେଦୂର ଯୁକ୍ତିଯୁକ୍ତ ଯେ ମୋ ବିବାହ କରିଦେଲେ ମୋ ଭଉଣୀମାନେ ବି ଭଲ ଘରେ ବିବାହ କରିବେ ? କେମିତି ବୁଝାଇବି ଯେ ବିବାହ ମୋ ଜୀବନର ଲକ୍ଷ୍ୟ ନୁହେଁ ? ମୋ ପରିବାର ପାଇଁ କିଛି କରିବା ମୋ ଜୀବନର ଉଦ୍ଦେଶ୍ୟ । ଏହାର କିଛି ସମାଧନର ସୂତ୍ର କହିବେ କି ଦୟାକରି ?

**ମୋନାଲି ରଣା,** ରେମୁଣା, ବାଲେଶ୍ୱର

**ସମାଧାନର ସୂତ୍ର**

ତୁମ ଭବିଷ୍ୟତ ବିଷୟରେ ତୁମେ ଯାହ ଭାବିଛ ତାହା ସମ୍ପୂର୍ଣ୍ଣ ଭାବରେ ଠିକ୍ । ପୁଅ ହେଉ ବା ଝିଅ ହେଉ ବାହାଘରଟା ଜୀବନର ଲକ୍ଷ୍ୟ ନୁହେଁ । ବହୁତ ଶିକ୍ଷିତ ପୁଅ ଝିଅ ବାହା ହୋଇ ନାହାନ୍ତି କିନ୍ତୁ ସମାଜର ଅତି ଉଚ୍ଚ ସ୍ଥାନରେ ରହି ଅନ୍ୟମାନଙ୍କର ପ୍ରଶଂସାର ପାତ୍ର ହୋଇଛନ୍ତି । ବନ୍ଧୁବାନ୍ଧବ ତଥା ଶୁଭେଚ୍ଛୁ ଲୋକମାନେ ତାଙ୍କର ନିଜସ୍ୱ ବିଚାର ଅନୁସାରେ ତୁମକୁ ବାହାଘର ପାଇଁ ପରାମର୍ଶ ଦେବେ । ସେଥିରେ ତୁମେ ଆଦୌ ବିଚଳିତ ହୁଅ ନାହିଁ କିମ୍ବା ସେମାନଙ୍କୁ ତୁମର ନିଜସ୍ୱ ବିଚାର ବିଷୟରେ ବୁଝାଇବାର ଆବଶ୍ୟକତା ନାହିଁ । ପ୍ରତ୍ୟେକ ମଣିଷ ନିଜର ଭବିଷ୍ୟତର ଦାୟିତ୍ୱ ନିଜେ ନେବା ଜରୁରୀ । ଏଣୁ ତୁମେ ନିଜ ମନକୁ ଦୃଢ କରି ନିଜର ସିଦ୍ଧାନ୍ତରେ ଅଟଳ ରୁହ । କାହାକୁ କିଛି ବୁଝେଇବା ଦରକାର ନାହିଁ । ଯଦି ନିଜେ ଠିକ୍ ଭାବରେ ବୁଝି ପାରିଛ ତେବେ ସେ ଅନୁସାରେ କାମ କର । ତୁମର ଯୋଗ୍ୟତା ଅନୁଯାୟୀ ତୁମେ ଚାକିରି ଖୋଜିବାରେ ବିଳମ୍ୱ କର ନାହିଁ । ଯେଉଁ କାମ ତୁମକୁ ଭଲ ଲାଗୁଛି ସେହିଭଳି କାମଟିଏ ଖୋଜ । ନଚେତ ନିଜର ମନ ମୁତାବକ ଅନ୍ୟ କିଛି କାମ କରି ପାରିବ । ସ୍ୱାବଲମ୍ବୀ ହେବା ପାଇଁ ଦୃଢମନା ଲୋକମାନେ ବହୁତ କିଛି କାମ କରି ପାରୁଛନ୍ତି । ଅନେକ ଝିଅ ଟ୍ୟୁସନ୍ ଆରମ୍ଭ କରି ପରେ ନିଜର କୋଚିଙ୍ଗ୍ ସେଂଟରଟିଏ ବି କରି ପାରୁଛନ୍ତି । ତୁମେ ଚାରି ଭଉଣୀ ଚାରି ପୁଅଙ୍କ ଠାରୁ ବି ମୂଲ୍ୟବାନ । ଖାଲି ଭାବିଲେ ହେବ ନାହିଁ । କାମରେ କରି ଦେଖାଇବାକୁ ହେବ । ଆଶା କରୁଚି ତୁମେ ଆଉ ଡେରି ନ କରି ନିଜ ପାଇଁ ଚାକିରିଟିଏ ଖୋଜିବ ଅବା ନିଜର କିଛି ବୃତ୍ତି ଆରମ୍ଭ କରିବ । ଆତ୍ମବିଶ୍ୱାସ ଥିଲେ ସବୁ ସମ୍ଭବ ।

**ସମସ୍ୟା: ୨**

ମୁଁ ଜଣେ ବ୍ୟବସାୟୀ । ମୋର ବିବାହକୁ ୫ ବର୍ଷ ହେଲା । ଆମର ଗୋଟିଏ ପୁଅ ୨ ବର୍ଷର । ବାହାଘର ପୂର୍ବରୁ ମୋର ବ୍ୟବସାୟ ଭଲ ଚାଲୁଥିଲା । ମୋ ପାଖରେ ସବୁ କିଛି ଥିଲା । ବାହାଘରର କିଛି ବର୍ଷ ବହୁତ ଭଲରେ କଟିଗଲା । ଧୀରେ ଧୀରେ ମୋ ବ୍ୟବସାୟରେ କ୍ଷତି ହେବାକୁ ଲାଗିଲା । ମୁଁ ବ୍ୟବସାୟକୁ ବଂଚାଇବା ପାଇଁ ବହୁତ ଜାଗାରୁ କରଜ କରିବାରେ ଲାଗିଲି । ବର୍ତ୍ତମାନ ପର୍ଯ୍ୟନ୍ତ ସେସବୁ ସମ୍ପୂର୍ଣ୍ଣ ଭାବରେ ଶୁଝି ପାରିନି । ଏପଟେ ମୋ ସ୍ତ୍ରୀ ସବୁବେଳେ ଅଭିଯୋଗ କରୁଛନ୍ତି ଯେ ମୁଁ ତାଙ୍କର ଆବଶ୍ୟକତା ପୂରଣ କରି ପାରୁନାହିଁ । କାରଣ ମୋ ପାଖରେ ଟଙ୍କା

**ସମସ୍ୟା ପଠାଇବାର ଠିକଣା**

ଡ. ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଆଳୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

ନାହିଁ । ଦିନକୁ ଦିନ ତାଙ୍କର ମାନସିକ ଅଶାନ୍ତି ବଢ଼ିବାରେ ଲାଗିଛି । ସେ ଏବେ ପ୍ରାୟ ସମୟ ତାଙ୍କ ବାପଘରେ ରହୁଛନ୍ତି । ତାଙ୍କ ମାଆବାପା ତାଙ୍କୁ ମୋ ଠାରୁ ଅଲଗା ହୋଇଯିବା ପାଇଁ ଶିଖାଉଛନ୍ତି । ମୁଁ ଯେତେ ବୁଝାଇଲେ ମଧ୍ୟ ସେ ଶୁଣୁ ନାହାନ୍ତି । ଏସବୁ ପରିସ୍ଥିତିକୁ ନେଇ ମୁଁ ବି ସବୁବେଳେ ମାନସିକ ଅଶାନ୍ତିରେ ରହୁଛି । ବ୍ୟବସାୟକୁ ବଂଚାଇବାକୁ ଚେଷ୍ଟା କରିବି ନା ନିଜ ପରିବାରକୁ ଏକାଠି କରି ରଖିବି । ମୋତେ କିଛି ବୁଦ୍ଧିବାଟ ଦେଖା ଯାଉନି । ଉପାୟ ବତାନ୍ତୁ ।

**ସନାତନ ବେହେରା,** ସମ୍ବଲପୁର

**ସମାଧାନର ସୂତ୍ର**

କଥାରେ ଅଛି ଅର୍ଥ ହିଁ ସବୁ ଅନର୍ଥର ମୂଳ କାରଣ । ଅର୍ଥ ଅଭାବରେ ଅନେକ ପରିବାରରେ ଅଶାନ୍ତି ସୃଷ୍ଟି ହୋଇଛି । ଭାଇ ଭାଇ ଭିତରେ, ବାପ ପୁଅ ଭିତରେ ଏପରିକି ବନ୍ଧୁବାନ୍ଧବମାନଙ୍କ ଭିତରେ ସମ୍ପର୍କ ବି ତୁଟି ଯାଇଛି । ଆପଣଙ୍କର ସ୍ତ୍ରୀ ଓ ଆପଣଙ୍କ ମଧ୍ୟରେ ଅର୍ଥର ଅଭାବ ଯୋଗୁଁ ସମ୍ପର୍କରେ ତିକ୍ତତା ଆସି ଯାଇଛି ବୋଲି ଆପଣ ଭାବୁଛନ୍ତି ଓ ସେଥିପାଇଁ ମନଦୁଃଖ କରୁଛନ୍ତି । ଏହା କିଛି ନୂଆ ନୁହେଁ । ଏଭଳି ସମସ୍ୟା ଅନେକ ପରିବାରରେ ଦେଖାଯାଏ । ଏହି ପରିସ୍ଥିତିରେ ମନଦୁଃଖ କରି ଭାଙ୍ଗି ପଡ଼ିଲେ ଏହାର ସମାଧାନ ଆଦୌ ସମ୍ଭବ ହୋଇପାରିବ ନାହିଁ । ଆପଣ ଯାହା ଲେଖିଛନ୍ତି ତାହା ଆପଣଙ୍କର ନିଜସ୍ୱ ମତାମତ । କିନ୍ତୁ ଯଦି ଆମେ ଆପଣଙ୍କର ସ୍ତ୍ରୀଙ୍କର ମତାମତ ନେବା ହୁଏତ ସିଏ କିଛି ଭିନ୍ନ ମତ ଦେଇପାରନ୍ତି । କାରଣ ଏକ ନର୍ଦ୍ଦିଷ୍ଟ ଘଟଣାକୁ ବିଭିନ୍ନ ଲୋକ ତାଙ୍କ ନିଜସ୍ୱ ଦୃଷ୍ଟିଭଙ୍ଗୀରେ ହିଁ ଦେଖିଥାନ୍ତି । ଏଣୁ ଅନେକ ସମୟରେ ଆମେ ଘଟଣାର ଠିକ୍ କାରଣଟା ସହଜରେ ଜାଣି ପାରୁନା । ଫଳରେ ସମସ୍ୟାର ସମାଧାନ ବି ହୋଇପାରେନି । ମୋ ଜାଣିବାରେ ଆପଣ ବ୍ୟବସାୟରେ ବ୍ୟସ୍ତ ରହି ସ୍ତ୍ରୀଙ୍କୁ ଯେତିକି ସମୟ ଦେବା କଥା ହୁଏତ ସେତିକି ସମୟ ଦେଇ ପାରୁ ନାହାନ୍ତି । ସ୍ତ୍ରୀଙ୍କର ଯେ କେବଳ ଅର୍ଥର ଆବଶ୍ୟକତାଟା ସବୁ ଅଶାନ୍ତିର ମୂଳ କାରଣ ହୋଇ ନ ପାରେ । ତାହା ଭାବିବା ମଧ୍ୟ ଆଦୌ ଉଚିତ ନୁହେଁ । ସ୍ତ୍ରୀଟିଏ ସ୍ୱାମୀ ଠାରୁ ନିଜ ପାଇଁ କିଛିଟା ସମୟ, ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଚାହିଁଥାଏ । ଦୁଇପଦ ମିଠା କଥାରେ ହିଁ ରାଗିଥିବା ସ୍ତ୍ରୀଟିଏ ସବୁ ଭୁଲିଯାଏ । ନିଶ୍ଚିତ ଭାବରେ ବୋଧହୁଏ ଆପଣ ଏସବୁ ଦେବାରେ ଅବହେଳା କରିଛନ୍ତି । ଯେଉଁଥିପାଇଁ କି ଆପଣଙ୍କ ସ୍ତ୍ରୀ ବାପଘରକୁ ଚାଲି ଯାଉଛନ୍ତି । ଦିନଯାକ ଘରେ ଏକା ରହିବା ଦ୍ୱାରା ସ୍ତ୍ରୀଙ୍କର ବି ମାନସିକ ଚାପ ବଢି ଯାଉଛି । ତେଣୁ ଆପଣ ଯଦି ସ୍ତ୍ରୀଙ୍କୁ ଆପଣଙ୍କ ବ୍ୟବସାୟରେ ହେଉ ଅବା ଅନ୍ୟ କେଉଁଠାରେ ହେଉ, କୌଣସି ପ୍ରକାର କାମ କରିବା ପାଇଁ ସୁଯୋଗ ଦେବେ ତେବେ ସେ ଆଉ ଅଶାନ୍ତି ହେବେ ନାହିଁ । ଜଣେ ବ୍ୟକ୍ତି କାମରେ ବ୍ୟସ୍ତ ରହିଲେ ସବୁ ପ୍ରକାର ମାନସିକ ଅଶାନ୍ତି ଭୁଲିଯିବ । ସ୍ତ୍ରୀଙ୍କର ଦୋଷ କାଢିବା ପରିବର୍ତ୍ତେ ତାଙ୍କ ପାଖକୁ ଯାଇ ନିଜର ଦୋଷ ମାନି ବନ୍ଧୁତ୍ୱର ହାତ ବଢାନ୍ତୁ । ସେ ହିଁ ଆପଣଙ୍କର ସୁଖ ଦୁଃଖର ସାଥୀ । ଏଣୁ ଆପଣ ଆଉ ଡେରି ନକରି ସ୍ତ୍ରୀଙ୍କୁ ଘରକୁ ନେଇ ଆସନ୍ତୁ । ଆପଣଙ୍କ ବ୍ୟବସାୟରେ ତାଙ୍କର ସହଯୋଗ ପାଇଁ ତାଙ୍କୁ ଅନୁରୋଧ କରନ୍ତୁ । ଆର୍ଥିକ ଅଭାବରୁ ମୁକ୍ତି ପାଇବା ପାଇଁ ସ୍ତ୍ରୀଙ୍କର ସାହାଯ୍ୟ ନିଅନ୍ତୁ ଦେଖିବେ ଆପଣଙ୍କ ଘରେ ପୁଣିଥରେ ହସଖୁସିର ସମୟ ଆସିଯିବ ।

**ସମସ୍ୟା : ୩**

ଗ୍ରାଜୁଏସନ୍ ଶିକ୍ଷା ସାରି ମୁଁ ଏକ ଘରୋଇ କଂପାନିରେ ଆଠ ବର୍ଷ ହେଲା ଚାକିରି କରୁଛି । କିନ୍ତୁ ମୋର କୌଣସି ପଦୋନ୍ନତି ହେଉ ନାହିଁ । ଯେତେ କାମ କଲେ ମଧ୍ୟ ମୋର ଉପର ଅଫିସର୍ ମୋ ଉପରେ ସବୁବେଳେ ଅସନ୍ତୁଷ୍ଟ । ସବୁ କାମରେ ସେ କିଛି ନା କିଛି ଭୁଲ୍ କାଢ଼ିଥାନ୍ତି । ଏପରିକି ସେ ବିଭିନ୍ନ ପ୍ରକାର ଖରାପ ଭାଷା ମଧ୍ୟ ପ୍ରୟୋଗ କରିଥାନ୍ତି । ତାଙ୍କର ଚିଡ଼ଚିଡା ସ୍ୱଭାବ, ଛୋଟ ଛୋଟ କଥାରେ ରାଗ, ବହୁ ବଡ଼ ପାଟି କରି ଚିଲ୍ଲାଇବା ଦ୍ୱାରା ମୁଁ ଭୟଭୀତ ହୋଇଯାଏ । କିଛି କହିପାରେ ନାହିଁ । ଏସବୁ ଧୀରେ ଧୀରେ ମୋତେ ମାନସିକ ସ୍ତରରେ କ୍ଷତି ପହଂଚାଉଛି । ଯାହାକି ମୋର ପାରିବାରିକ ଅଶାନ୍ତି ମଧ୍ୟ ବଢାଉଛି । ଏବେ ମୋ ସହିତ କିଛି ନୂଆ ପିଲା ଆସି କାମ କରୁଛନ୍ତି । ଯେଉଁମାନେ କି ମୋ ଠାରୁ ଅଧିକ ପାଠ ପଢ଼ିଛନ୍ତି । ବିଭିନ୍ନ ପ୍ରକାରର ପ୍ରଫେସନାଲ୍ କୋର୍ସ କରିଛନ୍ତି । ସେମାନଙ୍କର ବ୍ୟବହାର ଓ କଥାବାର୍ତ୍ତା ମଧ୍ୟ ମୋ ପ୍ରତି ଭଲ ନାହିଁ । ଉପରିସ୍ଥ ଅଫିସରଙ୍କର ମୋ ପ୍ରତି ଏପରି ବ୍ୟବହାର ଦେଖି ସେମାନେ ବି ମୋ ସହିତ ସେହିପରି ବ୍ୟବହାର କରୁଛନ୍ତି । ମୋତେ କାହା ସହିତ ଯୁକ୍ତିତର୍କ ବା ଖରାପ ବ୍ୟବହାର କରିବାକୁ ଭଲ ଲାଗେ ନାହିଁ । ତେଣୁ ମୁଁ ସବୁବେଳେ ଚୁପ୍ ରହୁଛି । ତଥାପି ଏସବୁ ବନ୍ଦ୍ ହେଉନି । ତେଣୁ ମୁଁ କଣ କରିବି ।

**ସନ୍ଦୀପ ବସ୍ତିଆ,** ନୟାଗଡ଼

**ସମାଧାନର ସୂତ୍ର**

ସରକାରୀ ଅବା ଘରୋଇ କଂପାନିରେ ଏହିଭଳି ସମସ୍ୟା ପ୍ରାୟ ସବୁ ସ୍ଥାନରେ ରହିଛି । ଆଜିକାଲି ମଣିଷପଣିଆର ମୂଲ୍ୟବୋଧ ବହୁ ପରିମାଣରେ କମି ଗଲାଣି । ଲୋକମାନେ ପାଠଶାଠ ପଢି ଭଲ ପଦବୀରେ ରହି ଦୁର୍ନୀତି କରୁଛନ୍ତି, ମିଛ

▼ଫଟୋ : ଝରଣା ମଲ୍ଲିକ





ଫଟୋ : ପଣ୍ଡିତ ମୋହନ ଷଡ଼ଙ୍ଗୀ

କହୁଛନ୍ତି, ଏପରିକି କୌଣସି ଅନ୍ୟାୟ କାର୍ଯ୍ୟ କରିବାକୁ ବି କୁଣ୍ଠାବୋଧ କରୁନାହାନ୍ତି । କିନ୍ତୁ ଆମକୁ ବୁଝିବାକୁ ହେବ ଯେ ଆମେ ଅନ୍ୟକୁ ପରିବର୍ତ୍ତନ କରି ପାରିବା ନାହିଁ । ତେଣୁ ବୁଦ୍ଧିମାନର କାମ ହେବ ଯେ ଆମେ ନିଜେ ନିଜକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବା । ତୁମର ଉପର ଅଫିସର୍ ତୁମ ଉପରେ ସବୁବେଳେ ଅସନ୍ତୁଷ୍ଟ ଓ ଖରାପ ଭାଷା ପ୍ରୟୋଗ କରିବାର କିଛି ନା କିଛି କାରଣ ନିଶ୍ଚିତ ଥିବ । ଯଦି ତୁମେ କାମ ଠିକ୍ ରୂପେ କରୁ ନ ଥିବ, ତାହେଲେ ନିଜର କାମରେ ସଂଶୋଧନ କରିବାକୁ ଚେଷ୍ଟା କର । ଯଦି ତୁମେ ତୁମର କାମ ଠିକ୍ ରୂପେ କରୁଛ ତେବେ ତାଙ୍କର ଅସନ୍ତୋଷ ବା ଖରାପ ଭାଷାରେ ବିଚଳିତ ହୁଅ ନାହିଁ । ସେହିପରି ତୁମ ଅଧୀନରେ କାମ କରୁଥିବା ବା ଅଧିକ ପାଠ ପଢିଥିବା ପିଲାମାନଙ୍କ ବ୍ୟବହାରରେ ବିବ୍ରତ ହେବା ଦରକାର ନାହିଁ । ତୁମର ବ୍ୟବହାର ଯଦି ଭଲ ଅଛି ତେବେ ତୁମେ ସେମାନଙ୍କୁ ନମ୍ର ଭାବରେ ଚେତାବନୀ ଦେଇ ପାରିବ । ତାହେଲେ ସେମାନେ ତୁମ ପ୍ରତି ଖରାପ ବ୍ୟବହାର କରିବେ ନାହିଁ । ଉପର ଅଫିସରଙ୍କୁ ମଧ୍ୟ ବିନମ୍ର ଭାବରେ ଅନୁରୋଧ କରିପାରିବ । ଯେ ଆପଣଙ୍କର ବ୍ୟବହାର ଓ କଥାବାର୍ତ୍ତାରେ ମୋତେ କଷ୍ଟ ଦେଉଛି । ମୋ କାମରେ ଯଦି କିଛି ଭୁଲ୍ ଅଛି ତେବେ ମୋତେ ଦଣ୍ଡ ଦେଇ ପାରିବେ । କିନ୍ତୁ ଖରାପ ବ୍ୟବହାର କରନ୍ତୁ ନାହିଁ । ଏହା ସତ୍ୱେ ଯଦି ସେମାନଙ୍କର ବ୍ୟବହାରରେ ପରିବର୍ତ୍ତନ ନ ହୁଏ ଭଲ ହେବ ତୁମେ ସେ ଚାକିରି ଛାଡ଼ି ଦେଇ ଅନ୍ୟ ସ୍ଥାନରେ ଚାକିରି ଖୋଜ । କାରଣ ସ୍ୱାଭିମାନରେ ଆଂଚ୍ ଆସିଲେ ଚଳିବା ଅସମ୍ଭବ ।

**ସମସ୍ୟା: ୪**

ମୁଁ ଜଣେ ବ୍ୟବସାୟୀ । ମୋ ସ୍ତ୍ରୀ, ଗୋଟିଏ ପୁଅ ଓ ଗୋଟିଏ ଝିଅକୁ ନେଇ ମୋର ପରିବାର । ମୋ ପୁଅ ତିନି ବର୍ଷ ହେଲା ବି.ଟେକ୍ ପାସ୍ କରି ଘରେ ବସିଛି । ଏବେ ଯାଏଁ କୌଣସି ସ୍ଥାନରେ ଚାକିରି କରିନାହିଁ । ମୋ ଝିଅ +୨ରେ ପଢୁଛି । ପ୍ରାୟତଃ ମୋର ଦେହ ସବୁବେଳେ ଅସୁସ୍ଥ ରହୁଛି । ମୁଁ ଚାହୁଁଛି ମୋ ପୁଅ ନିଜ ଗୋଡ଼ରେ ଛିଡ଼ା ହେଉ । ମାତ୍ର ସେ ପରିଶ୍ରମ କରିବାକୁ ନାରାଜ୍ । ସେ ସବୁବେଳେ ତା ସାଙ୍ଗସାଥୀଙ୍କ ସହିତ ସମୟ ବିତାଉଛି । ନା ମୋତେ ବ୍ୟବସାୟରେ ସାହାଯ୍ୟ କରୁଛି, ନା ଘର କଥା କିଛି ବୁଝୁଛି । ତାକୁ କିଛି କରିବାକୁ କହିଲେ ସେ ଖାଲି ଚିଡ଼୍‌ଚିଡ଼୍ ହେଉଛି । ଏଥିପାଇଁ ଘରେ ବି ସବୁବେଳେ ଅଶାନ୍ତି ଲାଗି ରହୁଛି । ତାର ଚାକିରି କରିବାରେ କିମ୍ବା ବ୍ୟବସାୟ କରିବାରେ କେଉଁଥିରେ ବି ସାମାନ୍ୟ ଇଚ୍ଛା ଥିଲା ପରି ମତେ ଲାଗୁନି । ମୋତେ ତାର ଭବିଷ୍ୟତ ଅନ୍ଧାର ଭଳି ଦିଶୁଛି । ମୁଁ ଜାଣି ପାରୁନି ତାକୁ କିପରି ବୁଝାଇବି ।

**ସୁକାନ୍ତ ପଟ୍ଟନାୟକ,** ବରହମ୍ପୁର

**ସମାଧାନର ସୂତ୍ର**

କେବଳ ଆପଣଙ୍କ ପରିବାରରେ ନୁହେଁ ଆଜିକାଲି ଅଧିକାଂଶ ପରିବାରରେ ପୁଅ ବା ଝିଅ ନିଜର ଭବିଷ୍ୟତ ବିଷୟରେ ସଚେତନ ନୁହଁନ୍ତି । ଏଥିପାଇଁ ଅଧିକାଂଶ ପରିମାଣରେ ବାପାମାଆ ହିଁ ଦାୟୀ । କାରଣ ବାପାମାଆ ମାନେ ଗୋଟିଏ ପୁଅ ବୋଲି ପିଲାଦିନରୁ ଅତି ଗେଲ ବସରରେ ବଢାଇ ସେମାନଙ୍କୁ ଏକ ଆରାମଦାୟକ ଜୀବନ ଦେଇଥାନ୍ତି । ଜୀବନଯନ୍ତ୍ରଣା, କଷ୍ଟ, ପରିଶ୍ରମ ଏସବୁ ତାଙ୍କୁ ଅନୁଭବ କରିବାକୁ ଦିଅନ୍ତି ନାହିଁ । ବାପାଙ୍କ ଟଙ୍କାରେ ଭଲ ଖାଇ, ଭଲ ପିନ୍ଧି, ଭଲ ମୋବାଇଲ୍ ଫୋନ୍ ଧରି ଯିଏ ଆରାମ କରୁଛି ସେ କାହିଁକି ପରିଶ୍ରମ କରିବ । ଏହିପରି ଖାମ୍‌ଖିଆଲି ଜୀବନ କଟାଉଥିବା ପିଲାଟି ଆଜି ଆପଣଙ୍କ କଥା କାହିଁକି ଶୁଣିବ ବା ମାନିବ । ଏବେ ହଠାତ୍ ଆପଣ ତାକୁ ଆୟତ୍ତ କରିବାକୁ ଚାହିଁଲେ ବି ପାରିବେନି । ତେଣୁ ତା ସହିତ କିଛି ଯୁକ୍ତି ନକରି ଆପଣ ଚୁପ୍ ରୁହନ୍ତୁ । ଆପଣ ଓ ଆପଣଙ୍କ ସ୍ତ୍ରୀ ନିଜ ଭିତରେ ବୁଝାମଣା କରି ପୁଅକୁ ନମ୍ରଭାବରେ ଜଣାଇ ଦିଅନ୍ତୁ ଯେ ଆପଣ ଆଉ ତା ପାଇଁ କୌଣସି ପ୍ରକାରର ଖର୍ଚ୍ଚ ବହନ କରି ପାରିବେ ନାହିଁ । ଏଥିରେ ସେ ରାଗିଯାଇ ଘର ଛାଡ଼ି ଚାଲିଯିବା ପାଇଁ ଧମକ ଦେଇପାରେ ଅବା ଆତ୍ମହତ୍ୟା କରିବାକୁ ଡରାଇପାରେ । ଏଥିରେ ଆପଣ ଆଦୌ ବିଚଳିତ ନ ହୋଇ ଚୁପ୍ ରୁହନ୍ତୁ । ଦେଖିବେ ଧୀରେ ଧୀରେ ତା ଭିତରେ ବି ପରିବର୍ତ୍ତନ ଆସିବ । କାରଣ ଆପଣଙ୍କ ଭିତରେ ପରିବର୍ତ୍ତନର ପ୍ରଭାବ ତା ଉପରେ ନିଶ୍ଚିତ ପଡ଼ିବ । ଭୁଲ୍‌ରେ ବି ଆପଣ ଆପଣଙ୍କ ଘରର ଏହି ସମସ୍ୟା ଅନ୍ୟ କାହା ପାଖରେ ଆଲୋଚନା କରିବେ ନାହିଁ । କିମ୍ବା କେହି ଯଦି ପଚାରେ ଆପଣ ହସି କରି ସେ କଥାକୁ ଆଡେଇ ଦେବେ । ଏହିପରି ପ୍ରତିକାର କଲେ ନିଶ୍ଚିତ ପରିସ୍ଥିତିରେ କିଛିଟା ପରିବର୍ତ୍ତନ ଆସିପାରେ ।




ଚିତ୍ର : ସଞ୍ଜୟ କୁମାର ରାଉତ

# ॥ ୬ ॥
# ସିଂହ ଓ ଠେକୁଆ କଥା



**ଡକ୍ଟର ବିବୁଧରଂଜନ**
ତଳମାଳି ସାହି, ପୁରୀ
ଫୋନ : ୯୯୩୭୬୪୯୮୯୪

ଗୋଟିଏ ଜଙ୍ଗଲରେ ଭାସୁରକ ନାମରେ ସିଂହଟିଏ ରହୁଥିଲା । ଖୁବ୍ ବଳଶାଳୀ ହୋଇଥିବା କାରଣରୁ ସିଂହ ଜଙ୍ଗଲର ମୃଗ, ହରିଣ, ଠେକୁଆ ଆଦି ପଶୁମାନଙ୍କୁ ପ୍ରତିଦିନ ମାରି ଭୋଜନ କରୁଥିଲା । ଗୋଟିଏ ଦିନ ଜଙ୍ଗଲର ସମସ୍ତ ପଶୁଗଣ ଗୋଟିଏ ସଭା କରି ନିଷ୍ପତି ନେଲେ ଯେ ଭାସୁରକ ସିଂହକୁ ଏକ ପ୍ରସ୍ତାବ ଦିଆଯିବ ଯେ- ପ୍ରତ୍ୟେକ ଦିନ ତା ପାଖକୁ ଗୋଟିଏ ଲେଖାଏଁ ପଶୁ ତାର ଭୋଜନ ପାଇଁ ପଠାଇ ଦିଆଯିବ । ତେଣୁ ମନଇଚ୍ଛା ପଶୁମାନଙ୍କୁ ବଧ କରିବାରେ ଆଉ ଆବଶ୍ୟକତା ରହିବ ନାହିଁ । ସିଂହ ପାଖକୁ ଏହି ପ୍ରସ୍ତାବ ଯିବା ମାତ୍ରକେ ସିଂହ ବହୁତ ଖୁସୀ ହେଲା । ସେ କହିଲା କିନ୍ତୁ କୌଣସି ଦିନ ଯଦି ତା ଗୁମ୍ଫା ପାଖକୁ କୌଣସି ପଶୁ ଆସି ନ ପହଞ୍ଚିବ ତେବେ ସେ ମନଇଚ୍ଛା ପଶୁ ମାନଙ୍କୁ ହତ୍ୟା କରିବ । ସିଂହର ଧମକରେ ପଶୁକୁଳ ପ୍ରତିଦିନ ପାଳିକରି ସେମାନଙ୍କ ଭିତରୁ ଜଣ ଜଣ କରି ସିଂହ ପାଖକୁ ତାର ଭୋଜନ ପାଇଁ ପଠାଇବାରେ ଲାଗିଲେ ।

ଏହି କ୍ରମରେ ଗୋଟିଏ ଦିନ ଏକ ଠେକୁଆର ପାଳି ପଡ଼ିଲା । ନିଶ୍ଚିତ ମୃତ୍ୟୁର ଭୟରେ ଜଡ଼ସଡ଼ ହୋଇ ବିଚରା ଠେକୁଆ ଜଙ୍ଗଲ ଭିତରେ ଯିବାବେଳେ ଗୋଟିଏ କୂଅ ଦେଖିଲା । କୂଅ ଉପରେ ଚଢ଼ି ପାଣି ଭିତରକୁ ଅନାଇବା ମାତ୍ରକେ ଠେକୁଆ ନିଜର ଛାଇକୁ ପାଣି ଭିତରେ ଦେଖି ମନକୁ ମନ ଭାବିଲା ଦୁଷ୍ଟ ସିଂହକୁ ଏହି କୂଅ ପାଖକୁ ଆଣି ପାଣି ଭିତରେ ଆଉ ଏକ ସିଂହ ଅଛି ବୋଲି କହି ତାରି ଛାଇକୁ ଦେଖାଇ କୂଅ ଭିତରେ ଗଳାଇ ପାରିଲେ କେମିତି ହୁଅନ୍ତା ? ଏହି ଉପାୟ ମନେ ମନେ ପାଞ୍ଚି ହଲି ଦୋହଲି ଖୁବ୍ ଡେରିରେ ଠେକୁଆ ଯାଇ ପହଞ୍ଚିଲା ସିଂହର ଗୁମ୍ଫା ପାଖରେ । ସେତେବେଳକୁ ଭୋକରେ ସିଂହର ହଂସା ଉଡ଼ିଲାଣି । ଠେକୁଆକୁ ଏତେ ବିଳମ୍ବରେ ପହଞ୍ଚିବାର ଦେଖି କ୍ରୋଧରେ ଲାଲ୍ ପଡ଼ି ସିଂହ ଗର୍ଜନ କରି କହିଲା, "ହଇରେ ମେଞ୍ଚଡ଼ ଠେକୁଆ, ତୋତେ ଖାଇଲେ ବି ମୋ ପେଟ ପୁରିବ ନାହିଁ । ସେଥିରେ ପୁଣି ତୁ ଏତେ ଡେରିରେ ଆସି ପହଞ୍ଚୁଛୁ !" ଠେକୁଆ ସିଂହର ଭୟଙ୍କର ରୂପ ଦେଖି ବଡ଼ ବିନୟର ସହ ପ୍ରଣାମ କରି କହିଲା, "ସ୍ୱାମୀ, ଏଥିରେ ମୋର କୌଣସି ଦୋଷ ନାହିଁ । କଥା କଣ କି, ଗୋଟିଏ ଠେକୁଆ ଖାଇଲେ ଯେହେତୁ ଆପଣଙ୍କର ପେଟ ପୁରିବ ନାହିଁ ତେଣୁ ଆଜି ପଶୁମାନେ ଆପଣଙ୍କ ପାଇଁ ପାଞ୍ଚୋଟି ଠେକୁଆ ପଠାଇଥିଲେ । ହେଲେ ଜଙ୍ଗଲ ଭିତରେ ଆସିବା ବେଳେ ଆମ ବାଟ ଓଗାଳି ଠିଆ ହେଲା ଆଉ ଏକ ବଳଶାଳୀ ସିଂହ । ଆମକୁ କହିଲା: ତୁମେ ପାଞ୍ଚ ଜଣ କୁଆଡ଼େ ଯାଉଛ ? ମୁଁ ବର୍ତ୍ତମାନ ତୁମ ସଭିଙ୍କୁ ମାରି ଖାଇବି । ମୁଁ ତାକୁ କହିଲି : ଆମେ ଆମ ଜଙ୍ଗଲର ରାଜା ଭାସୁରକ ସିଂହଙ୍କ ପାଖକୁ ତାଙ୍କର ଭୋଜନ ପାଇଁ ଯାଉଛୁ । ଏ କଥା ଶୁଣି ସେହି ସିଂହଟି କହିଲା : ମୁଁ ଭାସୁରକ ସିଂହ କିଏ ଜାଣି ନାହିଁ । ମୁଁ ହେଉଛି ଏ ଜଙ୍ଗଲର ରାଜା । ତୁମର ଯାହା କହିବାର କଥା ମୋତେ କୁହ । ଭାସୁରକ ହେଉଛି ଚୋର । ବଦମାସ । ତୁମ ଭିତରୁ ଚାରିଜଣ ମୋ ପାଖରେ ରୁହ । ଆଉ ଜଣେ ଯାଇ ସେ ଭାସୁରକ ସିଂହକୁ ମୋ ପାଖକୁ ଡାକି ଆଣ । ମୁଁ ତାଙ୍କୁ କଞ୍ଚା ଖାଇଯିବି ।" ଏତକ କଥା କହିଦେଇ ଠେକୁଆ ସିଂହକୁ ଚାହିଁ ରହିଲା ।

ଠେକୁଆର କଥା ଶୁଣି ସିଂହ ଆଉ ଠେକୁଆକୁ ଖାଇବ କଣ ରାଗରେ ପାଚି ଲାଲ୍ ପଡ଼ିଗଲା । କହିଲା, "ଠେକୁଆ, ଶୀଘ୍ର ମୋତେ ନେଇ ଚାଲ ସେ ବଦମାସ ସିଂହ ପାଖକୁ । ମୁଁ ତା ବେକମୋଡ଼ି ରକ୍ତ ନପିଇବା ଯାଏଁ ଶାନ୍ତିରେ ରହି ପାରିବି ନାହିଁ ।" ଠେକୁଆ ମନେ ମନେ ଭାବିଲା ତାର ପାଞ୍ଚିଥିବା ଉପାୟ କାମ କରୁଛି । ମଥା ନୁଆଁଇ ଠେକୁଆ କହିଲା, "ସ୍ୱାମୀ, ମୋ ପଛେ ପଛେ ଆସନ୍ତୁ । ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ଯୁଦ୍ଧ କରିବା ତ ଆପଣଙ୍କ



ପରି ବୀରର ଧର୍ମ ଅଟେ ।" ଠେକୁଆ ଆଗେ ଆଗେ ଚାଲିଲା । ପଛେ ପଛେ ସିଂହ । ଆସି ପହଞ୍ଚିଗଲେ ସେହି କୂଅ ମୂଳରେ । କୂଅକୁ ଦେଖେଇ ଠେକୁଆ କହିଲା, "ମହାରାଜ, ଏହି କୂଅ ଭିତରରେ ସେହି ଦୁଷ୍ଟ ସିଂହ ଲୁଚି ବସିଛି ।" କ୍ରୋଧରେ ଗର୍ଜନ ଛାଡ଼ି, ଲାଙ୍ଗୁଡ଼ ବାଡ଼େଇ ସିଂହ ଚଢ଼ିଗଲା କୂଅ ଉପରେ । କୂଅ ଭିତରକୁ ଯେମିତି ଅନେଇ ଦେଇଛି ପାଣି ଭିତରେ ତାରି ମୁହଁର ଛାଇ ଦିଶିଲା । ମୂର୍ଖ ସିଂହ ଭାବିଲା ପାଣି ଭିତରେ ଆଉ ଏକ ସିଂହ ଲୁଚିଛି ବୋଲି । ଗୋଟାଏ ହେଣ୍ଟାଳ ଛାଡ଼ି ସିଂହ କୁଦି ପଡ଼ିଲା ପାଣି ଭିତରକୁ । ଆଉ ସେହି କୂଅ ଭିତରେ ପାଣିରେ ବୁଡ଼ି ଭାସୁରକ ସିଂହ ମରିଗଲା । ସିଂହ ମରିଗଲା ପରେ ଠେକୁଆ ତା ଘରକୁ ଫେରିଗଲା । ଠେକୁଆର ବୁଦ୍ଧିରେ ଦୁଷ୍ଟ ସିଂହର ମୃତ୍ୟୁ ଖବର ଶୁଣି ଜଙ୍ଗଲର ସମସ୍ତ ପଶୁ ଆନନ୍ଦରେ ନାଚି ଉଠିଲେ । ସେହିଦିନ ଠାରୁ ଖୁସିରେ ରହିଲେ ।

କାହାଣୀ ଶୁଣାଇ ସାରି ବିଲୁଆ ଦମନକ ତାର ବନ୍ଧୁ ବିଲୁଆ କରଟକକୁ କହିଲା, "ମୁଁ ସେହି ସକାଶେ କହୁଛି ଯେ ବଳୁଆ ହେଉଛି ସିଏ ଯାହା ପାଖରେ ବୁଦ୍ଧିର ବଳ ରହିଥାଏ । ତେଣୁ ତୁ ଯଦି କହିବୁ ତେବେ ମୁଁ ମୋର କୁଟବୁଦ୍ଧି ପ୍ରୟୋଗ କରି ସିଂହ ପିଙ୍ଗଳକ ଏବଂ ବଳଦ ସଂଜୀବକ ମଧ୍ୟରେ ଶତ୍ରୁତା ସୃଷ୍ଟି କରି ଦେଇ ପାରିବି । ମୈତ୍ରୀଭେଦ ବିନା ଆମ କାମ ହୋଇ ପାରିବ ନାହିଁ । ବିଲୁଆ କରଟକ ଠାରୁ ପ୍ରେରଣା ପାଇ ଦମନକ ଯାଇ ପହଞ୍ଚିଲା ସିଂହ ପିଙ୍ଗଳକ ପାଖରେ । ସିଂହ ବିଲୁଆ ଦମନକକୁ ବସିବାକୁ କହି ପଚାରିଲା, "କିରେ ତୋର ତ ବହୁତ ଦିନ ହେଲା ଦେଖା ସାକ୍ଷାତ ନଥିଲା ।"

ଦମନକ: "ସ୍ୱାମୀ ! ଆପଣଙ୍କର ଆମ ପାଖରେ ଆଉ କୌଣସି ପ୍ରୟୋଜନ ନାହିଁ ତେଣୁ ଆଉ ଆସିବାରେ କ'ଣ ଲାଭ ଅଛି ? ତଥାପି ଆପଣଙ୍କର ହିତ ପାଇଁ ମୁଁ ଆଜି ଆସିଛି । ହିତକଥା ବିନା ଆଗ୍ରହରେ ବି କହିଦେବା ଉଚିତ୍ ହୋଇଥାଏ ।" ସିଂହ ପିଙ୍ଗଳକ କହିଲା, "ଦମନକ ତୋର ଯାହା କହିବାର କଥା ତୁ କହ । ମୁଁ ତୋତେ ଅଭୟ ବଚନ ଦେଉଛି ।

ଦମନକ: "ସ୍ୱାମୀ ! ବଳଦ ସଂଜୀବକ ଆପଣଙ୍କର ଆଦୌ ମିତ୍ର ନୁହେଁ । ଶତ୍ରୁ । ଗୋଟିଏ ଦିନ ସେ ମୋତେ ଏକାନ୍ତରେ କହିଲା ଯେ ଆପଣ ଖୁବ୍ ଦୁର୍ବଳ । ସେ ଆପଣଙ୍କୁ ଜୀବନରେ ମାରି ଦେଇ ଏ ଜଙ୍ଗଲର ରାଜା ହେବ ଏବଂ ମୋତେ ତାର ମନ୍ତ୍ରୀ କରି ରଖିବ ।" ବିଲୁଆ ମୁହଁରୁ ଏପରି କଥା ଶୁଣି ସିଂହ ଆଦୌ ବିଶ୍ୱାସ କରି ପାରିଲା ନାହିଁ । ବଳଦ ସଂଜୀବକ ତାର ସବୁଠାରୁ ବିଶ୍ୱସ୍ତ ବନ୍ଧୁ । ବିଲୁଆ ମନେ ମନେ ଭାବିଲା ଯେଉଁ ରାଜା ଏଇମିତି ନିଜ ମନ୍ତ୍ରୀର ବଶତା ସ୍ୱୀକାର କରିଯାଏ ସେ ନଷ୍ଟ ହୋଇଯାଏ । ସିଂହ ପିଙ୍ଗଳକ କହିଲା, "ଦମନକ, ବଳଦ ସଂଜୀବକ ହେଉଛି ମୋର ସବୁଠାରୁ ବିଶ୍ୱାସଯୋଗ୍ୟ ଚାକର । ସେ ମୋର ଶତ୍ରୁ ହୋଇ ପାରିବ ନାହିଁ ।" ଏ କଥା ଶୁଣି ଦମନକ କହିଲା, "ସ୍ୱାମୀ, ଆଜି ଯିଏ ବିଶ୍ୱାସର ପାତ୍ର କାଲି ସିଏ ବିଶ୍ୱାସଘାତକ ହୋଇ ଯାଇପାରେ । ରାଜା ହେବାର ଲୋଭ ମନକୁ ଚଞ୍ଚଳ କରିଦିଏ । ଏଥିରେ ନୂଆ କଥା କିଛି ନାହିଁ ।"

ପିଙ୍ଗଳକ: "ଦମନକ, ତଥାପି ମୋ ମନରେ ବଳଦ ସଂଜୀବକ ପାଇଁ କୌଣସି ଦ୍ୱେଷ ଭାବନା ନାହିଁ । ଅନେକ ଦୋଷ ଥିଲେ ମଧ୍ୟ ପ୍ରିୟଜନଙ୍କୁ ତ୍ୟାଗ କରାଯାଇ ପାରେ ନାହିଁ । ଯିଏ ପ୍ରିୟ, ସେ ସର୍ବଦା ପ୍ରିୟ ହୋଇ ରହିଥାଏ ।"

ଦମନକ: "ସ୍ୱାମୀ, ଏହା କିନ୍ତୁ ରାଜ୍ୟ ଶାସନ ପାଇଁ ଠିକ୍ ନୁହେଁ । ଯାହାକୁ ଆପଣ ସ୍ନେହ ଦେବେ ସେ ଆପଣଙ୍କର ସ୍ନେହର ପାତ୍ର ହୋଇଯିବ । ଏହା ଆପଣଙ୍କର ଉଦାରତା । ଏଥିରେ ସେ ବଳଦର କିଛି ନାହିଁ । ଆପଣ ବୋଧହୁଏ ଭାବୁଛନ୍ତି ଯେ ସେହି ହୃଷ୍ଟପୁଷ୍ଟ ବଳଦ ସଂଜୀବକ ଶତ୍ରୁ ସଂହାରରେ ଆପଣଙ୍କର



ସହାୟକ ହେବ ବୋଲି । ତାହା ଭୁଲ୍ ଧାରଣା । ସେ ହେଲା ଘାସ ପତ୍ର ଖାଇବା ପ୍ରାଣୀ । ଆପଣ ହେଲେ ମାଂସାହାରୀ । ସେ ଆପଣଙ୍କର କୌଣସି କାର୍ଯ୍ୟରେ ଆସିବ ନାହିଁ । ସେ ଆପଣଙ୍କୁ ଧୋକା ଦେଇ ଏ ଜଙ୍ଗଲର ରାଜା ହେବା ପୂର୍ବରୁ ଉଚିତ୍ ହେବ ଷଡ଼ଯନ୍ତ୍ର କରି ତାକୁ ଆପଣ ମାରି ଦିଅନ୍ତୁ । ଦୁଷ୍ଟ ବୁଦ୍ଧି ରଖିଥିବା ତାହାକୁ ବି କ୍ଷମା କରିବା ରାଜନୀତି ଦୃଷ୍ଟିରୁ ମୂର୍ଖତା ଅଟେ । ବଳଦର ମୋହରେ ପଡ଼ି ଆପଣ ରାଜଧର୍ମ ଭୁଲି ଗଲେଣି । ଜଙ୍ଗଲର ଅନ୍ୟାନ୍ୟ ପଶୁକୁଳ ଆପଣଙ୍କୁ ଆଉ ଭଲ ପାଉ ନାହାନ୍ତି । ତେଣୁ ମୁଁ କହୁଛି ସଂଜୀବକ ବଳଦକୁ ଆପଣ ତୁରନ୍ତ ମାରି ଦିଅନ୍ତୁ । ନାଇଁ ଯଦି ଆପଣ ନିଜ ଜ୍ଞାତିକୁଟୁମ୍ବଙ୍କୁ ଛାଡ଼ି ପରଙ୍କୁ ନିଜର କରିବେ ତେବେ ଆପଣଙ୍କର ସେହି ଦଶା ହେବ ଯାହା ଚଣ୍ଡରବ ଭାଗ୍ୟରେ ଆସିଥିଲା ।" ବଳଦ ସଂଜୀବକ ବିରୁଦ୍ଧରେ ମିଛସତ କହି ବିଲୁଆ ଦମନକ ସିଂହ ପିଙ୍ଗଳକ ମନରେ ସଂଜୀବକ ପ୍ରତି ସଂଦେହ ଅବିଶ୍ୱାସର ବିଷମଂଜି ବୁଣିଦେଲା ।

ଦମନକ ଠାରୁ ସବୁକଥା ଶୁଣି ସିଂହ କହିଲା, "ତୁ ଏବେ ଯେଉଁ ଚଣ୍ଡରବ କଥା କହିଲୁ ତାହା ପୁଣି କ'ଣ ?" ଦମନକ କହିଲା, "ସ୍ୱାମୀ ତେବେ ଶୁଣନ୍ତୁ ଶୃଗାଳ ଚଣ୍ଡରବର କାହାଣୀ ।

# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।



# ଅଙ୍ଗଦାନ ସବୁଠାରୁ ପୁଣ୍ୟତମ ଦାନ




**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**

ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କ୍ ରୋଡ୍, କଟକ - ୧୨
ଫୋନ : ୯୪୩୭୦୫୫୦୦୭



ଫଟୋ ସୌଜନ୍ୟ : ଗୁଗୁଲ୍


ଥରଟିଏ ଦୁର୍ଲଭ ମନୁଷ୍ୟ ଜନ୍ମପାଇଁ କୋଟି କୋଟି ବର୍ଷ ତପସ୍ୟା କରିବାକୁ ପଡ଼ିଥାଏ । ଦେବତା ମାନେ ମଧ୍ୟ ବାରମ୍ବାର ମନୁଷ୍ୟ ରୂପନେଇ ନିଜର ଲୀଳାଖେଳା ପାଇଁ ଏ ପୃଥିବୀରେ ଜନ୍ମ ଗ୍ରହଣ କରିଥାନ୍ତି, ଏବଂ 'ଜାତସ୍ୟଂହି ଧ୍ରୁବଂ ମୃତ୍ୟୁ' ଭଳି ମୃତ୍ୟୁବରଣ କରିଥାନ୍ତି । କେହି ଏ ମର୍ତ୍ତରେ ଅମର ନୁହନ୍ତି । ଯଥାର୍ଥରେ କବିଙ୍କ ଭାଷାରେ -

*କେହି ରହିନାହିଁ ରହିବ ନାହିଁଟି, ଭବରଙ୍ଗ ଭୂମି ତଳେ*
*ସର୍ବେ ନିଜ ନିଜ ଅଭିନୟ ସାରି, ବାହୁଡିବେ କାଳବଳେ ॥*

ମଣିଷ ସିନା ନିଜେ ଅମର ହୋଇ ରହିପାରେନାହିଁ, କିନ୍ତୁ ନିଜର ଅଙ୍ଗଦାନ ଦ୍ୱାରା ସେ ବଞ୍ଚିରହେ କାଳ କଳାନ୍ତର ଯାଏ । ଦାନଠାରୁ ବଳି ପୁଣ୍ୟ ଜିନିଷ ଏ ଧରାରେ ଆଉ କିଛି ନାହିଁ । ପୃଥିବୀରେ ଅନେକ ଦାନୀ ଅଛନ୍ତି, ଯାହାଙ୍କୁ ଇତିହାସ ଏ ଯାଏଁ ଭୁଲିନାହି, ଏବଂ ସେମାନେ 'ମହାଦାନୀ'ର ଆଖ୍ୟା ପାଇଛନ୍ତି । ଦାନକଥା ପଢ଼ିଲେ ଆଖି ଆଗରେ ଭାସିଉଠେ ମହାଦାନୀ ହରିଶ୍ଚନ୍ଦ୍ର, କର୍ଣ୍ଣ ଏବଂ ବଳୀ ରାଜାଙ୍କ କଥା ଯିଏ ଅକାତରରେ ନିଜର ଧନରତ୍ନ, ରାଜ୍ୟ, ରାଜପଣ ପରିତ୍ୟାଗ କରି ଭିକାରୀ ପାଲଟି ଯାଇଥିଲେ । ମହାଦାନୀ କର୍ଣ୍ଣ ନିଜ କବଚକୁଣ୍ଡଳ ମଧ୍ୟ ଦାନ କରି ଦେଇଥିଲେ । ତେବେ ଜୀବନଦାନ ଠାରୁ ବଳି ପୁଣ୍ୟ ଆଉ କିଛି ଏ ଦୁନିଆଁରେ ନାହିଁ । ରକ୍ତଦାନ ଯେ ଭଳି ବିପଦରେ ପଡ଼ିଥିବା ଗୁରୁତର ରୋଗୀକୁ ବଞ୍ଚାଇଥାଏ, ସେହିଭଳି ଅଙ୍ଗଦାନ, ଅନେକ ମୁମୂର୍ଷୁ ରୋଗୀଙ୍କୁ ଜୀବନଦାନ ଦେଇ ବଞ୍ଚିବାର ଏକ ନୂତନ ରାସ୍ତା ଦେଖାଇଦିଏ ।

ନିକଟରେ ମା' ଟିଏ ତା'ର ଏକ ମାତ୍ର ସନ୍ତାନକୁ ଦୁର୍ଘଟଣାରେ ହରାଇ ଶୋକର ଶୀର୍ଷତମ ମୁହୂର୍ତ୍ତରେ ନିଜ ପୁଅର ଅଙ୍ଗଦାନ କରିବା ପାଇଁ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲା ଏବଂ ଅଙ୍ଗଦାନ ପରେ ଜୀବିତ ବ୍ୟକ୍ତିମାନଙ୍କ ମୁହଁର ଧାରେ ହସ ତା' ମନରୁ ପୁତ୍ର ଶୋକର କ୍ଲେଶ ଲାଘବ କରିଦେଇ ପାରିଥିଲା । ଆମେରିକାର ପ୍ରସିଦ୍ଧ ମେୟୋ କ୍ଲିନିକ୍‌ରେ ହୃଦ୍‌ପ୍ରତିରୋପଣ ବିଭାଗରେ କାର୍ଯ୍ୟ କରିଥିବା ତଥା ବର୍ତ୍ତମାନ ଚିକାଗୋ ହୃଦ୍‌ବକ୍ଷଶଲ୍ୟ ବିଭାଗରେ କାର୍ଯ୍ୟରତ, ହୃଦ୍‌ବକ୍ଷଶଲ୍ୟ ଚିକିତ୍ସକ ଡ଼ଃ ସିଦ୍ଧାର୍ଥ ଷଡ଼ଙ୍ଗୀ କହନ୍ତି, " ପାଶ୍ଚାତ୍ୟଦେଶ ଅଙ୍ଗଦାନ ଓ ଅଙ୍ଗରୋପଣ ପାଇଁ ଯେତିକି ସଚେତନ, ଆମ ଦେଶରେ ସେ ସଚେତନତା ନାହିଁ । ଆମ ଦେଶରେ ମଧ୍ୟ ଅନେକ ହସ୍‌ପିଟାଲ୍‌ରେ ଅଙ୍ଗଦାନ ଓ ଅଙ୍ଗ ପ୍ରତିରୋପଣର ସୁବିଧା ନାହିଁ ଏବଂ ଅଙ୍ଗଦାନକୁ ନେଇ ଲୋକମାନଙ୍କ ମନରେ ଏବେ ବି ସଚେତନତାର ଅଭାବ ରହିଛି ।" ଦକ୍ଷିଣ ଭାରତର ଚେନ୍ନାଇ, ମଦୁରାଇ ଏବଂ ବିଶାଖାପାଟଣା ଅଙ୍ଗ ପ୍ରତିରୋପଣ କେନ୍ଦ୍ରଭାବେ ସୁପ୍ରତିଷ୍ଠିତ, ଏବଂ ସେଠି ହୃତ୍‌ପିଣ୍ଡ ଠାରୁ ଆରମ୍ଭ କରି ଅନେକ ଅଙ୍ଗ ରୋପଣ କରାଯାଉଛି । ଆସ୍ତେ ଆସ୍ତେ ଭାରତର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଏଥିପାଇଁ ଉଦ୍ୟମ ଜାରି ରହିଛି ।






brain+death+testing

ତେବେ ସମସ୍ତେ ଜାଣି ରଖିବା ଉଚିତ୍ ଯେ, କୌଣସି ବ୍ୟକ୍ତିକୁ ମୃତବୋଲି ଘୋଷଣା କରାଯିବା ପରେ ବି (ବ୍ରେନ୍ ଡେଥ୍ ବା' ମସ୍ତିଷ୍କ ମୃତ୍ୟୁ ) ତା'ର ଶରୀର ସଂପୂର୍ଣ୍ଣ ଭାବରେ ନଷ୍ଟ ହୋଇନଥାଏ । ତା'ର ହୃଦ୍‌ସ୍ପନ୍ଦନ ବା' ହାର୍ଟବିଟ୍ ଚାଲିଥାଏ, ଏବଂ ମେକାନିକାଲ୍ ଭେଣ୍ଟିଲେସନ୍ ଦ୍ୱାରା ସବୁ ମୁଖ୍ୟ ଅଙ୍ଗ ଜୀବିତ ଓ କାର୍ଯ୍ୟକ୍ଷମ ହୋଇ ରହିଥାଏ । ତା'ର କେତେକ ଅଙ୍ଗ ଅନ୍ୟ ବ୍ୟକ୍ତିକୁ ଜୀବନଦାନ କରିପାରିବାର କ୍ଷମତା ରଖିଥାଏ ।

## ଅଙ୍ଗଦାନ କ'ଣ ?

ବ୍ରେନ୍‌ଡେଥ୍ ହୋଇଯାଇଥିବା କୌଣସି ବ୍ୟକ୍ତିଙ୍କ ଶରୀରରୁ ବିଶେଷ ପଦ୍ଧତିରେ ପ୍ରୟୋଜନୀୟ ଅଙ୍ଗ ବ୍ୟବଚ୍ଛେଦ କରି ଅନ୍ୟଜଣେ ଜୀବିତ ରୋଗୀଙ୍କ ଶରୀରରେ ପ୍ରତିରୋପଣ କରିବା ପଦ୍ଧତିକୁ ହିଁ "ଅଙ୍ଗଦାନ" କୁହାଯାଏ । ଆଜିକାଲି ଚିକିତ୍ସା ବିଜ୍ଞାନ ବା' ଗବେଷଣା ପାଇଁ ଏବଂ ମଣିଷ ଶରୀର ବିଷୟରେ ଟିକିନିଖି ଜାଣିବା ପାଇଁ ଯେଉଁମାନେ ନିଜ ମୃତଦେହକୁ ମେଡିକାଲ୍ କଲେଜ ବା' ଚିକିତ୍ସା ଗବେଷଣା ପ୍ରତିଷ୍ଠାନକୁ ଦାନ କରନ୍ତି, ତାକୁ "ଶରୀର ଦାନ" କୁହାଯାଏ । ଭାରତ କାହିଁକି ଓଡିଶାରେ ମଧ୍ୟ ଅନେକ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ନିଜ ଶରୀର ଦାନ କରିବା ପାଇଁ ଆଗେଇ ଆସିଲେ ଯେ, ଜଣେ ଜୀବିତ ବ୍ୟକ୍ତି ଗୋଟିଏ କିଡ୍‌ନି, ଲିଭରର କିଛି ଅଂଶ, ରକ୍ତ, ତ୍ୱଚା ଓ ଗୋଟିଏ କର୍ଣ୍ଣିଆ ଦାନ କରିପାରୁଥିବାବେଳେ, ଗୋଟିଏ ବ୍ରେନ୍ ଡେଥ୍ ହୋଇଥିବା ବ୍ୟକ୍ତି ଗୋଟିଏ ହୃତ୍‌ପିଣ୍ଡ, ଦୁଇଟି ଫୁସ୍‌ଫୁସ୍, ଦୁଇଟି କିଡ୍‌ନି, ଲିଭର



*Brain-Death-Image*




ଓ ଅଗ୍ନ୍ୟାଶୟ (ପ୍ୟାନ୍‌କ୍ରିଆଜ୍) ଦାନ କରିପାରିବେ, ଏବଂ ଜଣେ ମୃତବ୍ୟକ୍ତି, କର୍ଣ୍ଣିଆ, ତ୍ୱଚା ଓ ଶରୀର ଦାନ କରିପାରିବେ ।

## ବ୍ରେନ୍ ଡେଥ୍‌ର କେତେ ସମୟ ମଧ୍ୟରେ ଅଙ୍ଗ ପ୍ରତିରୋପଣ ସମ୍ଭବ

ବ୍ରେନ୍‌ଡେଥ୍ ହୋଇଥିବା ଅଙ୍ଗଦାତା ମୃତ୍ୟୁର ୪ ଘଣ୍ଟା ମଧ୍ୟରେ, ହୃତ୍‌ପିଣ୍ଡ, ଫୁସ୍‌ଫୁସ୍ ଓ ଅଗ୍ନ୍ୟାଶୟ, ୧୨ ଘଣ୍ଟା ମଧ୍ୟରେ ଲିଭର୍, ୨୪-୨୮ ଘଣ୍ଟା ମଧ୍ୟରେ କିଡ୍‌ନି, ଏବଂ ଅନ୍ତନାଳୀ ପ୍ରତିରୋପଣ ପାଇଁ ଅଙ୍ଗଦାନ କରିପାରିବେ । ସଦ୍ୟମୃତ ବ୍ୟକ୍ତିଙ୍କ ଶରୀରରୁ କର୍ଣ୍ଣିଆ, ହାର୍ଟର ଭଲ୍‌ଭ, ଅସ୍ଥି (ବୋନ୍) ଓ ତ୍ୱଚା (ସ୍କିନ୍ ) ମଧ୍ୟ ପ୍ରତିରୋପଣ ସମ୍ଭବ । ଆଜିକୁ ୬୦ ବର୍ଷ ତଳେ ୨୩ ଡିସେମ୍ବର ୧୯୫୪ ରେ ଆମେରିକୀୟ ଶଲ୍ୟ ଚିକିତ୍ସକ ଜୋସେଫ୍ ମାରେ କିଡ୍‌ନି ପ୍ରତିରୋପଣ କରି ନୋବେଲ୍ ପୁରସ୍କାର ପାଇଥିଲେ ।

## ବୟସ

ଅଙ୍ଗଦାନ ପାଇଁ କୌଣସି ବୟସ ନାହିଁ । ଜଣକର ବୟସ ଯାହା ହେଉନା କାହିଁକି ପ୍ରତିରୋପଣ ଯୋଗ୍ୟ ଅଙ୍ଗ ସୁସ୍ଥ ସ୍ୱାଭାବିକ ଭାବେ କାମ କରୁଥିଲେ ଅଙ୍ଗଦାନ ସମ୍ଭବ, ବୟସ, ଲିଙ୍ଗ, ଜାତି, ସଂପ୍ରଦାୟ ଓ ରୋଗ ଇତିହାସ ନିର୍ବିଶେଷରେ ସମସ୍ତେ ଅଙ୍ଗଦାନ କରିପାରିବେ । ଯେଉଁମାନେ ପ୍ରାପ୍ତ ବୟସ୍କ ସେମାନେ ନିଜେ ସ୍ୱୀକୃତି ଦେବେ, ଏବଂ ବାପା, ମାଆଙ୍କ ସ୍ୱୀକୃତି ନେଇ ପିଲାମାନେ ବି ଅଙ୍ଗଦାନ ପାଇଁ ସମ୍ମତି ଦେଇପାରିବେ । ଅନେକେ ଭାବନ୍ତି ଯେ, ବୟସ ହୋଇଗଲେ ଆଉ ଅଙ୍ଗଦାନ ସମ୍ଭବ ନୁହେଁ, ତେବେ ଯେକୌଣସି ଅଙ୍ଗ ଠିକ୍ କାର୍ଯ୍ୟକ୍ଷମ ହୋଇଥିଲେ, ତାହା ଦାନ କରାଯାଇପାରିବ । ଏଥିରେ କୌଣସି ରୋଗ ବାଧକ ନୁହେଁ, କେବଳ ଏଚ.ଆଇ.ଭି; କ୍ୟାନ୍‌ସର୍ ଆଦି କିଛି ରୋଗ ବ୍ୟତୀତ ଅନ୍ୟକ୍ୱଚିତ୍ ରୋଗ, ପ୍ରତିରୋପଣରେ ବାଧକ ହୁଅନ୍ତି । ତେତେ ନିର୍ଦ୍ଦିଷ୍ଟ ଡାକ୍ତରୀ ନିୟମ ଅନୁଯାୟୀ ଏହାର ନିଷ୍ପତ୍ତି ନିଆଯାଏ । ଅଙ୍ଗ ଗୁଡ଼ିକ ମୃତବ୍ୟକ୍ତିଙ୍କ ଦେହରୁ କାଢି ନିଆଯିବାପରେ, ଶରୀର ବିକୃତ ହୋଇଯାଏ ନାହିଁ । ମୃତ ଶରୀର ଯେପରି ଅପରିବର୍ତ୍ତିତ ରହିବ, ଏବଂ ମୃତବ୍ୟକ୍ତି ଅଙ୍ଗଦାନ ଯୋଗୁଁ ଯେପରି ବିକୃତ ନ ଦିଶିବେ, ସେଥିପାଇଁ ଯଥେଷ୍ଟ ଗୁରୁତ୍ୱ ଆରୋପ କରାଯାଏ । କି ଧନୀ କି ନିର୍ଦ୍ଧନ, କି ସାଧାରଣ କି ଅସାଧାରଣ, ଅଙ୍ଗଦାନ କ୍ଷେତ୍ରରେ ସମସ୍ତଙ୍କୁ ସମାନ ଅଧିକାର ଦିଆଯାଇଥାଏ ।

ଅଙ୍ଗଦାନ ସବୁଠାରୁ ମହତ୍ତର ଦାନ । ନଶ୍ୱର ଏ ମରଦେହର ମୃତ୍ୟୁପରେ ମଧ୍ୟ ଆମ ଆଖିର ଜୀବନ୍ତ କୋଷ ଅନ୍ୟ ଜଣେ ଅନ୍ଧ ଲୋକର ଆଖିରେ ପ୍ରତିରୋପଣ କରାଯାଇ ତାକୁ ଦୃଷ୍ଟିଶକ୍ତି ଦେବ, ସ୍ପନ୍ଦିତ ହେଉଥିବା ଆମ ହୃତ୍‌ପିଣ୍ଡ, କିଡ୍‌ନି, ଲିଭର୍, ଫୁସ୍‌ଫୁସ୍ ଆଦି ଆଉ ଜଣଙ୍କ ଦେହରେ ପ୍ରତିରୋପଣ କରାଯାଇ ତାକୁ ଆଉ କିଛି ବର୍ଷ ବଞ୍ଚିବା ପାଇଁ ସକ୍ଷମ କରିପାରିବ ଏବଂ ସେ, ସୁସ୍ଥ ଜୀବନଶୈଳୀ ମଧ୍ୟ ନିର୍ବାହ କରିପାରିବ । ଏହିଭଳି ଆମ ମୃତ୍ୟୁପରେ ମଧ୍ୟ ଆମେ ବଞ୍ଚିରହିବା ଅନେକ ବର୍ଷ ଧରି । ମାନବତାର ହିତ ପାଇଁ କାମ କରିବା ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ ଓ ଉତ୍ତର ଦାୟିତ୍ୱ ମଧ୍ୟ । ଏବେ ସମୟ ଆସିଛି ଅଙ୍ଗଦାନ କରିବା ପାଇଁ, ଏବଂ ତେବେ ଆସନ୍ତୁ ସମସ୍ତେ ମିଶି ଅଙ୍ଗଦାନ ପରି ପୁଣ୍ୟତମ ଦାନ ପାଇଁ ସଂକଳ୍ପ ବଦ୍ଧହେବା ଏବଂ ସମସ୍ତଙ୍କୁ ଏଥିପାଇଁ ସଚେତନ କରାଇବା ।

# ସୁନ୍ଦରୀର ନାଆଁ ଶୀତଲ୍ ସାହୁ



ଶୀତଲ୍ ସାହୁ

**ଡମ୍ବରୁଧର ପଟ୍ଟନାୟକ**

ସାହିତ୍ୟାୟନ, କୋପରେଟିଭ୍ କଲୋନୀ, ୨ୟ ଗଳି,
ରାୟଗଡ଼- ୭୬୫୦୦୧
ଫୋନ : ୯୪୩୮୬୧୦୮୧୧



ଏଫ୍.ବି.ବି. କଲର୍ସ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଭାଗନେବା ଓ ନିଜ ରାଜ୍ୟ ପାଇଁ ପ୍ରଥମ ହେବାର ସ୍ୱପ୍ନ ସବୁ ପ୍ରତିଯୋଗୀ ଦେଖିଥାନ୍ତି । କାରଣ ରାଜ୍ୟରେ ପ୍ରଥମ ହେଲେ ଜାତୀୟ ସ୍ତରର ପ୍ରତିଯୋଗିତା ପାଇଁ ପଥ ପରିଷ୍କାର ହୁଏ । ଠିକ୍ ଏପରି ଏକ ସ୍ୱପ୍ନକୁ ସାକାର କରିଛନ୍ତି ଓଡ଼ିଶାର ଶୀତଲ ସାହୁ । ରାୟଗଡ ଜିଲ୍ଲା ଗୁଣପୁର ସହରର ସୁନ୍ଦରୀ ତରୁଣୀ ଶୀତଲ୍ । ପିତା ଜୀବନ ସାହୁ ଓ ମାତା ସ୍ୱପ୍ନାରାଣୀ ଅଧିକାରୀ । ଶୀତଲ୍‌ଙ୍କ ଜନ୍ମ ୩୦ ମଇ ୧୯୯୭ରେ । ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିରରୁ ୮ମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ସେ ଗୁଣପୁର ଶହୀଦ ଲକ୍ଷ୍ମଣ ନାୟକ ମେମୋରିଆଲ ସ୍କୁଲ୍‌ରୁ ମାଟ୍ରିକ୍ ପାଶ୍ କରିଥିଲେ । ତାପରେ ଜୁପିଟର୍ ମହାବିଦ୍ୟାଳୟ, ଭୁବନେଶ୍ୱରରୁ +୨ ଶିକ୍ଷା ଶେଷ କରି ସେ ବୁର୍ଲା ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରୁ ବି.ଟେକ୍ କରନ୍ତି । ଏହାପରେ ଏକ ଘରୋଇ କଂପାନୀରେ ସଫ୍ଟୱେର୍ ଇଂଜିନିୟର୍




▲ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେଉଥିବାର ମୁହୂର୍ତ୍ତ

ଭାବେ ଚାକିରି ପାଇ ନଭି ମୁମ୍ବାଇରେ ନିଜର କର୍ମମୟ ଜୀବନ ଆରମ୍ଭ କରନ୍ତି ମିସ୍ ଶୀତଲ୍ ସାହୁ । ମାଆଙ୍କ ପ୍ରେରଣା ତାଙ୍କୁ ଏପରି ଶୀର୍ଷରେ ପହଂଚାଇଥିବା କଥା ସ୍ୱୀକାର କରନ୍ତି ଶୀତଲ୍ । ଇଚ୍ଛା ଥିଲା ଆଇ.ଏ.ଏସ୍. ହେବାକୁ । କିନ୍ତୁ ସୂଚନା ଓ ପ୍ରଯୁକ୍ତି ବିଜ୍ଞାନର ଡିଗ୍ରୀ ପାଇଁ ସେ ସେଥିରୁ ବଂଚିତ ହେଲେ । କିନ୍ତୁ କିଛି ବିସ୍ମୟକର କରି ଦେଖାଇବାର ନିଶା ତାଙ୍କୁ ଫେସନ୍ ଜଗତ ଆଡକୁ ଟାଣି ଆଣିଲା । ଏଥିପାଇଁ ବାପାମାଆଙ୍କ ତରଫରୁ ତାଙ୍କୁ ମିଳିଥିଲା ପର୍ଯ୍ୟାପ୍ତ ସ୍ୱାଧୀନତା।

ମାଆଙ୍କ ପ୍ରେରଣା ଓ ଦିଗ୍‌ଦର୍ଶନ ତାଙ୍କୁ ଲକ୍ଷ୍ୟ ଦିଗରେ ଆଗେଇ ନେଲା ଏବଂ ନିଜର ଏକାଗ୍ରତା, ପ୍ରବଳ ଇଚ୍ଛାଶକ୍ତି ଓ ପ୍ରଗାଢ ପ୍ରୟାସ ଯୋଗୁଁ ସେ ଆଜି ସଫଳତା ଅର୍ଜନ କରିବା ସହ ଓଡିଶା ପାଇଁ ଆଣିଛନ୍ତି ଗୌରବ । ଝିଅର କୃତିତ୍ୱରେ ପରିବାରରେ ଖୁସିର ଲହରୀ । ବିଶେଷ କରି ମାଆ ସ୍ୱପ୍ନାରାଣୀ ଅଧିକ ଖୁସି । କାରଣ ସେ ପିଲାବେଳୁ ଶୀତଲ୍‌ଙ୍କ ଭିତରେ ଏଭଳି ଏକ ଗୁଣ ଦେଖିଥିଲେ ଯାହା ତାଙ୍କୁ ଅବଶ୍ୟ ଦିନେ ଶୀର୍ଷ ସ୍ଥାନରେ ପହଂଚାଇବ ବୋଲି ସେ ସ୍ଥିର ନିଶ୍ଚିତ ଥିଲେ । ତାଙ୍କର ସେ ଆକଳନ ଆଜି ସତ ହୋଇଛି ବୋଲି ସେ ଗର୍ବର ସହ କହନ୍ତି ।

ନିଜର ବ୍ୟକ୍ତିତ୍ୱକୁ କେଉଁଭଳି ଭାବେ ବ୍ୟକ୍ତ କରିବେ ପ୍ରଶ୍ନର ଉତ୍ତରରେ



ଶୀତଲ କହନ୍ତି, "ମୁଁ ଅତ୍ୟନ୍ତ ବନ୍ଧୁଭାବାପନ୍ନ ଓ ସରଳ ପ୍ରକୃତିର ଝିଅ । ମୋ ପିତାମାତା ମୋତେ ଶିଖାଇଛନ୍ତି ନିଜ ଉପରେ ଦୃଢ ବିଶ୍ୱାସ ରଖି ନିଜର ସ୍ୱରକୁ ଦୃଢ ଭାବେ ଉପସ୍ଥାପନ କରିବାକୁ । ସେମାନେ ମୋତେ ଏଇ ପ୍ରତ୍ୟୟ ଦେଇଛନ୍ତି ଯେ ମୁଁ ଯେଉଁ ପ୍ରତିଯୋଗିତାରେ ଭାଗ ନିଏ ସେଥିରେ ଯେମିତି ନିଶ୍ଚିତ ଉତ୍ତୀର୍ଣ୍ଣ ହେବି । ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତା ଟାଇଟଲ୍ ଜିତିବା ପଛରେ ମୋ ପିତାମାତାଙ୍କ ପ୍ରେରଣା ମୋ ଭିତରେ ଆତ୍ମବିଶ୍ୱାସ ଭରି ଦେଇଥିଲା ।"

ଶୀତଲ୍ ସ୍କୁଲ୍ ପଢା ବେଳେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଉଥିଲେ । ବିଶେଷ କରି ଖେଳ ଓ ବକ୍ତୃତାରେ ଭାଗ ନେଇ ସେ ବହୁ ସଫଳତା ଅର୍ଜନ କରିଛନ୍ତି । ଶୀତଲ୍‌ଙ୍କୁ ମୋର ପ୍ରଶ୍ନ ଥିଲା, "ଜଣେ ମହିଳାଙ୍କ ମଧ୍ୟରେ କେଉଁ ତିନିଟି ମୁଖ୍ୟ ଗୁଣ ରହିବା ଉଚିତ ?" ଟିକିଏ ବି ଚିନ୍ତା ନକରି ସେ ଉତ୍ତର ଦେଇ କହିଥିଲେ, "ପ୍ରତ୍ୟେକ ମହିଳାଙ୍କ ମଧ୍ୟରେ ସାହସ, ଆତ୍ମବିଶ୍ୱାସ ଓ ପ୍ରାମାଣିକତା ରହିବା ଉଚିତ । କାରଣ ଏହି ତିନୋଟି କଥା ଜୀବନର ପ୍ରତି ପଦପାତରେ ମହିଳାଙ୍କୁ ପ୍ରତିଷ୍ଠିତ କରାଏ ଏବଂ ସବୁ ସମୟରେ ସୁରକ୍ଷା ଦିଏ ।" ସେହିପରି ପୁରୁଷଙ୍କ ମଧ୍ୟରେ ଥିବା ଯେଉଁ ତିନୋଟି ଗୁଣକୁ ସେ ପସନ୍ଦ କରନ୍ତି ତାହା ହେଲା ସାହସିକତା, ସହାନୁଭୂତି ଓ ଦୟାଭାବ । ଯୁବପିଢିଙ୍କ ପାଇଁ ବାର୍ତ୍ତା ଦେଇ ସେ କହନ୍ତି, "ଯୁବସମାଜ ଆଜିର ଡିଜିଟାଲ୍ ଯୁଗରେ ନିଜକୁ ଆବିଷ୍କାର କରନ୍ତୁ ଏବଂ ନିଜର ଲକ୍ଷ୍ୟ ପ୍ରତି ଦୃଢ ଆସ୍ଥା ଓ ଆତ୍ମବିଶ୍ୱାସ ରଖନ୍ତୁ ।" ଯଦି ଭଗବାନ ବରଟିଏ ଦେବାକୁ ଚାହାନ୍ତି ତାହାହେଲେ ଆପଣ ତାଙ୍କ ଠୁ କ'ଣ ଆଶା କରିବେ ପ୍ରଶ୍ନରେ ସେ ଈଷତ୍ ହସିଲେ ଓ କହିଲେ, "ଜୀବନ ମୋ ଉପରେ ନ୍ୟସ୍ତ କରୁଥିବା ସବୁ ପ୍ରକାର ଆହ୍ୱାନକୁ ସାମ୍ନା କରିବାକୁ ଭଗବାନ





▼ସପରିବାର ଶୀତଲ ସାହୁ


ମୋତେ ବଳ ଦିଅନ୍ତୁ, ଏହା ହିଁ ମାଗିବି ।" ପ୍ରତିଯୋଗୀଙ୍କ ମଧ୍ୟରେ ନିଜର ସ୍ୱତନ୍ତ୍ରତାକୁ କେଉଁ ଶବ୍ଦରେ ବଖାଣିବେ ? କହିଲେ, "ତାହା ହେଉଛି ମୋର ଶୁଦ୍ଧ ପ୍ରାମାଣିକତା । ନିକଟରେ ଦେଖିଥିବା ତାଙ୍କ ପ୍ରିୟ ଚଳଚ୍ଚିତ୍ର ହେଉଛି 'ୱଣ୍ଡର୍ ଓମେନ୍' ଯାହା ତାଙ୍କୁ କନ୍ଦେଇଥିଲା । ସେହିପରି ପ୍ରିୟଙ୍କା ଚୋପ୍ରା ତାଙ୍କର ପ୍ରିୟ ଚଳଚ୍ଚିତ୍ର ଅଭିନେତ୍ରୀ ବୋଲି କହନ୍ତି ମିସ୍ ଶୀତଲ୍ ।

ଅତ୍ୟନ୍ତ ମେଳାପୀ ଶୀତଲ୍ ଶିଶୁମାନଙ୍କୁ ଭାରି ଭଲପାଆନ୍ତି । ସମୟ ମିଳିଲେ ସେ ସ୍କୁଲ୍ ବା ଅନାଥାଶ୍ରମକୁ ଯାଇ ପିଲାମାନଙ୍କ ସହ କିଛି ସମୟ କଟାଇବାକୁ ଏବଂ ସେମାନଙ୍କୁ କିଛି ଶିକ୍ଷାଦେବାକୁ ସୁଖ ପାଆନ୍ତି ।

ଗତ ଏପ୍ରିଲ୍ ୧୩ ତାରିଖରେ କୋଲ୍‌କାତାର ଏସ୍‌ପ୍ଲାନେଡ୍ ମଲ୍ ସ୍ଥିତ ବିଗ୍‌ବଜାରରେ ଅନୁଷ୍ଠିତ ଏଫ୍.ବି.ବି. କଲର୍ସ ଫେମିନା ମିସ୍ ଇଣ୍ଡିଆ-୨୦୧୯ର ଇଷ୍ଟ ଜୋନାଲ୍ କ୍ରାଉନିଂ ପ୍ରତିଯୋଗିତାରେ ଭାଗ ନେଇଥିବା ଓଡ଼ିଶାର ତିନିଜଣଙ୍କ ମଧ୍ୟରୁ ଶୀତଲ୍ ଶ୍ରେଷ୍ଠ ବିବେଚିତ ହେବା ସହ ବିଜୟ ମୁକୁଟ ପିନ୍ଧି ଏହି ଟାଇଟଲ୍ ହାସଲ କରିଛନ୍ତି । ଭାରତର ୩୦ଟି ରାଜ୍ୟର ବହୁ ପ୍ରତିଯୋଗୀଙ୍କ ମଧ୍ୟରୁ ୧୩ଟି ରାଜ୍ୟର ପ୍ରତିଯୋଗୀ ଏହି ଟାଇଟଲ୍ ହାସଲ କରି ଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି । ଏହି ଟାଇଟଲ୍‌ର ଚୟନକର୍ତ୍ତାମାନଙ୍କ ମଧ୍ୟରେ ଥିଲେ ଅଭିନେତ୍ରୀ ତଥା ପୂର୍ବତନ ମିସ୍ ଇଣ୍ଡିଆ ନେହା ଧୁପିଆ, ଇଶା ଗୁପ୍ତା, ଫୁଟ୍‌ବଲ୍ ତାରକା ବାଇଚୁଙ୍ଗ୍ ଭୂଟିଆ, ମଡେଲ୍ ତଥା ଅଭିନେତା ରୋହିତ୍ ଖଣ୍ଡେଲ୍‌ୱାଲ୍, ପ୍ରଯୋଜିକା ତଥା ଅଭିନେତ୍ରୀ ଋତୁପର୍ଣ୍ଣା ସେନଗୁପ୍ତ । ଚଳିତ ଜୁନ୍ ୧୫ ତାରିଖରେ ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଥିବା ଏଫ୍.ବି.ବି. କଲର୍ସ ଫେମିନା ମିସ୍ ଇଣ୍ଡିଆ-୨୦୧୯ ଫାଇନାଲ୍ ରାଉଣ୍ଡରେ ଶୀତଲ୍ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ । ଉଲ୍ଲେଖଯୋଗ୍ୟ ଯେ ଶୀତଲ୍‌ଙ୍କ ଭଳି ୨୦୧୮ରେ ଓଡ଼ିଶାରୁ ଏହି ଟାଇଟଲ୍ ଜିତିଥିଲେ ମିସ୍ ଶ୍ରୁତିକ୍ଷା ନାୟକ ।

ଜୀବନ ବହୁ ପ୍ରତିଯୋଗିତାର ସମାହାର । ତେବେ ଏଇ ପ୍ରତିଯୋଗିତାରେ ଶୀତଲ୍‌ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ତାଙ୍କୁ ଏଫ୍.ବି.ବି. କଲର୍ସ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତା-୨୦୧୯ ଫାଇନାଲ୍‌ରେ ଜିତିବା ନିମନ୍ତେ କାମନା କରିବା ଆମର ଆନ୍ତରିକ ଅଭୀପ୍ସା ହେଉ । ଗୁଣପୁର ବହୁ ଗୁଣୀଜ୍ଞାନୀ ପ୍ରତିଭାଶାଳୀଙ୍କ ଐତିହାସିକ ସହର । ସେମାନଙ୍କ ସହ ପୁଣି ଗୋଟେ ପ୍ରତିଭା ନିଜ ନାଁ ଯୋଡି ଗୁଣପୁରକୁ ବିଶ୍ୱ ମାନଚିତ୍ରରେ ଆହୁରି ପରିଚିତ କରାଇବ, ଏପରି ଏକ ବିମଳ ଆକାଂକ୍ଷା ଆମର କାମ୍ୟ ।

## ବହି ବିଚାର




- ପୁସ୍ତକର ନାମ: **ଚରିତ୍ରର ଚିତ୍ରଖାତା**
- ଲେଖକଙ୍କ ନାମ : **ପ୍ରଦୀପ୍ତ କୁମାର ମହାନ୍ତି**
- ପ୍ରକାଶକଙ୍କ ନାମ : **ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ବାଲେଶ୍ୱର**
- ମୂଲ୍ୟ : ୬୦/-, ପୃଷ୍ଠା : ୭୨

ପୀଡ଼ିତ ମାନବାତ୍ମାର ପ୍ରାଣ ସଙ୍ଗୀତ ପରି ଶୁଭୁଥିବା ଶବ୍ଦର ମୂର୍ଚ୍ଛନା ଓ ମଣିଷର ସ୍ଥିତିବାଦୀ ସ୍ୱପ୍ନ ଓ ସ୍ୱପ୍ନଭଙ୍ଗ ଭିତରେ ବଞ୍ଚିବାର ଗଙ୍ଗାଜଳ ପରି କବି ପ୍ରଦୀପ୍ତ କୁମାର ମହାନ୍ତିଙ୍କ କବିତାଗୁଡ଼ିକ ଏ ପୁସ୍ତକରେ ବେଶ୍ ମୁଖର । କବି ପ୍ରଦୀପ୍ତ ସାହିତ୍ୟର ବିଭିନ୍ନ ଦିଗରେ ଲେଖନୀ ଚାଳନା କରିଥିଲେ ମଧ୍ୟ ନିଜର ପ୍ରାଣକେନ୍ଦ୍ରରେ ସେ ସ୍ଥାପନା କରିଥାନ୍ତି କବି-ଭାବ । ଛଳଛଳ ଓ ନିଷ୍କପଟ ତାଙ୍କ ଶବ୍ଦମାନେ ତାଙ୍କ ପରି ବେଶ୍ କରୁଣ ଓ କେବେ କେବେ ଅସହାୟ । ବଞ୍ଚିବା ପାଇଁ ମଣିଷର ଆଜୀବନ ସଂଗ୍ରାମ ଓ ସଂଘର୍ଷ ଯଦି ପ୍ରଦୀପ୍ତଙ୍କ କାବ୍ୟ-ଶିଢ଼ି ହୁଏ ତେବେ ବଞ୍ଚିରହିବା ହିଁ ତାଙ୍କ ନିୟତି । ସାମ୍ପ୍ରତିକ ସମୟର ସୁଖଦୁଃଖ ଓ କାରୁଣ୍ୟକୁ କବିତାରେ ରୂପ ଦେଇ ସେ ନିଜେ ଚରିତ୍ର ପାଲଟି ଯାଇଥିବା ପରି ମନେହୁଏ । 'ଚରିତ୍ରର ଚିତ୍ରଖାତା' କବିତା ସଙ୍କଳନରେ ଯେଉଁ କବିତା ଗୁଡ଼ିକ ସ୍ଥାନିତ ହୋଇଛି ସେଗୁଡ଼ିକ ପୂର୍ବରୁ ଭିନ୍ନ ଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଶ୍ରଦ୍ଧା ଲାଭ କରିଛି । ତେଣୁ କବି ଭାବରେ ପ୍ରଦୀପ୍ତ ବେଶ୍ ଶ୍ରଦ୍ଧେୟ ଓ ସ୍ୱୀକୃତ । ଯଦିଓ ଅନେକ କବିତାରେ ତାଙ୍କର ଅପରିପକ୍ୱତାକୁ ବାରି ହୁଏ, କିନ୍ତୁ ବେଶ୍ କିଛି କବିତାରେ ସେ ଭାବଟିକୁ ଉଚ୍ଚତର ସୋପାନକୁ ନେଇଯାଇ ସଫଳ ହୋଇଛନ୍ତି । ନିରବତାକୁ ପଥର ଦେହରେ ଆଙ୍କିବାର ସାହସ କେବଳ ପ୍ରଦୀପ୍ତ କରିପାରନ୍ତି । ତେଣୁ ତାଙ୍କର ସଂଗ୍ରାମ ଓ ସଂଘର୍ଷର ଏ କାବ୍ୟଯାତ୍ରା ପାଠକୀୟ ଶ୍ରଦ୍ଧା ପାଉ ବୋଲି ଆମେ ଆଶା କରିବା ।

# ଉପକାରୀ କୋଳଥ



# କୋଳଥ ଡାଲିର ବ୍ୟଞ୍ଜନ

**ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି**

ଫକୀରମୋହନ ନଗର
ବାଲେଶ୍ୱର- ୭୫୬୦୦୧
ଫୋନ୍ : ୮୭୬୩୮୮୮୧୨୦





କୋଳଥ ଏକ ପୁଷ୍ଟିକର ଖାଦ୍ୟ । ପଶ୍ଚିମ ଓଡ଼ିଶାରେ ଏହା ବିଶେଷ ଲୋକପ୍ରିୟ ଏବଂ ସେଠାକାର ଲୋକମାନେ କୋଳଥକୁ ନେଇ ନାନା ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରନ୍ତି । ଆମେ ଏଠାରେ କୋଳଥର ଏକ ବିଶେଷ ବ୍ୟଞ୍ଜନ ପ୍ରସ୍ତୁତ କରୁଛୁ ପାଠକମାନଙ୍କ ପାଇଁ ।

**ଆବଶ୍ୟକ ସାମଗ୍ରୀ :** ୧୫୦ଗ୍ରାମ୍ କୋଳଥ ଡାଲି, ୧୦୦ଗ୍ରାମ ଚାଉଳ ଚୁନା, ୨ଟି ବାଇଗଣ, ୨ଟି ଆଳୁ, ୨-୩ଟି ଟମାଟୋ, ଗୋଟିଏ କି ଦୁଇଟି ସଜନା ଛୁଇଁ, ୨ଟି ଶିମ୍ବ, ୫୦ଗ୍ରାମ୍ କଖାରୁ, ୧ଚାମଚ ସୋରିଷ, ୫୦ଗ୍ରାମ୍ ରସୁଣ, ୨ଚାମଚ ସୋରିଷ ତେଲ ଏବଂ ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ଗ୍ୟାସ୍‌ରେ ପ୍ରେସର୍ କୁକୁର୍ ଦେଇ କୋଳଥକୁ ସିଝାନ୍ତୁ । କୋଳଥ ସିଝିବା ଭିତରେ ପରିବାଗୁଡ଼ିକୁ ଛୋଟ ଛୋଟ ଖଣ୍ଡରେ କାଟି ଧୋଇ ରଖନ୍ତୁ । କୋଳଥ ସିଝି ଆସିଲେ ସେଥିରେ ଏହି କଟା ପରିବାକୁ ପକାନ୍ତୁ ଓ ଗ୍ୟାସ୍‌ର ଆଞ୍ଚ ଅଳ୍ପ ବଢ଼ାଇ ଦିଅନ୍ତୁ । ପରିବା ସବୁ ସିଝିବା ଆରମ୍ଭ କଲେ ଚାଉଳ ଚୁନା ସହିତ ଅଳ୍ପ ପାଣି ମିଶାଇ ପ୍ରସ୍ତୁତ ମିଶ୍ରଣକୁ ସେଥିରେ ପକାନ୍ତୁ ଏବଂ ଧିରେ ଧିରେ ତାକୁ ଘାଣ୍ଟନ୍ତୁ । ଡାଲି ଓ ପରିବା ସମ୍ପୂର୍ଣ୍ଣ ସିଝିଗଲେ ତାକୁ ଓହ୍ଲାଇ ଆଣନ୍ତୁ । ତାପରେ କଡ଼େଇରେ ତେଲ ପକାଇ ଅଳ୍ପ ସୋରିଷ ଏବଂ କଟା ରସୁଣ ପକାଇ ଭାଜନ୍ତୁ । ଏହାପରେ ଏଥିରେ ପ୍ରସ୍ତୁତ ହୋଇ ରହିଥିବା କୋଳଥ ଡାଲି ସିଝାକୁ ମିଶାଇ ଛୁଙ୍କ ଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କ କୋଳଥ ଡାଲି । ଏହାକୁ ଗରମ ଗରମ ପରିଷନ୍ତୁ ।

ମୁଗ, ବିରି ପରି କୋଳଥ ଏକ ଡାଲି ଜାତୀୟ ରବି ଫସଲ । ଏହି ଡାଲି ଯେତିକି ସ୍ୱାଦିଷ୍ଟ ସେତିକି ସ୍ୱାସ୍ଥ୍ୟପ୍ରଦ । ତେବେ ଏହା ପଶୁମାନଙ୍କ ଆହାର ହୋଇଥିବାରୁ ଏହି ଡାଲି ଖାଇବାକୁ କେତେକ ନାପସନ୍ଦ କରିଥା'ନ୍ତି । ତଥାପି ଏହାର ଆଦର କିଛି କମ୍ ନୁହେଁ । ପ୍ରୋଟିନ୍, ଆଇରନ୍ ଏବଂ କାର୍ବୋହାଇଡ୍ରେଟ୍‌ସ୍‌ରେ ଏହା ଭରପୂର । ଏହା ମେଦବହୁଳତା ତଥା ଓଜନ ହ୍ରାସ କରିଥାଏ । ଏଥିରେ ଥିବା ଫାଇବର୍ ରକ୍ତଚାପ ଏବଂ ରକ୍ତଶର୍କରା ନିୟନ୍ତ୍ରଣରେ ସହାୟକ ହୋଇଥାଏ । ମହିଳାମାନଙ୍କ ମାସିକ ସମସ୍ୟାକୁ ଏହା ଦୂର କରେ, ଥଣ୍ଡା ଜ୍ୱରରୁ ମଧ୍ୟ ଆରାମ ଦିଏ । ଆୟୁର୍ବେଦିକ୍ ଔଷଧରେ କୋଳଥର ବିଭିନ୍ନ ପ୍ରୟୋଗ ରହିଛି । ଭାରତରେ ଏହାର ଚାଷବାସ ବେଶ୍ ପୁରୁଣା । ଭାରତରୁ ଏହା ଦକ୍ଷିଣ ପୂର୍ବ ଏସିଆ ଏବଂ ଆଫ୍ରିକା ଯାଇଥିବା କୁହାଯାଏ ।

## ଉପକାରିତା

- କୋଳଥର କାଢ଼ା ପ୍ରସ୍ତୁତ କରି ସେବନ କରିବା ଦ୍ୱାରା ବାତ ସମସ୍ୟା ଦୂର ହୁଏ । ତେବେ ଏହି କାଢ଼ାରେ ଗୋଲମରିଚ ଗୁଣ୍ଡ ପକାଇ ପିଇବା ଦ୍ୱାରା ଗଳା ସମସ୍ୟାରୁ ରକ୍ଷା ମିଳେ ।
- କୋଳଥ ଡାଲି ଖାଇବା ଦ୍ୱାରା ଅନେକ ପେଟରୋଗର ଉପଶମ ହୁଏ ।
- ଏହାର କାଢ଼ାରେ ହେଙ୍ଗୁ ଏବଂ ଶୁଣ୍ଠିଗୁଣ୍ଡ ସହ ସାମାନ୍ୟ ଲୁଣ ମିଶାଇ ସକାଳେ ଏବଂ ସନ୍ଧ୍ୟାରେ ସେବନ କରିବା ଦ୍ୱାରା ପେଟ ଯନ୍ତ୍ରଣା ଦୂର ହୁଏ ।
- ଅତିସାର ଭୋଗୁଥିବା ରୋଗୀଙ୍କ ପାଇଁ କୋଳଥର କଅଁଳିଆ ପତ୍ରର ରସ ଉପକାରୀ ସିଦ୍ଧ ହୋଇଛି ।
- ଶ୍ୱାସରୋଗୀଙ୍କ ପାଇଁ କୋଳଥ ଉପକାରୀ । ଏହାକୁ ପାଣିରେ ଭଲ ଭାବରେ ସିଝାଇ ସେଥିରେ ସାମାନ୍ୟ ସୈନ୍ଧବ ଲବଣ ଏବଂ ହଳଦୀ ମିଶାଇ ତାକୁ ଛାଣି ଶ୍ୱାସରୋଗୀକୁ ପିଇବାକୁ ଦେଲେ ଉପକାର ହୋଇଥାଏ । ଏହା ଦିନକୁ ତିନି ଚାରିଥର ପିଇବା ଦରକାର ।
- କୋଳଥ, ପାଷାଣଭେଦୀ ଏବଂ ଗୋଖାରୁର କାଢ଼ା ପ୍ରସ୍ତୁତ କରି ସକାଳେ ଏବଂ ସନ୍ଧ୍ୟାରେ ପିଇବା ଦ୍ୱାରା କିଛି ସପ୍ତାହ ମଧ୍ୟରେ ପଥରୀ ରୋଗ ଦୂର ହୋଇଥାଏ । ଏହା ପରିସ୍ରା ସହ ଧୀରେ ଧୀରେ ବାହାରି ଆସିଥାଏ । କୋଳଥ ଡାଲି ଖାଇବା ଦ୍ୱାରା ମଧ୍ୟ ପଥରୀ ସମସ୍ୟା ଦୂର ହୁଏ । ଏଥିରେ ଥିବା ଭିଟାମିନ୍-ଏ ପଥରୀକୁ ବାହାରକୁ ବାହାର କରିବାରେ ସହାୟକ ହୋଇଥାଏ ।
- କୋଳଥ ଗଛରେ ରହିଛି ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ । ତ୍ୱଚାରେ ତୈଳକୁ ହ୍ରାସ କରିବା ପୁଣି ପରିସ୍ରା ବୃଦ୍ଧି କରିବାର ଗୁଣ ଏହାର ରହିଛି । ଏହା ତରଳ ଝାଡ଼ା, ହେମ୍‌ରେଜ୍, ହେମୋରଏଡ୍ ପରି ସମସ୍ୟା ଦୂର କରିଥାଏ ।
- କୋଳଥକୁ ଖାଦ୍ୟ ରୂପେ ବ୍ୟବହାର କରିବା ଦ୍ୱାରା ଋତୁକାଳୀନ ଯନ୍ତ୍ରଣା ଏବଂ ଲ୍ୟୁକୋରିୟା ପରି ସମସ୍ୟା ଦୂର ହୁଏ । ଅନିୟମିତ ଋତୁସ୍ରାବ ହେଉଥିଲେ କୋଳଥର ସୁପ୍ ପ୍ରସ୍ତୁତ କରି ପିଇବା ଦ୍ୱାରା ଲାଭ ମିଳିଥାଏ ।
- ଲିଭର୍ ଦୁର୍ବଳ ଥିବା ବ୍ୟକ୍ତି ପାଇଁ କୋଳଥ ଡାଲି ଉପକାରୀ ।
- କିଛି କୋଳଥ ନେଇ ପାଣିରେ ସିଝାନ୍ତୁ । ଏହି ପାଣିର ସେବନ ଜ୍ୱର ରୋଗକୁ ହ୍ରାସ କରେ ।
- କୋଳଥକୁ ଚୂନା କରି ରଖନ୍ତୁ । ସେହି ଚୂନାରୁ ପ୍ରତିଦିନ ଦୁଇ ଚାମଚ ପାଣିରେ ମିଶାଇ ପିଇବା ଦ୍ୱାରା ତ୍ୱଚାରୁ କୁଞ୍ଚନ ଦୂର ହୋଇଥାଏ ।
- ନିୟମିତ କୋଳଥ ଡାଲି ଖାଇବା ଦ୍ୱାରା ମେଦ ହ୍ରାସ ଘଟିଥାଏ । ଦୈନିକ ୧୦୦ ଗ୍ରାମର କୋଳଥ ଡାଲି ଖାଇବା ଦ୍ୱାରା ମାସକ ମଧ୍ୟରେ ମୋଟାପଣ କମିଯାଏ ।
- ଗୋଟେ ଲିଟର ପାଣିରେ ୫୦ ଗାମ କୋଳଥ ମିଶାଇ ତାକୁ ଭଲ ଭାବେ ଫୁଟାନ୍ତୁ । ପାଣି ମରି ମରି ଯେତେବେଳେ ମାତ୍ର ଏକ ଚତୁର୍ଥାଂଶ ପାଣି ରହିବ ତାକୁ ଓହ୍ଲାଇ ଛାଣି ଦିଅନ୍ତୁ । ଏଥିରେ ଆବଶ୍ୟକତା ଅନୁଯାୟୀ ସୈନ୍ଧବ ଲବଣ ଏବଂ ଅଧଚାମଚ ଶୁଣ୍ଠିଚୂନା ପକାନ୍ତୁ । ଏହାକୁ ପିଇବା ଦ୍ୱାରା ବାତଜ୍ୱରରୁ ଆରାମ ମିଳିଥାଏ ।
- ଚିକିତ୍ସା ବିଶେଷଜ୍ଞଙ୍କ ମତରେ ଶ୍ୱାସ ଏବଂ କଫରୋଗରେ କୋଳଥ ସେବନ ଲାଭଦାୟକ ହୋଇଥିଲେ ମଧ୍ୟ ଶ୍ୱାସରୋଗୀର କଫ ଯଦି ଶୁଷ୍କ ହୋଇଯାଏ ତେବେ ଏହା ସେବନ କରିବା ଉଚିତ୍ ନୁହେଁ, କାରଣ ଏହାଦ୍ୱାରା ଅଧିକ କ୍ଷତି ଘଟିଥାଏ । ଗର୍ଭବତୀ ମହିଳା ଓ ଅତ୍ୟଧିକ ଅମ୍ଳ ପୀଡ଼ିତ ବ୍ୟକ୍ତି କୋଳଥ ନଖାଇବା ଉଚିତ୍ ।



naturals
No.1 hair and beauty salon
CREATING TRULY STUNNING BRIDES!

# ଖରାଦିନରେ ଦହି ଫେସିଆଲ୍



**ସସ୍ମିତା ମେହେର**

ବିୟୁଟିସିଆନ୍, ସୋନ୍‌ପୁର,

ଫୋନ : ୯୪୩୭୯୭୭୩୮୭

ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍



ପାର୍ଲର୍ ଯାଇ ଫେସିଆଲ୍ କରୁଥିଲେ ବି, ଆମେ ଆହୁରି ଅଧିକ ଗୋରା ଆଉ ତୋଫା ତ୍ୱଚା ପାଇଁ ଘରୋଇ ଉପାୟରେ ୭ଦିନରେ ଥରେ ଫେସିଆଲ୍ କରିପାରିବା । ଖରାଦିନ ପାଇଁ ଗୋଟିଏ ବଡ଼ ଅପକାରୀ ଫେସିଆଲ୍ ହେଉଛି 'ଦହି ଫେସିଆଲ୍' । ଆଜି ଜାଣିବା ଦହି ଫେସିଆଲ୍ କିପରି କରିବା ଆଉ ତାର ଉପକାରିତା କ'ଣ ?

**ଦହି ଫେସିଆଲ୍ ପାଇଁ ଦରକାରୀ ସାମଗ୍ରୀ**

- କ୍ଲିଞ୍ଜିଙ୍ଗ୍ ପାଇଁ ଗୋଟିଏ ଛୋଟ ଚାମଚ ଦହି ଆଉ କେଇବୁନ୍ଦା ଗୋଲାପ ଜଳ ।
- ସ୍କ୍ରବ୍ କରିବା ପାଇଁ ଗୋଟାଏ ଛୋଟ ଚାମଚ ଦହି ଆଉ ଆଗରୁ ଭିଜା ହୋଇ ରହିଥିବା ଗ୍ରୀନ୍-ଟି ଅଧ ଚାମଚ ।
- ମସାଜ୍ ପାଇଁ ଗୋଟାଏ ଚାମଚ ଦହି ଆଉ ଅଧ ଚାମଚ ମହୁ ।
- ପେକ୍ ପାଇଁ ୨ ଚାମଚ ଦହି, ଅଧ ଚାମଚ ବେସନ୍, ଅଧ ଚାମଚ ହଳଦୀଗୁଣ୍ଡ ।

**ପ୍ରଣାଳୀ :** ପ୍ରଥମେ ଦହି ଆଉ ଗୋଲାପ ଜଳକୁ ଭଲ କରି ମିଶାଇ ୨/୩ ମିନିଟ୍ ଗୋଲ୍ ଗୋଲ୍ ଆକାରରେ ମସାଜ୍ କରି କ୍ଲିଞ୍ଜିଙ୍ଗ୍ କରିବେ । ତା'ପରେ କଟନ୍ (ତୁଳା) ସାହାଯ୍ୟରେ ପୋଛି ଦେବେ । ତା'ପରେ ଦହି ଆଉ ଭିଜା ହୋଇଥିବା ଗ୍ରୀନ୍-ଟିକୁ ଭଲ କରି ମକଚି ଦେଇ ହାଲ୍‌କା ହାତରେ ସ୍କ୍ରବ୍ କରିବେ ଦୁଇ ମିନିଟ୍ । ଏବଂ ପରେ ପରେ ଭଲ କରି ଧୋଇଦେବେ । ମସାଜ୍ ପାଇଁ ଦହି ଆଉ ମହୁକୁ ଭଲ କରି ଫେଣ୍ଟି ଦେଇ ମୁହଁରେ ଲଗାଇ ଗୋଲ୍ ଗୋଲ୍ ଆଉ ଠିକ୍ ଡିରେକ୍‌ସନ୍‌ରେ ମସାଜ୍ କରିବେ ୧୦ ରୁ ୧୫ ମିନିଟ୍ । ତାକୁ ସେମିତି ରହିବାକୁ ଦେବେ ।

ତାପରେ ଦହି, ବେସନ୍ ଆଉ ହଳଦୀର ପେକ୍‌କୁ ତା' ଉପରେ ହିଁ ଲଗେଇବେ । ଆଖି ଆଉ ଓଠ ଏରିଆକୁ ବାଦ୍ ଦେଇ ଅନ୍ୟ ସମସ୍ତ ଜାଗାରେ ଭଲ କରି ପେକ୍ ଲଗାଇବେ । ଆଖି ଉପରେ ଆଳୁ କିମ୍ବା କାକୁଡ଼ିକୁ ରାଉଣ୍ଡ୍ ଶେପ୍‌ରେ କାଟି ଥୋଇ ପାରିବେ । ୧୫ ମିନିଟ୍ ପରେ ହାଲୁକା ଉଷୁମ୍ ପାଣିରେ ଧିରେ ଧିରେ ଧୋଇବେ । ଗୋଟାଏ ନରମ ତଉଲିଆରେ ଥାପି ଥାପି ମୁହଁ ପୋଛିବେ । ଏବେ ଦେଖିବେ ଚେହେରାର ଚମକ କେତେ ବଢ଼ି ଯାଇଛି ।

ଆହୁରି ଭଲ ଫଳ ପାଇଁ ଫେସିଆଲ୍ ଆଗଦିନ ଆଳୁ କୋରି ତା'ର ରସ ଗୋଟିଏ ଚାମଚ ଆଉ ଅଧ ଚାମଚ ଲେମ୍ବୁରସ ଲଗାଇ ୧୦ମିନିଟ୍ ପରେ ମୁହଁ ଧୋଇ ଦେବେ ।

**ଦହିର ଉପକାରିତା:** ଦହି ମୁହଁରୁ ଡେଡ୍‌ସେଲ୍ ହଟାଇ ସତେଜ ଓ ସଫା ତ୍ୱଚା ଦିଏ । ତ୍ୱଚାରୁ ଦାଗ ହଟାଏ । ଭଲ ଆଣ୍ଟି ଏଜିଙ୍ଗ୍‌ର କାମ ଦିଏ । ଦାଗ ଲିଭାଇବା ପାଇଁ ଦହି ସହ ବାଦାମ୍ ତେଲ ଲଗାଇଲେ ଭଲ ।

**ଖରାଦିନ ପାଇଁ ସ୍ୱତନ୍ତ୍ର ଯତ୍ନ:** ଖରାକୁ ବାହାରିବାର ୧୦ମିନିଟ୍ ଆଗରୁ ସନ୍‌ସ୍କ୍ରିନ୍ ଲଗାଇ ବାହାରିବେ । ଘରକୁ ଫେରିଲା ପରେ ବରଫରେ ମୁହଁ ଘଷି ଯେକୌଣସି ମଏଶ୍ଚରାଇଜର୍, ନିଜ ତ୍ୱଚାକୁ ସୁହାଇଲା ଭଳି ଲଗାଇବେ । ଅଧିକ ପାଣି ଆଉ ପ୍ରଚୁର ପରିମାଣରେ ଫଳ ଆଉ ତାଜା ସାଲାଡ୍ ଖାଇବେ ।




ରୋଷେଇଶାଳ
ଆନ୍ଧ୍ର ଓ ଆମେରିକୀୟ ରାନ୍ଧଣା
DELUXE
AEG



**ସୁଚେତା ନନ୍ଦ**
ତ୍ରିଶୁଳିଆ, କଟକ
ଫଟୋ ସୌଜନ୍ୟ : ଲେଖିକା



▲ ଟମାଟୋ ପାଚେଡ଼ି

## ଟମାଟୋ ପାଚେଡ଼ି

**ଆବଶ୍ୟକ ସାମଗ୍ରୀ :** ତେନ୍ତୁଳି, ଟମାଟୋ, ଲୁଣ, ହଳଦୀ ଗୁଣ୍ଡ, ସୋରିଷ, ମେଥି, ଲଙ୍କାଗୁଣ୍ଡ, ସୋରିଷ ତେଲ, ଶୁଖିଲା ଲଙ୍କା, ରସୁଣ, ହିଙ୍ଗୁ, ପଞ୍ଚଫୁଟଣ, ଭୃର୍ଷୁଙ୍ଗାପତ୍ର ।

**ପ୍ରସ୍ତୁତି ପ୍ରଣାଳୀ :** ଦୁଇଟି ବଡ଼ ତେନ୍ତୁଳିକୁ ଉଷୁମ ପାଣିରେ ଭିଜାଇ ତାର ମୋଟା ରସ କାଢ଼ି ଦିଅନ୍ତୁ । ମେଥି ୧ଚାମଚ, ସୋରିଷ ୧ ଚାମଚକୁ ଗୁଣ୍ଡ କରନ୍ତୁ । ସୋରିଷ ତେଲ ତିନି ଚାମଚ ଭଲ ଭାବରେ ଗରମ ହେଲା ପରେ କଟା ହୋଇଥିବା ଅଧା କିଲୋ ଟମାଟୋ ପକାନ୍ତୁ । ଲୁଣ, ହଳଦୀ ପକାଇ ଗରମ କରନ୍ତୁ, ତେନ୍ତୁଳି ରସ ମିଶାଇ ଧୀମା ଆଞ୍ଚରେ ବସାନ୍ତୁ । ମିଶ୍ରଣ ଗାଢ଼ା ହୋଇଗଲେ ଓହ୍ଲାଇ ଆଣି ଥଣ୍ଡା କରନ୍ତୁ । ଥଣ୍ଡା ହୋଇଗଲା ପରେ ଦୁଇ ଚାମଚ ଲଙ୍କା ଗୁଣ୍ଡ, ଲୁଣ, ମେଥି ଓ ସୋରିଷ ଗୁଣ୍ଡ ଏଥିରେ ମିଶାନ୍ତୁ । ଦୁଇ ଚାମଚ ସୋରିଷ ତେଲ, ଅଧ ଚାମଚ ସୋରିଷ, ୫/୬ କିଲୋ ରସୁଣ, ୪ଟା ଶୁଖିଲା ଲଙ୍କା, ଭୃଷୁଙ୍ଗା ପତ୍ର ଓ ହିଙ୍ଗୁ ଦେଇ ଫୁଟଣ କରନ୍ତୁ । ପ୍ରସ୍ତୁତ ହୋଇଗଲା ଆନ୍ଧ୍ରା ଟମାଟୋ ପାଚେଡ଼ି । ଏହାକୁ ପରଟା, ପୋହା ଏବଂ ଉପମା ସହ ଖାଇ ପାରିବେ ।



▲ ଚୋପ୍ ସୁଏ

## ଚୋପ୍ ସୁଏ

**ଆବଶ୍ୟକ ସାମଗ୍ରୀ :** ନୁଡଲ୍ ୧୫୦ଗ୍ରାମ, ୪ କପ୍ ପାଣି, ୩ ଚାମଚ ମକା ଗୁଣ୍ଡ, ରିଫାଇନ୍ ତେଲ, ଲୁଣ, ଗୋଟେ ବଡ଼ ପିଆଜ, ରସୁଣ ୨/୩ କୋଳା, ଅଳ୍ପ ଗୋଲମରିଚ ଗୁଣ୍ଡ, ବନ୍ଧାକୋବି, ଗାଜର, ଶିମ୍ଲା ଲଙ୍କା, ବିନ୍ସ୍, ବେବିକର୍ଣ୍ଣ, ସୋୟା ସସ୍, ଚିଲ୍ଲୀ ସସ୍, ଟମାଟୋ ସସ୍, ଧନିଆ ପତ୍ର ।

**ପ୍ରସ୍ତୁତ ପ୍ରଣାଳୀ :** ସର୍ବପ୍ରଥମେ ନୁଡୁଲ୍‌କୁ ଏକ ପାତ୍ରରେ ସାମାନ୍ୟ ଲୁଣ ଓ ଏକ ଚାମଚ ତେଲ ଦେଇ ୫ ମିନିଟ୍ ସିଝାଇ ଦିଅନ୍ତୁ । ତାପରେ ଏକ ଛଣା ମାଧ୍ୟମରେ ଭଲଭାବେର ନୁଡୁଲ୍‌ସ୍‌କୁ ପାଣିରୁ ଛାଣି ଆଣି ଏକ ଶୁଖିଲା ପାତ୍ରରେ ଖେଳାଇ କିଛି ସମୟ ରଖନ୍ତୁ । ଅନ୍ୟ ଏକ ପାତ୍ରରେ ତେଲ ଗରମ କରି ନୁଡ଼ଲ୍‌କୁ ଧୀମା ଆଞ୍ଚରେ ଛାଣନ୍ତୁ । ନୁଡ଼ଲ କୁଡ଼କୁଡ଼ିଆ ହୋଇ ଆସିଲେ ବାହାର କରି ଆଣନ୍ତୁ । ତାପରେ ସମସ୍ତ ପରିବାକୁ (ସମପରିମାଣରେ) ଲମ୍ବା ଆକାରରେ କାଟି ତେଲ ଦେଇ କଡ଼େଇରେ ଭାଜନ୍ତୁ । ସାମନ୍ୟ ଲୁଣ ଦିଅନ୍ତୁ । ପରିବା ଭାଜି ହେଉଥିବା ସମୟରେ ଆପଣ ତିନି ଚାମଚ ମକାଗୁଣ୍ଡରେ ତିନି ଚାମଚ ପାଣି ମିଶାଇ ଏକ ବହଳିଆ ମିଶ୍ରଣ ପ୍ରସ୍ତୁତ କରିଦିଅନ୍ତୁ । ସଂପୂର୍ଣ୍ଣ ଭାଜି ହୋଇଗଲା ପରେ ସୋୟା ସସ୍, ଚିଲ୍ଲୀ ସସ୍, ଟମାଟୋ ସସ୍ ଓ ପ୍ରସ୍ତୁତ ମିଶ୍ରଣକୁ କଡ଼େଇରେ ଢାଳି ୨ ମିନିଟ୍ ଭଲ ଭାବରେ ମିଶାଇ ଦିଅନ୍ତୁ । ଷ୍ଟୋଭ୍ ବନ୍ଦ କରି ଦିଅନ୍ତୁ । ବର୍ତ୍ତମାନ ସୁନ୍ଦର ରାନ୍ଧଣାକୁ ସୁନ୍ଦର ଭାବେ ପରଷି ଖାଇବା ଓ ଖାଇବାର ସମୟ । ଏକ ପ୍ଲେଟ୍‌ରେ ଛଣା ଯାଇ ରଖା ଯାଇଥିବା ନୁଡ଼ଲ୍‌ସ୍ (ଚାଓମିନ୍)କୁ ରଖନ୍ତୁ । ତା ଉପରେ ପ୍ରସ୍ତୁତ ସ୍ୱାଦିଷ୍ଟ ଓ ଲୋଭନୀୟ ମିଶ୍ରଣକୁ ଢାଳନ୍ତୁ । ତାପରେ ଗୋଟେ ଅଣ୍ଡା ଭାଜି ରଖନ୍ତୁ । କିଛି ଗୋଲମରିଚ ଗୁଣ୍ଡ ଛିଞ୍ଚନ୍ତୁ । ଏବେ ପ୍ଲେଟ୍‌କୁ ଗାଜର, ଟମାଟୋ, ଧନିଆପତ୍ରରେ ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ଆମେରିକୀୟ ଚୋପ୍ ସୁଏ' । ନିଜ ରୋଷେଇ ଘରେ ଆମରିକୀୟ ରାନ୍ଧଣାର ଆନନ୍ଦ ନିଅନ୍ତୁ ।

# ଦୁଇଟି ବ୍ୟଞ୍ଜନ

**ଜୁଲି ବେହେରା**

ଏଲଆଇସି କ୍ୱାର୍ଟର, ମଣ୍ଡୁଆ, କେନ୍ଦୁଝର
ଫୋନ : ୯୪୩୮୪୪୬୫୬

ଫଟୋ ସୌଜନ୍ୟ : ଲେଖିକା



## ପୁଳିହରା (ତେଲୁଗୁ)
## ଖଟା ଭାତ (ଓଡ଼ିଆ)



**ଆବଶ୍ୟକ ସାମଗ୍ରୀ :** ୫୦୦ ଗ୍ରାମ ଅରୁଆ ଚାଉଳ, ରିଫାଇନ ତେଲ-୨/୩ ଚାମଚକ, ବୁଟ ଡାଲି-୧ଚାମଚ, ବିରି ଡାଲି-୧/୨ ଚାମଚ, ଭୃର୍ସୁଙ୍ଗା ପତ୍ର, ସୋରିଷ-୧ ଚାମଚ, ପିଆଜ-୧ ଟି (ଲମ୍ୱା ଲମ୍ୱା କଟା), ଛୋଟ ଖଣ୍ଡେ ଅଦା ଶୁଖିଲା ଲଙ୍କା ୨ଟି, କଞ୍ଚା ଲଙ୍କା-୪/୫ଟି, ଗୁଆଘିଅ ୨, ଚାମଚ, ଲୁଣ, ହଳଦୀ, ତେନ୍ତୁଳି ମଣ୍ଡ (୧ଛୋଟ ଗିନା), ଚିନା ବାଦାମ ଏବଂ କାଜୁ ଅଳ୍ପ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅରୁଆ ଚାଉଳକୁ ଭଲ ଭାବେ ଧୋଇ ରଖନ୍ତୁ, ଚୁଲି ଲଗେଇ ପାଣି ଗରମ କରନ୍ତୁ, ଧୁଆ ହେଇଥିବା ଚାଉଳକୁ ଏଥିରେ ପକେଇ ସାମାନ୍ୟ ଲୁଣ ପକେଇ ଘୋଡ଼େଇ ଦିଅନ୍ତୁ, ଚାଉଳ ଫୁଟିଲେ ଟିକିଏ ଟାଣ ରଖି ଏହାକୁ ଗାଳି ଦିଅନ୍ତୁ ଏବଂ ଘୋଡ଼ଣି କାଢ଼ି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ ଭାତ ଏଥର ଚୁଲିରେ କଡ଼େଇ ବସାନ୍ତୁ ୨ ଚାମଚ ରିଫାଇନ ତେଲ ପକାନ୍ତୁ, ତେଲ ଗରମ ହେଲେ ଏଥିରେ ସୋରିଷ, ବୁଟ ଡାଲି, ବାଦାମ, ବିରିଡଲି, ୨ଟା ଶୁଖିଲା ଲଙ୍କା, ଭୃର୍ସୁଙ୍ଗା ପତ୍ର, ହେଙ୍ଗୁ (୧ ଚୁଟକୀ), ଲମ୍ୱା ଲମ୍ୱା କଟା ପିଆଜ, କଞ୍ଚାଲଙ୍କା ୪ରୁ ୫ଟା, ଅଦା ଛୋଟ ଛୋଟ କାଟି ପକେଇ ଭଲ ଭାବେ ଭାଜନ୍ତୁ । ଭାଜି ହେଇଗଲେ ଆଗରୁ ପ୍ରସ୍ତୁତ ଭାତକୁ ଏଥିରେ ପକେଇ ଦିଅନ୍ତୁ, ସେଥିରେ ମିଶାନ୍ତୁ ହଳଦୀ ଓ ତେନ୍ତୁଳୀ ମଣ୍ଡ ଏବଂ ସ୍ୱାଦ ଅନୁସାରେ ଲୁଣ ପକେଇ ଭଲ ଭାବେ ଗୋଳେଇ ଦିଅନ୍ତୁ । ଅଳ୍ପ ସମୟ କମ ଆଞ୍ଚରେ ବସେଇ ୨ ଚାମଚ ଗୁଆ ଘିଅ ପକେଇ ଗରମ ଗରମ ଓହ୍ଲେଇ ଦିଅନ୍ତୁ ଚୁଲାରୁ, ପ୍ଲେଟରେ କାଢ଼ି ଭଜା କାଜୁ ଉପରେ ସଜେଇ ପରଷି ଦିଅନ୍ତୁ ପୁଳିହରା ବା ଖଟାଭାତ । ଏହି ଭାତ ଯେ କେବଳ ଗରମ ଗରମ ରାନ୍ଧି କରିହେବ ତା ନୁହେଁ ବରଂ ପୂର୍ବ ରାତିର ବଳକା ଭାତକୁ ନେଇ ମଧ୍ୟ ପ୍ରସ୍ତୁତ କରାଯାଇ ପାରେ ପୁଳିହରା ବା ଖଟା ଭାତ ।

## ମଷ୍ଟାର୍ଡ ଚିକେନ୍

**ଆବଶ୍ୟକ ସାମଗ୍ରୀ :** ସୋରିଷ ତେଲ ୫୦ଗ୍ରାମ, ସାମାନ୍ୟ ଚିନି, ଜିରା ଅଧା ଚାମଚ, ଭୃର୍ସୁଙ୍ଗୀ ପତ୍ର, ୪ଟି ପିଆଜ, ଦୁଇଟି ଟମାଟୋ (ଛୋଟ ଛୋଟ କଟା) ଏବଂ ଛୋଟ ଖଣ୍ଡେ ଆମ୍ବୁଲ.. । ମସଲା ପାଇଁ ଅଦା ୨୦ଗ୍ରାମ, ପିଆଜ ୨ଟା, ଜିରା୧ ଚାମଚ, ଶୁଖିଲା ଲଙ୍କା ୩ଟି, ପୋସ୍ତ ଗୋଟେ ଚାମଚକୁ ଏକାଠି ବାଟି ରଖନ୍ତୁ ଓ ୪ ଚାମଚ ସୋରିଷକୁ ଅଲଗା ବାଟି ରଖନ୍ତୁ ।

**ପ୍ରସ୍ତୁତି ପ୍ରଣାଳୀ :** ଚିକେନ୍‌କୁ ଭଲ ଭାବେ ଧୋଇ ସେଥିରେ ହଳଦୀ, ସୋରିଷ ତେଲ, ଫାଳେ ଲେମ୍ବୁ ଚିପୁଡ଼ି ଦିଅନ୍ତୁ ଏବଂ ୧ ଚାମଚ ପିଆଜ ବଟା ମସଲା ଦେଇ ଅତି କମ୍‌ରେ ଅଧାଘଣ୍ଟା ଘୋଡ଼େଇ ରଖନ୍ତୁ । ଏଥର କଡ଼େଇ ବସେଇ ୫୦ଗ୍ରାମ ତେଲ ପକାନ୍ତୁ । ତେଲ ଗରମ ହେଲେ ସାମାନ୍ୟ ଚିନି ପକାନ୍ତୁ, ନାଲିରଙ୍ଗ ଉଠିଲେ ୨ଟି ଚୁନା ଚୁନା କଟା ପିଆଜକୁ ପକେଇ ଭାଜନ୍ତୁ । ପିଆଜ ସୁନେଲି ରଙ୍ଗ ହୋଇ ଆସିଲେ ଏଥିରେ ଦୁଇଟି ଛୋଟ କଟା ଟମାଟୋ ପକେଇ ଭାଜନ୍ତୁ...ଭାଜି ହେଲେ ଏଥିରେ ପୂର୍ବ ପ୍ରସ୍ତୁତ ପିଆଜ ବଟା ମସଲା ପକାନ୍ତୁ ଏବଂ ଏଥିରେ ସ୍ୱାଦ ଅନୁସାରେ ଲୁଣ ଏବଂ ହଳଦୀ ପକେଇ କଷନ୍ତୁ, ମସଲା ଦର କଷା ହେଲେ ୪ ଚାମଚ ବଟା ଯାଇଥିବା ସୋରିଷ ମସଲା ଏଥିରେ ପକେଇ କଷନ୍ତୁ...ମସଲା କଷି ହେଇଗଲେ ଏଥିରେ ପକାନ୍ତୁ ମାରିନେଟ୍ ଚିକେନ୍ ଏବଂ ୫ ମିନିଟ କଷିଲା ପରେ ଆଞ୍ଚ କମେଇ ଘୋଡ଼େଇ ଦିଅନ୍ତୁ ଚିକେନ୍‌କୁ, ଚିକେନ୍ ଦର ସିଝା ହେଲେ ଏଥିରେ ପକାନ୍ତୁ ଛୋଟ ଖଣ୍ଡେ ଆମ୍ବୁଲ ଏବଂ ସାମାନ୍ୟ ପାଣି ଦେଇ ଢାଙ୍କି ଦିଅନ୍ତୁ । କଡ଼େଇ ଆଞ୍ଚ କମେଇ ସିମ୍‌ରେ ରଖନ୍ତୁ ଚିକେନ୍ ସିଝିବା ଯାଏଁ । ଏଥିରେ ଅଧିକ ଝୋଳ ରୁହେ ନାହିଁ । ଅଳ୍ପ ଅଳ୍ପ ପାଣି ଥିବା ଦେଖି ବନ୍ଦ କରି ଦିଅନ୍ତୁ ଚୁଲା ଏବଂ ଧନିଆ ପତ୍ର, କଞ୍ଚାଲଙ୍କା ଦେଇ ପ୍ଲେଟ୍‌ରେ ଗରମ ଗରମ ପରଷନ୍ତୁ ମଷ୍ଟାର୍ଡ଼ ଚିକେନ୍ ଏବଂ ମଜା ନିଅନ୍ତୁ ଏହାର ଗରମ ଭାତ ବା ରୁଟି ସହିତ ।



# ଆନମନା ୟାମି



# କ୍ୟାମେରା ସାମ୍ନାରେ ହସି ହସି କାମ କରିବାକୁ ହୁଏ



ସାକ୍ଷାତ୍ :
**ସସ୍ମିତା ସାହୁ**
ଫଟୋ ସୌଜନ୍ୟ : ଗୁଗୁଲ୍







କେବେ ଦିନେ 'ଫେୟାର ଆଣ୍ଡ୍ ଲଭ୍‌ଲି'ର ବିଜ୍ଞାପନ ଦେଖି ଗୋରାପଣର ପ୍ରେମରେ ପଡ଼ିଥିଲେ ସେ। କେବେ ପୁଣି ସୌନ୍ଦର୍ଯ୍ୟ ସାଙ୍ଗକୁ ଅଭିନୟର ଦକ୍ଷତା ତାଙ୍କୁ ଟାଣି ଆଣିଥିଲା ବଲିଉଡ୍‌ର ରୁପେଲି ପରଦାକୁ। ଆଉ ଫେରିଲେନି। ମଡ଼େଲିଂ ଓ ଅଭିନେତ୍ରୀରେ ଅଧିକାର କଲେ ସ୍ୱତନ୍ତ୍ର ସ୍ଥାନ। ନଥିଲେ କେହି ଗଡ଼୍‌ଫାଦର୍ ଯାହାଙ୍କ ହାତ ଧରି ଆଗେଇବେ। କିନ୍ତୁ ନିଜର ଆତ୍ମବିଶ୍ୱାସ ଓ ପରିଶ୍ରମ ତାଙ୍କ ଆଣି ପହଂଚାଇଦେଲା ସଫଳତା ପାଖରେ। ସେ ହେଲେ **ୟାମି ଗୌତମ**। ପିଲାଦିନେ ଆଇଏଏସ୍ ହେବାର ସ୍ୱପ୍ନ ଦେଖିଥିବା ୟାମିଙ୍କ ଗତିପଥ ବଦଳିଗଲା। ପାଲଟିଗଲେ ମଡ଼େଲ୍ ଓ ଅଭିନେତ୍ରୀ। ତେବେ ବଲିଉଡ୍‌ରେ ଖାଲି ଚକୋଲେଟ୍ ଗର୍ଲ ହୋଇ ରହିବାକୁ ତାଙ୍କର ଇଚ୍ଛା ନଥିଲା। ତେଣୁ ଗୋଟିଏ ପରେ ଗୋଟିଏ ଚ୍ୟାଲେଞ୍ଜିଂ ଚରିତ୍ରରେ ଅଭିନୟ କରି ଚାଲିଲେ ସେ। ନିଜ ପ୍ରତିଭାର ପରାକାଷ୍ଠା ବି ଦେଖାଇଲେ। ଖାଲି ଅଭିନୟ କି ମଡ଼େଲିଂ ନୁହେଁ, ସମାଜସେବା ଓ ଅସହାୟଙ୍କୁ ସାହାଯ୍ୟ କରିବାର ମହତ ଗୁଣ ବି ତାଙ୍କ ପାଖରେ ମହଜୁଦ୍। ଖାସ୍ ସେଥିପାଇଁ ତ ସୁଦୂର ମୁମ୍ବାଇରୁ ଓଡ଼ିଶା ଆସିଥିଲେ 'ଫନି' ବିପନ୍ନଙ୍କ ସହାୟତା ଉଦ୍ଦେଶ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାଗ ନେବାକୁ। ଭୁବନେଶ୍ୱର ଆସିଥିବା ସମୟରେ ତାଙ୍କ ସହ 'ରେବତୀ'ର ସ୍ୱତନ୍ତ୍ର ସାକ୍ଷାତକାର।

▲ ଓଡ଼ିଶା କେମିତି ଲାଗେ ? ଆଗରୁ କେବେ ଓଡ଼ିଶା ଆସିଥିଲେ ?

▶ଆଗରୁ ମୁଁ ଦୁଇଥର ଓଡ଼ିଶା ଆସିଛି । ଏହା ଭୁବନେଶ୍ୱର ଆସିବାର ମୋର ତୃତୀୟ ପାଳି । ଆଗରୁ ଭୁବନେଶ୍ୱର ସବୁଜିମାରେ ଭରି ରହିଥିଲା । ଫନି ଯେ ଏତେ ମାତ୍ରାରେ କ୍ଷୟକ୍ଷତି କରିଥିବା ଟିଭିରେ ଦେଖି ଆମେ ଅନୁମାନ କରିପାରି ନଥିଲୁ । ଆଜି ଏହି ସହରକୁ ଆସି ତାହା ନିଜ ଆଖିରେ ଦେଖି ବହୁତ ଦୁଃଖ ଲାଗୁଛି । ଓଡ଼ିଶାବାସୀ ବହୁତ ସାହସୀ ! ପୁଣି ଉଠି ଠିଆ ହେବାରେ ସେମାନଙ୍କର ପ୍ରୟାସକୁ ମୁଁ ସଲାମ୍ କରୁଛି ।

▲ଯାମି ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ଚାହୁଁଥିଲେ, ଅଭିନେତ୍ରୀ ହେବା ପରେ ଭାବୁଛନ୍ତି କି ପ୍ରଶାସନିକ ଅଧିକାରୀ ହୋଇଥିଲେ ସମାଜସେବା ଅଧିକ ଭଲରେ କରି ପାରିଥା'ନ୍ତେ ?

▶ନା, ସେମିତି କିଛି ନାହିଁ । ସାଧାରଣ ଲୋକଟିଏ ମଧ୍ୟ ସମାଜସେବା କରି ପାରିବ । ନିଜ ସାଧ୍ୟ ମୁତାବକ ଟଙ୍କା ଦେଇ କିମ୍ବା ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ସମସ୍ତେ ନିଜ ନିଜ ସ୍ତରରେ ସାହାଯ୍ୟ ସହାୟତା କରି ପାରିବେ । ଏଥିପାଇଁ ପ୍ରଶାସନିକ ଅଧିକାରୀ ହେବା ଜରୁରୀ ନୁହେଁ । ସମାଜସେବା କରିବାକୁ କୌଣସି ପଦପଦବୀର ଆବଶ୍ୟକତା ନାହିଁ । କେବଳ ମନରେ ସମର୍ପଣର ଭାବ ଆବଶ୍ୟକ ।

▲ଫନିର ପ୍ରକୋପରେ ଓଡ଼ିଶା ଜର୍ଜରିତ । କେମିତି ଆଶ୍ୱାସନା ଦେବେ ଓଡ଼ିଶାବାସୀଙ୍କୁ ?

▶ପ୍ରାକୃତିକ ଦୁର୍ବିପାକ କିମ୍ବା ପ୍ରକୃତିର କରାଳ ରୂପ ଆଗରେ ଆମେ ତୁଚ୍ଛ । ଏହାକୁ ଅଟକାଇବା କିମ୍ବା ଏହାକୁ ସାମ୍ନା କରିବାର କ୍ଷମତା ବୋଧହୁଏ ଆମ ପାଖରେ ନାହିଁ । କିନ୍ତୁ ଏଭଳି ବିପଦ ସମୟରେ ଆମେ ସମସ୍ତେ ଏକାଠି ହୋଇ ପରସ୍ପର ପାଇଁ ଠିଆ ହୋଇପାରିବା । ପରସ୍ପରର ଦୁଃଖ ବାଣ୍ଟି ପାରିବା, ଜଣେ ଅନ୍ୟ ଜଣଙ୍କୁ ସାହାଯ୍ୟ କରିପାରିବା । ଆମେ ସେଲିବ୍ରିଟିମାନେ ବିଭିନ୍ନ ବ୍ରାଣ୍ଡ ଓ ଇଭେଣ୍ଟ ସହ ବହୁତ ସମୟରେ ଯୋଡ଼ି ହୋଇଥାଉଁ । ଆଉ ଯଦି କୌଣସି ବ୍ରାଣ୍ଡ ଲୋକଙ୍କ ମଙ୍ଗଳ ପାଇଁ କିଛି ଇଭେଣ୍ଟର ଆୟୋଜନ କରୁଛି ତେବେ ମୁଁ ତା' ସହ ଯୋଡ଼ି ହେବାକୁ ନିହାତି ଚାହିଁବି ।

▲ଅଧିକାଂଶ ସମୟରେ ଆପଣ ଜୋତା ପିନ୍ଧିଥିବାର ଦେଖିବାକୁ ମିଳେ । ଆପଣଙ୍କୁ କ'ଣ ଜୋତା ପିନ୍ଧିବା ବହୁତ ପସନ୍ଦ ?

▶ମୁଁ ଜୋତା ପିନ୍ଧିବାକୁ ବହୁତ ପସନ୍ଦ କରେ । ଅଧିକାଂଶ ସମୟରେ ମୁଁ ଜୋତା




ହିଁ ପିନ୍ଧେ । ମର୍ଣ୍ଣିଂୱାକ୍ ହେଉ କି ଏୟାରପୋର୍ଟ ଲୁକ୍ ମତେ ସମସ୍ତେ ପ୍ରାୟ ସମୟ ଜୋତା ପିନ୍ଧିଥିବା ଦେଖିବାକୁ ପାଇବେ । ଏପରିକି ନିକଟ ଅତୀତରେ କରିଥିବା ଏକ ଅଳଙ୍କାରର ବିଜ୍ଞାପନରେ ଶାଢ଼ି ସହ ବି ମୁଁ ଜୋତା ପିନ୍ଧିଥିବା ସମସ୍ତେ ଦେଖିଥିବେ । ଜୋତା ବହୁତ ଆରାମଦାୟକ ଓ ଫ୍ୟାସନେବୁଲ୍ ହୋଇଥିବାରୁ ମୁଁ ଜୋତାକୁ ହିଁ ପ୍ରାଥମିକତା ଦିଏ ।

▲ଟେଲିଭିଜନ୍ ଧାରାବାହିକରୁ ଚଳଚ୍ଚିତ୍ର ଦୁନିଆ- ଏ ଯାତ୍ରା କେମିତି ଥିଲା ?

▶ମୁଁ ଏ ଚଳଚ୍ଚିତ୍ର ଦୁନିଆରୁ ଆସିନାହିଁ କି ବଲିଉଡ୍‌ରେ ମୋର କେହି ଗଡ୍ ଫାଦର୍ ବି ନାହାନ୍ତି । ଭାଗ୍ୟ ମତେ ଗୋଟେ ସୁଯୋଗ ଦେଉଛି । ଏହି ସୁଯୋଗକୁ ମୁଁ ମୋ ପ୍ରତିଭା ବଳରେ ଆହୁରି ଅଧିକରୁ ଅଧିକ ଆଗକୁ ଯିବାକୁ ଚାହୁଁଛି । ପରିଶ୍ରମ କରି ଚାଲିଛି । ପ୍ରଥମେ ଟେଲିଭିଜନ୍ ଧାରାବାହିକ, ପରେ ବିଭିନ୍ନ ବିଜ୍ଞାପନ ଓ ଶେଷରେ ବଲିଉଡ୍ ଚଳଚ୍ଚିତ୍ର । ଖୁବ୍ ଲମ୍ବା ଯାତ୍ରା । ତଥାପି ଯାତ୍ରା ଶେଷ ହୋଇନି, ଜାରି ରହିଛି । ଏହାକୁ ବର୍ଣ୍ଣନା କରିବା ଏବେ ବି କଷ୍ଟ, ଆଉ ଯାତ୍ରା ଶେଷ ହେବା ପରେ ବି ଏହାକୁ ବର୍ଣ୍ଣନା କରିବା କଷ୍ଟକର ହିଁ ହେବ ।

▲ଏତେ ଚଳଚ୍ଚିତ୍ର କରିଛନ୍ତି, କେଉଁ ଚଳଚ୍ଚିତ୍ର ଆପଣଙ୍କର ଅତି ପ୍ରିୟ ?

▶'ଭିକି ଡୋନର୍' ଚଳଚ୍ଚିତ୍ର ମାଧ୍ୟମରେ ମୁଁ ବଲିଉଡ୍‌କୁ ପ୍ରବେଶ କରିଥିଲି । ତେଣୁ ପ୍ରଥମ ଚଳଚ୍ଚିତ୍ର ହିସାବରେ ତାହା ମୋ ପସନ୍ଦ । 'ଉରି' ଚଳଚ୍ଚିତ୍ର ମୋର ଚକୋଲେଟ୍ ଓ ସୁଇଟ୍ ଗର୍ଲ ଭାବମୂର୍ତ୍ତିକୁ ଖଣ୍ଡନ କରି ମୋ ଅଭିନୟର ପ୍ରତିଭାକୁ ପ୍ରତିପାଦିତ କରିଛି । ତେଣୁ 'ଉରି' ଚଳଚ୍ଚିତ୍ର ବି ମୋର ଅତି ପ୍ରିୟ ।

## ଯାମିଙ୍କ କିଛି କଥା

- ଯାମି ଗୌତମ ସିଗ୍ରେଟ୍ ପିଅନ୍ତି ନାହିଁ ।
- ଯାମି ଗୌତମ ଆଲ୍‌କୋହଲ୍ ନିଅନ୍ତି ନାହିଁ ।
- ଯାମି ଗୌତମ ଅଧା ପାହାଡ଼ି ଓ ଅଧା ପଞ୍ଜାବୀ । କାରଣ ତାଙ୍କ ବାପା ପଞ୍ଜାବୀ ତ ମାଆ ପାହାଡ଼ି ।
- ସେ ହିମାଚଳ ପ୍ରଦେଶର ବିଳାସପୁରରେ ଜନ୍ମଗ୍ରହଣ କରିଥିଲେ ହେଁ ପରେ ପରିବାର ସହ ଚଣ୍ଡିଗଡ଼ ଚାଲି ଆସନ୍ତି ।
- ସେ ସ୍ୱଭାବତଃ ଲାଜକୁଳା, ଡରକୁଳା ଓ ପରିଶ୍ରମୀ । ତାଙ୍କ ବାପା ଜଣେ ନିର୍ଦ୍ଦେଶକ ଅଟନ୍ତି । ଯାମି ଗୌତମଙ୍କର ପ୍ରଥମ କର୍ମସିଆଲ ବିଜ୍ଞାପନ ଥିଲା ଫେୟାର୍ ଏଣ୍ଡ ଲଭ୍‌ଲି । ତେଣୁ ଯାମି ଫେୟାର୍ ଏଣ୍ଡ୍ ଲଭ୍‌ଲି ଗର୍ଲ ଭାବେ ସର୍ବତ୍ର ପରିଚିତ । ଯାମି ଆଇ.ଏ.ଏସ୍. ହେବାକୁ ଚାହିଁଥିଲେ । କିନ୍ତୁ ପରେ ମଡେଲିଂ ଓ ଅଭିନୟ ଜଗତକୁ ପ୍ରବେଶ କଲେ । ଯାମି ୬ଟି ବିଭିନ୍ନ ଭାଷାରେ ଚଳଚ୍ଚିତ୍ର କରିଛନ୍ତି । ସେଗୁଡ଼ିକ ହେଲା ପଞ୍ଜାବୀ, ତାମିଲ, ତେଲୁଗୁ, ମଲୟାଲମ୍, କନ୍ନଡ଼ ଓ ହିନ୍ଦୀ ।
- ସେ ୪୦ ଡିଗ୍ରୀ ତାପମାତ୍ରାରେ ବି ଯୋଗର ମଜା ନିଅନ୍ତି ।





▲ଯଦି କୌଣସି ବାଓପିକ୍‌ରେ କାମ କରିବାର ସୁଯୋଗ ଆପଣ ପାଆନ୍ତି, ତେବେ କାହା ଚରିତ୍ରରେ ଅଭିନୟ କରିବାକୁ ଚାହିଁବେ ?

▶ମୁଁ ପ୍ରସିଦ୍ଧ ଅଭିନେତ୍ରୀ ମଧୁବାଲା, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ କିମ୍ବା ମହାକାଶଚାରୀ କଳ୍ପନା ଚାୱଲାଙ୍କ ଚରିତ୍ରକୁ ନେଇ ବାଓପିକ୍ କରିବାକୁ ଚାହିଁବି ।

▲ବଲିଉଡ୍‌ରେ କାହାକୁ ଆଦର୍ଶ ଭାବେ ଗ୍ରହଣ କରିଛନ୍ତି ?

▶ମୋର କେହି ଆଦର୍ଶ ନାହାନ୍ତି । ଅନେକଙ୍କୁ ନିଜ ପ୍ରେରଣା ଭାବେ ଗ୍ରହଣ କରିଛି ।

▲ଜଣେ ଅଭିନେତ୍ରୀ ହିସାବରେ ଆପଣଙ୍କ ପାଇଁ ସବୁଠାରୁ କଷ୍ଟ କ'ଣ ?

▶ସେଲିବ୍ରିଟିମାନଙ୍କର ବି ସାଧାରଣ ଲୋକଙ୍କ ଭଳି ଭାପ୍ରବଣତା ରହିଛି । କିଛି ଦୁଃଖ ରହିଛି । କିନ୍ତୁ ନିଜ ଜୀବନରେ ଯାହା ବି ଚାଲିଥାଉ ନା କାହିଁକି କ୍ୟାମେରା ସାମ୍ନାରେ ଆମକୁ ହସି ହସି ନିଜ କାମ କରିବାକୁ ପଡ଼ିବ । ଦୁଃଖର ଗୋଟିଏ ବି ଗାର ମୁହଁରେ ନ ଦିଶିବା ଦରକାର । ତାହା ହିଁ ସବୁଠାରୁ ବେଶି କଷ୍ଟ ।

▲ଆପଣ କନ୍ନଡ଼, ତାମିଲ୍, ତେଲୁଗୁ, ମାଲାୟାଲାମ୍, ପଞ୍ଜାବୀ, ମରାଠୀ ଓ ହିନ୍ଦୀ ଆଦି ବହୁ ଭାଷାରେ ଚଳଚ୍ଚିତ୍ର



## ଅଳ୍ପରେ ୟାମି ଗୌତମ



- ପ୍ରକୃତ ନାମ : **ୟାମି ଗୌତମ**
- ଡାକ ନାମ : **ଜଣାନାହିଁ**
- ବୃତ୍ତି : **ମଡେଲିଂ ଏବଂ ଅଭିନୟ**
- ଉଚ୍ଚତା : **୫ ଫୁଟ୍ ୩ ଇଞ୍ଚ**
- ଓଜନ : **୫୦ କି.ଗ୍ରା.**
- ଭାଇଟାଲ୍ ଷ୍ଟାଟସ୍ : **୩୩-୨୫-୩୩**
- ଆଖିର ରଂଗ : **ଧୂସର**
- କେଶ ରଂଗ : **କଳା**
- ଜନ୍ମତିଥି : **୨୮ ନଭେମ୍ବର ୧୯୮୮**
- ବୟସ : **୩୧ ବର୍ଷ**
- ଜନ୍ମସ୍ଥାନ : **ବିଳାସପୁର (ହିମାଚଳ ପ୍ରଦେଶ)**
- ରାଶି : **ଧନୁ**
- ବାସସ୍ଥାନ : **ଚଣ୍ଡିଗଡ଼**
- ଶିକ୍ଷାନୁଷ୍ଠାନ : **ପଞ୍ଜାବ ବିଶ୍ୱବିଦ୍ୟାଳୟ, ଚଣ୍ଡିଗଡ଼**
- ଶିକ୍ଷା : **ଆଇନରେ ସ୍ନାତକ (ସମ୍ମାନ)**
- ପ୍ରଥମ ଚଳଚ୍ଚିତ୍ର : **ଉଲ୍ଲାସ ଉତ୍ସାହ (୨୦୧୦, କନ୍ନଡ଼ ଭାଷା), ଭିକି ଡୋନର୍ (ବଲିଉଡ୍ ଚଳଚ୍ଚିତ୍ର, ୨୦୧୨)**
- ଟିଭି ପ୍ରବେଶ : **ଚାନ୍ଦ୍‌କେ ପାଶ୍ ଚଲୋ (୨୦୦୮)**
- ପରିବାର : **ମୁକେଶ ଗୌତମ (ବାପା), ଅଞ୍ଜଳି ଗୌତମ (ମାଆ), ଓଜସ୍ ଗୌତମ (ସାନଭାଇ), ସୁରିଲୀ ଗୌତମ (ସାନ ଭଉଣୀ, ଅଭିନେତ୍ରୀ)**
- ଧର୍ମ : **ହିନ୍ଦୁ**
- ଜାତୀୟତା : **ଭାରତ**
- ରୁଚି : **ଯୋଗ କରିବା ଓ ପଢ଼ିବା**
- ପ୍ରିୟ ଖାଦ୍ୟ : **ଚମ୍ପା ର ରାଜ୍‌ମା**
- ପ୍ରିୟ ଅଭିନେତା : **ଅମୀର ଖାନ୍, ଶାହରୁଖ ଖାନ୍ ଓ ହ୍ରିତିକ୍ ରୋଶନ୍**
- ପ୍ରିୟ ଅଭିନେତ୍ରୀ : **ଜେସିକା ଆଲ୍‌ବା ଓ ଡାଇରା ବେଙ୍କ୍‌ସ୍**
- ପ୍ରିୟ ଚଳଚ୍ଚିତ୍ର : **ଦିଲ୍‌ୱାଲେ ଦୁଲ୍‌ହନିଆଁ ଲେ ଯାଏଙ୍ଗେ**
- ପ୍ରିୟ ରଂଗ : **କଳା, ଲାଲ୍ ଓ ଧଳା**
- ପ୍ରିୟ ପରଫ୍ୟୁମ୍ : **ଫର୍‌ଏଭର୍ ଏବଂ ଏଭର୍ ଡାୟର୍**
- ପ୍ରିୟ ସ୍ଥାନ : **ଲଣ୍ଡନ ଓ ନ୍ୟୁୟର୍କ**
- ବିବାହ : **ଅବିବାହିତା**

କରିଛନ୍ତି । ଓଲିଉଡ୍‌କୁ ଆସିବାକୁ ଚାହିଁବେ ?

▶ନିହାତି ଭାବେ ଚାହିଁବି । ଏଯାଏଁ ଓଲିଉଡ୍‌ରୁ କିଛି ଅଫର୍ ତ ମିଳିନି । ମିଳିଲେ ନିଶ୍ଚୟ କରିବି ।

▲ବଲିଉଡ୍‌ର କେଉଁ ତାରକାଙ୍କ ସହ କାମ କରିବାର ସ୍ୱପ୍ନ ପିଲାଦିନୁ ରହି ଆସିଛି ?

▶ସ୍ୱପ୍ନ ତ' ଅନେକ ଅଛି । ନିଜ ଭିତରେ ନିଜ ସ୍ୱପ୍ନକୁ ରଖି ଧିରେ ଧିରେ ତାକୁ ପୂରଣ କରିବାରେ ଲାଗିଛି । ଆଗକୁ ଆଗକୁ ବଢ଼ୁଛି । ଦର୍ଶକମାନେ ଠିକ୍ ଠଉରାଇ ପାରିବେ ଏହି କଥା । ଏବେ ମୁଁ ସେମାନଙ୍କ ମଧ୍ୟରୁ କାହା ନାମ ନେବାକୁ ଚାହୁଁନି ।

▲ଆଗକୁ କେଉଁ ଚଳଚ୍ଚିତ୍ର ଦର୍ଶକଙ୍କୁ ଉପହାର ଦେବେ ?

▶'ଉରି'ର ସଫଳତା ପରେ ମୁଁ ଏବେ 'ବାଲା' ଚଳଚ୍ଚିତ୍ର କରୁଛି । ଏହାର ସୁଟିଂ ଆରମ୍ଭ ହୋଇଯାଇଛି । ଉତ୍ତରପ୍ରଦେଶରେ ଏହାର ସୁଟିଂ ଚାଲିଛି । କାନ୍‌ପୁରରେ ସୁଟିଂ ସାରି ଆମେ ମୁମ୍ବାଇ ଓ ତା'ପରେ ଲକ୍ଷ୍ନୌ ଯିବୁ ସୁଟିଂ ପାଇଁ । ଏହି ବର୍ଷ ଶେଷ ଆଡ଼କୁ ଚଳଚ୍ଚିତ୍ର ସୁଟିଂ ଶେଷ ହେବ ।


# ସାହିତ୍ୟିକର ସ୍ୱଭାବଚରିତ୍ର

ସାହିତ୍ୟ ହେଉଛି ଶାଶ୍ୱତ ଓ ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତିର ଏକ ଅବାରିତ ଧାରା । ସାହିତ୍ୟ ହେଉଛି ସତ୍ୟ-ଶିବ ଓ ସୁନ୍ଦର । ଉଚ୍ଚତର ଚେତନାର ସାହିତ୍ୟ ହେଉଛି ଏକ ଅସୀମ ବ୍ୟାପ୍ତି । ସାହିତ୍ୟ ହିଁ ଜଣେ ମାନବକୁ ସ୍ରଷ୍ଟାର ଆସନରେ ବସାଏ । ସାହିତ୍ୟର ଐଶ୍ୱରୀୟ ପ୍ରେରଣାରେ ସାଧାରଣ ମାନବଟିଏ ମହାମାନବରେ ପରିଣତ ହୁଏ । ପ୍ରତିଷ୍ଠା, ମର୍ଯ୍ୟାଦା ଓ ଅନନ୍ୟପଣରେ ସାହିତ୍ୟ ହିଁ ଜଣକୁ ସଜେଇ ପାରେ 'ବିଶିଷ୍ଟ' କରି । ସାହିତ୍ୟ ଏକ ଅଲଗା ଜଗତ । ଏଠି କେବଳ ଈଶ୍ୱରୀୟ ଇଚ୍ଛାରେ ହିଁ ଜଣେ ଆସିପାରେ । ନିଜେ ଇଚ୍ଛା କରି ବା ପ୍ରୟାସ କରି ନୁହେଁ । ସେଇଥିପାଇଁ ତ, ସାହିତ୍ୟର ଭାଷା ଗୋଟିଏ । ତାହା ହେଉଛି ମାନବତାର ଭାଷା । ମାନବୀୟତାର ଜାତି, ଧର୍ମ ଓ ଭାଷା ହିଁ ସାହିତ୍ୟର ପୃଥିବୀ । ସୁତରାଂ ସାହିତ୍ୟର ସ୍ରଷ୍ଟାଟିଏ ବା ଆମର ସାହିତ୍ୟିକଟିଏ ସବୁବେଳେ ଉଚ୍ଚାରଣ ଓ ଆଚରଣରେ ଏକ ହେବା ଉଚିତ୍ । ସାହିତ୍ୟିକର ସ୍ୱଭାବ ସବୁବେଳେ ମାନବଜାତିକୁ ପ୍ରେରିତ କରୁଥିବା ଦରକାର ।


ଜୀବନରେ ଶିଖିବାର ବୟସ ନଥାଏ । ଶେଷଜୀବନ ପର୍ଯ୍ୟନ୍ତ ବି ଜଣକ ପାଖରେ ଶିଖିବାର ଅବକାଶ ଥାଏ । ଏ କଥାଟିକୁ ମୁଁ ପାଳନ କରେ । ଏବେ ସବୁଦିନ କିଛି ନା କିଛି ଶିଖିବାର ଆନନ୍ଦ ମୁଁ ପାଇଥାଏ ପ୍ରଫୁଲ୍ଲ ସାର୍‌ଙ୍କ ଠାରୁ । ଥରେ କଥା ପ୍ରସଙ୍ଗରେ ପ୍ରଫୁଲ୍ଲ ସାର୍ କହିଲେ, "କୃଷ୍ଣ, ଆମେ ଲେଖକମାନେ ନିଜର ଲେଖାଟିକୁ ପ୍ରକାଶ କରୁଥିବା ପତ୍ରପତ୍ରିକାର ବିକ୍ରେତା ବା ବହିପତ୍ର ଦୋକାନୀଙ୍କୁ ସମ୍ମାନସୂଚକ କଥାବାର୍ତ୍ତା କରିବା ଉଚିତ୍ ନୁହେଁ କି ? ଏପରିକି ସେମାନେ ଆମ ସାମ୍ନାରେ ନଥିବା ସମୟରେ ବି ଆମେ ସେମାନଙ୍କୁ ସମ୍ମାନ ଦେଖେଇ କଥାଭାଷା ହେବା ଉଚିତ୍ ।" ପ୍ରଶ୍ନଛଳରେ ସାର୍‌ଙ୍କର ଏ କଥାଟି ମୋ ଭିତରେ ଗଭୀର ଭାବେ ରେଖାପାତ କଲା । ପ୍ରଥମେ ମୁଁ ନିଜର ସ୍ୱଭାବକୁ ବଦଳାଇବାକୁ ଚେଷ୍ଟା କଲି । ବିଭିନ୍ନ ସ୍ଥାନରେ ସେମାନଙ୍କ ବିଷୟରେ ଲେଖିଲା ବେଳେ କି ସେମାନଙ୍କ ସହିତ କଥାବାର୍ତ୍ତା କଲା ବେଳେ ମୁଁ 'ଆପଣ' ଲଗେଇ ସମ୍ବୋଧନ କରିବା ଆରମ୍ଭ କଲି । ବିଶେଷ କରି 'ରେବତୀ'ର ମୁଖ୍ୟ ବିତରକ ଭୁବନେଶ୍ୱରର ଏ.କେ. ନାୟକ ବୁକ୍‌ଷ୍ଟୋର୍, ମାଆ ନାରାୟଣୀ ବୁକ୍‌ଷ୍ଟୋର୍ କି କଟକର ମାଧବ ବୁକ୍‌ଷ୍ଟୋର, ବାଲେଶ୍ୱରର ନଲେଜ୍ କର୍ଣ୍ଣର୍ କି ବୀଣାପାଣି ପୁସ୍ତକାଳୟର ବିକ୍ରେତାଙ୍କ ସହିତ କଥାବାର୍ତ୍ତା ବେଳେ ମୁଁ ଏହା ଜାରି ରଖିଲି । ଦେଖିଲି, ମୁଁ ଧିରେ ଧିରେ ଏଥିରେ ଅଭ୍ୟସ୍ତ ହେଉଛି ଏବଂ ଏଥିରୁ ଏକ ଆତ୍ମିକ ଆନନ୍ଦ ମଧ୍ୟ ପ୍ରାପ୍ତ କରୁଛି ।

ଆଜି ଏ ପ୍ରସଙ୍ଗଟିକୁ ଆପଣମାନଙ୍କ ସାମ୍ନାରେ ଉତ୍‌ଥାପନ ନକରି ଆଉ ରହି ପାରିଲିନି । କାରଣ ଅଧୁନା ସାହିତ୍ୟ-ପୃଥିବୀ ଓ ସାହିତ୍ୟିକ-ମହଲରେ ନାନାଦି ବିଭ୍ରାଟ ଦୃଷ୍ଟିଗୋଚର ହେଉଥିଲେ ହେଁ ପ୍ରତିକାର ଦିଗରେ କିଛି କରିହେଉ ନାହିଁ । କେବଳ ମନ ଭିତରେ କଷ୍ଟ ହିଁ ଜାତ ହେଉଛି । ଲେଖାଲେଖି କରୁଥିବା ଆମେ ସାହିତ୍ୟିକମାନେ ଯଦି ଆମମାନଙ୍କ ସ୍ୱଭାବ ଓ ଆଚରଣକୁ ଶୁଦ୍ଧ ଓ ସଂଶୋଧିତ ନକରିବୁ ତେବେ କରିବେ ଆଉ କିଏ ? ଆମେ ସାଧାରଣ ମଣିଷଟିଏ ଠାରୁ ଭିନ୍ନ ଓ ଉଚ୍ଚତର ଚିନ୍ତା ବା ଚେତନାର ବୋଲି ଦାବି କରୁ । ବା ସେପରି ବିବେଚନା ମଧ୍ୟ କରାଯାଏ । ଅଥଚ ଆମ ସ୍ୱଭାବଚରିତ୍ର ସାଧାରଣ ମଣିଷ ଠାରୁ ବି ନ୍ୟୂନ ହେବ, ଏ କେମିତି କଥା ! ବଡ଼ ଲଜ୍ଜାଜନକ ।

ଅନେକ ସମୟରେ ଲକ୍ଷ୍ୟ କରାଯାଏ, କୌଣସି ଜଣେ ବରିଷ୍ଠ ବା ଅଗ୍ରଜ ଲେଖକଙ୍କ ଅନୁପସ୍ଥିତିରେ ଥୋକେ କନିଷ୍ଠ ଲେଖକ ଅସମ୍ମାନଜନକ ଭାଷା ପ୍ରୟୋଗ କରି କଥା ହୁଅନ୍ତି । କେବେ କେବେ 'ନାମ' ଧରି ମଧ୍ୟ କଥାଭାଷା ହୁଅନ୍ତି । ସାମ୍ନାରେ ଦେଖା ହେଲେ ଜଣେ ଅନୁଜ ଲେଖକ ଆଉ ଜଣେ ଅଗ୍ରଜ ଲେଖକଙ୍କୁ 'ଅମୁକ ଭାଇ' କି 'ଅମୁକ ସାର୍' କି 'ଅମୁକ ବାବୁ' ସମ୍ବୋଧନ କରୁଥିବା ବେଳେ ସେଇ ଅଗ୍ରଜ ଲେଖକଙ୍କ ଅନୁପସ୍ଥିତିରେ 'ସେ ଅମୁକଟା କଣ ଲେଖେ ?'...ଭଳି ବ୍ୟବହାର କରନ୍ତି । ଆମେ 'ବିଭୂତି ପଟ୍ଟନାୟକ ସାର୍ କ'ଣ ଲେଖନ୍ତି' ବୋଲି କହି ପାରିବା । ଏପରି କହିଲେ ଆମର ହିଁ ମାନ ବଢ଼ିବ । ନ୍ୟୂନ କରି କହିଲେ ସେ ଛୋଟ ହେଇ ଯିବେନି । ଠିକ୍ ସେମିତି 'ସୋନ୍‌ପୁର ଦୋକାନୀ କେଉଁଠୁ ପତ୍ରିକା ମଗାଏ' ନ କହି 'ମଗାଏ' ବଦଳରେ 'ମଗାନ୍ତି' ଲେଖିଲେ ଆମର ହିଁ ମାନ ବଢ଼ିବ । ଯେଉଁମାନେ ପତ୍ରିକା ବିକୁଛନ୍ତି ସେମାନଙ୍କୁ ମର୍ଯ୍ୟାଦା ଦେବାର ଅଭ୍ୟାସ କରିବାକୁ ହେବ । କଥାଟି ସାମାନ୍ୟ । କିନ୍ତୁ ଏହାର ପ୍ରଭାବ ସୁଦୂରପ୍ରସାରୀ । ଯେକୌଣସି ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଉଭୟ ସ୍ଥଳେ ସମାନ ମର୍ଯ୍ୟାଦା ଦେବା ଉଚିତ । ଅନୁପସ୍ଥିତ ବ୍ୟକ୍ତି ପ୍ରତି ତୁଚ୍ଛ ଭାବ ଦେଖାଇବାର କୁସଂସ୍କାରରୁ ଆମେ କେବେ ଆଉ ନିଜକୁ ମୁକୁଳାଇବା ? ଅନ୍ୟ କାହାକୁ ତ କେବେ ନୁହେଁ, ନିଜର ଅତୀତକୁ ସୁଦ୍ଧା ଅନୁକରଣ ନକଲେ ସଭିଏଁ ଉପକାର ପାଇବେ । ମୁଁ ଯଦି ମୋର ଅଗ୍ରଜ କଥାକାର ଅଜୟ ସ୍ୱାଇଁଙ୍କୁ 'ଅଜୟ ଭାଇ' ବୋଲି ସମ୍ବୋଧନ କରୁଛି ତେବେ ସେ ଉପସ୍ଥିତ ନଥିବା ବେଳେ ବି ମୁଁ ସେଇ 'ଅଜୟ ଭାଇ' ହିଁ କହିବି । ସେ ପାଖରେ ନାହାନ୍ତି ବୋଲି ଯେ ତାଙ୍କୁ ଅସମ୍ମାନ ଜନକ ଶବ୍ଦ ପ୍ରୟୋଗ କରିବି, ତା ଆଦୌ ଠିକ ହେବନି । ଏ ପ୍ରକାର ଏକ ସାହିତ୍ୟିକ ସ୍ୱଭାବ ଆମେ ଭିତରେ ବଳବତ୍ତର ରହିଲେ, ସାହିତ୍ୟର ବାତାବରଣ ସୁନ୍ଦର ହୋଇଉଠିବ ।






JAGANNATH RESIDENTIAL SCHOOL
ଶ୍ରୀ ଜଗନ୍ନାଥ ଆବାସିକ ବିଦ୍ୟାଳୟ
SJRS
SHREE JAGANNATH RESIDENTIAL SCHOOL
Based on Board of Secondary Education, Odisha (BSE)
SHREE JAGANNATH
RESIDENTIAL SCHOOL
Central School Square, Balasore
CLASS - 1 TO X
We Always Help
9937430681, 7894212090
06782-261591
www.sjrs.org.in
info@sjrs.org.in

*Always at the forefront..... Since 1999*

# Sulagna
# Group of Institutions






His Excellency, Hon'ble Governor of Odisha
Prof. Ganeshi Lal

- Sulagna Public School [CBSE]
- Sulagna Higher Secondary School ( +2 Science )
- Sulagna +3 Science Degree College
- Sulagna JEE (E&M)

The **REBATI AMA MATIRA SWARA** • June & July 2019 Vol - 1 Issue - 8/9 • R.N.I. Title Code : ODIODI 07916 • Rs. 50
Total Page : 108

**SUPRATIK**
**Life Style**



**MULTI FACILITY GYM**



**SWIMMING POOL**



**ROOFTOP GARDEN**



**BANQUET HALL**



**Contact For Booking**
**Call : 73810 36677 & 9040021003**

SUPRATIK INFRAVENTURES

**BRANCH OFFICE :**
**OT Road, Near Laxmi Narayan Temple, Balasore**

**Email : contactus@supratikgroup.com**
**Website : www.supratikgroup.com**

Associate editor : **Krushna Kumar Mohanty**
Editor : **Subasini Jena**